# ଧରିତ୍ରୀ
DHARITRI

52 Years

ଭୁବନେଶ୍ୱର, ଗୁରୁବାର, ଏପ୍ରିଲ ୨୩/୨୦୨୬ (୧୪ ପୃଷ୍ଠା) | Bhubaneswar, Thursday, April 23/2026 | Page 14 | ₹ 7.00 | SAMBALPUR

୫୨ଶ ଭାଗ ୧୪୮ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 52 ISSUE 148 | ମୂଲ୍ୟ ₹୭/-







ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟ ମତଦାନ ପାଇଁ ବୀରଭୂମ ଜିଲା ବୋଲପୁରରେ ଜଣେ ପୋଲିଂ ଅଫିସର ବୁଧବାର ଭୋଟିଂ ସାମଗ୍ରୀ ନେଇ ମତଦାନ କେନ୍ଦ୍ର ଅଭିମୁଖେ ଯାଉଛନ୍ତି।

# ଆଜି ପଶ୍ଚିମବଙ୍ଗରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ

ନୂଆଦିଲ୍ଲୀ,୨୨।୪

ପଶ୍ଚିମବଙ୍ଗ ବିଧାନସଭାର ୧୫୨ ଆସନ ଲାଗି ଗୁରୁବାର ପ୍ରଥମ ପର୍ଯ୍ୟାୟ ନିର୍ବାଚନ ହେବାକୁ ଯାଉଛି। ୧୬ ଜିଲାରେ ହେବାକୁ ଥିବା ଏହି ମତଦାନ ୪୪,୩୭୬ଟି ବୁଥ୍‌ରେ ଅନୁଷ୍ଠିତ ହେବ। ଶାନ୍ତିପୂର୍ଣ୍ଣ ମତଦାନ ଲାଗି ନିର୍ବାଚନ କମିଶନଙ୍କ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ମୋଟ ୪୦୭ କମ୍ପାନୀ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବଳ ନିୟୋଜିତ ହୋଇଛନ୍ତି। ସବୁ ବୁଥ୍‌ରେ ୱେବ୍‌କାଷ୍ଟିଂ କରାଯିବ। ଏହି ପର୍ଯ୍ୟାୟରେ ୩.୬୦ କୋଟି ଯୋଗ୍ୟ ଭୋଟର ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବେ। ସେଥିରୁ ୧.୮୪ କୋଟି ପୁରୁଷ, ୧.୭୫ କୋଟି ମହିଳା ଏବଂ ୪୬୫ ଜଣ ତୃତୀୟ ଲିଙ୍ଗୀ ଭୋଟର ଅଛନ୍ତି। ମାଲଦା, ମୁର୍ଶିଦାବାଦ, ଉତ୍ତର ଦିନାଜପୁର, କୁଚ୍‌ବିହର, ବୀରଭୂମ ଓ ବର୍ଦ୍ଧମାନ ଭଳି କେତେକ ଜିଲା ଆଂଶିକ ସମ୍ବେଦନଶୀଳ ହୋଇଥିବାବେଳେ ସେଠାରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ପ୍ରମୁଖ ପ୍ରାର୍ଥୀଙ୍କ ମଧ୍ୟରେ ଶୁଭେନ୍ଦୁ ଅଧିକାରୀ (ଭାଜପା), ନିଶିଥ ପ୍ରାମାଣିକ(ଭାଜପା), ଉଦୟନ ଗୁହ(ଟିଏମ୍‌ସି) ଗୌତମ ଦେବ (ଟିଏମ୍‌ସି) ଏବଂ ଅଧୀର ରଞ୍ଜନ ଚୌଧୁରୀ (କଂଗ୍ରେସ) ପ୍ରମୁଖ ରହିଛନ୍ତି।

## ତାମିଲନାଡୁରେ ଭୋଟ ଆଜି




୨୩୪ ଆସନ ବିଶିଷ୍ଟ ତାମିଲନାଡୁ ବିଧାନସଭା ପାଇଁ ଗୁରୁବାର ଗୋଟିଏ ପର୍ଯ୍ୟାୟରେ ନିର୍ବାଚନ ହେବାକୁ ଥିବାବେଳେ ଏହା ପୂର୍ବରୁ ୪,୧୮,୫୪୧ଟି ପୋଷ୍ଟାଲ ଭୋଟ ରେକର୍ଡ କରାଯାଇଥିବା ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି। ରାଜ୍ୟର ୫.୭୩ କୋଟି ଭୋଟର ଗୁରୁବାର ୭୫,୦୬୪ଟି ମତଦାନ କେନ୍ଦ୍ରରେ ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବେ। ଅବାଧ ମତଦାନ ପାଇଁ ୧,୦୬,୪୧୮ ଇଭିଏମ୍ ବ୍ୟବହାର କରାଯାଉଥିବାବେଳେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ହୋଇଛି। ୮୩,୮୭୫ ପୋଲିସ ଏବଂ ୩୦୦ କମ୍ପାନୀ ସିଆର୍‌ପିଏଫ୍ ଯବାନଙ୍କୁ ମୁତୟନ କରାଯାଇଛି।

# ‘ଆତଙ୍କବାଦ ଆଗରେ ମୁଣ୍ଡ ନୋଇଁବନି ଭାରତ’

## ପହଲଗାମ୍ ଆକ୍ରମଣକୁ ବର୍ଷେ

### ମୃତକଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଲା ସାରା ଦେଶ

ନୂଆଦିଲ୍ଲୀ,୨୨।୪(ପି.ଟି.)

ଜମ୍ମୁ-କଶ୍ମୀରର ପହଲଗାମ୍‌ରେ ଆତଙ୍କବାଦୀ ଆକ୍ରମଣକୁ ବୁଧବାର ବର୍ଷେ ପୂରିଛି। ଆକ୍ରମଣର ପ୍ରଥମ ବାର୍ଷିକୀ ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ରମନ୍ତ୍ରୀମାନଙ୍କ ସମେତ ବିଭିନ୍ନ ଦଳର ନେତାମାନେ ଆକ୍ରମଣରେ ପ୍ରାଣ ହରାଇଥିବା ଲୋକମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଭାରତ କୌଣସି ପ୍ରକାରର ଆତଙ୍କବାଦ ଆଗରେ କଦାପି ମୁଣ୍ଡ ନୁଆଁଇବ ନାହିଁ ବୋଲି ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିବା ସହ ଆତଙ୍କବାଦୀଙ୍କ ଘୃଣ୍ୟ ଷଡ଼ଯନ୍ତ୍ର କଦାପି ସଫଳ ହେବନାହିଁ ବୋଲି କହିଛନ୍ତି।

ଗତବର୍ଷ ଏପ୍ରିଲ ୨୨ରେ ପହଲଗାମ୍‌ରେ ପାକିସ୍ତାନୀ ଆତଙ୍କବାଦୀ ସଂଗଠନ ଲଶ୍କର-ଇ-ତୋଇବା ଆକ୍ରମଣ ଘଟାଇବାରୁ ୨୬ ଜଣ ନିରୀହ ଲୋକଙ୍କ ଜୀବନ ଯାଇଥିଲା। ସେମାନଙ୍କ ମଧ୍ୟରୁ ଅଧିକାଂଶ ପର୍ଯ୍ୟଟକ ଥିଲେ। ସେହି ଦୁଃଖଦ ଘଟଣାକୁ ଭୁଲିହେବ ନାହିଁ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ପହଲଗାମ୍ ଆକ୍ରମଣର ଜବାବରେ ଭାରତ ପକ୍ଷରୁ ଅପରେଶନ ସିନ୍ଦୂର ନାମରେ ପାକିସ୍ତାନ ବିରୋଧରେ ସାମରିକ ଅଭିଯାନ ହୋଇଥିଲା। ଭାରତୀୟ ସେନା ପାକିସ୍ତାନ ଏବଂ ପାକ୍ ଅଧିକୃତ କଶ୍ମୀରରେ ଥିବା ସାମରିକ ଏବଂ ଆତଙ୍କବାଦ ଭିତ୍ତିଭୂମିକୁ ଧ୍ୱଂସ କରିଦେଇଥିଲା।

ସାରା ଦେଶ ଆତଙ୍କବାଦ ବିରୋଧରେ ଏକାଠି ଛିଡ଼ା ହୋଇଛନ୍ତି। ଭୟ ଓ ଘୃଣାର ପ୍ରସାର କରୁଥିବା କୌଣସି ଶକ୍ତି ଆଗରେ ଭାରତ କଦାପି ମୁଣ୍ଡ ନୁଆଁଇବ ନାହିଁ ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ କହିଛନ୍ତି। ଆତଙ୍କବାଦ ବିରୋଧରେ ଲଢ଼େଇ ପାଇଁ ଭାରତୀୟ ସେନା ଦୃଢ଼ ସଂକଳ୍ପ ନେଇଛି। ଭାରତ ବିରୋଧରେ ଯେକୌଣସି କାର୍ଯ୍ୟର ନିଶ୍ଚୟ ଜବାବ ଦିଆଯିବ ବୋଲି ସେନା ଦୋହରାଇଛି।

ପହଲଗାମ୍ ଆତଙ୍କବାଦୀ ଆକ୍ରମଣର ପ୍ରଥମ ବାର୍ଷିକୀ ଅବସରରେ ଆତଙ୍କବାଦ ବିରୋଧରେ ଭାରତର ଲଢ଼େଇକୁ ସାରା ବିଶ୍ୱର ଅନେକ ଦେଶ ସମର୍ଥନ ଜଣାଇଛନ୍ତି। ଆମେରିକା, ୟୁରୋପୀୟ ସଂଘ, ବ୍ରିଟେନ, ଫ୍ରାନ୍ସ, ଇସ୍ରାଏଲ୍ ଓ ଅଷ୍ଟ୍ରେଲିଆ ପ୍ରମୁଖ ଦେଶ ପହଲଗାମ୍ ଆକ୍ରମଣର ମୃତକଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଆତଙ୍କବାଦୀ କାର୍ଯ୍ୟକୁ ନିନ୍ଦା କରିଛନ୍ତି।

ଲଶ୍କର-ଇ-ତୋଇବାର ଶାଖା ସଂଗଠନ ଦି ରେଜିଷ୍ଟାନ୍ସ ଫ୍ରଣ୍ଟ(ଟିଆର୍‌ଏଫ୍)ର ଆତଙ୍କବାଦୀମାନେ ପହଲଗାମ୍‌ରେ ପହଞ୍ଚି ନିରୀହ ଲୋକମାନଙ୍କୁ ଟାର୍ଗେଟ କରି ଆଖିବୁଜା ଗୁଳି ଚଳାଇଥିଲେ। ନିକଟ ଅତୀତରେ ଏହା ନାଗରିକମାନଙ୍କ ଉପରେ ସବୁଠୁ ମରଣାନ୍ତକ ଆକ୍ରମଣ ଥିଲା। ଆକ୍ରମଣକାରୀ ଲୋକମାନଙ୍କୁ ସେମାନଙ୍କ ଧର୍ମ ପଚାରି ଗୁଳି କରୁଥିଲେ। ଆକ୍ରମଣରେ ସମ୍ପୃକ୍ତ ୩ ଜଣ ଆତଙ୍କବାଦୀ ସେନା ଗୁଳିରେ ନିହତ ହୋଇଥିଲେ।



ପହଲଗାମ୍ ଆତଙ୍କବାଦୀ ଆକ୍ରମଣର ପ୍ରଥମ ବାର୍ଷିକୀରେ ବୁଧବାର ଜମ୍ମୁରେ ଛାତ୍ରୀମାନେ ମୃତକଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି।

## ଆଇଏସ୍‌ଆଇ ସହ ସମ୍ପୃକ୍ତ ୨ ଗିରଫ

### ଦିଲ୍ଲୀରେ ଗ୍ରେନେଡ୍ ଆକ୍ରମଣ ଯୋଜନା କରିଥିଲେ

ନୂଆଦିଲ୍ଲୀ,୨୨।୪

ପାକିସ୍ତାନୀ ଗୋଇନ୍ଦା ସଂସ୍ଥା ଆଇଏସ୍‌ଆଇର ପ୍ରତିନିଧି ଶାହଜାଦ ଭଟ୍ଟିଙ୍କ ସହ ଯୋଗାଯୋଗରେ ଥିବା ୨ ଜଣ ସଦସ୍ୟଙ୍କୁ ଦିଲ୍ଲୀ ପୋଲିସର ସ୍ପେଶାଲ ସେଲ୍ ମଙ୍ଗଳବାର ଗିରଫ କରିଛି। ଦିଲ୍ଲୀ-ଏନ୍‌ସିଆର୍ ଅଞ୍ଚଳରେ ଟାର୍ଗେଟେଡ୍ କିଲିଂ ଏବଂ ଗ୍ରେନେଡ୍ ଆକ୍ରମଣ କରିବା ପାଇଁ ସେମାନେ ଷଡ଼ଯନ୍ତ୍ରରେ ସମ୍ପୃକ୍ତ ଥିଲେ। ଗିରଫ ସଦସ୍ୟ ହେଲେ ମଧ୍ୟପ୍ରଦେଶ ଗ୍ୱାଲିଅରର ରାଜବୀର(୨୧) ଏବଂ ବିବେକ ବଞ୍ଜାରା(୧୯)। ଉକ୍ତ ନେଟ୍‌ୱର୍କ ଏବଂ ଏହା ସହ ଲିଙ୍କ୍‌କୁ ନେଇ ଅଧିକ ତଦନ୍ତ ଜାରି ରହିଛି। ଭଟ୍ଟି ଓ ଅନ୍ୟମାନେ ଏନ୍‌ସିଆର୍ ଅଞ୍ଚଳରେ ଗ୍ରେନେଡ୍ ଆକ୍ରମଣ ଯୋଜନା କରିଥିବାର ନିର୍ଦ୍ଦିଷ୍ଟ ଗୋଇନ୍ଦା ସୂଚନା ଆଧାରରେ ସ୍ପେଶାଲ ସେଲ୍ ପକ୍ଷରୁ ଚଢ଼ାଉ କରାଯାଇଥିଲା।

## ଆଇଆର୍‌ଏସ୍ ଅଫିସରଙ୍କ ଝିଅଙ୍କୁ ବଳାତ୍କାର ପରେ ହତ୍ୟା

### ଘରୋଇ ସହାୟକ ମୁଖ୍ୟ ଅଭିଯୁକ୍ତ

ନୂଆଦିଲ୍ଲୀ,୨୨।୪

ଦିଲ୍ଲୀର ଜଣେ ବରିଷ୍ଠ ଭାରତୀୟ ରାଜସ୍ୱ ସେବା (ଆଇଆର୍‌ଏସ୍) ଅଫିସରଙ୍କ ୨୨ ବର୍ଷୀୟା ଝିଅଙ୍କୁ ତାଙ୍କ ଦକ୍ଷିଣପୂର୍ବ ଦିଲ୍ଲୀସ୍ଥିତ ବାସଭବନରେ ବୁଧବାର ସକାଳେ ବଳାତ୍କାର ପରେ ହତ୍ୟା କରାଯାଇଛି। ଯୁବତୀଙ୍କ ମୃତଦେହ ଘରୁ ମିଳିବା ପରେ ପୂର୍ବତନ ଘରୋଇ ସହାୟକ ଏଭଳି ଅପରାଧ ଘଟାଇଥିବା ସନ୍ଦେହ କରାଯାଉଛି। ପୂର୍ବତନ ଘରୋଇ ସହାୟକ ରାହୁଲ ମୀନା(୨୧) ମୁଖ୍ୟ ଅଭିଯୁକ୍ତ ବୋଲି ପୋଲିସ କହିଛି। ରାହୁଲ ଆଇଆର୍‌ଏସ୍ ଅଫିସରଙ୍କ ଘରେ ୮ ମାସ କାମ କରିଥିଲା। ତେବେ ଟଙ୍କା ହେରଫେର କରିବା ଅଭିଯୋଗରେ ତାଙ୍କୁ ମାସେ ପୂର୍ବରୁ ବାହାର କରିଦିଆଯାଇଥିଲା। ମୋବାଇଲ ଫୋନ୍ କେବୁଲ ସହାୟତାରେ ଯୁବତୀଙ୍କୁ ଶ୍ୱାସରୁଦ୍ଧ କରି ହତ୍ୟା କରାଯିବା ପୂର୍ବରୁ ବଳାତ୍କାର କରାଯାଇଥିବା ଜଣାପଡ଼ିଛି। ପୋଲିସ ମାମଲା ରୁଜୁ କରି ରାହୁଲଙ୍କୁ ଗିରଫ କରିବା ପାଇଁ ତନାଘନା ଚଳାଇଛି।

## ଶୁକ୍ରବାର ସିୟୁଇଟି ପିଜି ରେଜଲ୍ଟ: ଏନ୍‌ଟିଏ

ନୂଆଦିଲ୍ଲୀ, ୨୨।୪ (ପି.ଟି.)

କମନ୍ ୟୁନିଭର୍ସିଟି ଏଣ୍ଟ୍ରାନ୍ସ ଟେଷ୍ଟ ପୋଷ୍ଟଗ୍ରାଜୁଏଟ (ସିୟୁଇଟି ପିଜି ୨୦୨୬)ର ଫଳାଫଳ ଆସନ୍ତା ୨୪ ଏପ୍ରିଲ (ଶୁକ୍ରବାର) ଘୋଷଣା କରାଯିବ ବୋଲି ନ୍ୟାଶନାଲ୍ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ବୁଧବାର ସୂଚନା ଦେଇଛି। ଏହା ସ୍ନାତକୋତ୍ତର (ପିଜି) ପାଠ୍ୟକ୍ରମରେ ନାମଲେଖା ପାଇଁ ଅପେକ୍ଷା କରିଥିବା ଛାତ୍ରୀଛାତ୍ରଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ। ଏନ୍‌ଟିଏ ପକ୍ଷରୁ ସୋସିଆଲ ମିଡିଆ ପ୍ଲାଟଫର୍ମ ‘X’ ମାଧ୍ୟମରେ ଏହି ସୂଚନା ଦିଆଯାଇଛି। ଏକ ପ୍ରଶ୍ନର ଉତ୍ତରରେ ଏଜେନ୍ସି ପକ୍ଷରୁ କୁହାଯାଇଛି ଯେ, ଫଳାଫଳ ଶୁକ୍ରବାର ସନ୍ଧ୍ୟା ୫ଟାରେ ପ୍ରକାଶ ପାଇବା ସମ୍ଭାବନା ରହିଛି। ଛାତ୍ରୀଛାତ୍ରମାନେ ଅଫିସିଆଲ୍ ୱେବ୍‌ସାଇଟ୍ exams.nta.nic.in/cuet-pgକୁ ଯାଇ ନିଜର ଫଳାଫଳ ଯାଞ୍ଚ କରିପାରିବେ। ଏଥିପାଇଁ ପରୀକ୍ଷାର୍ଥୀଙ୍କୁ ନିଜର ଆପ୍ଲିକେଶନ ନମ୍ବର ଏବଂ ଜନ୍ମ ତାରିଖ ବ୍ୟବହାରକରି ଲଗ୍-ଇନ୍ କରିବାକୁ ପଡ଼ିବ। ସୂଚନାଯୋଗ୍ୟ ଯେ, ଦେଶର ବିଭିନ୍ନ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଏବଂ ଅନ୍ୟାନ୍ୟ ଅଂଶଗ୍ରହଣକାରୀ ବିଶ୍ୱବିଦ୍ୟାଳୟରେ ପୋଷ୍ଟଗ୍ରାଜୁଏଟ ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ଏହି ପ୍ରବେଶିକା ପରୀକ୍ଷା ଆୟୋଜନ କରାଯାଇଥାଏ। ରେଜଲ୍ଟ ପ୍ରକାଶ ପାଇବା ପରେ ବିଶ୍ୱବିଦ୍ୟାଳୟଗୁଡ଼ିକ ପକ୍ଷରୁ କାଉନସେଲିଂ ଏବଂ ଆଡମିଶନ ପ୍ରକ୍ରିୟା ଆରମ୍ଭ ହେବ।

## ପ୍ରଧାନମନ୍ତ୍ରୀଙ୍କ ପ୍ରତି ଆତଙ୍କବାଦୀ ମନ୍ତବ୍ୟ

# ଖାର୍ଗେଙ୍କୁ ଇସି ନୋଟିସ

ନୂଆଦିଲ୍ଲୀ,୨୨।୪

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରତି ଆତଙ୍କବାଦୀ ମନ୍ତବ୍ୟ ଦେଇଥିବା କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କୁ ନିର୍ବାଚନ କମିଶନ(ଇସି) ବୁଧବାର ନୋଟିସ ଜାରି କରିଛନ୍ତି। କେନ୍ଦ୍ରମନ୍ତ୍ରୀ ନିର୍ମଳା ସୀତାରାମନ୍, କିରେନ୍ ରିଜିଜୁ, ଅର୍ଜୁନରାମ ମେଘୱାଲଙ୍କ ସମେତ ଭାଜପା ନେତାମାନଙ୍କର ଏକ ପ୍ରତିନିଧି ଦଳ ବୁଧବାର ଇସିଙ୍କୁ ଭେଟି ଖାର୍ଗେଙ୍କ ମନ୍ତବ୍ୟ ପାଇଁ ତାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ତଦନୁଯାୟୀ ଇସି ଖାର୍ଗେଙ୍କ ନିକଟକୁ ନୋଟିସ ପଠାଇଛନ୍ତି।


ମଲ୍ଲିକାର୍ଜୁନ ଖାର୍ଗେ

କଂଗ୍ରେସ ଅଧ୍ୟକ୍ଷ ତଥା ରାଜ୍ୟସଭାରେ ବିରୋଧୀ ଦଳ ନେତା ଖାର୍ଗେ ପ୍ରଧାନମନ୍ତ୍ରୀଙ୍କ ପ୍ରତି ନିନ୍ଦନୀୟ ଶବ୍ଦ ବ୍ୟବହାର କରିଛନ୍ତି। ଏ ସମ୍ପର୍କରେ ନିର୍ବାଚନ କମିଶନଙ୍କୁ ଜଣାଇବା ପାଇଁ ଆମେ ଆସିଥିଲୁ ବୋଲି ସୀତାରାମନ୍ ଗଣମାଧ୍ୟମକୁ କହିଛନ୍ତି। ତାମିଲନାଡୁରେ ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧନ କଲାବେଳେ ଖାର୍ଗେ ପ୍ରଧାନମନ୍ତ୍ରୀଙ୍କୁ ଆତଙ୍କବାଦୀ କହିଥିଲେ। କଂଗ୍ରେସ ମୁଖିଆଙ୍କ ଏଭଳି ମନ୍ତବ୍ୟ ଉତ୍ତେଜନା ସୃଷ୍ଟିକାରୀ। ଦେଶବାସୀଙ୍କ ଜନାଦେଶକୁ ଏବଂ ସମଗ୍ର ବ୍ୟବସ୍ଥା ପ୍ରତି ଏହା ଅପମାନ। କଂଗ୍ରେସ ସମ୍ପୂର୍ଣ୍ଣ ନିରାଶ ହୋଇପଡ଼ିଥିବାରୁ ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ଏଭଳି ମନ୍ତବ୍ୟ ଦେଉଥିବା ସୀତାରାମନ୍ କହିଛନ୍ତି।

# ୨୬ ଲକ୍ଷ ପରିବାର ସ୍ୱଗଣନାରେ ଭାଗ ନେଇଛନ୍ତି

ନୂଆଦିଲ୍ଲୀ,୨୨।୪(ପି.ଟି.)

ଦେଶର ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଜନଗଣନା ପ୍ରକ୍ରିୟାର ପ୍ରଥମ ପର୍ଯ୍ୟାୟ ଚାଲିଥିବାବେଳେ ୨୬ ଲକ୍ଷରୁ ଊର୍ଦ୍ଧ୍ୱ ପରିବାର ସ୍ୱଗଣନା ସୁବିଧା ନେଇଥିବା ଭାରତର ମହାପଞ୍ଜିକାର (ଆର୍‌ଜିଆଇ) ବୁଧବାର କହିଛନ୍ତି। ୨୦୨୭ ଜନଗଣନା ପାଇଁ ଡିଜିଟାଲ ପଦକ୍ଷେପ ପ୍ରତି ଯୋଗଦାନ ବଢୁଥିବା ଏଥିରୁ ସୂଚିତ ହେଉଛି ବୋଲି ଆର୍‌ଜିଆଇ Xରେ ଲେଖିଛନ୍ତି। ଅନ୍‌ଲାଇନରେ ତଥ୍ୟ ଦେବା ସୁଯୋଗ ଆପଣାଇ ଉକ୍ତ ପରିବାରଗୁଡ଼ିକୁ ରାଷ୍ଟ୍ରନିର୍ମାଣ ଦିଗରେ ଦ୍ରୁତତର, ସ୍ମାର୍ଟ ଏବଂ ଅଧିକ ସୁବିଧାଜନକ ଉପାୟ ଆପଣାଇଛନ୍ତି।

### ପ୍ରଥମ ପର୍ଯ୍ୟାୟ ଜନଗଣନା

ଦେଶ ସ୍ୱାଧୀନ ହେବା ପରେ ଏହା ଅଷ୍ଟମ ଜନଗଣନା ହୋଇଥିବାବେଳେ ପ୍ରଥମ ପର୍ଯ୍ୟାୟରେ ଗୃହ ତାଲିକା ଓ ଗୃହ ଗଣନା କରାଯାଉଛି। ଦ୍ୱିତୀୟ ପର୍ଯ୍ୟାୟରେ ଜନଗଣନା କରାଯିବ। ବିଭିନ୍ନ ରାଜ୍ୟରେ ଜନଗଣନାକାରୀ କର୍ମଚାରୀମାନେ ଏପ୍ରିଲ ୧୬ରୁ ଘରକୁ ଘର ଯାଇ ଗୃହ ତାଲିକା ଓ ଗୃହ ଗଣନା କରୁଛନ୍ତି। ଏପ୍ରିଲ ୧ରୁ ସେପ୍ଟେମ୍ବର ୩୦ ମଧ୍ୟରେ ଏହି ପ୍ରଥମ ପର୍ଯ୍ୟାୟ ଜନଗଣନା ପାଇଁ ପ୍ରତ୍ୟେକ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଦ୍ୱାରା ବିଜ୍ଞପିତ କରାଯାଇଛି। ସ୍ୱଗଣନା ପାଇଁ ୧୫ ଦିନ ସମୟ ରହିଥିବାବେଳେ ଏହି ସମୟ ମଧ୍ୟରେ ନାଗରିକମାନେ ପୋର୍ଟାଲ ଜରିଆରେ ଏଚ୍‌ଏଲ୍‌ଓ ପର୍ଯ୍ୟାୟ ପ୍ରଶ୍ନଗୁଡ଼ିକର ଉତ୍ତର ଦେଇପାରିବେ। ସେମାନେ ଆବଶ୍ୟକ ତଥ୍ୟ ଦେଇ ପୋର୍ଟାଲରେ ଏକ ସ୍ୱତନ୍ତ୍ର ଆଇଡି ସୃଷ୍ଟି କରିବା ପରେ ପ୍ରଶ୍ନଗୁଡ଼ିକର ଉତ୍ତର ଦେବେ। ଯାଞ୍ଚ ପାଇଁ ଏଚ୍‌ଏଲ୍‌ଓ ପ୍ରକ୍ରିୟା ସମୟରେ ଗଣନାକାରୀମାନେ ସେମାନଙ୍କ ଘରକୁ ଗଲାବେଳେ ଉକ୍ତ ଉତ୍ତର ପ୍ରଦାନ କରାଯିବ।

## ୮୫% ଇଥାନଲ ମିଶା ଇନ୍ଧନରେ ଚାଲିବ କାର୍

### ଚିଠା ନିୟମାବଳୀ ଖୁବ୍‌ଶୀଘ୍ର

ନୂଆଦିଲ୍ଲୀ,୨୨।୪

ଅଶୋଧିତ ତୈଳ ଆମଦାନୀ ହ୍ରାସ କରିବା ସହ ପ୍ରଦୂଷଣ କମାଇବା ପାଇଁ ଗତ ଏପ୍ରିଲ ୧ରୁ ଭାରତରେ ଇ୨୦ ପେଟ୍ରୋଲ (୨୦ ପ୍ରତିଶତ ଇଥାନଲ ଓ ୮୦ ପ୍ରତିଶତ ପେଟ୍ରୋଲର ମିଶ୍ରଣ) ଦେଶବ୍ୟାପୀ କାର୍ଯ୍ୟକାରୀ ହୋଇଛି। ଏବେ ୮୫% ଇଥାନଲ ଓ ୧୫% ପେଟ୍ରୋଲ ମିଶ୍ରିତ ଇ୮୫ ଇନ୍ଧନରେ କାର୍ ଚଳାଇବା ପାଇଁ କେନ୍ଦ୍ର ସରକାର ଖୁବ୍‌ଶୀଘ୍ର ଚିଠା ନିୟମାବଳୀ ଜାରି କରିବା ନିମନ୍ତେ ଯୋଜନା କରିଛନ୍ତି। ମଧ୍ୟପ୍ରାଚ୍ୟ ଯୁଦ୍ଧକୁ ନେଇ ତୈଳ ସଙ୍କଟ ଦେଖାଦେଇଥିବାବେଳେ ଏହାର ସମାଧାନ ପାଇଁ ଇ୮୫ ବା ଫ୍ଲେକ୍ସ ଇନ୍ଧନ ଯୋଜନା ୨ ବର୍ଷ ମଧ୍ୟରେ କାର୍ଯ୍ୟକାରୀ କରିବାକୁ ସରକାର ଚିନ୍ତା କରୁଛନ୍ତି। ଏଥିପାଇଁ ଗାଡ଼ି ଇଞ୍ଜିନ୍‌ରେ ସାମାନ୍ୟ ପରିବର୍ତ୍ତନ କରିବାକୁ ପଡ଼ିବ। ପେଟ୍ରୋଲ ତୁଳନାରେ ଅଧିକ ଇଥାନଲ ଥିବା ଇନ୍ଧନ ପ୍ରଦୂଷଣ କମାଇବା ସହ ଗାଡ଼ିର ମାଇଲେଜ ବା ଇନ୍ଧନ କ୍ଷମତା କମ୍ କରିଦେବ।

# ବାସ୍ତବତା ପ୍ରତି ଆଖିବୁଜି ଦେଇପାରିବୁ ନାହିଁ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୨୨।୪

ଆଇ-ପିଏସି ନିର୍ଦ୍ଦେଶକଙ୍କ କୋଲକାତା ବାସଭବନରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ଚଢ଼ାଉ ବେଳେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏଥିରେ ହସ୍ତକ୍ଷେପ କରିବା ଘଟଣାକୁ ସୁପ୍ରିମକୋର୍ଟ ବୁଧବାର କଡ଼ା ସମାଲୋଚନା କରିଛନ୍ତି। ନିର୍ବାଚନ ହେବାକୁ ଯାଉଥିବା ପଶ୍ଚିମବଙ୍ଗର ସାମାଜିକ-ରାଜନୈତିକ ପାଣିପାଗକୁ ସର୍ବୋଚ୍ଚ ଅଦାଲତ ଏକ ଅସାଧାରଣ ସ୍ଥିତି ବୋଲି କହିଛନ୍ତି। ଆଇ-ପିଏସି ନିର୍ଦ୍ଦେଶକଙ୍କ ବାସଭବନରେ ଚଢ଼ାଉ ଚାଲିଥିବାବେଳେ ମୁଖ୍ୟମନ୍ତ୍ରୀ ଅଚାନକ ସେଠାରେ ପହଞ୍ଚି ଟିଏମ୍‌ସିର ନିର୍ବାଚନ ପ୍ରଚାର ସହ ଜଡ଼ିତ ଫାଇଲ୍‌ଗୁଡ଼ିକୁ ନେଇଯିବା ପ୍ରସଙ୍ଗରେ ଅଦାଲତ ଏହା କହିଛନ୍ତି। ଏହା ଅତ୍ୟନ୍ତ ଚିନ୍ତାଜନକ ସ୍ଥିତି। କ୍ଷମତାରେ ଥିବା ଜଣେ ମୁଖ୍ୟମନ୍ତ୍ରୀଙ୍କ ଏଭଳି କାର୍ଯ୍ୟ ଗଣତନ୍ତ୍ରକୁ ବିପଦରେ ପକାଇଥିବା ସୁପ୍ରିମକୋର୍ଟ କହିଛନ୍ତି।

### ଆଇ-ପିଏସି ଚଢ଼ାଉ ମାମଲାରେ ମମତାଙ୍କ ହସ୍ତକ୍ଷେପକୁ ନିନ୍ଦାକଲେ

ଏହା କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ବିବାଦ ନୁହେଁ। ଦେଶରେ ଏଭଳି ଦିନ ଆସିବ, ଯେତେବେଳେ କ୍ଷମତାରେ ଥିବା ଜଣେ ମୁଖ୍ୟମନ୍ତ୍ରୀ ତଦନ୍ତ ଚାଲିଥିବାବେଳେ ଅଫିସ୍‌ରେ ପଶି ହସ୍ତକ୍ଷେପ କରିବେ ଏହା କଦାପି ଚିନ୍ତା କରାଯାଇ ନ ଥିଲା। ଏହାକୁ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ବିବାଦର ରୂପ ଦେବାକୁ ଚେଷ୍ଟା କରନାହିଁ। ଏହା ପ୍ରକୃତରେ ଏକ ବ୍ୟକ୍ତିଗତ କାର୍ଯ୍ୟ, ଯାହା ଜଣେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା କରାଯାଇଛି, ଯାହା ସମ୍ପୂର୍ଣ୍ଣ ଗଣତନ୍ତ୍ରକୁ ବିପଦରେ ପକାଉଛି ବୋଲି ଜଷ୍ଟିସ୍ ପି.କେ. ମିଶ୍ର ଏବଂ ଏନ୍.ଭି. ଅଞ୍ଜାରିଆଙ୍କ ଖଣ୍ଡପୀଠ କହିଛନ୍ତି। ପଶ୍ଚିମବଙ୍ଗ ପ୍ରଶାସନ ଏବଂ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ତରଫରୁ ଯୁକ୍ତି ଉପସ୍ଥାପନ କରୁଥିବା ଓକିଲଙ୍କୁ ଖଣ୍ଡପୀଠ କହିଥିଲେ, ରାଜ୍ୟରେ ବାସ୍ତବରେ ଯାହା ଘଟିଚାଲିଛି, ସେଥିପ୍ରତି କୋର୍ଟ ଆଖିବୁଜି ଦେଇପାରିବ ନାହିଁ।

ଆଇ-ପିଏସି ସମ୍ପୃକ୍ତ ଥିବା ଆର୍ଥିକ ଅନିୟମିତତାର ତଦନ୍ତ କରୁଥିବା ଇଡି ଗତ ଜାନୁଆରୀ ୮ରେ କୋଲକାତା, ଦିଲ୍ଲୀ ସମେତ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା। ଆଇ-ପିଏସିର ନିର୍ଦ୍ଦେଶକଙ୍କ କୋଲକାତାସ୍ଥିତ ବାସଭବନରେ ଚଢ଼ାଉ ବେଳେ ମମତା ହସ୍ତକ୍ଷେପ କରି ଗୁରୁତ୍ୱପୂର୍ଣ୍ଣ ତଥ୍ୟପ୍ରମାଣ ଥିବା ଫାଇଲଗୁଡ଼ିକୁ ନେଇଯାଇଥିଲେ। ଉକ୍ତ ଘଟଣା ସେତେବେଳେ ରାଜନୈତିକ ବିବାଦର କେନ୍ଦ୍ରବିନ୍ଦୁ ପାଲଟିଥିଲା।

ଧରିତ୍ରୀ DHARITRI
ଧରିତ୍ରୀ 52 Years
ଭୁବନେଶ୍ୱର, ଗୁରୁବାର, ଏପ୍ରିଲ ୨୩/୨୦୨୬ | Bhubaneswar, Thursday, April 23/2026 

# ଗୁଜରାଟ ଆସୁଥିବା ଜାହାଜକୁ କବ୍ଜା କଲା ଇରାନ୍


ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌ରେ ଥିବା ଜାହାଜ ଓ ବୋଟ୍।

- ଆମେରିକାର ଅସ୍ତ୍ରବିରତି ବଳବତ୍ତର ଘୋଷଣା ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ
- ବଢ଼ିଲା ଅଶୋଧିତ ତୈଳ ଦର

**ହର୍ମୁଜ୍ ପ୍ରଣାଳୀରେ ଉତ୍ତେଜନା ଚରମ ସୀମାରେ ପହଞ୍ଚିଛି। ବୁଧବାର ଇରାନ୍‌ର ରିଭୋଲ୍ୟୁଶନାରି ଗାର୍ଡସ (ଆଇଆର୍‌ଜିସି) ୩ଟି ମାଲବାହୀ ଜାହାଜକୁ ଜବତ କରିବା ସହ ଅନ୍ୟ ତିନୋଟି ଜାହାଜ ଉପରକୁ ଗୁଳି ଚଳାଇଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଅନିର୍ଦ୍ଦିଷ୍ଟ କାଳ ପାଇଁ ଅସ୍ତ୍ରବିରତି ଘୋଷଣା କରିବାର ମାତ୍ର କିଛି ଘଣ୍ଟା ପରେ ଇରାନ୍ ଏହି ପଦକ୍ଷେପ ନେଇଛି। ଇରାନ୍ ଦ୍ୱାରା ଜବତ ହୋଇଥିବା ୩ଟି ଜାହାଜ ମଧ୍ୟରୁ ଗୋଟିଏ ହେଉଛି ଲାଇବେରିଆ ପତାକାଧାରୀ ଜାହାଜ 'ଏପାମିନୋଣ୍ଡାସ୍'। ଏହା ଗୁଜରାଟର ମୁନ୍ଦ୍ରା ବନ୍ଦର ଅଭିମୁଖେ ଆସୁଥିଲା। ଇରାନ୍‌ର ଦାବି ଅନୁଯାୟୀ ଏହି ଜାହାଜଗୁଡ଼ିକ ସାମୁଦ୍ରିକ ନିୟମ ଉଲ୍ଲଂଘନ କରିବା ସହ ନେଭିଗେଶନ ସିଷ୍ଟମ ସହ ହେରଫେର କରୁଥିଲେ। ଟ୍ରମ୍ପ୍ ମଙ୍ଗଳବାର ରାତିରେ ଘୋଷଣା କରିଥିଲେ ଯେ ଶାନ୍ତି ଆଲୋଚନା ପାଇଁ ସୁଯୋଗ ଦେବାକୁ ଆମେରିକା ପକ୍ଷରୁ ଅସ୍ତ୍ରବିରତି ବଳବତ୍ତର ରହିବ। କିନ୍ତୁ ଇରାନ୍‌ର ବନ୍ଦରଗୁଡ଼ିକ ଉପରେ ଲାଗିଥିବା ନୌସେନା ଅବରୋଧ ଜାରି ରହିବ ବୋଲି ସେ ସ୍ପଷ୍ଟ କରିଥିଲେ। ଇରାନ ଏହି ଅବରୋଧକୁ 'ସାମୁଦ୍ରିକ ଡକାୟତି' ବୋଲି କହି ବୁଧବାର ପ୍ରତିଶୋଧମୂଳକ ଭାବେ ହର୍ମୁଜ୍‌ରେ ଜାହାଜଗୁଡ଼ିକ ଉପରେ ଆକ୍ରମଣ କରିଥିବା ଜଣାପଡ଼ିଛି। ଏହି ଘଟଣା ପରେ ବିଶ୍ୱ ବଜାରରେ ଅଶୋଧିତ ତୈଳ ଦରରେ ପ୍ରବଳ ବୃଦ୍ଧି ଘଟିଛି। ବ୍ରେଣ୍ଟ୍ କ୍ରୁଡ୍ ମୂଲ୍ୟ ବ୍ୟାରେଲ ପିଛା ପ୍ରାୟ ୧୦୦ ଡଲାର ପାଖାପାଖି ପହଞ୍ଚିଛି।**

**ଦୁବାଇ,୨୨।୪**

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଅସ୍ତ୍ରବିରତି ସମୟସୀମା ବଢ଼ାଇବାର କିଛି ଘଣ୍ଟା ପରେ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ ଅତିକ୍ରମ ଉଦ୍ୟମ କରୁଥିବା ୩ଟି ଜାହାଜ ଉପରେ ଇରାନର ରିଭଲ୍ୟୁଶନାରି ଗାର୍ଡ (ଆଇଆର୍‌ଜିସି) ଗୁଳିମାଡ଼ କରିବା ଚିନ୍ତା ବଢ଼ାଇଦେଇଛି। ହର୍ମୁଜ୍ ବନ୍ଦ ଯୋଗୁ ବିଶ୍ୱ ଶକ୍ତି ଯୋଗାଣ ଗୁରୁତର ପ୍ରଭାବିତ ହୋଇଥିବାବେଳେ ଯୁଦ୍ଧ ବନ୍ଦ ଲାଗି ଆମେରିକା ଓ ଇରାନକୁ ଆଲୋଚନା ପାଇଁ ଏକାଠି କରିବା ଉଦ୍ୟମକୁ ଏହା ଜଟିଳ କରିଛି। ବିଶ୍ୱର ତୈଳ ଏବଂ ପ୍ରାକୃତିକ ଗ୍ୟାସ୍ ପରିବହନର ୨୦ ପ୍ରତିଶତ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ ଦେଇ ହୋଇଥାଏ। ଜାହାଜ ଉପରେ ଆକ୍ରମଣ ଯୋଗୁ ଉକ୍ତ ଜଳପଥ ଦେଇ ମାଲ୍ ପରିବହନ ପ୍ରତି ବିପଦ ସୃଷ୍ଟି ହୋଇଛି।

୨ଟି ଜାହାଜ ନିୟମ ଉଲ୍ଲଂଘନ କରି ହର୍ମୁଜ୍ ଅତିକ୍ରମ କରୁଥିଲାବେଳେ ଆଇଆର୍‌ଜିସିର ନୌସେନା ବୁଧବାର ସକାଳେ ସେଗୁଡ଼ିକୁ ଚିହ୍ନଟ କରି ଅଟକାଇଥିଲା। ପରେ ୨ ଜାହାଜକୁ ଜବତ କରାଯାଇ ଇରାନ ଉପକୂଳ ଆଡ଼େ ନିଆଯାଇଥିଲା ବୋଲି ଆଇଆର୍‌ଜିସି କହିଥିଲା। ସେହି ଜାହାଜ ହେଲେ ଏମ୍‌ଏସ୍‌ସି-ଫ୍ରାନ୍ସେସ୍କା ଯାହା ଇସ୍ରାଏଲ୍ ସହ ସମ୍ପୃକ୍ତ। ଅନ୍ୟ ଜାହାଜର ନାମ ଏପାମିନୋଣ୍ଡାସ୍ ବୋଲି କୁହାଯାଇଛି। ପରେ ଆଇଆର୍‌ଜିସି ନୌସେନା ୟୁଫୋରିଆ ନାମରେ ତୃତୀୟ ଜାହାଜ ଉପରେ ଆକ୍ରମଣ କରିଥିବା ସେଠାରେ ଗଣମାଧ୍ୟମ ରିପୋର୍ଟ କରିଛି। ଉକ୍ତ ଜାହାଜ ଇରାନ ଉପକୂଳରେ ଅଟକି ରହିଛି। ବ୍ରିଟିଶ ସେନାର ୟୁନାଇଟେଡ୍ କିଙ୍ଗ୍‌ଡମ୍ ଟ୍ରେଡ୍ ☞ପୃଷ୍ଠା-୨

## ଅସ୍ତ୍ରବିରତି ଅବଧି ବଢ଼ାଇଲେ ଟ୍ରମ୍ପ୍

**ୱାଶିଂଟନ/ଇସ୍‌ଲାମାବାଦ,୨୨।୪**

ମଧ୍ୟସ୍ଥତା କରୁଥିବା ପାକିସ୍ତାନର ଅନୁରୋଧ କ୍ରମେ ଆମେରିକା ରାଷ୍ଟ୍ରପତି ଡୋନାଲଡ ଟ୍ରମ୍ପ୍ ଇରାନ ସହ ଅସ୍ତ୍ରବିରତି ଅବଧିକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବଢ଼ାଇଛନ୍ତି। ଇରାନ ସହ ୭ ସପ୍ତାହ ଧରି ଚାଲିଥିବା ଯୁଦ୍ଧ ବନ୍ଦ ଲାଗି ଏକ ଏକୀକୃତ ପ୍ରସ୍ତାବ ଆଣିବା ପାଇଁ ତେହରାନ୍‌ର ବିଭାଜିତ ନେତୃତ୍ୱକୁ ସମୟ ଦେବା ଅସ୍ତ୍ରବିରତି ବୃଦ୍ଧିର ଲକ୍ଷ୍ୟ ବୋଲି ଟ୍ରମ୍ପ୍ କହିଛନ୍ତି। ଏହା ସତ୍ତ୍ୱେ ବୁଧବାର ଆମେରିକା-ଇରାନ ଶାନ୍ତି ଆଲୋଚନା ହେବା ନେଇ ଅନିଶ୍ଚିତତା ଲାଗିରହିଛି। ଅସ୍ତ୍ରବିରତି ଅବଧି ବୃଦ୍ଧିକୁ ଇରାନ ବହିର୍ବ୍ୟାପାର ମନ୍ତ୍ରଣାଳ ମୁଖପାତ୍ର ଏସ୍‌ମାଇଲ ବାଘାଇ ସ୍ୱୀକାର କରିଥିଲେ ମଧ୍ୟ ଇସ୍‌ଲାମାବାଦରେ ଆମେରିକା ସହ ନୂତନ ପର୍ଯ୍ୟାୟ ଆଲୋଚନା ଲାଗି ତେହରାନ୍ ପ୍ରସ୍ତୁତ ଥିବା ନେଇ କିଛି ସ୍ପଷ୍ଟ କରିନାହାନ୍ତି।

ଗତ ୮ ତାରିଖରୁ ଇରାନ ଏବଂ ଆମେରିକା ମଧ୍ୟରେ ଚାଲିଥିବା ୨ ସପ୍ତାହର ଅସ୍ତ୍ରବିରତି ସମୟସୀମା ପୂରିବାକୁ ଆଉ ଅଳ୍ପ କେତେଘଣ୍ଟା ବାକି ଥିବାବେଳେ ଟ୍ରମ୍ପ୍ ପୁନର୍ବାର ଏହାକୁ ବୃଦ୍ଧି କରିଥିବାରୁ ପାକିସ୍ତାନର ଶୀର୍ଷ ନେତୃତ୍ୱ ଏହାର ସ୍ୱାଗତ କରିଛି। ଅସ୍ତ୍ରବିରତି ଅବଧି ଶେଷ ହେବା ପୂର୍ବରୁ ଏକ ଚୁକ୍ତିନାମାରେ ପହଞ୍ଚିବା ପାଇଁ ତେହରାନ ଓ ୱାଶିଂଟନ ମଧ୍ୟରେ ଶାନ୍ତି ଆଲୋଚନା ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ** | ଶାକାହାରୀ ଦୟାଳୁ କି




No. 27001/32/2627



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

# ନିଯୁକ୍ତି ମେଳା

ମୁଖ୍ୟମନ୍ତ୍ରୀ
ଶ୍ରୀ ମୋହନ ଚରଣ ମାଝୀଙ୍କ
କରକମଳରେ
ନୂତନ ଭାବେ ଚୟନୀତ ୭ଟି ବିଭାଗର
୪,୬୨୩ ଜଣ ପ୍ରାର୍ଥୀଙ୍କୁ
ନିଯୁକ୍ତିପତ୍ର ପ୍ରଦାନ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

୪,୧୧୩ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ
୧୫୪ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ
୧୪୩ ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ
୭୭ ଇସ୍ପାତ ଓ ଖଣି ବିଭାଗ
୭୦ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ
୫୨ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ
୧୪ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ

୨୩ ଅପ୍ରେଲ ୨୦୨୬ । ସନ୍ଧ୍ୟା ୬.୦୦ ଘଟିକା । କଳିଙ୍ଗ ଷ୍ଟାଡିୟମ୍, ଭୁବନେଶ୍ୱର

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ । ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ । ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ । ଇସ୍ପାତ ଓ ଖଣି ବିଭାଗ
ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ । ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ । ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ
ଓଡ଼ିଶା ସରକାର

OIPR-27001/27001/2/26-27/0002

# ଆଜି କ'ଣ କେଉଁଠି

**ବାଲେଶ୍ୱର**

- ପଶୁପତିନାଥ ମହାଦେବ, ବୀର ହନୁମାନ ଓ ମା' ଚଣ୍ଡି ମନ୍ଦିର ଉଦ୍‌ଘାଟନ ଉତ୍ସବ, କଳସ ଶୋଭାଯାତ୍ରା, ସ୍ଥାନ: ମଧ୍ୟ ଜଳସୋହରିଆ ଗ୍ରାମ, ଭୋଗରାଇ, ସମୟ : ସକାଳ ୭ଟା।
- ୭୮ତମ ଓଡ଼ିଶା ପୋଲିସ୍ ଭଲିବଲ୍ ଓ ବାସ୍କେଟବଲ୍ ଚାମ୍ପିୟନ୍‌ଶିପ୍-୨୦୨୬, ସ୍ଥାନ: ପୋଲିସ୍ ରିଜର୍ଭ ପଡ଼ିଆ, ବାଲେଶ୍ୱର, ସମୟ: ସକାଳ ୮ଟା।
- ହାତିମଶାହା ପୀର ବାବାଙ୍କ ବାର୍ଷିକ ଉର୍ସ, ସ୍ଥାନ: ରାଉତପଡ଼ା କାଛି ବସ୍ତି, ରୂପ୍‌ସା, ସମୟ: ସକାଳ ୮ଟା।
- ସିଏମ୍ ଟ୍ରଫି କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ: ପରମିଟ୍ ପଡ଼ିଆ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଖବରଦାତା ସମ୍ମିଳନୀ, ସ୍ଥାନ: ଜିଲା କଂଗ୍ରେସ କାର୍ଯ୍ୟାଳୟ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।

**ଭଦ୍ରକ**

- ମା' ଗଜଲକ୍ଷ୍ମୀ ମନ୍ଦିର ପ୍ରତିଷ୍ଠା, ନଗର ପରିକ୍ରମା, ଚକ୍ର ଓ ଦଧିନଉତି ସ୍ଥାପନ, ସ୍ଥାନ: ମତୋ, ଚାନ୍ଦବାଲି, ସମୟ: ସକାଳ ୯ଟା।
- ରାଧାକୃଷ୍ଣ ଓ ମା' ଅମ୍ବିକା ଯୁଗ୍ମ ମନ୍ଦିରର ବିଗ୍ରହ ସ୍ଥାପନ, ମନ୍ଦିର ପ୍ରତିଷ୍ଠା ନେଇ କଳସ ଶୋଭାଯାତ୍ରା, ସ୍ଥାନ: ଟିଲୋ ବୁଢ଼ି ପୁଷ୍କରିଣୀ, ବନ୍ତ, ସମୟ: ସକାଳ ୯ଟା।

**କେନ୍ଦୁଝର**

- ଶ୍ରୀ ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣରେ ଶ୍ରୀ ଶ୍ରୀ ନର୍ମଦେଶ୍ୱର ମହାଦେବଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଯୋଡ଼ା, ସମୟ: ସକାଳ ୮ଟା।
- ଜିଲା ଭାଜପା ପକ୍ଷରୁ ମହିଳା ସଂରକ୍ଷଣ ବିଲ୍ ନାକଚ ହେବାକୁ ନେଇ ପ୍ରତବଦା, ସ୍ଥାନ: ଯୋଡ଼ା ବସ୍‌ଷ୍ଟାଣ୍ଡ, ସମୟ: ଅପରାହ୍ନ ୪ଟା।
- ସିଏମ୍ ଟ୍ରଫି ୨୦୨୬ ଫାଇନାଲ, ସ୍ଥାନ: ସଦର ବ୍ଲକ୍ ଶଙ୍କରପୁର ଷ୍ଟାଡ଼ିୟମ, ସମୟ: ଅପରାହ୍ନ ୪ଟା।

**ମୟୂରଭଞ୍ଜ**

- ଅଖଣ୍ଡ ଚବିଶ ପ୍ରହର ନାମଯଜ୍ଞର କଳସାଧିବାସ, ସ୍ଥାନ: ପୂର୍ଣ୍ଣେଶ୍ୱର ମନ୍ଦିର ପରିସର, କରଞ୍ଜିଆ, ସମୟ: ସକାଳ ୮ଟା।
- ଆମେ-୮୦ ପକ୍ଷରୁ ଜଳଛତ୍ର ସ୍ଥାନ: ପୂର୍ତ୍ତବିଭାଗ ଅଫିସ ସମ୍ମୁଖ, କଚେରୀ ରୋଡ୍, ବାରିପଦା, ପୂର୍ବାହ୍ନ ୧୦ଟା।
- ବଳାଙ୍ଗୀ ମହୋତ୍ସବରେ ସମ୍ବଲପୁରୀ ନାଇଟ୍ସ, ହୋ ନୃତ୍ୟ ଓ ଭଜନ ସନ୍ଧ୍ୟା, ସ୍ଥାନ:ବୁଢ଼ାବଳଙ୍ଗ,ଟିପଟ ଓ ଇଟାଯୋଡ଼ି ନଦୀ ସଙ୍ଗମ ସ୍ଥଳ ବାରିପଦା,ସମୟ: ଅପରାହ୍ନ ୫ଟା।
- ବିଶ୍ୱ ପୁସ୍ତକ ଦିବସ ପାଳନ, ସ୍ଥାନ: ମୟୂରଭଞ୍ଜ ସାହିତ୍ୟ ପରିଷଦ ବାରିପଦା, ସମୟ: ଅପରାହ୍ନ ୫ଟା।

**ବ୍ରହ୍ମପୁର**

- ମନ୍ଦିର ପ୍ରତିଷ୍ଠା ପାଇଁ ନାମଯଜ୍ଞ, ସ୍ଥାନ: କୁମ୍ଭାରପଲ୍ଲୀ, ସମୟ: ଅପରାହ୍ନ ୫ଟା ୪୭।

**କନ୍ଧମାଳ**

- ଶ୍ରୀଲକ୍ଷ୍ମୀନୃସିଂହ ମହାପ୍ରଭୁଙ୍କ ଚନ୍ଦନ ଯାତ୍ରା ଉପଲକ୍ଷେ ଘୃତଯଜ୍ଞ, ସ୍ଥାନ: ଭଗମୁଣ୍ଡା ସାହି, ବାଲିଗୁଡା,ସମୟ: ସକାଳ ୯ଟା।
- ପ୍ରଦେଶ କଂଗ୍ରେସ ବ୍ଲକ୍ କମିଟିର ସାଙ୍ଗଠନିକ ଓ କର୍ମୀ ସମ୍ମିଳନୀ, ସ୍ଥାନ: ଦାରିଙ୍ଗବାଡ଼ି ସାରିଙ୍ଗିଇର୍ପି ସଭା ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- କ୍ଲିନ ଦାରିଙ୍ଗବାଡ଼ି ଗ୍ରୀନ୍ ଦାରିଙ୍ଗବାଡି ପ୍ରସ୍ତୁତି ଓ ସଚେତନ ବୈଠକ, ସ୍ଥାନ: ଦାରିଙ୍ଗବାଡ଼ି ବ୍ଲକ୍ ସଭାଗୃହ, ସମୟ: ଅପରାହ୍ନ ୩ ଟା।
- ଭାଗବତ କଥା ପ୍ରବଚନ, ସ୍ଥାନ: ଭଗମୁଣ୍ଡା ସାହି ପଡିଆ, ବାଲିଗୁଡା, ସମୟ: ସନ୍ଧ୍ୟା ୬ଟା।

**ଢେଙ୍କାନାଳ**

- ଶ୍ରୀଶ୍ରୀ ଶଙ୍କଟମୋଚନ ହନୁମାନଙ୍କ ୧୮ତମ ଜନ୍ମବାର୍ଷିକୀ, ସ୍ଥାନ: ହନୁମାନ ବାଟିକା, ଷ୍ଟାଡିୟମ ଛକ, ଢେଙ୍କାନାଳ, ସମୟ : ସକାଳ ୯ଟା।
- ଜିଲା ସଡ଼କ ସୁରକ୍ଷା ସମିତି ବୈଠକ, ସ୍ଥାନ: ଜିଲାପାଳଙ୍କ ସଦ୍‌ଭାବନା ଗୃହ, ସମୟ: ପୂର୍ବାହ୍ନ ୧୧ଟା।

**ଅନୁଗୋଳ**

- ମା' ବିମଳା ଓ ଲକ୍ଷ୍ମୀଙ୍କ ମନ୍ଦିର ପ୍ରତିଷ୍ଠା, ବିଗ୍ରହ ସ୍ଥାପନ ଉତ୍ସବ, ସ୍ଥାନ: ଆଠମଲ୍ଲିକ ବ୍ଲକ ଠାକୁରଗଡ଼, ସମୟ: ଅପରାହ୍ନ ୩ଟା।
- ଶ୍ରୀମଦ୍ ଭାଗବତ ପାରାୟଣ ସପ୍ତାହର ପଞ୍ଚମ ଦିବସରେ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ଆଠମଲ୍ଲିକ ମା' ମାହେଶ୍ୱରୀ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

**ଜଗତ୍‌ସିଂହପୁର**

- ଜାତୀୟ ନାଟ ମହୋତ୍ସବର ତୃତୀୟ ସନ୍ଧ୍ୟାରେ ଓଡ଼ିଆ ନାଟକ ସେକ୍ସପିଅର ମଞ୍ଚସ୍ଥ ହେବ, ସ୍ଥାନ: ଜୟଦେବ ଭବନ ବଡପଡିଆ ପାରାଦୀପ, ସମୟ: ସନ୍ଧ୍ୟା ୭ଟା।

**କେନ୍ଦ୍ରାପଡ଼ା**

- ତୁଳସୀକ୍ଷେତ୍ର ପଣ୍ଡିତ ସଭା ପକ୍ଷରୁ ସାମୂହିକ ବ୍ରତୋପନୟନ, ସ୍ଥାନ: ଶ୍ରୀ ଗୋପୀନାଥଜୀଉ ମନ୍ଦିର, ତଳବାରଙ୍ଗ, କେନ୍ଦ୍ରାପଡା ସହର, ସମୟ: ସକାଳ ୮ଟା।
- ପଟ୍ଟାମୁଣ୍ଡାଇ ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବର ତୃତୀୟ ଦିବସ, ସ୍ଥାନ: ମହାବିଦ୍ୟାଳୟ ପରିସର, ପଟ୍ଟାମୁଣ୍ଡାଇ, ସମୟ: ଅପରାହ୍ନ ୪ଟା।
- ଶ୍ରୀ ବଜରଙ୍ଗବାଲିଙ୍କ ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ପୀଠ ପରିସର, କନ୍ହେଇପୁର, କେନ୍ଦ୍ରାପଡା, ସମୟ: ଅପରାହ୍ନ ୫ଟା।
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଶ୍ରୀ ମା'କନ୍ତେଇ ଠାକୁରାଣୀ ପୀଠ, ବାଙ୍କିମୁଣ୍ଡାଇ, ଚାନ୍ଦୋଳ, ଡେରାବିଶ, ସମୟ: ସନ୍ଧ୍ୟା ୬ଟା।

**ଯାଜପୁର**

- ନୂତନ ମନ୍ଦିର ପ୍ରତିଷ୍ଠା, ସ୍ଥାନ: ଧର୍ମଶାଳା ବ୍ଲକର ପାଖର ଗ୍ରାମ,ସମୟ: ସକାଳ ୭ଟା।
- ଜିଲାର ବିଭିନ୍ନ କୋର୍ଟ ମାମଲା ଉପରେ ସମୀକ୍ଷା ବୈଠକ, ସ୍ଥାନ : ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୧ଟା।
- ଶ୍ରୀରାମଚରିତ ମାନସ ପାରାୟଣ, ସ୍ଥାନ : ବ୍ୟାସନଗର ଗୋଶାଳା ଦେବେଶ୍ୱର ମନ୍ଦିର ପ୍ରାଙ୍ଗଣ, ସମୟ : ସନ୍ଧ୍ୟା ୭ଟା।

**ନୟାଗଡ଼**

- ସମଗ୍ର ଶିକ୍ଷା ଜନ ଶୁଣାଣି ଶିବିର, ସ୍ଥାନ:ନୂଆଗାଁ ବ୍ଲକ ନୂଆଗାଁ ସରକାରୀ ଉଚ୍ଚବିଦ୍ୟାଳୟ ପରିସର, ସ୍ଥାନ:ସକାଳ ୯ଟା।
- ଶିକ୍ଷାନବିସର ୩ୟ ଦିବସ, ସ୍ଥାନ:ନୟାଗଡ଼ ପ୍ରଜାମଣ୍ଡଳ ମହିଳା ମହାବିଦ୍ୟାଳୟ, ସମୟ:ପୂର୍ବାହ୍ନ ୧୦ଟା।
- ନୀଳକଣ୍ଠେଶ୍ୱର କ୍ରିକେଟ ମ୍ୟାଚର ପଞ୍ଚମ ଦିବସ, ସ୍ଥାନ: କଣ୍ଟିଲୋ ପଞ୍ଚାୟତ ଗୋଡିବଣିଆ, ସମୟ:ପୂର୍ବାହ୍ନ ୧୧ଟା।
- ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞ ମହୋତ୍ସବର ଚତୁର୍ଥ ଦିବସ, ସ୍ଥାନ:ଓଡଗାଁ ରଘୁନାଥ ଜୀଉ ମନ୍ଦିର ପ୍ରଙ୍ଗଣ, ସମୟ:ମଧ୍ୟାହ୍ନ ୧୨ରୁ ରାତ୍ର ୧୦ଟା।
- ଚନ୍ଦନ ଯାତ୍ରାର ଚତୁର୍ଥ ଦିବସ, ସ୍ଥାନ: ନୟାଗଡ଼ ପୁରୁଣା ସହର ଜଗନ୍ନାଥ ଜୀଉ ମନ୍ଦିର ; ଶରଣକୁଳ ଲଡୁବାବାଙ୍କ ମନ୍ଦିର ; ଓଡଗାଁ ରଘୁନାଥ ଜୀଉ ମନ୍ଦିର, ସମୟ:ମଧ୍ୟାହ୍ନ ୧୨ଟା ୩୦।
- ଚନ୍ଦନ ଯାତ୍ରା ଚତୁର୍ଥ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ପୀଠ, ସମୟ: ଅପରାହ୍ନ ୧ଟା।
- ଚନ୍ଦନ ଯାତ୍ରା ଚତୁର୍ଥ ଦିବସ, ସ୍ଥାନ: ଖଣ୍ଡପଡା ଜଗନ୍ନାଥ ଜୀଉ ମନ୍ଦିର ; ରଣପୁର ଜଗନ୍ନାଥ ଜୀଉ ମନ୍ଦିର, ସମୟ: ଅପରାହ୍ନ ୨ଟା।
- ଲଙ୍କାପୋଡି ଯାତ୍ରା ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ:ଗଣିଆ, ସମୟ:ଅପରାହ୍ନ ୫ଟା।

**ନବରଙ୍ଗପୁର**

- ତାରିଣୀ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଭାସ୍କେଲ ନଦୀ ଛକ, କୋଷାଗୁମୁଡା, ସମୟ: ସକାଳ ୭ ଟା।

**ସମ୍ବଲପୁର**

- ଜିଲା କ୍ରୀଡା ସଂଘ ପକ୍ଷରୁ ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଟ୍ରଫି ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ: ସକାଳ ୮ଟା।
- ଜିଲା ପ୍ରଶାସନ ପକ୍ଷରୁ ପୋଷଣ ପକ୍ଷର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ତପସ୍ୱିନୀ ପ୍ରେକ୍ଷାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଉଡାନ ସାଂସ୍କୃତିକ ଅନୁଷ୍ଠାନର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ଅପରାହ୍ନ ୧୧ଟା।
- ସମ୍ବଲପୁର କବାଡି ପ୍ରିମିୟର ଲିଗ-୨୦୨୬ର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଗଙ୍ଗାଧର ମୁକ୍ତ ପଣ୍ଡପ, ସମୟ: ଅପରାହ୍ନ ୫ଟା।
- ଜିଲା କ୍ରୀଡା ସଂଘ ପକ୍ଷରୁ ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଟ୍ରଫି ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ: ଅପରାହ୍ନ ୫ଟା।
- ଗୋ ସେବକ ସଂଘର ବୈଠକ, ସ୍ଥାନ: ଅଗ୍ରସେନ ଭବନ, ସମୟ: ଅପରାହ୍ନ ୫ଟା।

**ରାଉରକେଲା**

- ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ କଂଗ୍ରେସ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ, ସ୍ଥାନ: ସେକ୍ଟର-୨୧, ସମୟ: ପୂର୍ବାହ୍ନ ୯ଟା ୩୦।
- ଭାଜପା ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ବ୍ରାହ୍ମଣୀ କ୍ଲବ, ପାନପୋଷ, ସମୟ: ମଧ୍ୟାହ୍ନ ୧୨ଟା।
- ଅଖଣ୍ଡ ପାଠ, ସ୍ଥାନ: ଗୁରୁସିଂହ ସଭା, ଗୁରୁଦ୍ୱାରା, ସମୟ: ମଧ୍ୟାହ୍ନ ୧୨ଟା ୧୫।
- ମହାପ୍ରଭୁଙ୍କ ଚନ୍ଦନ ଯାତ୍ରା, ୪ର୍ଥ ଦିବସ, ସ୍ଥାନ: ସେକ୍ଟର-୩ ଜଗନ୍ନାଥ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ରାଜ୍ୟସ୍ତରୀୟ ନାଟକ ୪ର୍ଥ ସନ୍ଧ୍ୟା, ସ୍ଥାନ: ସିଭିକସେଣ୍ଟର, ସମୟ: ସନ୍ଧ୍ୟା ୬ଟା ୩୦।

**ବରଗଡ଼**

- ମହାଲକ୍ଷ୍ମୀ ଦେବୀଙ୍କ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା,ସ୍ଥାନ:କଲେଜ ରୋଡ଼, ବରଗଡ଼,ସମୟ: ସକାଳ ୭ଟା।
- ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ମହୋତ୍ସବ,ସ୍ଥାନ:ଜାମୁଟପାଲି, ଗାଇସିଲେଟ,ସମୟ:ସକାଳ ୭ଟା।
- ଜିଲା ଉନ୍ନୟନ ସମନ୍ୱୟ ଓ ପରିଚାଳନା କମିଟି ବୈଠକ,ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ବରଗଡ଼,ସମୟ:ଅପରାହ୍ନ ୧୦ଟା ୩୦।
- ମନ୍ଦିର ପ୍ରତିଷ୍ଠା ଅବସରରେ ନାମଯଜ୍ଞ, ସ୍ଥାନ:ଜାମୁଟପାଲି, ଗାଇସିଲେଟ,ସମୟ:ଅପରାହ୍ନ ୩ଟା ୫।
- ନାଟ୍ୟାଚାର୍ଯ୍ୟ ହରେକୃଷ୍ଣ ପୂଜାରୀଙ୍କ ଜୟନ୍ତୀ ସମାରୋହ,ସ୍ଥାନ:ସାରଦା କମ୍ପ୍ଲେକ୍ସ, ବରଗଡ଼, ସମୟ: ଅପରାହ୍ନ ୫ଟା।
- ଓଡ଼ିଶା ରାଜ୍ୟ କୃଷକ ସଙ୍ଗଠନ, ଅତାବିରା ପକ୍ଷରୁ ନୂତନ କମିଟି ଗଠନ ସମ୍ବନ୍ଧରେ ଏକ ବୈଠକ, ସ୍ଥାନ:ଅତାବିରା ମାର୍କେଟ ୟାର୍ଡ଼,ସମୟ:ଅପରାହ୍ନ ୫ଟା।

**କଳାହାଣ୍ଡି**

- ପୋଷଣ ପକ୍ଷ ପାଳନ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- କଳାହାଣ୍ଡି ଲେଖିକା ସଂଘର ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ, ସ୍ଥାନ: ଭବାନୀପାଟଣା ବ୍ରଜ ବିହାର ଶିଶୁ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।

**ଦେବଗଡ଼**

- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଶ୍ରୀ ସତ୍ୟସାଇ ମନ୍ଦିର ପକ୍ଷରୁ ଭଜନ ଓ ଆଳତି, ସ୍ଥାନ: ଦେବଗଡ଼ସ୍ଥିତ ଶ୍ରୀ ସତ୍ୟସାଇ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ କ୍ଷୀରି ଭୋଗ ବଣ୍ଟନ, ସ୍ଥାନ: ଦେବଗଡ଼ ପ୍ରଧାନପାଟ ରୋଡ ଶିରିଡ଼ି ସାଇ ମନ୍ଦିର, ସମୟ: ସନ୍ଧ୍ୟା ୭ଟା ୩୦।

**ସୁବର୍ଣ୍ଣପୁର**

- ମହିଳା ସଂରକ୍ଷଣ ବିଲ ସପକ୍ଷରେ ଭାଜପା ଯୁବ ମୋର୍ଚ୍ଚାର ସଚେତନତା କାର୍ଯକ୍ରମ, ସ୍ଥାନ: ସୁବର୍ଣ୍ଣପୁର ସହର ବିଜୁ ପଟ୍ଟନାୟକ ଛକ, ସମୟ: ସକାଳ ୯ ଟା।
- ୨୪ ପ୍ରହର ନାମଯଜ୍ଞ ଉଦ୍‌ଯାପିତ, ସ୍ଥାନ: ବନ୍ଧପାଲି ନାମଯଜ୍ଞ ମଣ୍ଡପ,ସମୟ: ଅପରାହ୍ନ ୪ ଟା।

**ନୂଆପଡ଼ା**

- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ନୂଆଗାଁ ପଞ୍ଚାୟତ କାଳିମାଟି ଗାଁ, ସମୟ: ସକାଳ ୯ଟା।
- ଶ୍ରୀମଦ୍ ଭାଗବତ ମହାପୁରାଣ ଜ୍ଞାନଯଜ୍ଞ ଚତୁର୍ଥ ଦିବସ ଶ୍ରୀକୃଷ୍ଣ ଜନ୍ମ କଥା, ସ୍ଥାନ: ନୂଆପଡା ଏନ୍‌ଏସି ଶାଖାଡରା ୱାର୍ଡ ନଂ.୧, ସମୟ: ଅପରାହ୍ନ ୪ଟାରୁ ରାତ୍ର ୮ଟା।
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ଉପଲକ୍ଷେ କଳସ ଯାତ୍ରା ଓ ଅଧିବାସ, ସ୍ଥାନ: କୋମନା ବ୍ଲକ ଲଟକନପଡ଼ା ଗାଁ, ସମୟ: ଅପରାହ୍ନ ୪ଟା।
- ଅଖଣ୍ଡ ଷୋହଳ ପ୍ରହର ନାମଯଜ୍ଞ ଉପଲକ୍ଷେ କଳସ ଯାତ୍ରା ଓ ଅଧିବାସ, ସ୍ଥାନ: କୋମନା ବ୍ଲକ ଘୋଟସର ଗାଁ, ସମୟ: ଅପରାହ୍ନ ୫ଟା।
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ଉପଲକ୍ଷେ କଳସ ଯାତ୍ରା ଓ ଅଧିବାସ, ସ୍ଥାନ: ସିନାପାଲି ବ୍ଲକ ବୈଗାପଡ଼ା, ସମୟ: ଅପରାହ୍ନ ୫ଟା ୧୫।

**ଝାରସୁଗୁଡ଼ା**

- ସିଏମ୍ ଟ୍ରଫି ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ଦ୍ୱିତୀୟ ଓଏସ୍‌ଏପି ପଡ଼ିଆ, ଝାରସୁଗୁଡ଼ା, ସମୟ: ସକାଳ ୮ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**

ଆଜିର ଗ୍ରହସ୍ଥିତିର ଶୁଭପ୍ରଭାବ ଆପଣଙ୍କ ଜୀବନଯାତ୍ରାକୁ ହର୍ଷୋତ୍‌ଫୁଲ୍ଲିତ କରାଇବ। ସରକାରୀ ସ୍ତରରେ ଅଟକି ରହିଥିବା କାମକୁ ସମ୍ପନ୍ନ କରି ଆଶ୍ୱସ୍ତି ଲାଭ କରିବେ। ଆତ୍ମୀୟସ୍ୱଜନଙ୍କ ପରୋକ୍ଷ ଶତ୍ରୁତା ଏବଂ ବୃଥା ଅଭିଯୋଗରେ କ୍ଷୁବ୍ଧ ହୋଇପାରନ୍ତି। ରବିଙ୍କ ସୁପ୍ରଭାବରୁ ରାଜନୀତିରେ ସଫଳତା ପ୍ରାପ୍ତିର ଆଶା ରହିଛି।

**ବୃଷ**

ଶୁକ୍ରଙ୍କ ଶୁଭ ପ୍ରଭାବରୁ କର୍ମକ୍ଷେତ୍ରରେ ସାହାଯ୍ୟ ଓ ସହଯୋଗର ସୁଅ ଆପଣଙ୍କ ପାଖକୁ ଆପଣାଛାଏଁ ମାଡି ଆସିବ। ଅର୍ଥ ଓ ସମ୍ମାନ ସାଙ୍ଗକୁ ନିଜ ପରିସରର ହିତୈଷୀମାନଙ୍କ ଗହଣରେ ନିଜକୁ ହଜାଇ ଦେଇପାରନ୍ତି। ଆକସ୍ମିକ ଭାବେ ମତାନ୍ତରଜନିତ କୌଣସି ବନ୍ଧୁଙ୍କ ପ୍ରତ୍ୟାଗମନ ଯୋଗୁ ଦୁଃଖ ପ୍ରକାଶ କରିବେ।

**ମିଥୁନ**

ଆଜି ଉଚ୍ଚପଦସ୍ଥ ବ୍ୟକ୍ତିଙ୍କ ଆଶୀର୍ବାଦ ସହ ଅର୍ଥ, ଉପହାର, ଉପଢ଼ୌକନାଦି ପାଇପାରନ୍ତି। ବୁଧଙ୍କ ଦୃଷ୍ଟିରେ ବନ୍ଧୁବର୍ଗ, ଆତ୍ମୀୟ କିମ୍ବା ପଡ଼ୋଶୀଙ୍କ ସହାୟତାରେ ଅଭିଳଷିତ କର୍ମ ସମ୍ପାଦନ କରିବେ। ଯାତ୍ରା, ବାଣିଜ୍ୟ, ଚୁକ୍ତିପତ୍ର, ସଭାସମିତି, ନୂତନ ଯୋଜନାର ଆଲୋଚନା କ୍ଷେତ୍ରରେ ସୁଫଳ ମିଳିବ।

**କର୍କଟ**

ପଦାଧିକାରୀଙ୍କ ସହାନୁଭୂତିପୂର୍ଣ୍ଣ ପରାମର୍ଶ ଅଶାନ୍ତ ମନକୁ ଶାନ୍ତ କରିବାରେ ସହାୟକ ହେବ। ପାରିବାରିକ ବ୍ୟତିକ୍ରମକୁ ସମାଧାନ କରିବାରେ ପଡ଼ୋଶୀଙ୍କ ଅବଦାନ ଅବିସ୍ମରଣୀୟ ରହିବ। ସମ୍ପର୍କୀୟଙ୍କ ବିୟୋଗ ଖବର ପାଇ ବିବ୍ରତ ହେବେ। ପ୍ରକାଶନ, ଆଇନ, ଧାର୍ମିକ ତଥା ଆନୁଷ୍ଠାନିକ କାମରେ ଲକ୍ଷ୍ୟ ପୂରଣ ହେବାର ଆଶା ରହିଛି।

**ସିଂହ**

ଯାତ୍ରା, ବାଣିଜ୍ୟ, ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରେ ସଫଳତା ହାସଲ କରିବେ। ଧର୍ମକାର୍ଯ୍ୟ, ବନ୍ଧୁମିଳନ, ବିଶିଷ୍ଟବ୍ୟକ୍ତିଙ୍କ ସାନ୍ନିଧ୍ୟଲାଭରୁ ଦିନଟି ଖୁସିରେ କଟିବ। ପାରିବାରିକ କ୍ଷେତ୍ରରେ ପ୍ରତିବନ୍ଧକଜନିତ ସ୍ଥଗିତ କାର୍ଯ୍ୟ ସକାଶେ ଚିନ୍ତିତ ରହିପାରନ୍ତି। କର୍ମକ୍ଷେତ୍ରରେ ମତପାର୍ଥକ୍ୟରୁ ଆଲୋଚନା ଅମୀମାଂସିତ ରହିଯାଇପାରେ।

**କନ୍ୟା**

ରାଶିପ୍ରତି ପାପଗ୍ରହଙ୍କ ପ୍ରତ୍ୟକ୍ଷଦୃଷ୍ଟି କାରଣରୁ ମାନସିକ ସ୍ତରରେ ଅସ୍ଥିରତା ଅନୁଭବ କରିବେ। ସହକର୍ମୀ ଓ ଆତ୍ମୀୟସ୍ୱଜନଙ୍କ ଯେତେ ମନ ଧରି କାମ କଲେ ମଧ୍ୟ ସେମାନଙ୍କୁ ସନ୍ତୁଷ୍ଟ କରି ପାରିବେ ନାହିଁ। ଅବଶ୍ୟ ବାଣିଜ୍ୟ, ବ୍ୟବସାୟ, ପରିବହନ, ହୋଟେଲ ଶିଳ୍ପ, ଗୃହନିର୍ମାଣ, ଜମି କିଣାବିକା କ୍ଷେତ୍ରରେ ସୁଫଳ ପାଇବେ।

**ତୁଳା**

ଭାଗ୍ୟାଧିପତି ବୁଧଙ୍କ ଦୁର୍ବଳତା ଯୋଗୁ କୌଣସି କାମରେ ପୂର୍ଣ୍ଣ ସଫଳତା ଆଶା କରାଯାଇ ନ ପାରେ। କର୍ମକ୍ଷେତ୍ରରେ ବିଭ୍ରାନ୍ତିକର ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ଶୁକ୍ରଙ୍କ ସୁପ୍ରଭାବରୁ ଦୈହିକ ସୁସ୍ଥତା ପୂର୍ବପରି ରହିବ ଓ ବନ୍ଧୁମାନଙ୍କ ଗହଣରେ ସମୟ ଅତିବାହିତ କରିବେ।

**ବିଛା**

ଧନସ୍ଥାନ ପ୍ରତି ଚନ୍ଦ୍ର ଏବଂ ବୃହସ୍ପତିଙ୍କ ଶୁଭଦୃଷ୍ଟି ଉଚ୍ଚପଦବୀ ଓ ଅର୍ଥ ଗୌରବ ପ୍ରଦାନ କରିବେ। ସାମାଜିକ ସ୍ତରରେ ସମ୍ମାନଜନକ ସ୍ଥିତିରେ ରହିବେ। ଶିକ୍ଷାରେ ସଫଳତା, ସନ୍ତାନଙ୍କ କୃତିତ୍ୱ, ପ୍ରଭାବଶାଳୀ କଥା ମାଧ୍ୟମରେ ଅନ୍ୟମାନଙ୍କୁ ଆପଣେଇ ନେବେ। ମାଙ୍ଗଳିକ କାମ ଓ ବ୍ୟବସାୟିକ କ୍ଷେତ୍ରରେ ସମସ୍ୟା ଆସିପାରେ।

**ଧନୁ**

ରାଶି ଗ୍ରହଶୂନ୍ୟ ଏବଂ ସପ୍ତମସ୍ଥ ଗ୍ରହଜନିତ ବିବାଦୀୟ କ୍ଷେତ୍ରରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହେବେ। ଭୁଲ୍ ବୁଝାମଣା ହେତୁ ପାରିବାରିକ କଳହର ଆଶଙ୍କା ରହିଛି। ନିଜର ଲୋକ ଦୂରେଇ ଯିବାରୁ କୌଣସି ଅଭାବ ନ ଥାଇ ମଧ୍ୟ ମନଟା ଭଲ ଲାଗି ନ ପାରେ। ତଥାପି ଆର୍ଥିକ ସ୍ଥିତି କୌଣସି ପ୍ରକାରର ପରିସ୍ଥିତିରେ ମଧ୍ୟ ପ୍ରଭାବିତ ହେବ ନାହିଁ।

**ମକର**

ସୁସ୍ଥ ଚିନ୍ତାଧାରା ସାଙ୍ଗକୁ ଆପଣଙ୍କ ସୁସଂଯତ ଏବଂ ଶୃଙ୍ଖଳିତ କାର୍ଯ୍ୟଶୈଳୀ ସଫଳତା ପ୍ରଦାନରେ ସହାୟକ ହୋଇପାରିବ। କିନ୍ତୁ ଚତୁର୍ଥସ୍ଥ ଅଷ୍ଟମାଧିପତି ଯୋଗୁ ବନ୍ଧୁବର୍ଗ ଓ ଆତ୍ମୀୟସ୍ୱଜନଙ୍କ ଦ୍ୱାରା ଭର୍ତ୍ସିତ ହୋଇପାରନ୍ତି। କର୍ମକ୍ଷେତ୍ର କିମ୍ବା ବୃତ୍ତିଗତ ଧନ୍ଦାରେ ଗୁରୁତ୍ୱପୂର୍ଣ୍ଣ କାମଗୁଡିକ ଅଟକି ରହିଥିବା କାରଣରୁ ଅନୁତାପ କରିବେ।

**କୁମ୍ଭ**

ଶୁକ୍ରଙ୍କ ପ୍ରଭାବରୁ ବାକ୍‌ବିଳାସ ବିଜ୍ଞ ବ୍ୟକ୍ତିଙ୍କ ଦ୍ୱାରା ପ୍ରଶଂସିତ ହେବେ। ଯାତ୍ରା, ପ୍ରକାଶନ, ଆଇନ, ସାହିତ୍ୟ, କ୍ରୀଡ଼ା, ଚଳଚ୍ଚିତ୍ର ପ୍ରଭୃତିରେ ସଫଳତା ପାଇବେ। ଯାନ୍ତ୍ରିକ ଜିନିଷ,ବିଳାସବ୍ୟସନ ସମ୍ପର୍କିତ ବସ୍ତୁ, ଯାନବାହନ ପ୍ରଭୃତି ପାଇଁ ମନ ବଳାଇପାରନ୍ତି। ରାହୁଙ୍କ ପ୍ରଭାବରୁ କୌଣସି ଭୁଲ୍ ନିଷ୍ପତ୍ତି ନେଇ ପଶ୍ଚାତ୍ତେ ଅନୁତାପ କରିପାରନ୍ତି।

**ମୀନ**

କେନ୍ଦ୍ରସ୍ଥ ବୃହସ୍ପତି ଯୋଗୁ ଦିନଟି ଆପଣଙ୍କ ପାଇଁ ଭଲ ରହିବ। ଅର୍ଥ, ସମ୍ମାନ, ମାନସିକ ସୁସ୍ଥତା, ବନ୍ଧୁଙ୍କ ସହୃଦୟତା, ପାରିବାରିକ ସଦ୍‌ଭାବ ପାଇବେ। ସାମୟିକ ଭାବରେ ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ। ଆଲୋଚନା ପରିସରରେ ଯଥା ସମ୍ଭବ ନୀରବତା ଅବଲମ୍ବନ କରିବା ଭଲ ହେବ।

ଆଜି ଏପ୍ରିଲ ୨୩ ତାରିଖ, ଗଙ୍ଗୋତ୍ପତ୍ତି, ବିଶ୍ୱ ପୁସ୍ତକ ଦିବସ, ବିଶ୍ୱ କପି ରାଇଟ୍ ଦିବସ, ଇଂଲିଶ ଭାଷା ଦିବସ, ବୈଶାଖ ଶୁକ୍ଳ ସପ୍ତମୀ ଗୁରୁବାର। ରାଶିନକ୍ଷତ୍ର- ପୁନର୍ବସୁ/ମିଥୁନ। ଦିବା ଘ.୦୩।୧୩ମି. ଗତେ କର୍କଟଚନ୍ଦ୍ର, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଅଦ୍ୟ ବ୍ରତୋପନୟନ, ଗୃହପ୍ରବେଶ, ଦେବତା ଗଠନ ଓ ପ୍ରତିଷ୍ଠା ଏବଂ ନବବଧୂ ଯାତ୍ରା ପାଇଁ ଶୁଭ ଦିନ। ସକାଳ ଘ. ୦୫।୨୬ ମି. ଗତେ ଘ.୦୭।୦୭ମି. ମଧ୍ୟେ, ଘ.୧୦।୨୯ମି. ଗତେ ଘ.୦୧।୦୦ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୧।୧୯ମି. ଗତେ ଘ.୦୨।୫୪ମି. ମଧ୍ୟେ ରାହୁ କାଳ।

# ନାଗରିକ କୈନ୍ଦ୍ରିକ ଶାସନ, ଜନସେବା ପ୍ରତି ସଂକଳ୍ପ

ଭୁବନେଶ୍ୱର,୨୨।୪(ସୁଚିସ୍ମିତା ସାହୁ)

ସାଧାରଣ ସେବା ଦିବସ ଅବସରରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଖାରବେଳ ଭବନସ୍ଥିତ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଭାଗ ପକ୍ଷରୁ ନାଗରିକ କୈନ୍ଦ୍ରିକ ଶାସନ ଏବଂ ଉତ୍ତରଦାୟୀ ଜନସେବା ପ୍ରଦାନ ପ୍ରତି ନିଜର ପ୍ରତିବଦ୍ଧତାକୁ ଦୋହରାଯାଇଛି। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ ଅଧ୍ୟକ୍ଷତା କରି କହିଥିଲେ, ସାଧାରଣ ସେବା ଦିବସ ହେଉଛି ସାଧୁତା, ସହାନୁଭୂତି ଏବଂ ଉତ୍ତରଦାୟିତ୍ୱ ସହ ଜନସେବା କରିବାର ସଂକଳ୍ପକୁ ନବୀକରଣ କରିବାର ଏକ ଅବସର। ଆମର ସଂସ୍କାର କାର୍ଯ୍ୟସୂଚୀ ପ୍ରଶାସନକୁ ଅଧିକ ସୁଗମ, ଦକ୍ଷ ଏବଂ ପ୍ରତିକ୍ରିୟାଶୀଳ କରିବା ସହିତ ନାଗରିକଙ୍କ ଜୀବନରେ ବାସ୍ତବିକ ପରିବର୍ତ୍ତନ ଆଣିବା ଆବଶ୍ୟକ ବୋଲି ଅଧିକାରୀଙ୍କୁ କହିଥିଲେ।

ବୈଠକରେ ଶାସନ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଏବଂ ସେବା ପ୍ରଦାନରେ ଦକ୍ଷତା ବୃଦ୍ଧି ପାଇଁ ପ୍ରମୁଖ ନୀତି ଓ ସଂସ୍କାର କାର୍ଯ୍ୟସୂଚୀ ଉପରେ ଆଲୋଚନା କରାଯାଇଥିଲା। ପ୍ରଶାସନିକ ପ୍ରକ୍ରିୟାକୁ ସରଳୀକରଣ କରିବା, ସ୍ୱଚ୍ଛତା ବଜାୟ ରଖିବା ଏବଂ ଜନସାଧାରଣଙ୍କ ଆବଶ୍ୟକତାକୁ ଦ୍ରୁତ ଭାବେ ପୂରଣ କରିବା ପାଇଁ ଆନୁଷ୍ଠାନିକ କାର୍ଯ୍ୟଶୈଳୀରେ ଉନ୍ନତି ଆଣିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ବିଭାଗ ପକ୍ଷରୁ ସମସ୍ତ ଅଧିକାରୀ ପୁନର୍ବାର ନିଷ୍ଠାର ସହ କାର୍ଯ୍ୟ କରିବାକୁ ଶପଥ ନେବା ସହ ଓଡ଼ିଶାବାସୀଙ୍କ ଆଶା ଓ ଆକାଂକ୍ଷା ଅନୁଯାୟୀ ଜନସେବାକୁ ସଜ୍ଜିତ କରିବାକୁ ନିଷ୍ପତ୍ତି ନେଇଛନ୍ତି। ରାଜ୍ୟରେ ଏକ ସାମଗ୍ରିକ ସହରୀ ବିକାଶ ଏବଂ ନୂତନତ୍ୱ ଆଣିବା ଦିଗରେ ବିଭାଗ ନିରନ୍ତର କାର୍ଯ୍ୟ କରିବ ବୋଲି ଏହି ବୈଠକରେ ସ୍ପଷ୍ଟ କରାଯାଇଛି।

# ଆଞ୍ଚଳିକ ବିଜ୍ଞାନ କେନ୍ଦ୍ରରେ ବିଶ୍ୱ ପୃଥିବୀ ଦିବସ ପାଳିତ

ଭୁବନେଶ୍ୱର,୨୨।୪(ସୁଚିସ୍ମିତା ସାହୁ)

ବିଶ୍ୱ ପୃଥିବୀ ଦିବସ ପାଳନ ଅବସରରେ ବୁଧବାର ପରିବେଶ ସୁରକ୍ଷା ସଚେତନତା ଉଦ୍ଦେଶ୍ୟରେ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଶେଷ କାର୍ଯ୍ୟକ୍ରମ ଆଞ୍ଚଳିକ ବିଜ୍ଞାନ କେନ୍ଦ୍ରଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆମ ଶକ୍ତି, ଆମ ଗ୍ରହ ବିଷୟ ଉପରେ ଆଧାରିତ ଏକ ଆନ୍ତଃବିଦ୍ୟାଳୟ ନାଟକ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଭୁବନେଶ୍ୱର, କଟକ ଓ ପୁରୀରୁ ସମୁଦାୟ ୭ଟି ଦଳ ଏଥିରେ ଅଂଶଗ୍ରହଣ କରି ଅଭିନୟ ମାଧ୍ୟମରେ ପୃଥିବୀ ସୁରକ୍ଷା ନିମନ୍ତେ ନିଜର ସନ୍ଦେଶ ଉପସ୍ଥାପନା କରିଥିଲେ। ଡୁନ୍ ଇଣ୍ଟରନ୍ୟାଶନାଲ ସ୍କୁଲ, ଡିଏଭି ଏସ୍‌ସିବି ମେଡିକାଲ ପବ୍ଲିକ ସ୍କୁଲ କଟକ, ଡିଏଭି ଚନ୍ଦ୍ରଶେଖରପୁର, ପିଏମ୍ ଶ୍ରୀ ଡିଏମ୍ ପବ୍ଲିକ ସ୍କୁଲ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ପୁରୀ ଓ କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲ ଅଂଶ ଗ୍ରହଣ କରି ଛାତ୍ରୀଛାତ୍ରମାନେ ମହାକାଶର ଅଲୌକିକ ମାୟା, ହମାରୀ ଧରିତ୍ରୀ ହମାରୀ ପୃଥିବୀ, ସେଭ୍ ଆୱାର ଆର୍ଥ, ଆମ ଧରଣୀ ପରି ବିଷୟରେ ସୃଜନଶୀଳ ନାଟକ ପ୍ରଦର୍ଶନ କରି ପରିବେଶ ସୁରକ୍ଷାର ବାର୍ତ୍ତା ପ୍ରଦାନ କରିଥିଲେ। ଉଦ୍‌ଯାପନୀ ସମାରୋହରେ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ସାହିତ୍ୟ ବିଭାଗର ସହାୟକ ପ୍ରାଧ୍ୟାପକ ଡ. ଦେବାଶିଷ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜେତାଙ୍କୁ ସମ୍ମାନିତ କରିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଢମଣା ପଶିଛି ଗାତେ,
ବୋହୂ ଭୁଆସୁଣୀ ହାଟକୁ ଯିବେ
ଓଢ଼ଣା ଟାଣିଛି ହାତେ।**

ବୟୋଜ୍ୟେଷ୍ଠମାନଙ୍କୁ ସମ୍ମାନ ଦେବା ଉଦ୍ଦେଶ୍ୟରେ ମୁଣ୍ଡରେ ଓଢ଼ଣା ପକାଯାଇଥାଏ। ମଥାରେ ଓଢ଼ଣି ଦେବା ନାରୀର ଲଜ୍ଜାଶୀଳା ଗୁଣକୁ ପରିପ୍ରକାଶ କରିଥାଏ। ଗ୍ରାମ୍ୟ ବୋହୂ ଭୁଆସୁଣୀ ବଜାର ହାଟ ବୁଲିବା ପାଇଁ ଘରୁ ଗୋଡ଼ କାଢ଼ିଥିବାବେଳେ ନିଜକୁ ଦୃଷ୍ଟି ଆଢୁଆଳରେ ରଖିବାକୁ ଯାଇ ହାତେ ଲମ୍ବର ଓଢ଼ଣା ଟାଣିଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଢୋଲ ଖାଏ ମାଡ଼,
ହାଡ଼ି ଖାଏ କଉଡ଼ି।**

ହାଡ଼ି ଢୋଲ ବଜାଏ ଏବଂ ସେ ଏହାର ପାଉଣା ପାଏ। ଅର୍ଥାତ୍ କଷ୍ଟ ସହିବା ଲୋକର ଫଳପ୍ରାପ୍ତିର ଦାବି ନ ଥାଏ, ଅଥଚ କଷ୍ଟ ଦେବା ଲୋକ ହିଁ ଏହି ଫଳ ଭୋଗକରେ। ପରୋକ୍ଷରେ ଜଣକର କଷ୍ଟାର୍ଜିତ ଫଳ ଆଉ ଜଣେ ଭୋଗ କରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ




ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଅନାସ୍ଥାରେ ପଦ ହରାଇଲେ ଅରଙ୍ଗାବାଦ ସରପଞ୍ଚ

ବରୀ,୨୨।୪(ମହେନ୍ଦ୍ର ସ୍ୱାଇଁ)

ଯାଜପୁର ଜିଲା ବରୀ ବ୍ଲକ୍ ଅଧୀନ ଅରଙ୍ଗାବାଦ ପଞ୍ଚାୟତର ସରପଞ୍ଚ ନିରୁପମା ମଲ୍ଲିକ ନିଜର ପଦ ହରାଇଛନ୍ତି। ବୁଧବାର ନିର୍ଦ୍ଧାରିତ ସମୟ ଅନୁଯାୟୀ ପଞ୍ଚାୟତ କାର୍ଯ୍ୟାଳୟରେ ଭୋଟ୍ ଅନୁଷ୍ଠିତ ହୋଇଥିଲା। ଏହି ପଞ୍ଚାୟତର ମୋଟ ୧୨ୱାର୍ଡ ସଭ୍ୟ ଅନାସ୍ଥା ପ୍ରସ୍ତାବରେ ଅଂଶଗ୍ରହଣ କରି ନିଜର ମତଦାନ କରିଥିଲେ। ଏଥିମଧ୍ୟରୁ ୯ଜଣ ୱାର୍ଡ ସଭ୍ୟ ସରପଞ୍ଚଙ୍କ ବିରୋଧରେ ମତଦାନ କରିଥିଲେ। ଅନାସ୍ଥା ଭୋଟ ଗ୍ରହଣ ସମୟରେ ବରୀ ତହସିଲଦାର ଦୀପ୍ତିମୟୀ ବେହେରା, ବିଡିଓ ଦାୟିତ୍ୱରେ ଥିବା ଲମ୍ବୋଧର ଖୁଣ୍ଟିଆ, ବରୀ ଥାନା ଅଧିକାରୀ ହେମଲତା ଦାସ, ଅତିରିକ୍ତ ବିଡିଓ ମହେଶ୍ୱର ସେଠୀ, କାର୍ଯ୍ୟନିର୍ବାହୀ ଅଧିକାରୀ ଯୋଗେଶ୍ୱର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



ନିରୁପମା ମଲ୍ଲିକ

ଏସମ୍ପର୍କରେ ପଦ ହରାଇଥିବା ସରପଞ୍ଚ ମଲ୍ଲିକଙ୍କୁ ପଚାରିବାରେ ସେ କହିଛନ୍ତି, ରାଜନୈତିକ ଜୀବନରେ ବିଜୟ ଓ ପରାଜୟ ବଡ଼ କଥାନୁହେଁ। ଆରଙ୍ଗବାଦ ପଞ୍ଚାୟତର ଲୋକଙ୍କ ସେବା ପାଇଁ ସେ ସବୁବେଳେ କର୍ତ୍ତବ୍ୟ କରିଥିଲେ। କିନ୍ତୁ ରାଜନୈତିକ ଚାପ ଯୋଗୁ ୱାର୍ଡ ସଭ୍ୟମାନେ ତାଙ୍କ ବିରୋଧରେ ଏଭଳି ନିଷ୍ପତ୍ତି ନେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଆଗାମୀ ଦିନରେ ଉନ୍ନୟନ ମୂଳକକାର୍ଯ୍ୟରେ ଏହି ପଞ୍ଚାୟତ କିଭଳି ବ୍ଲକରେ ସର୍ବୋଚ୍ଚ ସ୍ଥାନରେ ପହଞ୍ଚି ପାରିବ ସେ କ୍ଷେତ୍ରରେ ଉଦ୍ୟମ ଜାରିରଖିବେ ବୋଲି ପ୍ରକାଶ କରିଥିଲେ। ବିଗତ ଦିନରେ ସରପଞ୍ଚ ମଲ୍ଲିକଙ୍କ ବିରୋଧରେ ଅନାସ୍ଥା ଆସିଥିଲା। ମାତ୍ର ସେ କୋର୍ଟଙ୍କ ଆଦେଶ ବଳରେ ନିଜ ପଦ ବଜାଇ ରଖିଥିଲେ।

ପ୍ରଥମ ପୃଷ୍ଠାରୁ...

## ଗୁଜରାଟ ଆସୁଥିବା...

ଅପରେଶନ ସେଣ୍ଟରର ସୂଚନା ଅନୁଯାୟୀ, ବୁଧବାର ସକାଳ ୭ଟା ୫୫ ମିନିଟ୍‌ରେ ପ୍ରଥମ ଆକ୍ରମଣ ଏକ କଣ୍ଟେନର ଜାହାଜ ଉପରେ ହୋଇଥିଲା। ଓମାନଠାରୁ ଉତ୍ତରପୂର୍ବରେ ୧୫ ନଟିକାଲ ମାଇଲ୍ ଦୂରରେ ଆକ୍ରମଣ ହୋଇଥିବାବେଳେ ସମସ୍ତ କ୍ରିଉ ସଦସ୍ୟ ସୁରକ୍ଷିତ ଥିବା ଉକ୍ତ ସେଣ୍ଟର ପକ୍ଷରୁ କୁହାଯାଇଛି। ଇରାନ ଆଇନଗତ ଭାବେ ଷ୍ଟ୍ରେଟ୍ ଅଫ୍ ହର୍ମୁଜକୁ ନିୟନ୍ତ୍ରଣ କରୁଥିବାବେଳେ ସତର୍କ ସୂଚନାକୁ ଅଣଦେଖା କରିବାରୁ ଜାହାଜ ଉପରେ ଆକ୍ରମଣ କରାଗଲା ବୋଲି ଇରାନର ଅର୍ଦ୍ଧସରକାରୀ ଫାର୍ସ ନ୍ୟୁଜ୍ ଏଜେନ୍ସି କହିଛି। ସୂଚନାଯୋଗ୍ୟ, ଗତ ସପ୍ତାହାନ୍ତରେ ଆମେରିକା ନୌସେନା ଏକ ଇରାନୀୟ କଣ୍ଟେନର ଜାହାଜକୁ ଗୁଳି କରିବା ସହ ଏହାକୁ ଜବତ କରିବା ପରେ ଇରାନ ଏଭଳି ଆକ୍ରମଣ କରିଥିବା କୁହାଯାଉଛି।

## ଅସ୍ତ୍ରବିରତି ଅବଧି...

ଆୟୋଜନ ଲାଗି ମଧ୍ୟସ୍ଥ ପାକିସ୍ତାନ ଜୋର୍‌ଦାର ଉଦ୍ୟମ ଚଳାଇଥିଲେ ମଧ୍ୟ ସଫଳ ହୋଇପାରି ନାହିଁ। ଉପରାଷ୍ଟ୍ରପତି ଜେଡି ଭାନ୍ସଙ୍କ ନେତୃତ୍ୱରେ ଆମେରିକା ପ୍ରତିନିଧି ଦଳ ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନାରେ ଯୋଗଦେବା ଲାଗି ଇସ୍ରାଏଲ୍ ଆସିବାକୁ ଥିବାବେଳେ ଇରାନ ଯୋଗଦେବାକୁ ନ ଚାହିଁବାରୁ ସେମାନେ ଗସ୍ତ ସ୍ଥଗିତ ରଖିଛନ୍ତି। ଭାନ୍ସଙ୍କ ସମେତ ଆମେରିକାର ସ୍ୱତନ୍ତ୍ର ଦୂତ ଷ୍ଟିଭ୍ ୱିଟ୍‌କଫ୍ ଏବଂ ଟ୍ରମ୍ପଙ୍କ ଜ୍ୱାଇଁ ଜାରେଡ୍ କୁଶନେର ମଙ୍ଗଳବାର ଇସ୍‌ଲାମାବାଦ ଆସିବା କାର୍ଯ୍ୟକ୍ରମ ସ୍ଥିର ହୋଇଥିଲା। ତେବେ ଏହି ଗସ୍ତ ମଙ୍ଗଳବାର ହେଉ ନାହିଁ ବୋଲି ହ୍ୱାଇଟ୍ ହାଉସ୍ ଘୋଷଣା କରିଥିଲା। ବୁଝାମଣା ପାଇଁ ଇରାନ ନେତୃତ୍ୱ ଏକ ଏକୀକୃତ ପ୍ରସ୍ତାବ ପ୍ରଦାନ କରିବା ପର୍ଯ୍ୟନ୍ତ ଆମେରିକା ଆକ୍ରମଣରୁ ଦୂରେଇ ରହିବ ବୋଲି ଟ୍ରମ୍ପ ସ୍ପଷ୍ଟ କରିଦେଇଛନ୍ତି। ତେବେ ଇରାନର ବନ୍ଦରଗୁଡ଼ିକୁ ଅର୍ଥନୈତିକ ଅବରୋଧ ଜାରି ରହିବ ବୋଲି ସେ କହିଛନ୍ତି। ସେଥିପାଇଁ ସେନାକୁ ଅବରୋଧ ବଳବତ୍ତର ରଖିବା ସହ ପ୍ରସ୍ତୁତ ରହିବାକୁ ଟ୍ରମ୍ପ ନିର୍ଦ୍ଦେଶ ଦେଇଛନ୍ତି।

ଅନ୍ୟପକ୍ଷରେ ଇରାନ ବହିର୍ବ୍ୟାପାର ମନ୍ତ୍ରୀ ସୟେଦ ଆବ୍ବାସ ଅରାଗାଚି ଆମେରିକାକୁ ସମାଲୋଚନା କରିବା ସହ ଇରାନୀୟ ବନ୍ଦରଗୁଡ଼ିକୁ ଅବରାଧ କରିବା ଏକପ୍ରକାର ଯୁଦ୍ଧ ଓ ଅସ୍ତ୍ରବିରତିର ଉଲ୍ଲଂଘନ ବୋଲି କହିଛନ୍ତି। ବ୍ୟବସାୟିକ ଜାହାଜ ଉପରେ ଆକ୍ରମଣ କରିବା ଏବଂ ଏହାର କର୍ମଚାରୀମାନଙ୍କୁ ଅପହରଣ କରିନେବା ବହୁତ ବଡ଼ ଉଲ୍ଲଂଘନ। କଟକଣାକୁ କିପରି ନିଷ୍କ୍ରିୟ କରାଯିବ ଓ ନିଜ ସ୍ୱାର୍ଥ ରକ୍ଷା କରିବା ସହ ଦାଦାଗିରିକୁ ପ୍ରତିହତ କରାଯିବ, ତାହା ଇରାନ ଭଲଭାବେ ଜାଣେ ବୋଲି ଅରାଗାଚି ଏକ ସୋସିଆଲ ମିଡିଆ ପୋଷ୍ଟରେ କହିଛନ୍ତି।

ଧରିତ୍ରୀ DHARITRI
ଧରିତ୍ରୀ 52 Years
ଭୁବନେଶ୍ୱର, ଗୁରୁବାର, ଏପ୍ରିଲ ୨୩/୨୦୨୬ | Bhubaneswar, Thursday, April 23/2026




ଭୁବନେଶ୍ୱରର ଲୋୟର ପିଏମ୍‌ଜିରେ ବୁଧବାର ଅନୁଷ୍ଠିତ ଭାଜପାର ଜନ-ଆକ୍ରୋଶ ମହିଳା ସମାବେଶରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ବୋଧନ ଦେଉଛନ୍ତି।

# ନାରୀ ଦେଶର ନୀତି ନିର୍ଦ୍ଧାରଣ କରିପାରିବେ: ମୁଖ୍ୟମନ୍ତ୍ରୀ

## ଭାଜପାର ଜନ-ଆକ୍ରୋଶ ମହିଳା ସମାବେଶ

ଭୁବନେଶ୍ୱର,୨୨।୪(ସୁନିତ୍ ମିଶ୍ର)

ନାରୀ ଶକ୍ତି ବନ୍ଦନ ଅଧିନିୟମକୁ ସଂସଦରେ ବାଧାପ୍ରାପ୍ତ କରି କଂଗ୍ରେସ ସମେତ ଅନ୍ୟାନ୍ୟ ବିରୋଧୀ ଦଳଗୁଡ଼ିକ ଦେଶର ଅଧା ଜନସଂଖ୍ୟା ସହ ବିଶ୍ୱାସଘାତକତା କରିଛନ୍ତି। ମହିଳାଙ୍କ ସାମ୍ବିଧାନିକ ଅଧିକାରକୁ ବିରୋଧୀ ହତ୍ୟା କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମହିଳାଙ୍କୁ ବିଧାନସଭା ଓ ଲୋକ ସଭାରେ ୩୩% ସଂରକ୍ଷଣ ଦେଇ ସେମାନଙ୍କୁ ନୀତି ନିର୍ଦ୍ଧାରଣ ପ୍ରକ୍ରିୟାରେ ସାମିଲକରିବାକୁ ଚାହୁଁଥିବାବେଳେ ବିରୋଧୀ ଦଳଗୁଡ଼ିକ ନିଜର ସଂକୀର୍ଣ୍ଣ ରାଜନୈତିକ ସ୍ୱାର୍ଥ ପାଇଁ ଏହାକୁ ବିଫଳ କରିଛନ୍ତି। ଏହା କେବଳ ଏକ ବିଲ୍‌ର ପରାଜୟ ନୁହେଁ, ବରଂ ମା' ମାନଙ୍କ ସ୍ୱପ୍ନର ଭ୍ରୂଣହତ୍ୟା। ଏହା ମୋଦିଙ୍କ ପରାଜୟ ନୁହେଁ, ଦେଶବ୍ୟାପୀ ମହିଳାଙ୍କ ପାଇଁ ଶକ୍ତ ଧକ୍କା। ବିଶେଷକରି କଂଗ୍ରେସ ଏବଂ ଅନ୍ୟ ବିରୋଧୀଦଳଗୁଡ଼ିକ କେବଳ ମହିଳାଙ୍କୁ ଭୋଟ ବ୍ୟାଙ୍କ ଭାବେ ବ୍ୟବହାର କରୁଥିବାବେଳେ ମୋଦି ସରକାର ସେମାନଙ୍କୁ ପ୍ରକୃତ ସଶକ୍ତୀକରଣ ପ୍ରଦାନ କରିବାକୁ ସଂକଳ୍ପବଦ୍ଧ। ଯେଉଁ ନାରୀ ପରିବାର ଚଳାଏ, ସେ ରାଷ୍ଟ୍ରର ନୀତି ନିର୍ଦ୍ଧାରଣ ମଧ୍ୟ କରିପାରିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟରେ ମହିଳାଙ୍କ ଆର୍ଥିକ ଆତ୍ମନିର୍ଭରଶୀଳତା ପାଇଁ 'ସୁଭଦ୍ରା ଯୋଜନା' ଏକ ଯୁଗାନ୍ତକାରୀ ପଦକ୍ଷେପ। ଏହାସହ ସେ ଘୋଷଣା କରିଛନ୍ତି ଯେ ଖୁବ୍‌ଶୀଘ୍ର 'ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ ଯୋଜନା' ଆରମ୍ଭ ହେବ, ଯେଉଁଥିରେ ଜନ୍ମ ସମୟରେ ୨୦ ହଜାର ଟଙ୍କା ଏବଂ ସ୍ନାତକ ଶେଷ ପରେ ୧ଲକ୍ଷ ୧ ଟଙ୍କା ପ୍ରଦାନ କରାଯିବ। ବିରୋଧୀ ଦଳର ନେତାମାନେ ପ୍ରଧାନମନ୍ତ୍ରୀ ଓ ନାରୀ ସମାଜ ପ୍ରତି ବ୍ୟବହାର କରୁଥିବା ଅଶୋଭନୀୟ ଭାଷାକୁ ମୁଖ୍ୟମନ୍ତ୍ରୀ ନିନ୍ଦାକରି କହିଛନ୍ତି। ବିରୋଧୀଙ୍କ ୯୯ଟି ପାପ ପୂର୍ଣ୍ଣ ହୋଇସାରିଛି, ୧୦୦ଟି ଗାଳି ପରେ ଶିଶୁପାଳର ଯାହା ଅବସ୍ଥା ହୋଇଥିଲା କଂଗ୍ରେସ ମଧ୍ୟ ସମାନ ଅବସ୍ଥା ଭୋଗିବାକୁ ଯାଉଛି। ବର୍ତ୍ତମାନର ଏହି ଆକ୍ରୋଶର ନିଆଁ ଗାଁରୁ ସହର ପର୍ଯ୍ୟନ୍ତ ବ୍ୟାପିବ ଏବଂ ଏହି ଜନ ଆକ୍ରୋଶରେ ବିରୋଧୀଙ୍କ ରାଜନୈତିକ ଭବିଷ୍ୟତ ଧୂଳିସାତ୍ ହୋଇଯିବ। ମହିଳାମାନେ ଚୁପ୍ ନ ରହି ନିଜ ଅଧିକାର ପାଇଁ ସ୍ୱର ଉତ୍ତୋଳନ କରିବାକୁ ସେ ଆହ୍ୱାନ କରିଛନ୍ତି। ପାର୍ଲାମେଣ୍ଟରେ କେନ୍ଦ୍ର ସରକାର ମହିଳା ସଂରକ୍ଷଣ ବିଲ୍ ଆଣିଥିବା ବେଳେ ସଂଖ୍ୟା ଅଭାବରୁ ଏହା ପାରିତ ☞ପୃଷ୍ଠା-୧୦

# 'ଓଡ଼ିଶା ସିଟି ଗ୍ୟାସ୍ ଡିଷ୍ଟ୍ରିବ୍ୟୁଶନ' ନୀତିକୁ ଅନୁମୋଦନ

## ୮ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍‌ର ମୋହର

ଭୁବନେଶ୍ୱର,୨୨।୪(ରବିନାରାୟଣ ଜେନା)

ରାଜ୍ୟରେ ରନ୍ଧନ ଗ୍ୟାସ୍ ସଙ୍କଟକୁ ଏଡ଼ାଇବା ସହିତ ଗମନାଗମନରେ ଉନ୍ନତି ଆଣିବା ଭଳି ବିଭିନ୍ନ ଦିଗକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ରାଜ୍ୟ କ୍ୟାବିନେଟ୍‌ରେ ବୁଧବାର ୮ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ଅନୁମୋଦନ ଦିଆଯାଇଛି। ଲୋକସେବା ଭବନର ତୃତୀୟ ମହଲାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକ ପରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଗଣମାଧ୍ୟମକୁ କହିଛନ୍ତି, ରାଜ୍ୟରେ ସ୍ୱଚ୍ଛ ଓ ସୁଦୂରପ୍ରସାରୀ ଶକ୍ତିର ବ୍ୟବହାରକୁ ବ୍ୟାପକ କରିବା ପାଇଁ ରାଜ୍ୟ କ୍ୟାବିନେଟ୍ 'ଓଡ଼ିଶା ସିଟି ଗ୍ୟାସ୍ ଡିଷ୍ଟ୍ରିବ୍ୟୁଶନ୍(ସିଜିଡି) ନୀତି'କୁ ଅନୁମୋଦନ କରିଛନ୍ତି। ଏହି ନୀତି ଦ୍ୱାରା ସାରାରାଜ୍ୟରେ ପାଇପ୍‌ଡ ନାଚୁରାଲ୍ ଗ୍ୟାସ୍(ପିଏନ୍‌ଜି) ଏବଂ କମ୍ପ୍ରେସନ୍ ନାଚୁରାଲ୍ ଗ୍ୟାସ୍(ସିଏନ୍‌ଜି) ଭିତ୍ତିଭୂମିର ସମ୍ପ୍ରସାରଣ ତ୍ୱରାନ୍ୱିତ ହେବ, ଯାହା ଜାତୀୟସ୍ତରର ସ୍ୱଚ୍ଛ ଇନ୍ଧନ ଅଭିଯାନ ସହ ସାମଞ୍ଜସ୍ୟ ରକ୍ଷା କରିବ।

ମୁଖ୍ୟ ସଚିବ କହିଛନ୍ତି, ପୂର୍ବରୁ ବିଭିନ୍ନ ସଂସ୍ଥାଠାରୁ ଅନୁମତି ପାଇବାରେ ହେଉଥିବା ବିଳମ୍ବ ଏବଂ ଏକ ସମନ୍ୱିତ ନୀତିର ଅଭାବ ଯୋଗୁ ପ୍ରକଳ୍ପ କାର୍ଯ୍ୟକାରୀ କରିବାରେ ବାଧା ସୃଷ୍ଟି ହେଉଥିଲା। ଏହି ନୂତନ ନୀତି ପ୍ରକ୍ରିୟାକୁ ସରଳୀକୃତ କରିବା ସହ ପ୍ରକଳ୍ପଗୁଡ଼ିକର ଶୀଘ୍ର ସମାପ୍ତିକୁ ନିଶ୍ଚିତ କରାଯାଇପାରିବ। ପିଏନ୍‌ଜି ଏବଂ ସିଏନ୍‌ଜି ଭିତ୍ତିଭୂମି ପାଇଁ ଏକ ସ୍ପଷ୍ଟ ତଥା ଦକ୍ଷ କାର୍ଯ୍ୟଖସଡ଼ା ପ୍ରସ୍ତୁତ ହେବ। ବିଭିନ୍ନ ବିଭାଗୀୟ ଅନୁମତି ପ୍ରକ୍ରିୟାକୁ ସହଜ କରିବା ଏବଂ ସ୍ୱଚ୍ଛ ଜାଳେଣିର ବ୍ୟବହାରକୁ ପ୍ରୋତ୍ସାହିତ କରିବାରେ ଏହା ସହାୟକ ହେବ। ସିଟି ଗ୍ୟାସ୍ ଡିଷ୍ଟ୍ରିବ୍ୟୁଶନ୍ ପ୍ରକଳ୍ପଗୁଡ଼ି ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ ହୋଇପାରିବ। ପ୍ରକଳ୍ପ ସମ୍ପର୍କରେ ଠିକ୍ ପରିଚାଳନା ମାଧ୍ୟମରେ ନିରାପଦ ଏବଂ ନିରନ୍ତର ଗ୍ୟାସ୍ ଯୋଗାଣ ନିଶ୍ଚିତ କରିବା। 'ସ୍ୱଚ୍ଛ ଭାରତ ମିଶନ' ଅନ୍ତର୍ଗତ କମ୍ପ୍ରେସ୍‌ଡ ବାୟୋ ଗ୍ୟାସ୍(ସିବିଜି) ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ଆବଶ୍ୟକ ସମନ୍ୱୟ ରକ୍ଷା କରିବ।

### ଅନ୍ୟ ପ୍ରମୁଖ ନିଷ୍ପତ୍ତି

- ଓଡ଼ିଶା ରାଜ୍ୟ ଡାଟା ନୀତି ୨.୦କୁ ଅନୁମୋଦନ
- କାଠଯୋଡ଼ି ନଦୀ ଉପରେ ହେବ ନୂଆ ବ୍ରିଜ୍, ଜୁଡିସିଆଲ ଏକାଡେମୀ ସହ ତ୍ରିଶୁଳିଆକୁ ଯୋଡ଼ିବ
- ବଲାଙ୍ଗୀରରେ ପ୍ରତିଷ୍ଠା ହେବ ଅତ୍ୟାଧୁନିକ ସୂତା ଉତ୍ପାଦନ ୟୁନିଟ୍
- ଆପାର୍ଟମେଣ୍ଟ ପଞ୍ଜୀକରଣ ରାଶି କମିଲା

(ଅଧିକ ରିପୋର୍ଟ ପୃଷ୍ଠା-୫)

ମୁଖ୍ୟ ସଚିବ କହିଛନ୍ତି, ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଏଥିପାଇଁ ନୋଡାଲ ଏଜେନ୍ସି ଭାବେ କାର୍ଯ୍ୟ କରିବ। ଏହାର ସଫଳ ରୂପାୟନ ପାଇଁ ରାଜ୍ୟସ୍ତରୀୟ ଉଚ୍ଚାଧିକାରୀ କମିଟି ଏବଂ ☞ପୃଷ୍ଠା-୧୦

# ୪ ଜନଗଣନାକାରୀଙ୍କୁ ଆକ୍ରମଣ

## ରାସୋଲରେ ଜନଗଣନା ଅଧିକାରୀ କହି ସୁନାଚେନ୍ ଲୁଟିଲେ

ଢେଙ୍କାନାଳ, କାମାକ୍ଷାନଗର, ରାସୋଳ, ୨୨।୪ (ରତନ ନାୟାର/ ସୁଧୀର କୁମାର ପରିଡ଼ା/ସରୋଜ ମିଶ୍ର)

ଗତ ୧୬ ତାରିଖରୁ ରାଜ୍ୟରେ ଘରକୁ ଘର ବୁଲି ଜନଗଣନା ଚାଲିଛି। ଏଥିରେ ସାମିଲ ହୋଇଥିବା ଅଧିକାରୀମାନେ ଲୋକମାନଙ୍କ ତଥ୍ୟ, ସମ୍ପତ୍ତି ବିବରଣୀ, ବାସସ୍ଥାନ ସମ୍ପର୍କିତ ତଥ୍ୟ ଆଦି ସଂଗ୍ରହ କରୁଛନ୍ତି। ହେଲେ କିଛି ସ୍ଥାନରେ ଅପ୍ରୀତିକର ସ୍ଥିତି ଦେଖିବାକୁ ମିଳୁଛି। କେଉଁଠାରେ ଜନଗଣନା କାର୍ଯ୍ୟରେ ନିୟୋଜିତ ଅଧିକାରୀମାନେ ଲୋକଙ୍କ ଆକ୍ରୋଶର ଶିକାର ହେଉଛନ୍ତି ତ' ଆଉ କେଉଁଠି ସମ୍ପୃକ୍ତ ଅଧିକାରୀଙ୍କ ବ୍ୟବହାରରେ ଲୋକମାନେ ଅତିଷ୍ଠ ହେଉଛନ୍ତି। ବୁଧବାର ଢେଙ୍କାନାଳ ଜିଲା କାମାକ୍ଷାନଗରରେ ଜନଗଣନା ଅଧିକାରୀମାନେ ଆକ୍ରମଣର ଶିକାର ହୋଇଥିବାବେଳେ ରାସୋଳରେ ଜନଗଣନା ଅଧିକାରୀ କହି ସୁନାଚେନ୍ ଲୁଟି ନେଇଥିବା ଅଭିଯୋଗ ହୋଇଛି।

ଢେଙ୍କାନାଳ ଜିଲା କାମାକ୍ଷାନଗର ଏନ୍‌ଏସି ୩ ନମ୍ବର ୱାର୍ଡ ମହିମାନଗର ସାହିରେ ବୁଧବାର ସକାଳେ ଜନଗଣନା କରିବାକୁ ଯାଇଥିବା ୪ଜଣ ଅଧିକାରୀଙ୍କୁ ଗୋଟିଏ ପରିବାରର ବାପା ଓ ଦୁଇ ପୁଅ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହିତ ମରଣାନ୍ତକ ଆକ୍ରମଣ ☞ପୃଷ୍ଠା-୧୦

# ଡଲାର ତୁଳନାରେ ଟଙ୍କା ମୂଲ୍ୟରେ ୩୪ ପଇସା ହ୍ରାସ

## ୧ ଡଲାର : ୯୩.୭୮ ଟଙ୍କା

ମୁମ୍ବାଇ, ୨୨।୪ (ପି.ଟି.)

ବିଶ୍ୱ ବଜାରରେ ଅଶୋଧିତ ତୈଳ ଦର ବୃଦ୍ଧି ଏବଂ ଆମେରିକା-ଇରାନ୍ ମଧ୍ୟରେ ଜାରି ରହିଥିବା ଯୁଦ୍ଧ ପରିସ୍ଥିତି ଯୋଗୁ ଭାରତୀୟ ମୁଦ୍ରା 'ଟଙ୍କା'ର ମୂଲ୍ୟରେ ବଡ଼ ହ୍ରାସ ଘଟିଛି। ବୁଧବାର କ୍ରମାଗତ ତୃତୀୟ ଦିନ ପାଇଁ ଟଙ୍କାର ମୂଲ୍ୟ ହ୍ରାସ ପାଇ ଆମେରିକୀୟ ଡଲାର ତୁଳନାରେ ୩୪ ପଇସା କମି ୯୩.୭୮ ସ୍ତରରେ ବନ୍ଦ ହୋଇଛି। ଏହା ଏବେ ୯୪ର ଐତିହାସିକ ସ୍ତର ଆଡ଼କୁ ଗତି କରୁଛି।

ଆମେରିକା ଏବଂ ଇରାନ୍ ମଧ୍ୟରେ ଶାନ୍ତି ଆଲୋଚନାକୁ ନେଇ ଦେଖାଦେଇଥିବା ଅନିଶ୍ଚିତତା ଏବଂ ହର୍ମୁଜ୍ ପ୍ରଣାଳୀରେ ଜାହାଜ ଉପରେ ହୋଇଥିବା ଆକ୍ରମଣ ପରିସ୍ଥିତିକୁ ଜଟିଳ କରିଛି। ଏହାର ପ୍ରଭାବରେ ବ୍ରେଣ୍ଟ କ୍ରୁଡ୍ ମୂଲ୍ୟ ପ୍ରାୟ ୧.୨୯% ବୃଦ୍ଧି ପାଇ ବ୍ୟାରେଲ ପିଛା ୯୯.୭୫ ଡଲାରରେ ପହଞ୍ଚିଛି। ଭାରତୀୟ ଶେୟାର ବଜାରରେ ପ୍ରବଳ ବିକ୍ରି ଏବଂ ବିଦେଶୀ ପୁଞ୍ଜି ପ୍ରତ୍ୟାହାର ଯୋଗୁ ଟଙ୍କା ଉପରେ ଚାପ ପଡ଼ିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏକ ସାକ୍ଷାତ୍‌କାରରେ ଧମକ ଦେଇଛନ୍ତି ଯେ, ଯଦି ନିର୍ଦ୍ଧାରିତ ସମୟ ମଧ୍ୟରେ କୌଣସି ଶାନ୍ତି ଚୁକ୍ତି ନ ହୁଏ, ତେବେ ସେ ଇରାନ ଉପରେ ପୁଣି ଥରେ ବୋମା ମାଡ଼ କରିବାକୁ ପ୍ରସ୍ତୁତ ଅଛନ୍ତି। ଏହି ବୟାନ ପରେ ବିଶ୍ୱ ବଜାରରେ ଭୟର ବାତାବରଣ ଖେଳିଯାଇଛି। ବୁଧବାର କାରବାର ଆରମ୍ଭ ସମୟରେ ଡଲାର ତୁଳନାରେ ଟଙ୍କାର ମୂଲ୍ୟ ୯୩.୬୯ ଥିଲା। କାରବାର ଶେଷ ବେଳକୁ ୯୩.୭୮ ରେ ସ୍ଥିର ହୋଇଛି। ବମ୍ବେ ଷ୍ଟକ ଏକ୍ସଚେଞ୍ଜର ସେନ୍‌ସେକ୍ସ ପ୍ରାୟ ୭୫୬ ପଏଣ୍ଟ ହ୍ରାସ ପାଇ ୭୮,୫୧୬ ରେ ବନ୍ଦ ହୋଇଛି। ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜର ନିଫ୍ଟି ୧୯୮ ପଏଣ୍ଟ ଖସି ୨୪,୩୭୮ ସ୍ତରରେ ରହିଛି।

# ଆଉ ଦେବାକୁ ପଡ଼ିବନି ପ୍ରଫେସନାଲ ଟାକ୍ସ

## ଆଇନ ବିଭାଗର ଅଧ୍ୟାଦେଶ

ଭୁବନେଶ୍ୱର,୨୨।୪(ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ପକ୍ଷରୁ ବୃତ୍ତିଗତ ଟିକସ(ପ୍ରଫେସନାଲ ଟାକ୍ସ)କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାଦେଶ ଅଣାଯାଇଛି। ଏ ସଂକ୍ରାନ୍ତରେ ଆଇନ ବିଭାଗ ପକ୍ଷରୁ ମଙ୍ଗଳବାର ଜାରି କରାଯାଇଥିବା ଅଧ୍ୟାଦେଶରେ କୁହାଯାଇଛି, ଓଡ଼ିଶା ସରକାର ୨୦୦୦ ମସିହାର ପ୍ରଫେସନ୍ ଟାକ୍ସ ଆଇନକୁ ରଦ୍ଦ କରିଦେଇଛନ୍ତି। ଏହି ନୂତନ ଅଧ୍ୟାଦେଶ ଏପ୍ରିଲ ପହିଲାରୁ ଲାଗୁହେବ ବୋଲି ଅଧ୍ୟାଦେଶରେ ଦର୍ଶାଯାଇଛି।

ସଂପ୍ରତି ବିଧାନସଭାର ଅଧିବେଶନ ନ ଥିବାରୁ ଏହାର ଆବଶ୍ୟକତାକୁ ଅନୁଭବ କରି ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ଅଧ୍ୟାଦେଶ ଅଣାଯାଇଛି। ଏଣିକି ଓଡ଼ିଶାରେ ବୃତ୍ତି, ଚାକିରି କିମ୍ବା ବ୍ୟବସାୟ ଉପରେ ରାଜ୍ୟ ସରକାର 'ପ୍ରଫେସନାଲ ଟାକ୍ସ' ନେବେନାହିଁ। ଯେଉଁମାନେ ପୂର୍ବରୁ ଏହି କର ଦେଉଥିଲେ, ସେମାନଙ୍କୁ ଆଉ ଆଗକୁ ଦେବାକୁ ପଡ଼ିବ ନାହିଁ। ମାତ୍ର ପୂର୍ବରୁ ଯେଉଁ କର ଦିଆଯାଇଛି, ରିଟର୍ନ ଦାଖଲ ହୋଇଛି କିମ୍ବା କେସ୍ ଚାଲିଛି ସେଗୁଡ଼ିକ ବାତିଲ କରାଯିବ ନାହିଁ। ସେଗୁଡ଼ିକ ପୁରୁଣା ନିୟମ ଅନୁଯାୟୀ ଚାଲିବ ବୋଲି ଅଧ୍ୟାଦେଶରେ ରାଜ୍ୟପାଳ ଡ. ହରିବାବୁ କମ୍ଭମ୍‌ପାଟି ଦର୍ଶାଇଛନ୍ତି।

# ଡାର୍କ ମ୍ୟାଟର ରହସ୍ୟ ଖୋଜିବ 'ରୋମାନ ସ୍ପେସ୍ ଟେଲିସ୍କୋପ୍'

## 'ହବଲ୍'ଠାରୁ ୧୦୦ ଗୁଣ ଅଧିକ ଶକ୍ତିଶାଳୀ

ମେରିଲ୍ୟାଣ୍ଡ, ୨୨।୪ (ଆମେରିକା)




ମହାକାଶ ବିଜ୍ଞାନ କ୍ଷେତ୍ରରେ ଏକ ନୂତନ ଅଧ୍ୟାୟ ଆରମ୍ଭ କରିବାକୁ ଯାଉଛି ଆମେରିକୀୟ ମହାକାଶ ସଂସ୍ଥା 'ନାସା'। ବ୍ରହ୍ମାଣ୍ଡର ଗୁପ୍ତ ରହସ୍ୟ 'ଡାର୍କ ମ୍ୟାଟର' ଏବଂ 'ଡାର୍କ ଏନର୍ଜି' ଉପରେ ଗବେଷଣା କରିବା ସହ ସୌରମଣ୍ଡଳ ବାହାରେ ଥିବା ଅନେକ ହଜାର ନୂଆ ଗ୍ରହର ସନ୍ଧାନ କରିବା ପାଇଁ ନାସା ମଙ୍ଗଳବାର ତା'ର ଅତ୍ୟାଧୁନିକ 'ନାନ୍ସି ଗ୍ରେସ୍ ରୋମାନ' ସ୍ପେସ୍ ଟେଲିସ୍କୋପ୍‌କୁ ଉନ୍ମୋଚନ କରିଛି।

ଆମେରିକାର ମେରିଲ୍ୟାଣ୍ଡସ୍ଥିତ ଗୋଡାର୍ଡ ସ୍ପେସ୍ ଫ୍ଲାଇଟ୍ ସେଣ୍ଟରରେ ଆୟୋଜିତ ଏକ ସମ୍ମିଳନୀରେ ନାସା ପ୍ରଶାସକ ଜେରେଡ ଆଇଜାକମ୍ୟାନ କହିଛନ୍ତି, ରୋମାନ ଟେଲିସ୍କୋପ୍ ପୃଥିବୀକୁ ବ୍ରହ୍ମାଣ୍ଡର ଏକ ନୂଆ ଆଟଲାସ ବା ମାନଚିତ୍ର ପ୍ରଦାନ କରିବ। ପ୍ରାୟ ୧୨ ମିଟର (୩୯ ଫୁଟ) ଲମ୍ବର ଏହି ରୂପେଲି ରଙ୍ଗର ଟେଲିସ୍କୋପ୍‌ଟି ବିଶାଳ ସୋଲାର ପ୍ୟାନେଲ ସହିତ ସଜ୍ଜିତ ହୋଇଛି। ପ୍ରାୟ ୩୬ ବର୍ଷ ପୂର୍ବେ ମହାକାଶକୁ ଯାଇଥିବା 'ହବଲ୍' ଟେଲିସ୍କୋପ ତୁଳନାରେ ଏହାର ଦୃଶ୍ୟ କ୍ଷମତା ଅତିକମ୍‌ରେ ୧୦୦ ଗୁଣ ଅଧିକ। ଏହା ଆକାଶର ଏକ ବିଶାଳ ଅଂଶକୁ ଏକାଥରେ ସ୍କାନ୍ କରିପାରିବ। ଏହି ଟେଲିସ୍କୋପ ପ୍ରତିଦିନ ୧୧ ଟେରାବାଇଟ (୧୧ ଟିବି) ଡାଟା ପୃଥିବୀକୁ ପଠାଇବ। ବୈଜ୍ଞାନିକଙ୍କ ମତରେ, ବ୍ରହ୍ମାଣ୍ଡର ପ୍ରାୟ ୯୫ ପ୍ରତିଶତ ଅଂଶ ଡାର୍କ ମ୍ୟାଟର ଏବଂ ଡାର୍କ ଏନର୍ଜି ଦ୍ୱାରା ଗଠିତ, ଯାହା ଏପର୍ଯ୍ୟନ୍ତ ଅଦୃଶ୍ୟ ହୋଇ ରହିଛି। ଏହା ଏକ ଗ୍ଲୁ (ଅଠା) ପରି କାମ କରେ, ଯାହା ଗାଲାକ୍ସିଗୁଡ଼ିକୁ ବାନ୍ଧି ରଖିଥାଏ। ଏହା ଗାଲାକ୍ସିଗୁଡ଼ିକୁ ପରସ୍ପରଠାରୁ ଦୂରେଇ ନେଇ ବ୍ରହ୍ମାଣ୍ଡକୁ ସମ୍ପ୍ରସାରିତ କରିଥାଏ। ରୋମାନ ଟେଲିସ୍କୋପ ତା'ର ଇନଫ୍ରାରେଡ୍ ଦୃଷ୍ଟିଶକ୍ତି ବ୍ୟବହାର କରି ବହୁ କୋଟି ବର୍ଷ ପୂର୍ବରୁ ଆସୁଥିବା ଆଲୋକକୁ ଅନୁଧ୍ୟାନ କରିବ ଏବଂ ବ୍ରହ୍ମାଣ୍ଡର ଇତିହାସ ଖୋଲିବ।

No. 10001/78/2627

ଅଂଶୁଘାତ ସତର୍କତା

ଲକ୍ଷଣ
- ପ୍ରବଳ ଝାଳ ବୋହିବା
- ମୁଣ୍ଡ ବୁଲାଇ ଅନ୍ଧାର ଦିଶିବା ଓ ବାନ୍ତି ଲାଗିବା
- ପ୍ରବଳ ଶୋଷ ଲାଗିବା
- ମାଂସପେଶୀ ଟାଣି ହେବା
- ଚର୍ମ ଶୁଷ୍କ, ଲାଲ୍ ଓ ଉତ୍ତପ୍ତ ହେବା
- ଅଚେତ ହେବା କିମ୍ବା ବାତ ମାରିବା



ସତର୍କତା
- ଦିନ ୧୧ଟା ରୁ ୩ଟା ମଧ୍ୟରେ ଖରା ତାତି ଅଧିକ ଥାଏ। ଏହି ସମୟ ମଧ୍ୟରେ ବାହାରକୁ ଯାଆନ୍ତୁ ନାହିଁ। ଜରୁରୀ କାମ ଥିଲେ ବାହାରକୁ ଯିବା ପୂର୍ବରୁ ଯଥେଷ୍ଟ ପାଣି ପିଅନ୍ତୁ ଓ ସାଥିରେ ଛତା, ଚପଲ ଓ ପିଇବା ପାଣି ନିଅନ୍ତୁ
- ଧଳା ରଙ୍ଗର ଢ଼ିଲା ପୋଷାକ, ଛତା ଓ ଜୋତା ବ୍ୟବହାର କରନ୍ତୁ
- ମଝିରେ ମଝିରେ ଛାଇରେ ବିଶ୍ରାମ ନିଅନ୍ତୁ
- ଖରାରେ କଠିନ ପରିଶ୍ରମ କରନ୍ତୁ ନାହିଁ/ ଅଧିକ ଦୂର ଚାଲନ୍ତୁ ନାହିଁ
- କୌଣସି ପ୍ରକାର ମାଦକ ଦ୍ରବ୍ୟ ସେବନ କରନ୍ତୁ ନାହିଁ

ପ୍ରତିକାର
- ଅଂଶୁଘାତ ଆକ୍ରାନ୍ତଙ୍କୁ ଖୋଲା ଓ ଥଣ୍ଡା ଯାଗାକୁ ନେଇଯାଆନ୍ତୁ, ଓ.ଆର୍.ଏସ୍./ ଚିନି ଲୁଣ ସର୍ବତ/ ସାଦାପାଣି ପିଆନ୍ତୁ
- ପୋଷାକ ଯଥାସମ୍ଭବ ଖୋଲି ଦିଅନ୍ତୁ
- ମୁଣ୍ଡ ଧୋଇ ଦିଅନ୍ତୁ, ଓଦା କପଡ଼ାରେ ପୋଛନ୍ତୁ
- ରୋଗୀକୁ ପଙ୍ଖା/ କୁଲର/ ଏସି ପବନରେ ଶୁଆଇ ଦିଅନ୍ତୁ ଓ ପାଣି ସିଞ୍ଚନ କରନ୍ତୁ
- ଅବସ୍ଥାରେ ଉନ୍ନତି ନହେଲେ ତୁରନ୍ତ ଡ଼ାକ୍ତରଖାନା ନେଇ ଚିକିତ୍ସା କରାନ୍ତୁ

ବୟସ୍କ ତଥା ଅସୁସ୍ଥ ବ୍ୟକ୍ତି ଏବଂ ଗର୍ଭବତୀ ମହିଳାଙ୍କ ପାଇଁ ଅଂଶୁଘାତର ଆଶଙ୍କା ଅଧିକ

OIPR-10001/10003/2/26-27/0006

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର
facebook.com/HFWOdisha
@HFWOdisha
http://www.health.odisha.gov.in/

ପ୍ରତ୍ୟେକ ବ୍ୟକ୍ତି ଭିତରେ କିଛି ଦିବ୍ୟଗୁଣ ଓ କିଛି ସ୍ୱକୀୟ ବିଶେଷତ୍ୱ ରହିଛି। ଯେତେ କ୍ଷୁଦ୍ର ପରିସର ଭିତରେ ଜଣେ ରହିଥାଉ ନା କାହିଁକି, ପୂର୍ଣ୍ଣତା ଓ ସାମର୍ଥ୍ୟ ହାସଲ ଲାଗି ତା'ପାଇଁ ମଧ୍ୟ ଏକ ଭଗବତ ସୁଯୋଗ ରହିଛି। ... କର୍ତ୍ତବ୍ୟ ହେଲା– ତାକୁ ଠାବ କରିବା, ବିକଶିତ କରିବା ଓ ପ୍ରୟୋଗ କରିବା। –ଶ୍ରୀମା



# ଶାକାହାରୀ ଦୟାଳୁ କି



ଦେବଦତ୍ତ ପଟ୍ଟନାୟକ

ନାଥୁରାମ ଗଡ୍‌ସେ ମହାତ୍ମା ଗାନ୍ଧୀଙ୍କୁ ହତ୍ୟା କରିଥିଲେ। ସେ କ'ଣ ଶାକାହାରୀ ଥିଲେ କି? ହିନ୍ଦୁ ପୁରାଣ ଅନୁଯାୟୀ, ପର୍ଶୁରାମ ଅନେକ ପିଢ଼ିର କ୍ଷତ୍ରିୟଙ୍କୁ ହତ୍ୟା କରିଥିଲେ। ସେ କ'ଣ ଶାକାହାରୀ ଥିଲେ? ଜୈନ ପୁରାଣ ଅନୁଯାୟୀ, ଆକବର ଓ ଔରଙ୍ଗଜେବ ଶାକାହାରବାଦକୁ ଗ୍ରହଣ କରିଥିଲେ। ତେବେ ତାହା କ'ଣ ସେମାନଙ୍କୁ ଅହିଂସକ କରିଥିଲା କି? ମାଂସ ଆହାର କଲେ ଲୋକମାନେ ହିଂସକ ହୋଇଯାଆନ୍ତି ବୋଲି ରାଜନୀତିଜ୍ଞମାନେ ଦାବି କରୁଥିଲା ବେଳେ ଏହିସବୁ ପ୍ରଶ୍ନ ପରପିଢ଼ିର ଐତିହାସିକ ଓ ବୈଜ୍ଞାନିକଙ୍କୁ ପଚାରିବା ଦରକାର।

ଏହାର ବିପରୀତ କ'ଣ ସତ? ଶାକାହାରୀମାନେ କ'ଣ ଦୟାଳୁ? ଶାକାହାରୀମାନେ ହତ୍ୟାକାରୀ ହେବାର ସମ୍ଭାବନା କମ୍ ରହିଛି କି? ତେବେ ଶାକାହାର ଖାଦ୍ୟ ଖାଇଲେ ଜଣେ ବ୍ୟକ୍ତି ନୈତିକ ରୂପରେ ଶ୍ରେଷ୍ଠ, ସରଳ କିମ୍ବା ଦୟାଳୁ ହୋଇଥାଏ ବୋଲି କୌଣସି ବୈଜ୍ଞାନିକ ଗବେଷଣାରୁ ସିଦ୍ଧ ହୋଇନାହିଁ। ତଥାପି ଭାରତରେ ଏହି ବିଶ୍ୱାସ ରହିଛି ଯେ, ଶାକାହାରୀମାନେ ଭଲ ଲୋକ, ଯେଉଁମାନେ ଆଧ୍ୟାତ୍ମିକତା ସହ ଗଭୀର ଭାବେ ଜଡ଼ିତ ଓ ଅଧ୍ୟାତ୍ମବାଦୀ ବୋଲି ଗର୍ବ କରିଥାନ୍ତି।

ଶାକାହାରବାଦ ସହ ଜୈନ, ବ୍ରାହ୍ମଣ, ବୈଶ୍ୟ ଓ ଶୈବ ଉପାସକଙ୍କର ସମ୍ପର୍କ ରହିଛି। ଏପରିକି ପବିତ୍ରତାର ବିଚାର ଥିଲେ ମଧ୍ୟ କଶ୍ମୀରୀ, ମୈଥିଲୀ, ବେଙ୍ଗଲୀ ଏବଂ ଓଡ଼ିଆ ବ୍ରାହ୍ମଣମାନେ ମାଂସ ଖାଇଥାନ୍ତି। ଯେଉଁମାନଙ୍କୁ ଅସ୍ପୃଶ୍ୟ ଏବଂ ଅପବିତ୍ର ସମୁଦାୟ ଯଥା ଆଦିବାସୀ, ଦଳିତ, ଚଣ୍ଡାଳ ଓ ଅତିଶୂଦ୍ର ବୋଲି କୁହାଯାଉଛି, ସେମାନେ ବିଶେଷକରି ମାଂସ ଖାଉଥିଲେ। ସମୟକ୍ରମେ, ଖାଦ୍ୟ ଜାତିର ପ୍ରତୀକ ହୋଇଯାଇଛି। ଉଚ୍ଚଜାତିର ଉତ୍ପୀଡ଼କଙ୍କୁ ଆତ୍ମସଂଯମୀ, ଅଧ୍ୟାତ୍ମବାଦୀ ତଥା ଅହିଂସା ଅନୁଗାମୀ ଭାବେ ଦେଖାଗଲା। ସମାଜରେ ଦମିତ ହୋଇ ରହୁଥିବା ନୀଚ ଜାତିର ଲୋକଙ୍କୁ ଆକ୍ରାମକ, ଏପରିକି ବିପଜ୍ଜନକ ବୋଲି ଗଣାଗଲା। ଏହି ଦୁଇପ୍ରକାର ବିଚାର ଲଗାତର ଭାବରେ ସାମାଜିକ ଦୃଷ୍ଟିକୋଣକୁ ଗଢ଼ିବାରେ ଲାଗିଲା। ତେବେ ଗାନ୍ଧିଜୀ ତାଙ୍କ ଆଶ୍ରମରେ ମାଂସ ଖାଇବା ଉପରେ କଟକଣା ଲଗାଇ ଶାକାହାର ବିଚାରକୁ ପ୍ରୋତ୍ସାହିତ କରିଥିଲେ। ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆର୍‌ଏସ୍‌ଏସ୍) ମଧ୍ୟ ହିନ୍ଦୁଙ୍କୁ ଏକାଠି କରିବାର ପ୍ରୟାସ କରୁଛି ଏବଂ ତାହାର ମଧ୍ୟ ଶୁଦ୍ଧ ଶାକାହାର କ୍ୟାଣ୍ଟିନ ରହିଛି।

ବାସ୍ତବତା କିନ୍ତୁ ଅତି ଜଟିଳ। ଜଣେ ଶାକାହାରୀ ବ୍ୟବସାୟୀ ବି ଉପକୂଳରେ ହେନ୍ତାଳ ବନ ନଷ୍ଟ କରୁଥିବା, ଆଣ୍ଡାମାନରେ ଜଙ୍ଗଲ କାଟିବା, ଆରାବଲିରେ ବିସ୍ଫୋରଣ କରି ପାହାଡ଼ ଫଟାଇବା କିମ୍ବା ଭଙ୍ଗୁରଶୀଳ ହିମାଳୟ ପର୍ବତାଞ୍ଚଳରେ ଭିତ୍ତିଭୂମିକୁ ନଷ୍ଟ କରୁଥିବା ଭଳି ପ୍ରୋଜେକ୍ଟକୁ



ସ୍ୱୀକୃତି ଦେଇପାରନ୍ତି। ଏହିସବୁ କାର୍ଯ୍ୟ ପରିସଂସ୍ଥାକୁ କ୍ଷତି କରେ, ବିଭିନ୍ନ ସମୁଦାୟର ଲୋକଙ୍କୁ ବିସ୍ଥାପିତ କରିଥାଏ ଏବଂ ପ୍ରାଣୀ ଜୀବନକୁ ସମୂଳେ ଧ୍ୱଂସ କରି ଦେଇଥାଏ। କିନ୍ତୁ ଏସବୁକୁ ହିଂସା ବୋଲି କୁହାଯାଇ ନ ଥାଏ, ବରଂ ସେଗୁଡ଼ିକୁ ବିକାଶ କୁହାଯାଏ। ଖାଦ୍ୟ ପାଇଁ ଛେଳିହତ୍ୟାକୁ ନିନ୍ଦା କରାଯାଏ, ଏପରିକି ଅନେକ ହଜାର ଏକର ଜଙ୍ଗଲ ସଫା କରିବାକୁ ବି ଯୁକ୍ତିଯୁକ୍ତ ବୋଲି ଦର୍ଶାଯାଏ। ଏହି ନୈତିକ ମତଭେଦ ବା ଅସଙ୍ଗତିକୁ ଦେଖିଲେ ଆଶ୍ଚର୍ଯ୍ୟ ଲାଗେ। ପରିସଂସ୍ଥାକୁ ନଷ୍ଟ କରୁଥିବା କାର୍ଯ୍ୟରେ ସଂଶ୍ଳିଷ୍ଟ ରହି ଅନେକେ ଦୃଢ଼ତାର ସହ ବିଶ୍ୱାସ କରନ୍ତି ଯେ, ଗୋଟିଏ ଶାକାହାର ରୋଷଘର ପରିଚାଳନା କରିବା, ମନ୍ଦିର ଗଢ଼ିବା, ବିଭିନ୍ନ ଧର୍ମୀୟ ଉତ୍ସବକୁ ପାଣ୍ଠି ଯୋଗାଇବା ଏବଂ ଗୁରୁମାନଙ୍କୁ ସମର୍ଥନ କରି ଆଧ୍ୟାତ୍ମିକ ପୁଣ୍ୟ ପ୍ରାପ୍ତି ହୋଇପାରିବ।

ଆମେ ଯଦି ପୁରାତନ ଗ୍ରନ୍ଥଗୁଡ଼ିକୁ ଦେଖିବା, ତେବେ ଦୃଶ୍ୟପଟ ପରିବର୍ତ୍ତନ ହୋଇଥିବା ଲକ୍ଷ୍ୟ କରିପାରିବା। ବୈଦିକ କର୍ମକାଣ୍ଡରେ ପ୍ରାଣୀ ବଳିପ୍ରଥା ରହିଥିଲା। ଘୋଡ଼ା ମାଂସ, ଛେଳି ମାଂସ ଏବଂ ଅନ୍ୟ ପ୍ରାଣୀ ମାଂସ ବିଷୟରେ ବର୍ଣ୍ଣନା କରାଯାଇଛି। ତା'ପରବର୍ତ୍ତୀ ଗ୍ରନ୍ଥଗୁଡ଼ିକରେ ଏହିସବୁ ପରମ୍ପରା ଉପରେ ଆଲୋଚନା କରାଯାଇ ସେଗୁଡ଼ିକୁ ପୁନଃ ବ୍ୟାଖ୍ୟା କରାଯାଇଛି କିମ୍ବା ଏହାକୁ ପ୍ରତୀକାତ୍ମକ ସମର୍ପଣର ଏକ ମାତ୍ର ବିକଳ୍ପ ରୂପେ ଦର୍ଶାଯାଇଛି। ଜୈନ ଧର୍ମଶାସ୍ତ୍ର ଯୁକ୍ତି ଅନୁଯାୟୀ, ପ୍ରାଣୀମାନେ ମାନବ ରୂପେ ପୁନର୍ଜନ୍ମ ଲାଭ କରିପାରନ୍ତି। ଏଣୁ ପ୍ରାଣୀମାଂସ ଖାଇବା ନରମାଂସ ଭକ୍ଷଣ ସଦୃଶ। ବୈଦିକ ଶତପଥ ବ୍ରାହ୍ମଣରେ, ଭୃଗୁଙ୍କ ସ୍ୱପ୍ନ ଅନୁଯାୟୀ, ଏହି ଜନ୍ମରେ ଆମେ ଗଛକୁ ଖାଇଲେ ପରଜନ୍ମରେ ସେ ଆମକୁ ଖାଏ। ଗଛମାନଙ୍କର ବି ଜୀବନ ଅଛି। ଇସ୍‌ଲାମ ଲୋକକଥାରେ ଏକ କାହାଣୀ ଅଛି ଏବଂ ଏଥିରେ ବର୍ଣ୍ଣନା କରାଯାଇଛି ଯେ, ହଲାଲ ଖାଦ୍ୟ ଖାଇଲେ ହାରାମ କାର୍ଯ୍ୟ (ଖରାପ କାମ)ର ପ୍ରାୟଶ୍ଚିତ୍ତ ହୁଏ ନାହିଁ। ଏଠାରେ ମଧ୍ୟ ସମାନ ପ୍ରକାର ଯୁକ୍ତି ରଖାଯାଇପାରେ। ଏକ ଶାକାହାର ଖାଦ୍ୟ ସ୍ୱତଃ ଲୋଭ, ନକାରାତ୍ମକ ପ୍ରବୃତ୍ତି କିମ୍ବା ଶୋଷଣ ଭାବନାକୁ ଦୂର କରେ ନାହିଁ। ନୈତିକ, ଧର୍ମୀୟ କିମ୍ବା ଭଲ ଜୀବନ କେବଳ କର୍ମ ନିୟମର ଏକ ସୂଚୀ ନୁହେଁ, ବରଂ ଏହା ଚରିତ୍ର, ବିବେକ ତଥା ଅନ୍ତର୍ଗୁଣର ବିକାଶ ଉପରେ ନିର୍ଭର କରେ।

ଭାରତର ଇତିହାସରେ ଅଛି, ଶାକାହାରୀ ବ୍ୟାଙ୍କର୍ ଏବଂ ବଣିକମାନେ ଇସ୍‌ଲାମିକ ସୁଲତାନ ଏବଂ ଇଷ୍ଟ ଇଣ୍ଡିଆ କମ୍ପାନୀକୁ ପାଣ୍ଠି ଯୋଗାଉଥିଲେ। ସେମାନେ ବ୍ୟବସ୍ଥା ମାଧ୍ୟମରେ ଧନ ଲାଭ କରି ଯୁଦ୍ଧ କରିବାକୁ ସକ୍ଷମ ହେଲେ ଏବଂ ବିଜୟୀ ହୋଇଥିଲେ। କ୍ଷମତା ରାଜନୀତିରେ ଭାଗ ନେବାର ପ୍ରବୃତ୍ତିକୁ ଖାଦ୍ୟ ରୋକି ପାରି ନ ଥିଲା। ସପ୍ତଦଶ ଶତାବ୍ଦୀରେ ରାଜପୁତ ଦରବାରରେ ନିର୍ଦ୍ଦିଷ୍ଟ ବୈଷ୍ଣବ ଓ ଜୈନ ଗୋଷ୍ଠୀ ଶାକାହାର କ୍ଷମତା ମାଧ୍ୟମରେ ହିନ୍ଦୁ ପରିଚୟ ନିର୍ଦ୍ଧାରଣ କରିବା ଆରମ୍ଭ କରିଥିଲେ। ସମୟକ୍ରମେ ଶାକାହାରବାଦ ଧର୍ମୀୟ ପ୍ରାମାଣିକତାର ଏକ ପ୍ରତୀକ ପାଲଟିଗଲା। ଏହି ସିଦ୍ଧାନ୍ତ ଏବେ ହିନ୍ଦୁଙ୍କୁ ଶୁଦ୍ଧ ଏବଂ ଅଶୁଦ୍ଧ ଗୋଷ୍ଠୀ, ଉଚ୍ଚ ଓ ନୀଚ ଭାବେ ଧୀରେ ଧୀରେ ବିଭକ୍ତ କରୁଛି।

ଆଦିବାସୀ ଏବଂ ତଥାକଥିତ 'ଅଶୁଦ୍ଧ' ସମୁଦାୟଗୁଡ଼ିକ ଯେଭଳି ଥିଲେ ମୁସଲମାନମାନଙ୍କୁ ସେଥିରୁ ବାଦ୍ ଦିଆଯାଇଥିଲା। ତେବେ ଏବେ ବି ଆଦିବାସୀ ଏବଂ ତଥାକଥିତ 'ନୀଚ' ସମୁଦାୟଗୁଡ଼ିକୁ ହିନ୍ଦୁ ଭୋଟ ବ୍ୟାଙ୍କର ଏକ ଅଂଶ କରିବା ପାଇଁ ସେମାନଙ୍କୁ ହିନ୍ଦୁ କୁହାଯାଉଛି ଏବଂ ହନୁମାନ ଚାଳିଶା ଶିଖାଯାଉଛି। ସେମାନେ ଯଦି ସଂସ୍ଥାଗତ ପଦାନୁକ୍ରମରେ ଉପରକୁ ଉଠି ଉଚ୍ଚ ପଦବୀ ହାସଲ କରିବା ପାଇଁ ଚାହୁଁଛନ୍ତି, ତେବେ ସେମାନଙ୍କୁ ସେମାନଙ୍କ ଖାଦ୍ୟ ପରିବର୍ତ୍ତନ କରି ନିଜକୁ 'ଶୁଦ୍ଧ' ବା ପବିତ୍ର ହେବାକୁ ପ୍ରୋତ୍ସାହିତ କରାଯାଉଛି। ଏହା ହେଉଛି ଶାକାହାରର ଏକ ସାମାଜିକ ଟେକ୍‌ନିକ ଏବଂ ଏହାକୁ ସେହିମାନେ ହିଁ ଦୟା ଏବଂ କରୁଣାର ରୂପ ଭାବେ ପ୍ରଚାର କରୁଛନ୍ତି, ଯେଉଁମାନେ ସେମାନଙ୍କ କ୍ଷମତା ଓ ଧନର ବିରୋଧକୁ ସହ୍ୟ କରିପାରନ୍ତି ନାହିଁ। ଏଥିରେ ମଧ୍ୟ ଏକ ଆର୍ଥିକ ବିଡ଼ମ୍ବନା ରହିଛି। ଭାରତ ହେଉଛି ସର୍ବବୃହତ୍ ଗୋମାଂସ ରପ୍ତାନିକାରୀ ଦେଶ ଏବଂ ସବୁଠୁ ବଡ଼ ରପ୍ତାନିକାରୀ କେନ୍ଦ୍ରଗୁଡ଼ିକର ମାଲିକ ଥିବା ପରିବାରଗୁଡ଼ିକୁ ଶାକାହାରୀ ଭାବେ ଚିହ୍ନଟ କରାଯାଇଛି।

ଖାଦ୍ୟ ଯେତେବେଳେ ମାନବ ମୂଲ୍ୟର ମାପକ ହୁଏ, ସେତେବେଳେ ସମସ୍ୟା ସାମ୍ନାକୁ ଆସେ। ହିଂସା କେବଳ ପ୍ରାଣୀହତ୍ୟା କେନ୍ଦ୍ରରେ ସୀମିତ ନାହିଁ। ସମସ୍ୟା ବାସ୍ତବରେ ସଭାଗୃହ, ନୀତିଗତ ନିଷ୍ପତ୍ତି ଏବଂ ବିତ୍ତୀୟ ଚୁକ୍ତିରେ ରହିଛି। ଆମେ ଯାହା ଖାଇବାକୁ ମନା କରୁଛେ, ତାହାଦ୍ୱାରା ଦୟାଳୁତା ନିଶ୍ଚିତ ହେବ ନାହିଁ। ଆମେ ଯେଭଳି ଆମ କ୍ଷମତାର ଉପଯୋଗ କରୁ, ସେହିଅନୁସାରେ ଦୟାଭାବନା ପ୍ରକାଶପାଏ।

–devduttofficial@gmail.com

# ଓଡ଼ିଶାରେ ଗଛର ବିବିଧତା



ସୁଧାଂଶୁ ରଞ୍ଜନ ଦାସ

ପ୍ରକୃତି ଓଡ଼ିଶାକୁ ଗଛର ବିବିଧତାରେ ଭରିଦେଇଛି। ଓଡ଼ିଶାର ଆର୍ଥିକ, ସାମାଜିକ ଓ ସାଂସ୍କୃତିକ ବିକାଶ ପାଇଁ ଗଛର ବିବିଧତାର ସୁରକ୍ଷା ଏବଂ ବିକାଶ ଆବଶ୍ୟକ। ଭାରତୀୟ ସଂସ୍କୃତିରେ ଗଛକୁ ଅଧିକ ଆଦର ଓ ସମ୍ମାନ ଦିଆଯାଉଥିଲା। ମୁନିଋଷିମାନେ ପ୍ରତ୍ୟେକ ଗଛର ମନୁଷ୍ୟ ସମାଜ, ଜଳବାୟୁ ଓ ପରିବେଶ ପ୍ରତି ଉପକାରିତା ବିଷୟରେ ଶାସ୍ତ୍ରରେ ବର୍ଣ୍ଣନା କରିଛନ୍ତି। ଗଛର ବିବିଧତା ଓଡ଼ିଶାବାସୀଙ୍କ ଖାଦ୍ୟ ସମସ୍ୟା ଦୂର କରିବା ସଙ୍ଗେ ହସ୍ତଶିଳ୍ପୀଙ୍କୁ ହସ୍ତଶିଳ୍ପ ସାମଗ୍ରୀ ତିଆରି କରିବା ପାଇଁ କାଠ, ବାଉଁଶ, ପତ୍ର ଓ ପ୍ରାକୃତିକ ରଙ୍ଗ ଆଦି ଅନେକ ପଦାର୍ଥ ଯୋଗାଉଥିଲା।

ଗଛର ବିବିଧତା ଥିବାରୁ ଓଡ଼ିଶାରେ ଶହେରୁ ଅଧିକ ଜଙ୍ଗଲଜାତ ଦ୍ରବ୍ୟ ମିଳିଥାଏ। ଏହି ପଦାର୍ଥଗୁଡ଼ିକ ଭିତରୁ ମହୁ, ମୂଲ୍ୟବାନ କାଠ, ବାଉଁଶ, ଲାଖ, ମହୁମାଛି ବସାରୁ ହେଉଥିବା ୱାକ୍ସ ଓ ଅନେକ ଜାତିର କୋଳି, ଖାଦ୍ୟ ଉପଯୋଗୀ ପୁଷ୍ଟିକର ଲତା, ପତ୍ର ଓ ମୂଳ ଇତ୍ୟାଦି ଅତ୍ୟନ୍ତ ଉପକାରୀ ହୋଇଥାଏ। ୨୦୨୭ରେ ସାରା ବିଶ୍ୱରେ କେବଳ ମହୁର ଚାହିଦା ୧୨.୫ ବିଲିଅନ ଆମେରିକୀୟ ଡଲାର ହେବ ବୋଲି ଆକଳନ କରାଯାଇଛି। ଓଡ଼ିଶାରେ ମିଳୁଥିବା ଅନେକ କିସମର ମହୁକୁ ଘରୋଇ ବଜାର ଓ ବାହାରେ ବିକ୍ରି କରାଯାଇ ପାରିବ। ଦୁଃଖର କଥା ଦୀର୍ଘ କୋଡ଼ିଏ ବର୍ଷ ହେଲା କେତେଜଣ ମୁଷ୍ଟିମେୟ ଅସାଧୁ ଲୋକ ଦୂରଦୃଷ୍ଟି ଅଭାବରୁ ଗଛର ବିବିଧତାକୁ ନଷ୍ଟ କରି ରାଜ୍ୟର ଆର୍ଥିକ, ସାମାଜିକ ଓ ସାଂସ୍କୃତିକ ପରିବେଶକୁ ନଷ୍ଟ କରିବାରେ ଲାଗିଛନ୍ତି।

ଏବେ ଗ୍ରୀଷ୍ମ ଉତ୍ତାପ ଯେଭଳି ଭାବରେ ବଢୁଛି, ଗଛର ବିବିଧତା କମିଗଲେ ଉପକୂଳବର୍ତ୍ତୀ ଓଡ଼ିଶା ଆଗାମୀ କିଛି ଭିତରେ ଏକ ଅଗ୍ନିପିଣ୍ଡରେ ପରିଣତ ହେବ। ଅଗ୍ନି ପୁରାଣରେ ଉଲ୍ଲେଖ ଅଛି ଯଦି କିଏ ଗଛ କାଟନ୍ତି ସେ ଗଛ ସାଙ୍ଗରେ ଗଛର ପତ୍ର, ପୁଷ୍ପ ଓ ଫଳକୁ ମଧ୍ୟ ନଷ୍ଟ କରିଦେଇଥାନ୍ତି। ଗଛ କାଟିବା ଦ୍ୱାରା ବୃଷ୍ଟିପାତ କମିଯାଇ ରାଜ୍ୟରେ ଦୁର୍ଭିକ୍ଷ ପଡ଼ିଥାଏ। ବାମନ ପୁରାଣରେ ଉଲ୍ଲେଖ ଅଛି ଗଛ ପ୍ରାଣୀଙ୍କୁ ସୁରକ୍ଷା ଦେଇଥାଏ। ଗଛ ନଷ୍ଟ ହେଲେ ସମଗ୍ର ପୃଥିବୀ ନର୍କ ଭଳି ଦୃଷ୍ଟିଗୋଚର ହୁଏ। ପ୍ରାଚୀନ ଭାରତରେ ବୃକ୍ଷ ରୋପଣକୁ ଗୁରୁତ୍ୱ ଦିଆଯାଉଥିଲା। ମହାଭାରତର ଅନୁ ପର୍ବରେ ଲେଖା ହୋଇଛି ବୃକ୍ଷ ରୋପଣ କରୁଥିବା ବ୍ୟକ୍ତି ମୃତ୍ୟୁ ପରେ ସ୍ୱର୍ଗଲୋକକୁ ଯାଇଥାଏ। ଅଁଳା ଗଛରେ ଭଗବାନ ବିରାଜମାନ ହୁଅନ୍ତି ବୋଲି ପଦ୍ମପୁରାଣରେ ଉଲ୍ଲେଖ ଅଛି। ମତ୍ସ୍ୟ ପୁରାଣରେ ଗଛ କାଟୁଥିବା ବ୍ୟକ୍ତିଙ୍କ ପାଇଁ ଅନେକ ପ୍ରକାର ଦଣ୍ଡର ବିଧାନ କରାଯାଇଛି। ଭାରତର ରାଜା ମହାରାଜାମାନେ ବିନା ଅନୁମତିରେ ଗଛ କାଟୁଥିବା ଅପରାଧୀମାନଙ୍କଠାରୁ ଜରିମାନା ସଦୃଶ ସ୍ୱର୍ଣ୍ଣ ମୁଦ୍ରା ଆଦାୟ କରିବା ସଙ୍ଗ ସଙ୍ଗେ ଜେଲ ଦଣ୍ଡ ଦେଉଥିଲେ। ଫଳନ୍ତି ଗଛ କାଟିଲେ କଠୋର ଦଣ୍ଡ ଦିଆଯାଉଥିଲା। ଆଜି ମଧ୍ୟ ଗଛ କାଟିବା ପାଇଁ ଭାରତୀୟ ନ୍ୟାୟ ବ୍ୟବସ୍ଥାରେ ଅନେକ ଦଣ୍ଡର ପ୍ରାବଧାନ ଅଛି। ରାଜନୈତିକ ଇଚ୍ଛାଶକ୍ତିର ଅଭାବ, ବୁଦ୍ଧିଜୀବୀମାନଙ୍କ ନିଷ୍କ୍ରିୟତା, ଗଣମାଧ୍ୟମ ଓ ଶିକ୍ଷିତ ଯୁବପିଢ଼ିଙ୍କ ଉଦାସୀନତା ଇତ୍ୟାଦି ରାଜ୍ୟରେ ଗଛର ବିବିଧତାକୁ ହ୍ରାସ କରିଛି। ଓଡ଼ିଶାର ବିଭିନ୍ନ ଜଙ୍ଗଲରେ ନିରବଚ୍ଛିନ୍ନ ଭାବରେ ଚାଲୁଥିବା ଗଛକଟାକୁ ରୋକିବା ପାଇଁ ଦୃଢ଼ମନା, ଦକ୍ଷ ଓ ସଚୋଟ ରାଜନୈତିକ ନେତା, ସରକାରୀ କର୍ମଚାରୀ ଓ ଶିକ୍ଷିତ ସମାଜସେବୀଙ୍କର ଆବଶ୍ୟକତା ଅଛି। ଓଡ଼ିଶାକୁ ଶୀତଳ, ସୁନ୍ଦର, ସତେଜ ଓ କ୍ରିୟାଶୀଳ ରଖିବା ପାଇଁ ଓଡ଼ିଶାବାସୀ ନିଜ ଗାଁ ଓ ସହରରେ ଦେଶୀ ଗଛଗୁଡ଼ିକର ସୁରକ୍ଷା ଓ ରୋପଣ କରିବା ନିହାତି ଦରକାର।

ଦେଶୀ ଗଛଗୁଡ଼ିକର ସାମାଜିକ, ସାଂସ୍କୃତିକ, ଧାର୍ମିକ ଓ ଆର୍ଥିକ ମହତ୍ତ୍ୱ ଓଡ଼ିଶାବାସୀଙ୍କୁ ଅଗୋଚର ଅଛି। ଜନବସତିରୁ ଏହି ଗଛଗୁଡ଼ିକ ଅପସରି ଯିବାରୁ ଆଜି ଅନେକ ଗାଁ ଓ ସହର ପ୍ରାଣଶୂନ୍ୟ ଲାଗୁଛି। ଓଡ଼ିଶାର ପୁରାତନ ରାଜଧାନୀ ଓ ସାଂସ୍କୃତିକ ପୀଠ କଟକ ନଗରରେ ଅନେକ ଦେଶୀ ଗଛ ଥିଲା। ଏହି ଗଛଗୁଡିକ ଜାଗାରେ କଂକ୍ରିଟ ଜଙ୍ଗଲ ଠିଆ ହୋଇଛି। ଗଛର ବିବିଧତା ଓଡ଼ିଶାରେ ଅନେକ ହସ୍ତଶିଳ୍ପ ପରମ୍ପରାକୁ ଜନ୍ମ ଦେଇଥିଲା। ଗଛର ବିବିଧତା କମିଯିବାରୁ ଆଜି ଓଡ଼ିଶାର ହସ୍ତଶିଳ୍ପୀମାନେ ଆଗପରି ଉଚ୍ଚକୋଟୀର କାମ କରିପାରୁନାହାନ୍ତି। ଓଡିଶାବାସୀଙ୍କ ଆର୍ଥିକ, ସାମାଜିକ, ସାଂସ୍କୃତିକ, ଶାରୀରିକ ଓ ବୌଦ୍ଧିକ ବିକାଶ ପାଇଁ ଗଛର ବବିଧତା ଆବଶ୍ୟକ।

ମୋ: ୭୭୦୨୩୮୩୮୮୦

## ଏଇ ଭାରତରେ

ମୁମ୍ବାଇର ମୁଲୁନ୍ଦ ବସ୍ତିରେ ଝିଅଙ୍କ ଶିକ୍ଷାର ଆଲୋକବର୍ତ୍ତିକା ସାଜିଛନ୍ତି ଆରତି ନାୟକ। ଆରତି ପ୍ରଥମେ ୬ ଝିଅଙ୍କୁ ପଢ଼ାଇବା ଆରମ୍ଭ କରିଥିଲେ। ଏବେ ସେ ୩୦୦୦ ଝିଅଙ୍କୁ ବିଭିନ୍ନ ବସ୍ତିରେ ଶିକ୍ଷାଦେବାର ବ୍ୟବସ୍ଥା କରିଛନ୍ତି। ଆରତି ମୁଲୁନ୍ଦ ବସ୍ତିରେ ଜନ୍ମ ହୋଇ ବଢ଼ିଛନ୍ତି। ସେ ଅର୍ଥାଭାବରୁ ଦଶମରୁ ପାଠ ଛାଡ଼ି ପରିବାର ଚଳାଇବା ପାଇଁ ଦୈନିକ ମଜୁରି କରୁଥିଲେ। ଉପାର୍ଜିତ ଅର୍ଥରେ ସେ ପୁଣି ପଢ଼ି ୧୦ମ ପାସ୍ କରିଥିଲେ ଓ ପରେ ସାମାଜିକ ବିଜ୍ଞାନରେ ଡିଗ୍ରୀ ହାସଲ କଲେ। ଝିଅମାନେ ବସ୍ତିରେ ଶିକ୍ଷାରୁ ବଞ୍ଚିତ ହେଉଥିବା କଥା ସେ ଲକ୍ଷ୍ୟ କରିଥିଲେ ଏବଂ ସେଥିରେ ପରିବର୍ତ୍ତନ ଆଣିବା ପାଇଁ ୨୦୧୩ରେ ଗର୍ଲ୍ସ ଲର୍ନିଂ ସେଣ୍ଟର ଖୋଲି ପ୍ରଥମେ ୬ ଜଣଙ୍କୁ ପଢ଼ାଇବା ଆରମ୍ଭ କଲେ। ପ୍ରାରମ୍ଭିକ ସ୍ତରରେ ଘରେ ନ ପଢ଼ି ରହୁଥିବା ଝିଅମାନଙ୍କୁ ଲର୍ନିଂ ସେଣ୍ଟରକୁ ଆଣିବା ସକାଶେ ସେମାନଙ୍କ ମାତାପିତାଙ୍କୁ ବୁଝାଇବାକୁ ପଡ଼ିଥିଲା। ସ୍ଥିତି ଧୀରେ ଧୀରେ ବଦଳିବାକୁ ଲାଗିଲା ଏବଂ ଝିଅମାନେ ଆରତିଙ୍କ ପାଖକୁ ପଢ଼ିବାକୁ ଆସିଲେ। ପିଲାସଂଖ୍ୟା ବଢ଼ିଲା ଏବଂ ଆରତି ବିଭିନ୍ନ ବସ୍ତିରେ ଲର୍ନିଂ ସେଣ୍ଟର ଖୋଲିଛନ୍ତି। ଆରତି ମଧ୍ୟ ମା'ମାନଙ୍କୁ ସଶକ୍ତ କରିବା ପାଇଁ ବିଭିନ୍ନ ବୃତ୍ତିଗତ କୌଶଳ ଶିକ୍ଷାଦେବାର ବ୍ୟବସ୍ଥା କରିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨୩ ଏପ୍ରିଲ ୧୯୭୭

- ପୂର୍ବତନ ମନ୍ତ୍ରୀ ତଥା ରାଜ୍ୟ ପ୍ରଦେଶ କଂଗ୍ରେସ କାର୍ଯ୍ୟକାରୀ କମିଟି ସଦସ୍ୟ ଅଚ୍ୟୁତାନନ୍ଦ ମହାନନ୍ଦଙ୍କ କଂଗ୍ରେସ ଦଳରୁ ଇସ୍ତଫା ପ୍ରଦାନ।
- ପାକିସ୍ତାନର ଆଭ୍ୟନ୍ତରୀଣ ବିଶୃଙ୍ଖଳା ଚରମ ସୀମାରେ ପହଞ୍ଚିବାରୁ କରାଚୀ, ଲାହୋର ଓ ହାଇଦ୍ରାବାଦ ସହରରେ ସାମରିକ ଆଇନ ଜାରି।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 6 | | | | | 4 | |
| 1 | | 8 | | | 6 | 5 | | |
| | | | 7 | 4 | | 2 | | |
| | | | | 2 | | | | |
| | | | | 5 | | 4 | | 3 |
| | 6 | | | | | 1 | 8 | 2 |
| 3 | | | 8 | | | | | |
| | | | | | 4 | | | |
| 5 | | | | | 9 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 1 | 2 | 6 | 5 | 9 | 7 | 8 | 3 |
| 5 | 8 | 7 | 3 | 2 | 1 | 4 | 9 | 6 |
| 9 | 3 | 6 | 8 | 7 | 4 | 2 | 5 | 1 |
| 1 | 2 | 4 | 7 | 3 | 5 | 9 | 6 | 8 |
| 7 | 6 | 3 | 9 | 8 | 2 | 5 | 1 | 4 |
| 8 | 9 | 5 | 1 | 4 | 6 | 3 | 7 | 2 |
| 6 | 7 | 9 | 4 | 1 | 3 | 8 | 2 | 5 |
| 2 | 4 | 1 | 5 | 9 | 8 | 6 | 3 | 7 |
| 3 | 5 | 8 | 2 | 6 | 7 | 1 | 4 | 9 |

ଗତକାଲିର ଉତ୍ତର

# ଯୁଗେ ଯୁଗେ ଇଚ୍ଛାମୃତ୍ୟୁ



ବୈକୁଣ୍ଠନାଥ ମିଶ୍ର

କୌଣସି କାରଣରୁ ବ୍ୟକ୍ତି ଇଚ୍ଛାକରି ମୃତ୍ୟୁକୁ ଆଦରି ନେବା ହେଉଛି ଇଚ୍ଛାମୃତ୍ୟୁ, ଯାହା ପୁରାଣ ପୃଷ୍ଠା ମଣ୍ଡନକରି ପାଠକର ମନ ହୃଦୟକୁ ଆନ୍ଦୋଳିତ କରେ। ରାମାୟଣ ଯୁଦ୍ଧର ଅବସାନ ପରେ ଶ୍ରୀରାମ ସୀତାଙ୍କୁ ଲଙ୍କାରୁ ଉଦ୍ଧାର କରି ଆଣିଲେ ସତ; କିନ୍ତୁ ଲୋକ ସନ୍ଦେହ ଦୂର କରିବା ଉଦ୍ଦେଶ୍ୟରେ ସୀତାଙ୍କ ସତିତ୍ୱ ପରୀକ୍ଷା କରିବା ଆଳରେ ପ୍ରଜ୍ୱଳିତ ଅଗ୍ନିସ୍ନାନ କରିବା ପାଇଁ ନିର୍ଦ୍ଦେଶ ଦେଲେ। ଅଯୋଧ୍ୟାରେ କିଛିଦିନ ରହିବା ପରେ ରାତିରେ ଛଦ୍ମବେଶରେ ନଗର ପରିକ୍ରମା କରୁଥିବା ସମୟରେ ଶ୍ରୀରାମଙ୍କ କର୍ଣ୍ଣଗୋଚର ହେଲା ରଜକ ଓ ତା' ସ୍ତ୍ରୀଙ୍କ ମଧ୍ୟରେ ହେଉଥିବା କଳହ। କଳହର କେନ୍ଦ୍ରବିନ୍ଦୁ ଥିଲେ ମା' ସୀତା। ରଜକୀର ଅଭିଯୋଗ ଥିଲା ରାବଣପୁରୀରେ ଏତେକାଳ ରହିଥିଲେ ମଧ୍ୟ ସୀତାଙ୍କର ଚରିତ୍ର ଯଦି ଶୁଦ୍ଧ ହୋଇପାରିଲା ଏବଂ ଶ୍ରୀରାମ ତାଙ୍କୁ ପତ୍ନୀରୂପେ ଗ୍ରହଣ କଲେ ମୁଁ ପିତା ଗୃହରେ କିଛିଦିନ ରହି ଆସିବା ପରେ ମୋର ସତିତ୍ୱ କ'ଣ ନଷ୍ଟ ହୋଇଗଲା? ଏକଥା ଶୁଣି ଶ୍ରୀରାମ ସ୍ତ୍ରୀ ସୀତାଙ୍କୁ ବନବାସ ଦଣ୍ଡ ଦେଲେ। ସେତେବେଳେ ସୀତା ଅନ୍ତଃସତ୍ତ୍ୱା ଥିବା ଜାଣି ମଧ୍ୟ ଶ୍ରୀରାମ ଅନୁଜ ଲକ୍ଷ୍ମଣଙ୍କୁ ନିର୍ଦ୍ଦେଶ ଦେଲେ ସୀତାଙ୍କୁ ଗଙ୍ଗାତୀରସ୍ଥ ବନରେ ଛାଡ଼ି ଆସିବା ପାଇଁ। ବାଲ୍ମୀକି ଆଶ୍ରମରେ ସୀତା ଲବକୁଶ ଯମଜ ସନ୍ତାନଙ୍କୁ ଜନ୍ମଦେଲେ। ମହର୍ଷି ବାଲ୍ମୀକି ରାମାୟଣ ରଚନା କରି ଲବକୁଶ ଓ ସୀତାଙ୍କୁ ସଙ୍ଗରେ ନେଇ ଅଯୋଧ୍ୟାରେ ଉପସ୍ଥିତ ହେଲେ। ସେଠାରେ ମଧ୍ୟ ସୀତାଙ୍କୁ ପୁନର୍ବାର ଅଗ୍ନି ପରୀକ୍ଷା ଦେବାକୁ ଆଦେଶ ମିଳିଲା। ହେଲେ ସୀତା ଧରିତ୍ରୀ ମା'ଙ୍କୁ ଆକୁଳ ପ୍ରାର୍ଥନା କଲେ ତାଙ୍କ କୋଳରେ ସ୍ଥାନ ଦେବା ପାଇଁ। ଧରିତ୍ରୀ ସୀତାଙ୍କୁ କୋଳରେ ଧରି ଭୂଗର୍ଭକୁ ଚାଲିଗଲେ। ଏହା ସୀତାଙ୍କର ଇଚ୍ଛାମୃତ୍ୟୁ ଭିନ୍ନ ଆଉ କ'ଣ ହୋଇପାରେ?

ସାରଳା ମହାଭାରତର ଅନୁସରଣରେ ଯେଉଁ ରୋଚକ କଥାଟି ଜନ ସମକ୍ଷକୁ ଆସେ ତାହା ହେଉଛି ପିତାମହ ଭୀଷ୍ମଙ୍କର ଇଚ୍ଛାମୃତ୍ୟୁ। ଗଙ୍ଗା ଦେବୀ ଯୌବନ କାଳରେ ତ୍ରିଲୋଚନ ଶିବଙ୍କୁ ପତିରୂପେ ପାଇବା ପାଇଁ ସଂକଳ୍ପ ନେଇଥିଲେ। କିନ୍ତୁ ତିନିଯୁଗ ଅତିକ୍ରାନ୍ତ ହେବାକୁ ବସିଥିଲେ ମଧ୍ୟ ଶିବଙ୍କର କୌଣସି ଠିକଣା ମିଳିଲା ନାହିଁ। ଏଣେ ପିତା ନିର୍ଘାତଋଷି କନ୍ୟାର ବିବାହ ନେଇ ବିଚଳିତ ହୋଇପଡ଼ିଲେ। କରୁନନ୍ଦନ ଶାନ୍ତନୁଙ୍କ ସହ ବିବାହ ଦେବାର ଆୟୋଜନ କରିବାରୁ ଗଙ୍ଗା ଦେବୀ ଅପ୍ରସନ୍ନ ହେଲେ। ଶିବଙ୍କର ଇଚ୍ଛାରେ ଶାନ୍ତନୁ ରୁଦ୍ରାବତାର ଧାରଣ କରି ହାତରେ ପିନାକ ଧନୁ, ତ୍ରିଶୂଳ ଓ ଡମ୍ବରୁଧରି ନିର୍ଘାତ ଋଷିଙ୍କ କୁଟୀରରେ ଉପସ୍ଥିତ ହେଲେ। ଗଙ୍ଗାଦେବୀ ଶାନ୍ତନୁଙ୍କୁ ଶିବ ମନେକରି ତାଙ୍କୁ ପତିରୂପେ ବରଣ କଲେ। କିନ୍ତୁ ପରେ ଗଙ୍ଗାଦେବୀ ଜ୍ଞାତ ହେଲେ ଯେ ସେ ଶିବ ନୁହନ୍ତି। ସେହି ମୁହୂର୍ତ୍ତରୁ ଗଙ୍ଗାଦେବୀ ସ୍ୱାମୀଙ୍କ ପ୍ରତି ବିମୁଖ ହୋଇ ତାଙ୍କର ଔରସରୁ ଜନ୍ମିଥିବା ଷଡ଼ ପୁତଙ୍କୁ ବଧକଲେ। ସପ୍ତମ ପୁତ୍ର ଜନ୍ମ ହେବାକ୍ଷଣି ଶାନ୍ତନୁ ଅନ୍ତୁଡିଶାଳରେ ଝଡ଼ଭଳି ପ୍ରବେଶକରି ପୁତ୍ରକୁ ଗଙ୍ଗା କୋଳରୁ ଛଡ଼ାଇ ଆଣିଲେ ଓ ତାଙ୍କୁ ତତ୍‌କ୍ଷଣାତ୍ ଇଚ୍ଛାମୃତ୍ୟୁ ବରଦାନ ଦେଇ ପୁତ୍ରର ନାମ ଭୀଷ୍ମ ରଖିଲେ। ମହାଭାରତ ଯୁଦ୍ଧର ଦଶମ ଦିବସରେ ଅମ୍ବାରୂପୀ ଶୀଖଣ୍ଡିଙ୍କୁ ବିପକ୍ଷର ସେନାପତି ରୂପେ



ଦେଖି ଭୀଷ୍ମଙ୍କର ସମସ୍ତ ବଳବୀର୍ଯ୍ୟ ଲୋପ ପାଇଲା। ଅର୍ଜୁନ କର୍ତ୍ତୃକ ଶରଶଯ୍ୟାରେ ରହି ସେ ସୂର୍ଯ୍ୟଙ୍କର ଉତ୍ତରାୟଣ ଗତିକୁ ଅପେକ୍ଷା କଲେ ଓ ଶେଷରେ ଇଚ୍ଛାମୃତ୍ୟୁ ବରଣ କଲେ।

ମଣିଷ ଜୀବନରେ ଦୁଇଟି ବିଶେଷତ୍ୱ ହେଲା ଆବେଗହୀନ ପ୍ରଜ୍ଞା ଓ ପ୍ରଜ୍ଞା ବିହୀନ ଆବେଗ। ସ୍ୱାମୀ ସୁଖବୋଧାନନ୍ଦଙ୍କ ମତରେ ବ୍ୟକ୍ତି ଯେତେବେଳେ ପ୍ରଜ୍ଞାବିହୀନ ଆବେଗର ବଶୀଭୂତ ହୁଏ, ସେତେବେଳେ ସେ ଭଲ ମନ୍ଦ ବୁଝିବାର ଶକ୍ତି ହରାଇ ଆତ୍ମହତ୍ୟାର ପଥ ବାଛିନିଏ। କାରଣ ପ୍ରଜ୍ଞା ତା'ଠାରୁ ବିଚ୍ଛିନ୍ନ ହୋଇଯାଏ। କେବଳ ଆବେଗ ସର୍ବସ୍ୱ ହୋଇ ସେ ଭୁଲ୍ ସିଦ୍ଧାନ୍ତ ନେଇ ଆତ୍ମହତ୍ୟା କରେ। ପ୍ରଜ୍ଞା ବିହୀନ ଆବେଗ ମଣିଷକୁ କେବଳ ଆବେଗରେ ବଶୀଭୂତ କରି ରଖେ ଓ ପ୍ରଜ୍ଞାର ଅଭାବରୁ ସେ ଆତ୍ମହତ୍ୟା ରୂପକ ଇଚ୍ଛାମୃତ୍ୟୁକୁ ଆଦରି ନିଏ।

ସାଂପ୍ରତିକ ସମୟରେ ଇଚ୍ଛାମୃତ୍ୟୁର ଏକ ଭିନ୍ନ ସଂଜ୍ଞା ବହୁଦେଶରେ ପ୍ରଚଳିତ। ଏ ପ୍ରକାର ଇଚ୍ଛାମୃତ୍ୟୁ ମୃତକ ଉପରେ ନିର୍ଭର କରେନା। ବରଂ ବ୍ୟକ୍ତିର ମାତା ପିତା ଇଚ୍ଛାମୃତ୍ୟୁର ସନନ୍ଦ ଧରି ବିଚାରାଳୟର ଦ୍ୱାରସ୍ଥ ହୁଅନ୍ତି। କୌଣସି ଦୁରାରୋଗ୍ୟ ରୋଗ ଭୟଙ୍କର ଦୁର୍ଘଟଣା ଓ ଅନ୍ୟକିଛି ଘାତକ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ପୀଡ଼ିତ ବ୍ୟକ୍ତିଟି ଦୀର୍ଘଶର୍ଯ୍ୟାଶାୟୀ ହୋଇ କେବଳ ଏକ ଜୀବନ୍ତ ଶବର ରୂପଧାରଣ କରି ବିଛଣାରେ ପଡ଼ିରହେ। ଶରୀର ଇହଜଗତରେ ଥିଲେ ମଧ୍ୟ ସେ ମୃତ୍ୟୁରାଜ୍ୟରେ ପହଞ୍ଚି ସାରିଥାଏ। ତେଣୁ ମା' ବାପା ବିଚାରାଳୟରେ ପିଲାର ମୃତ୍ୟୁ ଭିକ୍ଷା କରନ୍ତି। ନିକଟରେ ଭାରତରେ ପ୍ରଥମ ଇଚ୍ଛାମୃତ୍ୟୁ ବିଚାରାଳୟରେ ସ୍ୱୀକୃତି ଲାଭ କରିଛି। ୨୦୧୩ରେ ପଞ୍ଜାବ ବିଶ୍ୱବିଦ୍ୟାଳୟର କୃତୀ ଛାତ୍ର ହରିଶ୍ ରାଣା ହଷ୍ଟେଲ କୋଠାର ଚତୁର୍ଥ ମହଲାରୁ ଖସିପଡି ଗୁରୁତର ଆହତ ହେଲେ। ଦୀର୍ଘ ୧୩ବର୍ଷ ସେ ଶଯ୍ୟାରେ ପଡିରହିଥିଲେ। ତାଙ୍କ ମାତା ପିତା ତା'ର କଷ୍ଟ ଦେଖି ନ ପାରି ତାକୁ ମୁକ୍ତିଦେବା ପାଇଁ କୋର୍ଟର ଦ୍ୱାରସ୍ଥ ହେଲେ। ସର୍ବୋଚ୍ଚ ନ୍ୟାୟାଳୟ ଭାରତବର୍ଷର ପ୍ରଥମ ଇଚ୍ଛାମୃତ୍ୟୁକୁ ଅନୁମତି ଦେଲେ। ଶେଷରେ ୨୦୨୬ ମାର୍ଚ୍ଚ ୨୫ରେ ହରିଶ୍ ରାଣାଙ୍କର ଜୀବନର ଅବସାନ ଘଟିଲା।

ଏହା ପୂର୍ବରୁ ୧୯୭୩ ନଭେମ୍ବର ୨୭ରେ ମୁମ୍ବାଇର କିଙ୍ଗ୍ ଏଡ୍‌ୱାଡ୍ ମେମୋରିଆଲ ହସ୍ପିଟାଲର ୨୫ ବର୍ଷୀୟା ନର୍ସ ଅରୁଣା ସାନବାଗ୍ ସେହି ହସ୍ପିଟାଲର ୱାର୍ଡବୟ ମୋହନଲାଲଙ୍କ ଦ୍ୱାରା ବଳାତ୍କାରର ଶିକାର ହୋଇଥିଲେ। ଅରୁଣା ବଞ୍ଚି ଯାଇଥିଲେ ସିନା; କିନ୍ତୁ କେବଳ ଏକ ଜୀବନ୍ତ ଶବ ଭଳି ମେଡିକାଲ ଖଟରେ ପଡିରହିଥିଲେ। ଦୀର୍ଘ ୪୨ବର୍ଷ ସେ ମେଡିକାଲ ବେଡରେ ପଡିରହି ଚିକିତ୍ସିତ ହେଲେ। ତାଙ୍କ ପରିବାର ତରଫରୁ ତାଙ୍କର ଇଚ୍ଛାମୃତ୍ୟୁର ଆବେଦନକୁ ସର୍ବୋଚ୍ଚ ବିଚାରାଳୟ ସେତେବେଳେ ଅଗ୍ରାହ୍ୟ କରିଥିଲେ। ଶେଷରେ ୨୦୧୫ ମେ ୧୮ରେ ଅରୁଣାଙ୍କର ମୃତ୍ୟୁ ଘଟିଲା। ବିଚାରାଳୟ ତାଙ୍କ ଇଚ୍ଛାମୃତ୍ୟୁ ଅଗ୍ରାହ୍ୟ କରିବାର ଅନ୍ୟତମ କାରଣ ଥିଲା ଅରୁଣା ଖାଦ୍ୟଗ୍ରହଣ କରିପାରୁଥିଲେ ଓ ସମୟେ ସମୟେ କିଛି ପ୍ରତିକ୍ରିୟା ପ୍ରକାଶ କରୁଥିଲେ। ଇଚ୍ଛାମୃତ୍ୟୁ ସମ୍ବନ୍ଧରେ ବିଚାରାଳୟଙ୍କ ସ୍ପଷ୍ଟ ମତ ହେଲା ଯେ ଯଦି କୌଣସି ବ୍ୟକ୍ତି ସୁସ୍ଥ ହୋଇ ତା' ଚିରାଚରିତ ଜୀବନକୁ ଫେରିବାର ସମସ୍ତ ସମ୍ଭାବନା ବନ୍ଦ ହୋଇଯାଏ ତେବେ ତାକୁ ଇଚ୍ଛାମୃତ୍ୟୁ ଦେବାର କୌଣସି ଅସୁବିଧା ନାହିଁ; ଯେପରି ହରିଶ ରାଣାଙ୍କୁ ଦିଆଗଲା।

ସିଦ୍ଧଳ, ଜଗତ୍‌ସିଂହପୁର
ମୋ:୯୯୩୭୪୫୦୫୪୦

## ପାଠକ ଶ୍ରେଷ୍ଠ ବିଚାରକ

### ଅଦିନିଆ ବର୍ଷାରେ ମୁଗ ଫସଲ ନଷ୍ଟ

**ମହାଶୟ,**

ଅଦିନିଆ ବର୍ଷାରେ ପୁରୀ ଜିଲା ସତ୍ୟବାଦୀ(ସାକ୍ଷୀଗୋପାଳ) ବ୍ଲକ ଅଞ୍ଚଳରେ ମୁଗ ଫସଲ ନଷ୍ଟ ହେବା ନେଇ ଆଶଙ୍କା ପ୍ରକାଶ ପାଇଛି। ଗତ କିଛିଦିନ ହେଲା କାଳବୈଶାଖୀ ପ୍ରଭାବରେ ବର୍ଷା ଓ ପବନ ଲାଗିରହିଛି। ପୁରୀ ଜିଲା ସତ୍ୟବାଦୀ ବ୍ଲକର ୨୪ ଗୋଟି ପଞ୍ଚାୟତରେ ଲକ୍ଷ ଲକ୍ଷ ଟଙ୍କାର ମୁଗ ଫସଲ ଉଜୁଡ଼ିବାକୁ ବସିଛି। ହାତ ଉଧାରି ହେଉ ଅବା ଋଣକରି ଫସଲ କରିଥିବା ଚାଷୀ ଚିନ୍ତାରେ ପଡ଼ିଛନ୍ତି। ଲାଭ କଥା ଦୂରରେ ଥାଉ, କେମିତି ଋଣ ଶୁଝିବେ ସେ ଚିନ୍ତା ଚାଷୀଙ୍କୁ ଘାରିଲାଣି। ଜଣେ ଜଣେ ଚାଷୀ ୩ରୁ ୫ ଏକର ପର୍ଯ୍ୟନ୍ତ ମୁଗଚାଷ କରିଛନ୍ତି। ଫୁଲ ଧରିବାବେଳକୁ ମୁଗ ଫସଲରେ ପାଣି ପଶିଯିବାରୁ ଫସଲ ନଷ୍ଟ ହେବାକୁ ବସିଲାଣି। ଆଖିଆଗରେ ପରିଶ୍ରମର ଫଳ ଉଜୁଡ଼ି ଯାଉଥିବା ବେଳେ ଚାଷୀ ମୁଣ୍ଡରେ ସତେଯେମିତି ଚଡ଼କ ପଡ଼ିଛି। ଅଦିନିଆ ବର୍ଷାରେ ହୋଇଥିବା କ୍ଷତି ଆକଳନ କରି ରାଜ୍ୟ ସରକାର କ୍ଷତିପୂରଣ ଦେବାର ବ୍ୟବସ୍ଥା କରନ୍ତୁ।

**–ଦେବତିକ୍ତ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com
(Use only for letters to Editor, news & news photos)

## ଚିରନ୍ତନୀ

କେବେ ନଦୀକୋଳେ କହି ତା' ବ୍ୟଥିତ ବାଣୀ
ରକତ ଚୁମ୍ବ ରଖିଲା ସନ୍ଧ୍ୟା-ରାଣୀ
ଏକାକୀ ନାଉରୀ ସଙ୍ଗୀତ-ଶୋକେ
ନାବ ବାହୁଥିଲା ଲୋହିତ ଆଲୋକେ,
ଉପରେ ତାହାର ସନ୍ଧ୍ୟାର-ସରମ ଠାଣି
ତଳେ ଜଳରାଶି-ପୀଡ଼ିତ-ମରମ ବାଣୀ।
–(ଲୋହିତ ବ୍ୟଥା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

**ବଦଳି ନିର୍ଦ୍ଦେଶକୁ ବଦଳାଇ ପାରିବେ ନାହିଁ ଜିଲାପାଳ: ଏସିଏସ୍**

ଭୁବନେଶ୍ୱର,(ରବିନାରାୟଣ ଜେନା): ରାଜ୍ୟ ସରକାରଙ୍କ ପକ୍ଷରୁ ଓଡ଼ିଶା ପ୍ରଶାସନିକ ସେବା(ଓଏଏସ) ଏବଂ ଓଡ଼ିଶା ରାଜସ୍ୱ ସେବା (ଓଆରଏସ) ଅଧିକାରୀଙ୍କୁ ଯେଉଁ ବଦଳି କରାଯାଉଛି ତାହାକୁ ଜିଲାପାଳ କିମ୍ବା କଲେକ୍ଟର ଅଧିକାରୀମାନେ ପରିବର୍ତ୍ତନ କରିପାରିବେ ନାହିଁ। ଏହାଦ୍ୱାରା ସରକାରଙ୍କ ବଦଳି ନିର୍ଦ୍ଦେଶନାମାରେ ବାଧା ଉପୁଜୁଛି ବୋଲି ରାଜସ୍ୱ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ(ଏସିଏସ) ଡ. ଅରବିନ୍ଦ କୁମାର ପାଢ଼ୀ କହିଛନ୍ତି। ଏ ସଂକ୍ରାନ୍ତରେ ସେ ମଙ୍ଗଳବାର ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି।



**ବିନା ଡକ୍ୟୁମେଣ୍ଟରେ ଚଳାଉଥିଲେ ସିଜ୍ ହେବ ଗାଡ଼ି**




# ବନାନ ସଂଶୋଧନ: ମତାମତ ଲୋଡ଼ିଲେ ସରକାର

ଭୁବନେଶ୍ୱର,୨୨।୪(ସୁନିତ୍ ମିଶ୍ର)

ରାଜ୍ୟର ବିଭିନ୍ନ ସ୍ଥାନର ଓଡ଼ିଆ ଉଚ୍ଚାରଣ ଅନୁଯାୟୀ ଇଂରାଜୀ ବନାନ ସଂଶୋଧନ ନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ସାର୍ବଜନୀନ ସୂଚନା ଜାରି କରାଯାଇଛି। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ନିଷ୍ପତ୍ତିକ୍ରମେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅରବିନ୍ଦ ପାଢ଼ୀ ଓଡ଼ିଶାର ସବୁ ଏମ୍‌ପି ଏବଂ ଓଡ଼ିଶା ବିଧାନସଭାର ସଚିବଙ୍କ ମାଧ୍ୟମରେ ସବୁ ବିଧାୟକଙ୍କ ଓ ଜିଲାପାଳମାନଙ୍କୁ ଚିଠି ଲେଖାଯାଇଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ପୂର୍ବ ପ୍ରକାଶିତ ସାର୍ବଜନୀନ ବିଜ୍ଞପ୍ତି ମାଧ୍ୟମରେ ରାଜ୍ୟର ବିଭିନ୍ନ ଜିଲା, ଜିଲା ସଦର ମହକୁମା, ଉପଖଣ୍ଡ, ତହସିଲ ଏବଂ ବ୍ଲକ୍‌ଗୁଡ଼ିକର ସରକାରୀ ଭାବେ ବ୍ୟବହୃତ ଇଂରାଜୀ ନାମ ଯଦି ମୂଳ ଓଡ଼ିଆ ନାମର ଅପଭ୍ରଂଶ ହୋଇଥାଏ, ତେବେ ସେଗୁଡ଼ିକର ମୂଳ ଓଡ଼ିଆ ନାମର ପୁନରୁଦ୍ଧାର ପାଇଁ ସର୍ବସାଧାରଣ ଏବଂ ଜନପ୍ରତିନିଧିମାନଙ୍କଠାରୁ ପରାମର୍ଶ ତଥା ପ୍ରସ୍ତାବ ଆହ୍ୱାନ କରାଯାଇଥିଲା। ଏହି କ୍ରମରେ ରାଜ୍ୟର ଜନପ୍ରତିନିଧିମାନେ ଏବଂ ସାଧାରଣ ନାଗରିକଙ୍କଠାରୁ ଅନେକ ପ୍ରସ୍ତାବ ଓ ପରାମର୍ଶ ପ୍ରାପ୍ତ ହୋଇଛି। ପ୍ରାପ୍ତ ହୋଇଥିବା ସମସ୍ତ ପ୍ରସ୍ତାବ ବିଶିଷ୍ଟ ଓଡ଼ିଆ ସାହିତ୍ୟିକ ପଦ୍ମବିଭୂଷଣ ପ୍ରତିଭା ରାୟଙ୍କ ଅଧ୍ୟକ୍ଷତାରେ ଗଠିତ ଏକ କମିଟି ଦ୍ୱାରା ସମୀକ୍ଷା କରାଯାଇ ସୁପାରିସ ହୋଇଥିବା ପ୍ରସ୍ତାବଗୁଡ଼ିକୁ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଉପସ୍ଥାପନ କରାଯାଇ ମତାମତ ଓ ପରାମର୍ଶ ଆହ୍ୱାନ କରାଯାଇଥିଲା। ସେହି ପ୍ରସ୍ତାବଗୁଡ଼ିକ ଉପରେ ଜନପ୍ରତିନିଧିମାନେ ଏବଂ ଜନସାଧାରଣ ସେମାନଙ୍କ ମତାମତ ତଥା ସୁଚିନ୍ତିତ ପରାମର୍ଶ ଗୁରୁବାରଠାରୁ ମାସେ ପର୍ଯ୍ୟନ୍ତ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଠିକଣାରେ ପ୍ରେରଣ କରିବାକୁ ଅନୁରୋଧ କରାଯାଇଛି।

# ଚାଷୀଙ୍କୁ ମିଳିବ ୧୧,୫୦୦ କୋଟି ଟଙ୍କାର ଖରିଫ ଋଣ

ଭୁବନେଶ୍ୱର,୨୨।୪
(ରବିନାରାୟଣ ଜେନା)

**ତ୍ୱରିତ ପଦକ୍ଷେପ ଲାଗି ସବୁ ଜିଲାପାଳଙ୍କୁ ସମବାୟ ସଚିବଙ୍କ ପତ୍ର**

ରାଜ୍ୟର କୃଷି କ୍ଷେତ୍ରକୁ ଅଧିକ ଗତିଶୀଳ କରିବା ଏବଂ ଚାଷୀଙ୍କ ଆୟ ବୃଦ୍ଧି ଲକ୍ଷ୍ୟରେ ରାଜ୍ୟ ସରକାର ୨୦୨୬ ଖରିଫ ଋତୁ ପାଇଁ ୧୧,୫୦୦ କୋଟି ଟଙ୍କାର ଋଣ ପ୍ରଦାନ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ୨୦୨୫ ଖରିଫରେ ରାଜ୍ୟ ସରକାର ୧୧ହଜାର କୋଟି ଟଙ୍କାର ଶସ୍ୟ ଋଣ ଦେବାକୁ ଲକ୍ଷ୍ୟ ରଖିଥିବାବେଳେ ୧୯.୦୭ଲକ୍ଷ ଚାଷୀଙ୍କୁ ୧୦ହଜାର ୫୬୦.୧୫କୋଟି ଟଙ୍କା ପ୍ରଦାନ କରାଯାଇଥିଲା। ଚାଷୀମାନଙ୍କ ଆର୍ଥିକ ମାନଦଣ୍ଡ ବୃଦ୍ଧି କରିବା ଲକ୍ଷ୍ୟ ନେଇ ସରକାର ଚଳିତବର୍ଷ ଅଧିକ ୫୦୦କୋଟି ଟଙ୍କାର ଋଣ ଦେବାକୁ ନିଷ୍ପତ୍ତି ନେଇଛନ୍ତି। ଏସଂକ୍ରାନ୍ତରେ ସମବାୟ ବିଭାଗ ସଚିବ ରାଜେଶ ପ୍ରଭାକର ପାଟିଲ ସବୁ ଜିଲାପାଳଙ୍କୁ ମଙ୍ଗଳବାର ପତ୍ର ଲେଖି ଅବଗତ କରାଇଛନ୍ତି। ସେ ପତ୍ରରେ ଦର୍ଶାଇଛନ୍ତି, ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ, ସମବାୟ ବ୍ୟାଙ୍କ, ପ୍ୟାକ୍ସ ଓ ଅନ୍ୟାନ୍ୟ ବ୍ୟାଙ୍କ ମାଧ୍ୟମରେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଫସଲ ଋଣ ନେଉଥିବା ଚାଷୀଙ୍କ ପାଇଁ ସୁଧ ହାର ଶୂନ୍ୟ (୦%) ରହିବ। ସେହିପରି ୧ ଲକ୍ଷରୁ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ନେଉଥିବା ଚାଷୀଙ୍କ ପାଇଁ ସୁଧ ହାର ମାତ୍ର ୨% ରହିବ, ଯଦି ସେମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ ଋଣ ପରିଶୋଧ କରନ୍ତି। ସରକାର ସ୍ପଷ୍ଟ କରିଛନ୍ତି ଯେ, ଏଣିକି ପ୍ୟାକ୍ସ ଜରିଆରେ ସମସ୍ତ ସ୍ୱଳ୍ପମିଆଦି କୃଷି ଋଣ କେବଳ ଅନଲାଇନ୍ ମାଧ୍ୟମରେ ହିଁ ପ୍ରଦାନ କରାଯିବ। ଯେଉଁ ପ୍ୟାକ୍ସଗୁଡ଼ିକ ଅନଲାଇନ୍ ବ୍ୟବସ୍ଥା ଗ୍ରହଣ କରିନାହାନ୍ତି, ସେମାନଙ୍କୁ ଖରିଫ୍-୨୦୨୬ ପାଇଁ ରିଫାଇନାନ୍ସ ସୁବିଧା ମିଳିବ ନାହିଁ। ଋଣ ଟଙ୍କା ସିଧାସଳଖ ଚାଷୀଙ୍କ ସଞ୍ଚୟ ବ୍ୟାଙ୍କ ଖାତାକୁ ଯିବ, ଯାହା ପାଇଁ ଚାଷୀଙ୍କ ବ୍ୟାଙ୍କ ଖାତା ସହ ଆଧାର ସଂଯୋଗ ବାଧ୍ୟତାମୂଳକ କରାଯାଇଛି। ରାଜ୍ୟର କୃଷି ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ବଳରାମ ଯୋଜନା ଜରିଆରେ ଭାଗଚାଷୀ, ଜମିହୀନ ଚାଷୀ ଏବଂ ମୌଖିକ ଲିଜ୍‌ଧାରୀଙ୍କୁ ମଧ୍ୟ ଅଧିକ ଋଣ ପ୍ରଦାନ ଉପରେ ଗୁରୁତ୍ୱ ଦିଆଯାଇଛି। ପ୍ୟାକ୍ସଗୁଡ଼ିକ ନିଜର ମୋଟ ଋଣର ଅତିକମ୍‌ରେ ୧୦% ଏହି ବର୍ଗର ଚାଷୀଙ୍କୁ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାଛଡ଼ା ଖରିଫ୍ ଋତୁରେ ସାର ଓ ବିହନର ଅବାଧ ଯୋଗାଣ ପାଇଁ ପ୍ୟାକ୍ସଗୁଡ଼ିକରେ ପୂର୍ବରୁ ଆବଶ୍ୟକ ମହଜୁଦ ରଖିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଚଳିତ ଖରିଫ୍ ଋତୁରେ ମଧ୍ୟ ଜାରି ରହିବ। ଯଦିଓ ଏହି ବୀମା ଚାଷୀଙ୍କ ପାଇଁ ଇଚ୍ଛାଧୀନ, ତଥାପି ସରକାର ସମସ୍ତ ଚାଷୀଙ୍କୁ ସୁରକ୍ଷା ଦୃଷ୍ଟିରୁ ଏଥିରେ ନାମଲେଖାଇବାକୁ ପ୍ରୋତ୍ସାହିତ କରିବା ପାଇଁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଋଣ ସମୟସୀମା ସମ୍ପର୍କରେ କହିଲେ, ଖରିଫ୍ ଓ ରବି ଫସଲ ପାଇଁ ସ୍ୱତନ୍ତ୍ର ଭାବେ ୧୨ ମାସର ଅବଧି ରହିଛି, ଯାହା ଦୀର୍ଘମିଆଦି ଫସଲ ପାଇଁ ୧୮ ମାସ ପର୍ଯ୍ୟନ୍ତ ବୃଦ୍ଧି କରାଯାଇପାରିବ। ରାଜ୍ୟର ସମସ୍ତ ଜିଲାପାଳଙ୍କୁ ଏହି ପ୍ରକ୍ରିୟାକୁ ସୁବିଧାଜନକ ଓ ସମୟାନୁବର୍ତ୍ତୀ କରିବା ପାଇଁ ଜିଲାସ୍ତରୀୟ ସମନ୍ୱୟ କମିଟି ବୈଠକ ଡକାଇବାକୁ ସଚିବ ଜିଲାପାଳମାନଙ୍କୁ ପତ୍ର ଦର୍ଶାଇଛନ୍ତି।

# ଆଜି ୪,୧୧୩ ଶିକ୍ଷକଙ୍କୁ ମିଳିବ ନିଯୁକ୍ତି

ଭୁବନେଶ୍ୱର,୨୨।୪(ସୁଚିସ୍ମିତା ସାହୁ)

ରାଜ୍ୟ ସରକାରଙ୍କ ୭ଗୋଟି ବିଭାଗକୁ ନେଇ ଗୁରୁବାର କଳିଙ୍ଗ ହକି ଷ୍ଟାଡିୟମଠାରେ ନିଯୁକ୍ତି ମେଳା କାର୍ଯ୍ୟକ୍ରମ ଆୟୋଜିତ କରାଯାଇଛି। ଏହି ନିଯୁକ୍ତି ମେଳା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ମୋଟ ୪ହଜାର ୬୨୩ଜଣ ନବନିଯୁକ୍ତଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିବେ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ୩୨୧୫ ସ୍ନାତକଶିକ୍ଷକ ଓ ୮୯୮ଜଣ ସ୍ନାତକୋତ୍ତର ଶିକ୍ଷକଙ୍କୁ ନିଯୁକ୍ତି ପ୍ରଦାନ କରାଯିବ। ସେହିପରି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ୧୧୩ଜଣ ବନାଞ୍ଚଳ ଅଧିକାରୀ ଏବଂ ୪୧ଜଣ ସହକାରୀ ବନ ସଂରକ୍ଷକଙ୍କୁ ନିଯୁକ୍ତି ମିଳିବ।

# ପୁସ୍ତକର ଶକ୍ତି

**ବିଶ୍ୱ ପୁସ୍ତକ ଓ କପିରାଇଟ୍ ଦିବସ**



ପ୍ରତିବର୍ଷ ଏପ୍ରିଲ ୨୩ରେ ପାଳନ ହୋଇଆସୁଛି ବିଶ୍ୱ ପୁସ୍ତକ ଓ କପିରାଇଟ୍ ଦିବସ। ବିଶ୍ୱବ୍ୟାପୀ ପଠନ, ପ୍ରକାଶନ ଏବଂ କପିରାଇଟ ସୁରକ୍ଷାକୁ ପ୍ରୋତ୍ସାହିତ କରିବା ଏହି ଦିବସ ପାଳନର ଅସଲ ଉଦ୍ଦେଶ୍ୟ। ସାରା ବିଶ୍ୱରେ ପୁସ୍ତକର ପରିସରକୁ ଚିହ୍ନଟକରିବା ଲାଗି ୧୯୯୫ ମସିହାରୁ ପାଳନ ହୋଇଆସୁଥିବା ଏହି ଦିବସକୁ - ଅତୀତ ଓ ଭବିଷ୍ୟତ ମଧ୍ୟରେ ଏକ ସଂଯୋଗ, ପିଢ଼ି ଏବଂ ସଂସ୍କୃତି ମଧ୍ୟରେ ଏକ ସେତୁ ଭାବେ ଅଭିହିତ କରାଯାଏ। ୱିଲିୟମ ସେକ୍ସପିଅର, ଇନକା ଗାର୍ସିଲାସୋ ଡେ ଲା ଭେଗାଙ୍କ ସମେତ ଅନେକ ପ୍ରମୁଖ ଲେଖକଙ୍କ ଜନ୍ମ କିମ୍ବା ମୃତ୍ୟୁ ବାର୍ଷିକୀ ସହ ଜଡ଼ିତ ଥିବାରୁ ଏପ୍ରିଲ ୨୩କୁ ଉକ୍ତ ଦିବସ ପାଳନ ଲାଗି ଚୟନ କରାଯାଇଛି। ଚଳିତ ବର୍ଷ ୟୁନେସ୍କୋ ମରକ୍କୋର ରାବାତକୁ ବିଶ୍ୱ ପୁସ୍ତକ ରାଜଧାନୀ ଭାବରେ ନାମିତ କରିଛି। ଏଥିସହ ଏ ବର୍ଷ ପୁସ୍ତକର ଶକ୍ତି ଉପରେ ଧ୍ୟାନ ଦିଆଯାଉଛି ଯାହା ସଂସ୍କୃତିକୁ ସେତୁ, ବହୁଭାଷିତା ମାଧ୍ୟମରେ ସାକ୍ଷରତାକୁ ପ୍ରୋତ୍ସାହିତ କରିବା ଏବଂ ପାଠ୍ୟ ସାମଗ୍ରୀର ପ୍ରବେଶ ବୃଦ୍ଧି ଉପରେ ଗୁରୁତ୍ୱାରୋପ କରାଯାଉଛି।

# ରେଳ ଟ୍ରାକ୍‌ର ଆଧୁନିକୀକରଣ



ଅଶ୍ୱିନୀ ବୈଷ୍ଣବ
**କେନ୍ଦ୍ର ରେଳ, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରୀ**

ପ୍ରତିଦିନ ସାରା ଭାରତରେ ୨୫,୦୦୦ରୁ ଅଧିକ ଟ୍ରେନ୍ ଚାଲିଥାଏ। ୧,୩୭,୦୦୦ କିଲୋମିଟରରୁ ଅଧିକ ଟ୍ରାକ୍ ନେଟ୍‌ୱର୍କରେ ସେଗୁଡ଼ିକ ଦୈନିକ ୨ କୋଟିରୁ ଅଧିକ ଯାତ୍ରୀଙ୍କୁ ପରିବହନ କରିବା ସହିତ ବହୁ ପରିମାଣରେ କୋଇଲା, ଲୁହାପଥର, ଶସ୍ୟ, ଇସ୍ପାତ, ସିମେଣ୍ଟ ଏବଂ ଅନ୍ୟାନ୍ୟ ସାମଗ୍ରୀ ପରିବହନ କରନ୍ତି।

ରେଳ ଟ୍ରାକ୍ ହେଉଛି ସେହି ଭିତ୍ତିଭୂମି, ଯାହା ଉପରେ ଏହି ସମଗ୍ର ବ୍ୟବସ୍ଥା କାମ କରେ। ଯେତେବେଳେ ଏହା ଭଲ ଅବସ୍ଥାରେ ଥାଏ, ଟ୍ରେନ୍‌ଗୁଡ଼ିକ ଅଧିକ ବେଗରେ ଓ ସୁରକ୍ଷିତ ଭାବରେ ଚାଲିଥାଏ। ଏହା ଭଲ ଅବସ୍ଥାରେ ନ ଥିଲେ, ଗତି ପ୍ରତିବନ୍ଧକ ଏବଂ ବିଳମ୍ବଠାରୁ ଆରମ୍ଭ କରି ସୁରକ୍ଷା ସହ ଜଡ଼ିତ ବିପଦ ପର୍ଯ୍ୟନ୍ତ ବିଭିନ୍ନ ଅସୁବିଧା ହୋଇଥାଏ। ଭଙ୍ଗା ରେଳ, ଢିଲା ଫିଟିଂ କିମ୍ବା ଗେଟି ପରସ୍ତ ଟ୍ରେନ୍‌ର ଗତିକୁ ପ୍ରଭାବିତ କରିପାରେ।

ରେଳ ଟ୍ରାକ୍‌ର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଭାରତୀୟ ରେଳବାଇ ଏକ ଦଶନ୍ଧି ପୂର୍ବରୁ ବ୍ୟାପକ ଆଧୁନିକୀକରଣ କାର୍ଯ୍ୟକ୍ରମ ଆରମ୍ଭ କରିଥିଲା। ଏହି କାର୍ଯ୍ୟରେ ଆଧୁନିକ ମେଶିନ ବ୍ୟବହାର କରି ଟ୍ରାକ୍ ନବୀକରଣ, ଉନ୍ନତ ପଦ୍ଧତି ମାଧ୍ୟମରେ ପରୀକ୍ଷଣ ଓ ଯାଞ୍ଚ, ଯାନ୍ତ୍ରିକ ରକ୍ଷଣାବେକ୍ଷଣ, ସୁରକ୍ଷା ବାଡ଼ ଇତ୍ୟାଦି ଅନ୍ତର୍ଭୁକ୍ତ ଥିଲା। ମିଳିତ ଭାବେ ଏହି ପ୍ରୟାସଗୁଡ଼ିକ ନେଟୱର୍କର ସ୍ଥିତିରେ ଆଖିଦୃଶିଆ ପରିବର୍ତ୍ତନ ଆଣିଛି।

୨୦୧୪ ମସିହାରୁ ପ୍ରାୟ ୫୫,୦୦୦ କିଲୋମିଟର ଟ୍ରାକ୍‌ର ନବୀକରଣ କରାଯାଇଛି। ଏହା ଦ୍ୱାରା ସୁରକ୍ଷା ସହିତ ଯାତ୍ରାର ଗୁଣବତ୍ତା ବୃଦ୍ଧି ପାଇଛି ଏବଂ ବାରମ୍ବାର ମରାମତିର ଆବଶ୍ୟକତା ହ୍ରାସ ପାଇଛି। ୨୬୦ ମିଟର ଲମ୍ବ ବିଶିଷ୍ଟ ପ୍ରାୟ ୪୪,୦୦୦ ଟ୍ରାକ୍ କିଲୋମିଟର ଦୀର୍ଘ ରେଳ ପ୍ୟାନେଲ ବିଛାଯାଇଛି। ଲମ୍ବା ପ୍ୟାନେଲଗୁଡ଼ିକର ଅର୍ଥ ହେଉଛି କମ୍ ଯୋଡ଼େଇ, ଯାହା ସୁଗମ ଏବଂ ସୁରକ୍ଷିତ ଟ୍ରେନ ଗତିକୁ ସକ୍ଷମ କରିଥାଏ। ୮୦,୦୦୦ କିଲୋମିଟରରୁ ଅଧିକ ଭାଗରେ ମଜଭୁତ ୬୦ କିଲୋଗ୍ରାମ ବିଶିଷ୍ଟ ରେଳ ଟ୍ରାକ୍ ବର୍ତ୍ତମାନ ବ୍ୟବହାର ହେଉଛି, ଯାହା ଅଧିକ ଭାର ଏବଂ ଗତିକୁ ସମର୍ଥନ କରେ।

ମଜଭୁତ ରେଳଟ୍ରାକ୍ ବିଛାଇବା ଗୁରୁତ୍ୱପୂର୍ଣ୍ଣ, କିନ୍ତୁ ଠିକ୍ ସମୟରେ ତ୍ରୁଟି ଖୋଜିବା ମଧ୍ୟ ଜରୁରୀ। ପ୍ରାୟ ୩୬.୨ ଲକ୍ଷ ଟ୍ରାକ୍ କିଲୋମିଟର ଏବଂ ୨.୨୫ କୋଟି ୱେଲ୍ଡର ଅଲ୍‌ଟ୍ରାସୋନିକ ଫାଟ ଚିହ୍ନଟ (ୟୁଏସ୍ଏଫ୍‌ଡି) ଯାଞ୍ଚ କରାଯାଇଛି। ଏହା ଜରିଆରେ ବାହାରୁ ଦେଖାଯାଉ ନ ଥିବା ରେଳ ଭିତରର ଲୁକ୍କାୟିତ ଫାଟ ଚିହ୍ନଟ କରାଯାଉଛି। ଫଳସ୍ୱରୂପ ରେଳ ଏବଂ ୱେଲ୍ଡ ତ୍ରୁଟି ପ୍ରାୟ ୯୦% ହ୍ରାସ ପାଇଛି। କୌଣସି ଘଟଣା ଘଟିବା ପରେ ସମସ୍ୟା ସମାଧାନ କରିବା ବଦଳରେ ପୂର୍ବରୁ ସେଗୁଡ଼ିକୁ ରୋକିବା ପାଇଁ ଏକ ପରିବର୍ତ୍ତିତ ବ୍ୟବସ୍ଥା ହୋଇଛି।

ବର୍ତ୍ତମାନ ବ୍ୟବହୃତ ହେଉଥିବା ଅନ୍ୟ ପଦ୍ଧତିଗୁଡ଼ିକ ମଧ୍ୟରେ ଫ୍ଲାସ-ବଟ ୱେଲ୍ଡ ପାଇଁ ପର୍ଯ୍ୟାୟବଦ୍ଧଆରେ ପରୀକ୍ଷା, ନୂତନ ୱେଲ୍ଡ ପାଇଁ ଚୁମ୍ବକୀୟ ପାର୍ଟିକିଲ ନିରୀକ୍ଷଣ ଏବଂ ଜିପିଏସ୍‌ଚାଳିତ ଓସିଲେଶନ ମନିଟରିଂ ସିଷ୍ଟମ (ଓଏମ୍ଏସ୍) ଅନ୍ତର୍ଭୁକ୍ତ, ଯାହା ଯାତ୍ରାର ଗୁଣବତ୍ତା ମାପ କରେ ଏବଂ ଟ୍ରାକରେ ଥିବା ଖରାପ ସ୍ଥାନଗୁଡ଼ିକର ସଠିକ୍ ଭାବେ ଚିହ୍ନଟ କରେ।

| ଗତି (ଘଣ୍ଟା ପ୍ରତି କିଲୋମିଟର) | ୨୦୧୪ | | ୨୦୨୬ | |
|---|---|---|---|---|
| | ରନିଂ ଟ୍ରାକ୍ କିଲୋମିଟର | % | ରନିଂ ଟ୍ରାକ କିଲୋମିଟର | % |
| ୧୩୦ ରୁ ଅଧିକ | ୪,୦୩୬ | ୬.୩ | ୨୪,୧୭୩ | ୨୨.୪ |
| ୧୧୦-୧୩୦ | ୨୬,୪୦୯ | ୩୩.୩ | ୬୨,୪୮୨ | ୪୮.୨ |
| ୧୧୦ ଠାରୁ କମ୍ | ୪୭,୮୯୭ | ୬୦.୪ | ୨୦,୬୭୯ | ୧୯.୩ |
| ମୋଟ | ୭୯,୩୪୨ | ୧୦୦ | ୧,୦୭,୩୩୪ | ୧୦୦ |

ଟ୍ରାକ୍ ମେଶିନ ସଂଖ୍ୟା ୨୦୧୪ରେ୭୪୮ରୁଦ୍ୱିଗୁଣିତହୋଇ ୨୦୨୬ରେ ୧,୭୮୫ରେ ପହଞ୍ଚିଛି। ଏହି ମେଶିନଗୁଡ଼ିକ ଟାମ୍ପିଂ, ବାଲାଷ୍ଟ ସଫା କରିବା ଏବଂ ରେଳ ଗ୍ରାଇଣ୍ଡିଂକୁ ପାରମ୍ପରିକ ପଦ୍ଧତି ବା ମାନୁଆଲ କାମ ଅପେକ୍ଷା ଭଲ, ଦ୍ରୁତ ଏବଂ ଅଧିକ ସମାନ ଭାବରେ କରନ୍ତି।

ମେଶିନ୍‌ଗୁଡ଼ିକ ବାଲାଷ୍ଟର ଗଭୀର ସ୍କ୍ରିନିଂରେ ଏକ ଉଲ୍ଲେଖନୀୟ ଫରକ ଆଣିଛି। ଟ୍ରାକ୍ ତଳେ ଚୂର୍ଣ୍ଣ ପଥରର ସ୍ତର ଜଳ ନିଷ୍କାସନ ପ୍ରଦାନ କରେ, କମ୍ପନ ଶୋଷଣ କରେ ଏବଂ ଟ୍ରାକ୍‌କୁ ସ୍ଥିର ରଖେ। ସମୟ ସହିତ ବାଲାଷ୍ଟ ପଥରଗୁଡ଼ିକ ଟ୍ରେନ୍‌ର ସ୍ଥିର ଓଜନ ଏବଂ କମ୍ପନରେ ଗୁଣ୍ଡ ହୋଇଯାଏ। ଏହା ଫଳରେ ବେଡ୍ ବନ୍ଦ ହୋଇଯାଏ ଏବଂ ଏହାର କାର୍ଯ୍ୟ କରିବାର କ୍ଷମତା ହ୍ରାସ କରେ। ସ୍କ୍ରିନିଂ ଟ୍ରାକ୍ ବେଡ୍‌କୁ ସଠିକ ଅବସ୍ଥାରେ ପୁନଃ ସ୍ଥାପିତ କରେ। ଏହି କାର୍ଯ୍ୟ ୧ ଲକ୍ଷରୁ ଅଧିକ ଟ୍ରାକ୍ କିଲୋମିଟରରେ କରାଯାଇଛି, ମୁଖ୍ୟତଃ ମେଶିନ ଦ୍ୱାରା।

ପୃଷ୍ଠର ତ୍ରୁଟି ଦୂର କରିବା ଏବଂ ଯାତ୍ରାର ଗୁଣବତ୍ତା ଓ ସୁରକ୍ଷାକୁ ଉନ୍ନତ କରିବା ପାଇଁ ୧ ଲକ୍ଷ କିଲୋମିଟରରୁ ଅଧିକ ରେଳର ଗ୍ରାଇଣ୍ଡିଂ କରାଯାଇଛି।

ପ୍ରତିବର୍ଷ ଟ୍ରେନ୍ ଟ୍ରାଫିକ୍ ବୃଦ୍ଧି ପାଉଥିବାରୁ ଟ୍ରେନଗୁଡ଼ିକ ମଧ୍ୟରେ ରକ୍ଷଣାବେକ୍ଷଣ ୱିଣ୍ଡୋ ସଙ୍କୁଚିତ ହେଉଛି। ମେଶିନଗୁଡ଼ିକ ସେବାଗୁଡ଼ିକୁ ବାଧାପ୍ରାପ୍ତ ନ କରି କମ୍ ସମୟରେ ଅଧିକ କାର୍ଯ୍ୟ କରିବାରେ ସାହାଯ୍ୟ କରେ। କିନ୍ତୁ ଟ୍ରେନ୍‌ଗୁଡ଼ିକ ପଏଣ୍ଟ ଓ କ୍ରସିଂ ଦେଇ କିପରି ଯାତାୟାତ କରେ, ତାହା ଉପରେ ମଧ୍ୟ ସୁରକ୍ଷା ନିର୍ଭର କରେ। ଭାରତୀୟ ରେଳ ଟ୍ରାକ୍ ନବୀକରଣ ସହିତ ଅନେକ ସହାୟକ ପଦକ୍ଷେପ ଗ୍ରହଣ କରିଛି।

ପ୍ରାୟ ୧୭,୫୦୦ କିଲୋମିଟର ସୁରକ୍ଷା ବାଡ଼ ସ୍ଥାପନ କରାଯାଇଛି, ବିଶେଷକରି ଯେଉଁଠାରେ ଟ୍ରେନ୍‌ଗୁଡ଼ିକ ୧୧୦ କିଲୋମିଟର ପ୍ରତି ଘଣ୍ଟା ବେଗରେ ଚାଲେ, ସେଠାରେ ଏପରି କରାଯାଇଛି। ଏହା ସାଧାରଣ ଲୋକ ଏବଂ ପ୍ରାଣୀମାନଙ୍କ ଅନୁପ୍ରବେଶକୁ ରୋକିବାରେ ସାହାଯ୍ୟ କରେ। ପଏଣ୍ଟ ଏବଂ କ୍ରସିଂରେ ୩୬,୦୦୦ ମୋଟା-ୱେବ ସ୍ୱିଚ ଏବଂ ୭,୫୦୦ ୱେଲ୍ଡେବଲ ସିଏମ୍ଏସ୍ କ୍ରସିଂ ଯୋଗାଇ ଦିଆଯାଇଛି। ଏଗୁଡ଼ିକ ଅଧିକ ସମୟ ପର୍ଯ୍ୟନ୍ତ ରହିଥାଏ ଏବଂ ସୁଗମ ଟ୍ରେନ୍ ଚଳାଚଳକୁ ସକ୍ଷମ କରେ। ୨୦୧୯ରେ କାର୍ଯ୍ୟକ୍ଷମ କରାଯାଇଥିବା ପ୍ରଶସ୍ତ, ଭାରୀ ସ୍ଲିପରଗୁଡ଼ିକ ସ୍ଥିରତାକୁ ଉନ୍ନତ କରିଛି, ବିଶେଷକରି ଗ୍ରୀଷ୍ମଋତୁର ଗରମ ସମୟରେ। ଗିର୍ଡର ବ୍ରିଜ ଏବଂ ୟାର୍ଡ ମାଧ୍ୟମରେ ଲମ୍ବା ୱେଲ୍ଡିଂ ରେଳ ଉପରେ ଏଚ୍-ବିମ୍ ସ୍ଲିପରଗୁଡ଼ିକ ନେଟୱର୍କକୁ ଆହୁରି ମଜଭୁତ କରିଛି।

ରେଳ ଟ୍ରାକ୍ ଆଧୁନିକୀକରଣର ସବୁଠୁ ସ୍ପଷ୍ଟ ପ୍ରଭାବ ହେଉଛି ଟ୍ରେନ୍ ଗତି ବୃଦ୍ଧି ପାଇବା:

୧୩୦ କିଲୋମିଟର ପ୍ରତି ଘଣ୍ଟା ଏବଂ ତଦୂର୍ଦ୍ଧ୍ୱ ବେଗକୁ ସମର୍ଥନ କରୁଥିବା ଟ୍ରାକ ୬%ରୁ ପ୍ରାୟ ୨୩% ବୃଦ୍ଧି ପାଇଛି। ୧୧୦ କିଲୋମିଟର ପ୍ରତି ଘଣ୍ଟା ଏବଂ ତଦୂର୍ଦ୍ଧ୍ୱ ବେଗ ପାଇଁ ଟ୍ରାକ୍ ପ୍ରାୟ ୪୦%ରୁ ୮୦% ବୃଦ୍ଧି ପାଇଛି। ଏହା ଯାତ୍ରା ସମୟ ହ୍ରାସ କରିଛି, ସମୟାନୁବର୍ତ୍ତିତାରେ ଉନ୍ନତି ଆଣିଛି ଏବଂ ବନ୍ଦେ ଭାରତ ଏକ୍ସପ୍ରେସ ପରି ସେମି ହାଇସ୍ପିଡ ସେବା ଯୋଗାଇବା ସମ୍ଭବ କରିଛି।

ଏହି ଆଧୁନିକୀକରଣ ପଦକ୍ଷେପଗୁଡ଼ିକର ମିଳିତ ପ୍ରଭାବ ସୁରକ୍ଷା ତଥ୍ୟରେ ପ୍ରତିଫଳିତ ହୋଇଛି। ଫଳସ୍ୱରୂପ ଟ୍ରେନ୍ ଦୁର୍ଘଟଣା ୨୦୧୪-୧୫ରେ ୧୩୫ରୁ ହ୍ରାସ ପାଇ ୨୦୨୫-୨୬ରେ ୧୬କୁ ହ୍ରାସ ପାଇଛି, ଅର୍ଥାତ୍ ପ୍ରାୟ ୮୯% ହ୍ରାସ ଦେଖାଦେଇଛି। ପ୍ରତି ୧୦ ଲକ୍ଷ କିଲୋମିଟରରେ ଟ୍ରେନ୍‌ର ଦୁର୍ଘଟଣା ହାର ୦.୧୧ରୁ ୦.୦୧ ହୋଇଛି, ଯେଉଁଥିରେ ପ୍ରାୟ ୯୦% ଉନ୍ନତି ଆସିଛି। ଏହା ଏପରି ଏକ ସମୟ ମଧ୍ୟରେ ଆସିଛି, ଯେତେବେଳେ ଟ୍ରେନ୍ ଟ୍ରାଫିକ ବୃଦ୍ଧି ପାଇଛି। ଅଧିକ ଟ୍ରେନ୍, ଅଧିକ ଯାତ୍ରୀ, କିନ୍ତୁ ଦୁର୍ଘଟଣା କମ୍ ରହିଛି।

ଏବେ ରେଳବାଇ ଏକ ନୂଆ ଅନ୍‌ଲାଇନ ବ୍ୟବସ୍ଥା ମଧ୍ୟ ଆରମ୍ଭ କରିଛି। ଏହା ହେଉଛି ୱେବ୍ ଆଧାରିତ ଟ୍ରାକ୍ ପରିଚାଳନା ପ୍ରଣାଳୀ (ଟିଏମ୍ଏସ୍)। ଏହି ବ୍ୟବସ୍ଥା ବର୍ତ୍ତମାନ ଅଲ୍‌ଟ୍ରାସୋନିକ ପରୀକ୍ଷଣ, ଯାତ୍ରା ଗୁଣବତ୍ତା ଅନୁଧ୍ୟାନ ଏବଂ ଟ୍ରାକ୍ ସ୍ଥିତି ଭଳି ତଥ୍ୟକୁ ଗୋଟିଏ ସ୍ଥାନରେ ଏକତ୍ରିତ କରେ। ଏହାଦ୍ୱାରା ପ୍ରାଥମିକତା ସ୍ଥିର କରିବା ଏବଂ ସମୟ ପୂର୍ବରୁ କାର୍ଯ୍ୟ କରିବା ସହଜ ହୋଇଥାଏ।

ବାର ବର୍ଷ ପୂର୍ବେ ଭାରତର ୬୦% ରେଳ ଟ୍ରାକ୍ ଘଣ୍ଟା ପ୍ରତି ୧୧୦ କିଲୋମିଟର ଠାରୁ କମ୍ କ୍ଷମତାରେ ସୀମିତ ଥିଲା। ରେଳ ଟ୍ରାକ୍ ଭାଙ୍ଗିବା ସାଧାରଣ କଥା ଥିଲା ଏବଂ ଅଧିକାଂଶ ରକ୍ଷଣାବେକ୍ଷଣ ପାରମ୍ପରିକ ପଦ୍ଧତି ବା ମାନୁଆଲ ମାଧ୍ୟମରେ ହେଉଥିଲା। ଆଜି, ପ୍ରାୟ ୮୦% ନେଟ୍‌ୱର୍କରେ ୧୧୦ କିଲୋମିଟର ପ୍ରତି ଘଣ୍ଟା କିମ୍ବା ତା'ଠାରୁ ଅଧିକ ବେଗରେ ରେଳ ପରିଚାଳିତ ହେଉଛି। ରେଳ ଏବଂ ୱେଲ୍ଡ ଭାଙ୍ଗିବା ପ୍ରାୟ ୯୦% ହ୍ରାସ ପାଇଛି ଏବଂ ପ୍ରାୟ ୧,୮୦୦ ଟ୍ରାକ୍ ମେଶିନ କାମ କରୁଛି। ଲକ୍ଷ ଲକ୍ଷ ଯାତ୍ରୀ ଏବଂ ରେଳ ମାଲ ପରିବହନ ଉପରେ ନିର୍ଭରଶୀଳ ରେଳ କାରବାର ପାଇଁ ଏହି ପରିବର୍ତ୍ତନଗୁଡ଼ିକ ଲାଭଜନକ ହୋଇପାରିଛି। ସୁଗମ ଯାତ୍ରା, କମ୍ ଯାତ୍ରା ସମୟ ଏବଂ ଏକ ଅଧିକ ନିର୍ଭରଯୋଗ୍ୟ ନେଟୱର୍କ ସୁନିଶ୍ଚିତ ହୋଇଛି। କାମ ଏବେ ଶେଷ ହୋଇନାହିଁ, କିନ୍ତୁ ସ୍ଥିର ପ୍ରୟାସ ଓ ନିରନ୍ତର ନିବେଶ ଦ୍ୱାରା ଯେ ଲାଭ ମିଳିପାରିବ ତାହା ବର୍ତ୍ତମାନର ଅଗ୍ରଗତିରୁ ସ୍ପଷ୍ଟ ହୋଇପାରିଛି।

# ବଲାଙ୍ଗୀରରେ ପ୍ରତିଷ୍ଠା ହେବ ଅତ୍ୟାଧୁନିକ ସୂତା ଉତ୍ପାଦନ ୟୁନିଟ୍

ଭୁବନେଶ୍ୱର,୨୨।୪(ରବିନାରାୟଣ ଜେନା)

ପଶ୍ଚିମ ଓଡ଼ିଶାର ଶିଳ୍ପ ପରିବେଶକୁ ସୁଦୃଢ଼ କରିବା ପାଇଁ ବୁଧବାର ରାଜ୍ୟ କ୍ୟାବିନେଟ୍ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛି। ଲୋକସେବା ଭବନରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକ ପରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଗଣମାଧ୍ୟମକୁ କହିଛନ୍ତି, ରାଜ୍ୟ କ୍ୟାବିନେଟ୍ ଶ୍ରୀଅମ୍ବିକା କଟ୍‌ସିନ୍ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା ବଲାଙ୍ଗୀର ଜିଲାରେ ଏକ ଅତ୍ୟାଧୁନିକ ସୂତା ଉତ୍ପାଦନ ୟୁନିଟ୍ ପ୍ରତିଷ୍ଠା କରିବା ପାଇଁ ନିଷ୍ପତ୍ତି ନେଇଛି। ଏହି ପ୍ରକଳ୍ପ କେବିକେ ଅଞ୍ଚଳ ଏବଂ ଆକାଂକ୍ଷୀ ଜିଲାଗୁଡ଼ିକରେ ଉଚ୍ଚମୂଲ୍ୟର ଶିଳ୍ପ କାର୍ଯ୍ୟକଳାପକୁ ପ୍ରୋତ୍ସାହିତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେବ।

ମୁଖ୍ୟ ସଚିବ କହିଛନ୍ତି, ଓଡ଼ିଶାରେ କପାଚାଷରେ ନିରନ୍ତର ବୃଦ୍ଧି ଘଟିଛି, ତଥାପି ରାଜ୍ୟରେ ଐତିହାସିକ ଭାବରେ ଡାଉନ୍‌ଷ୍ଟ୍ରିମ୍ ପ୍ରକ୍ରିୟାକରଣ ଏବଂ ମୂଲ୍ୟ ବୃଦ୍ଧି ପାଇଁ ଆବଶ୍ୟକ ଭିତ୍ତିଭୂମିର ଅଭାବ ରହିଛି। ଶ୍ରୀଅମ୍ବିକା କଟ୍‌ସିନ୍ ୨୭ ବର୍ଷରୁ ଅଧିକ ଶିଳ୍ପ ଅଭିଜ୍ଞତା ସହିତ ଏକ ଓଡ଼ିଶାଭିତ୍ତିକ କମ୍ପାନୀ ଦ୍ୱାରା ନୂତନ ୟୁନିଟ୍ ଆଗକୁ ଏହି ବ୍ୟବଧାନକୁ ପୂରଣ କରିବା ପାଇଁ ଡିଜାଇନ୍ କରାଯାଇଛି। ମୌଳିକ କପା ଜିନିଂରୁ ଉନ୍ନତ ସୂତା ଉତ୍ପାଦନକୁ ପରିବର୍ତ୍ତନ କରି ଏହି ପ୍ରକଳ୍ପ ନିଶ୍ଚିତ କରିବ ଯେ, ସ୍ଥାନୀୟ କପାରୁ ଉତ୍ପାଦିତ ମୂଲ୍ୟ ରାଜ୍ୟ ମଧ୍ୟରେ ରହିବ, ଯାହା ସାମଗ୍ରିକ ବୟନ ଏବଂ ପୋଷାକ ଇକୋସିଷ୍ଟମକୁ ସୁଦୃଢ଼ କରିବ। ଏହି ପ୍ରକଳ୍ପରେ ମୋଟ ୧,୧୨୪ କୋଟି ଟଙ୍କା ନିବେଶ ହେବ। ଏହା ବଲାଙ୍ଗୀର ଏବଂ ସମଗ୍ର କେବିକେ ଅଞ୍ଚଳରେ ଶିଳ୍ପ ଅଭିବୃଦ୍ଧିର ଏକ ମୂଳଦୁଆ ହେବାକୁ ପ୍ରସ୍ତୁତ। ପୁଞ୍ଜି ଯୋଗାଣ ବ୍ୟତୀତ ଏହି ୟୁନିଟ୍ ୩୦୦ ଜଣଙ୍କ ପାଇଁ ସିଧାସଳଖ ନିଯୁକ୍ତି ସୃଷ୍ଟି କରିବ ବୋଲି ଆଶା କରାଯାଉଛି, ଯାହା ପାରମ୍ପରିକ ଭାବରେ ଏକ ଦୃଢ଼ ଶିଳ୍ପ ଭିତ୍ତିଭୂମିର ଅଭାବ ଥିବା ଅଞ୍ଚଳରେ ସ୍ଥାୟୀ ଜୀବିକା ପ୍ରଦାନ କରିବ। ସେହିପରି ସୂତା ଏବଂ ବୟନ ପାଇଁ ଆବଶ୍ୟକ ଇକୋସିଷ୍ଟମ ନିର୍ମାଣ କରି ଏହି ପ୍ରକଳ୍ପ ଅଞ୍ଚଳର ବୟନ ଶିଳ୍ପକ୍ଷେତ୍ରରେ ମୂଲ୍ୟ-ପ୍ରତିବଦ୍ଧତାର ପାରମ୍ପରିକ ଅଭାବକୁ ଦୂର କରିବାରେ ସାହାଯ୍ୟ କରିବ। ବଲାଙ୍ଗୀରରେ ଉଚ୍ଚ-ପ୍ରଯୁକ୍ତିବିଦ୍ୟା ଉତ୍ପାଦନକୁ ସହଜ କରି ରାଜ୍ୟ ପଶ୍ଚିମ ଓଡ଼ିଶାର ଅର୍ଥନୈତିକ ରୂପରେଖକୁ ପରିବର୍ତ୍ତନ କରିବା ପାଇଁ ସକ୍ରିୟ ଭାବେ କାର୍ଯ୍ୟ କରିବ, ଯାହା ପ୍ରଯୁକ୍ତିବିଦ୍ୟାର ବୃଦ୍ଧି ଓ ବସ୍ତ୍ର ଉତ୍ପାଦନର ଏକ କେନ୍ଦ୍ରରେ ପରିଣତ ହେବ ବୋଲି ମୁଖ୍ୟ ସଚିବ କହିଛନ୍ତି।

# ଏସ୍‌ପିଏସ୍ କନ୍‌ଷ୍ଟ୍ରକ୍ସନ କମ୍ପାନୀକୁ କାଠଯୋଡ଼ି ସେତୁ ନିର୍ମାଣ ଦାୟିତ୍ୱ

କାଠଯୋଡ଼ି ନଦୀ ଉପରେ ନୂତନ ସେତୁ ନିର୍ମାଣ ପାଇଁ ବୁଧବାର ରାଜ୍ୟ କ୍ୟାବିନେଟ୍ ନିଷ୍ପତ୍ତି ନେଇଛି। ଏହି ଅବସରରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କହିଛନ୍ତି, ରାଜ୍ୟ ସରକାର କଟକ ସହରରେ କାଠଯୋଡ଼ି ନଦୀ ଉପରେ ବର୍ତ୍ତମାନର ସେତୁ ସହ ସମାନ୍ତର ଭାବେ ଉପର ପ୍ରବାହ ପକ୍ଷରେ ନୂତନ ସେତୁ ନିର୍ମାଣ କରିବା ପାଇଁ ସ୍ଥିର କରିଛନ୍ତି, ଯାହା ତ୍ରିଶୂଳିଆ ଛକକୁ ଜୁଡିସିଆଲ୍ ଏକାଡେମୀ ଛକ ସହ ସଂଯୋଗ କରିବ। ଏହି ସେତୁଟି ଭୁବନେଶ୍ୱର ଓ କଟକ ଦ୍ୱୈତ୍ୟନଗରୀକୁ ସଂଯୋଗ କରୁଥିବା ଜାତୀୟ ରାଜପଥ-୧୬ ଉପରେ ଯାତାୟାତ ଜଟିଳତାକୁ କମାଇବ ଏବଂ ସମୟ ଅପଚୟକୁ ରୋକାଯାଇପାରିବ। ବିଭିନ୍ନ ସରକାରୀ ତଥା ନିଜସ୍ୱ କାର୍ଯ୍ୟ ପାଇଁ ଦ୍ୱୈତ୍ୟନଗରୀ ଉପରେ ନିର୍ଭର କରୁଥିବା ସାଧାରଣ ଲୋକେ ଏହାଦ୍ୱାରା ବିଶେଷ ଉପକୃତ ହେବେ। କଟକରେ ଅବସ୍ଥିତ ଅନେକ କେନ୍ଦ୍ର ଓ ରାଜ୍ୟ ସରକାରୀ କାର୍ଯ୍ୟାଳୟ, ଓଡ଼ିଶା ଉଚ୍ଚ ନ୍ୟାୟାଳୟ, ଏସ୍‌ସିବି ମେଡିକାଲ କଲେଜ ଓ ଚିକିତ୍ସାଳୟ ଏବଂ ବିଭିନ୍ନ କର୍ପୋରେଟ୍ କାର୍ଯ୍ୟାଳୟକୁ ଆସୁଥିବା ଜନସାଧାରଣ ଏହାଦ୍ୱାରା ବିଶେଷଭାବେ ଉପକୃତ ହେବେ।

ସେ ପୁଣି କହିଛନ୍ତି, ରାଜ୍ୟ କ୍ୟାବିନେଟ୍ ୧୫୮ କୋଟି ୮୮ ଲକ୍ଷ ୯୦ ହଜାର ୩୦୫ ଟଙ୍କାରେ ମେସର୍ସ ଏସ୍.ପି.ଏସ୍. କନ୍‌ଷ୍ଟ୍ରକ୍ସନ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍‌କୁ ଏହାର ନିର୍ମାଣ ଦାୟିତ୍ୱ ଦେବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଏହି କାର୍ଯ୍ୟ ୩୬ ମାସ ଭିତରେ ଶେଷ କରିବାକୁ ସମୟ ଧାର୍ଯ୍ୟ କରାଯାଇଛି ବୋଲି ମୁଖ୍ୟ ସଚିବ ଗର୍ଗ କହିଛନ୍ତି।

# କମିଲା ଆପାର୍ଟମେଣ୍ଟ ପଞ୍ଜୀକରଣ ରାଶି

ଭୁବନେଶ୍ୱର,୨୨।୪(ରବିନାରାୟଣ ଜେନା)

ରାଜ୍ୟରେ ଦୀର୍ଘଦିନ ଧରି ଆପାର୍ଟମେଣ୍ଟ ପଞ୍ଜୀକରଣରେ ଲାଗିରହିଥିବା ସମସ୍ୟାକୁ ଦୃଷ୍ଟିରେ ରଖି ବୁଧବାର ରାଜ୍ୟ କ୍ୟାବିନେଟ୍ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକ ପରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କହିଛନ୍ତି, ଓଡ଼ିଶା ଆପାର୍ଟମେଣ୍ଟ(ମାଲିକାନା ଓ ପରିଚାଳନା) ଅଧିନିୟମ-୨୦୨୩ ଅନୁଯାୟୀ, ପ୍ରଥମ ଆପାର୍ଟମେଣ୍ଟ ହସ୍ତାନ୍ତର ଦଲିଲ୍ ପଞ୍ଜୀକରଣ ସମୟରେ ସମୁଦାୟ ସାଧାରଣ କ୍ଷେତ୍ର ଓ ସୁବିଧାଗୁଡ଼ିକୁ ଆସୋସିଏଶନ ଅଫ୍ ଆଲଟିଙ୍କ ସପକ୍ଷରେ ହସ୍ତାନ୍ତର କରିବା ବାଧ୍ୟତାମୂଳକ ଥିଲା। ଏଥିପାଇଁ ଆସୋସିଏଶନ ଅଫ୍ ଆଲୋଟିଙ୍କୁ ଦଲିଲ୍ ପଞ୍ଜୀକରଣ ନିମନ୍ତେ ୫% ଷ୍ଟାମ୍ପ୍ ଦେୟ ଦେବାକୁ ପଡ଼ିଥାଏ, ଯାହାକି ସେମାନଙ୍କ ଉପରେ ଅଧିକ ଆର୍ଥିକଭାର ସୃଷ୍ଟି କରୁଥିଲା। ଏହାଦ୍ୱାରା ଆପାର୍ଟମେଣ୍ଟ ପଞ୍ଜୀକରଣରେ ବାଧା ସୃଷ୍ଟି ହେଉଥିଲା। ଏହି ପଞ୍ଜୀକରଣ ପ୍ରକ୍ରିୟାକୁ ସରଳୀକରଣ କରିବା ଓ ସରକାରଙ୍କ ରାଜସ୍ୱ ଆଦାୟକୁ ସୁରକ୍ଷିତ କରିବା ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ଭାରତୀୟ ଷ୍ଟାମ୍ପ୍ ଅଧିନିୟମ-୧୮୯୯ରେ ଆବଶ୍ୟକ ସଂଶୋଧନ ପାଇଁ ଅଧ୍ୟାଦେଶ ଜାରି କରିବାକୁ କ୍ୟାବିନେଟ୍ ସ୍ୱୀକୃତି ଦେଇଛି। ଏହିସଂଶୋଧନ ବଳରେ ଆପାର୍ଟମେଣ୍ଟରେ ଥିବା ସାଧାରଣ କ୍ଷେତ୍ର ଓ ସୁବିଧାଗୁଡ଼ିକର ପଞ୍ଜୀକରଣ ନିମନ୍ତେ ଆସୋସିଏଶନ ଅଫ୍ ଆଲଟିଙ୍କୁ ଦଲିଲ ପଞ୍ଜୀକରଣ ପାଇଁ ୫୦,୦୦୦ ଟଙ୍କା ମାତ୍ର ଷ୍ଟାମ୍ପ୍ ଦେୟ ଦେବାକୁ ପଡ଼ିବ। ପରବର୍ତ୍ତୀ ସମୟରେ ବ୍ୟକ୍ତିଗତ ଆପାର୍ଟମେଣ୍ଟ ୟୁନିଟ୍ ବିକ୍ରୟ ସମୟରେ ଆପାର୍ଟମେଣ୍ଟ ୟୁନିଟ୍ ସହ ସାଧାରଣ କ୍ଷେତ୍ର ଓ ସୁବିଧାଗୁଡ଼ିକର ଅବିଭକ୍ତ ଅଂଶ ଉପରେ ୫% ଷ୍ଟାମ୍ପ୍ ଡ୍ୟୁଟି ଆନୁପାତିକ ଭାବେ ଆଦାୟ ହେବ। ଏହାସହିତ ଅଧିନିୟମରେ ଥିବା ଆପାର୍ଟମେଣ୍ଟର ମୂଲ୍ୟ ଅନୁଯାୟୀ ୩ଟି ସ୍ଲାବ୍ ଯଥା ୩%, ୪%, ଓ ୫% ପରିବର୍ତ୍ତେ କେବଳ ୫% ଷ୍ଟାମ୍ପ୍ ଦେୟ ଦେବାକୁ ପଡ଼ିବ ବୋଲି ମୁଖ୍ୟ ସଚିବ ଗର୍ଗ କହିଛନ୍ତି।

# ରାଜ୍ୟ ତଥ୍ୟ ନୀତି-୨କୁ ମଞ୍ଜୁରୀ

**ରାଜ୍ୟ କ୍ୟାବିନେଟ୍‌ର ନିଷ୍ପତ୍ତି**

ରାଜ୍ୟରେ 'ଆଇଟି' କ୍ଷେତ୍ରକୁ ସୁଦୃଢ଼ କରିବା ଲକ୍ଷ୍ୟ ନେଇ ବୁଧବାର ରାଜ୍ୟ କ୍ୟାବିନେଟ୍ ଓଡ଼ିଶା ରାଜ୍ୟ ତଥ୍ୟ ନୀତି-୨କୁ ଅନୁମୋଦନ ଦେଇଛି। ଏ ନେଇ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କହିଛନ୍ତି, ତଥ୍ୟ ପରିଚାଳିତ ପ୍ରଶାସନକୁ ସୁଦୃଢ଼ କରିବା ଏବଂ ଡିଜିଟାଲ ରୂପାନ୍ତରଣ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ସରକାର ଏହି ନୀତିକୁ ମଞ୍ଜୁରୀ ଦେଇଛନ୍ତି। ଏହି ନୀତିର ଉଦ୍ଦେଶ୍ୟ ହେଉଛି, ସମଗ୍ର ଡାଟା ଜୀବନଚକ୍ରରେ ଏକ ବ୍ୟାପକ ଏବଂ ସୁଦୃଢ଼ ଡାଟା ଗଭର୍ନାନ୍ସ ଫ୍ରେମ୍‌ୱର୍କକୁ ସଂସ୍ଥାଗତ କରିବା। ଏହାସହ ବିଭିନ୍ନ ବିଭାଗ ଏବଂ ସମ୍ପୃକ୍ତ ସଂଗଠନଗୁଡ଼ିକ ଦ୍ୱାରା ଉତ୍ପନ୍ନ ଡାଟାର ସଠିକ୍ ବ୍ୟବହାର କରିବାକୁ ଲକ୍ଷ୍ୟ ରହିଛି।

ମୁଖ୍ୟ ସଚିବ ପୁଣି କହିଛନ୍ତି, ଏହି ନୀତିର ମୂଳ ଲକ୍ଷ୍ୟ ହେଉଛି ମାନକ ପ୍ରୋଟୋକଲ, ସ୍ପଷ୍ଟ ସଂସ୍ଥାଗତ ଭୂମିକା, ସମଗ୍ର ତଥ୍ୟ ଜୀବନଚକ୍ରରେ ଉତ୍ତରଦାୟିତ୍ୱ, ଗୋପନୀୟତା-ଅନୁପାଳନ, ତଥ୍ୟ ଆଦାନପ୍ରଦାନ ଏବଂ ଦାୟିତ୍ୱବାନ୍ ଅଂଶୀଦାରଙ୍କ ସହଯୋଗ ସହିତ ଏକ ସୁରକ୍ଷିତ ଏବଂ ଉଚ୍ଚଗୁଣବତ୍ତା ଡାଟା ଇକୋସିଷ୍ଟମ ପ୍ରତିଷ୍ଠା କରିବା। ଫଳପ୍ରଦ କାର୍ଯ୍ୟାନ୍ୱୟନ ସୁନିଶ୍ଚିତ କରିବା ପାଇଁ କ୍ୟାବିନେଟ୍ ଏକ ବହୁସ୍ତରୀୟ ପ୍ରଶାସନିକ ଢାଞ୍ଚାକୁ ମଞ୍ଜୁରୀ ଦେଉଛି, ଯେଉଁଥିରେ ରାଜ୍ୟ ଡାଟା ଷ୍ଟିଅରିଂ ଏବଂ ଗଭର୍ନାନ୍ସ କମିଟିଗୁଡ଼ିକ ରଣନୈତିକ ଦିଗ୍‌ଦର୍ଶନ ଏବଂ ତଦାରଖ କରିବାର ବ୍ୟବସ୍ଥା ରହିଛି। ଏହି ନୀତି ପ୍ରଶାସନିକ ଦକ୍ଷତାକୁ ଉଲ୍ଲେଖନୀୟ ଭାବେ ବୃଦ୍ଧି କରିବା ସହ ସାର୍ବଜନୀନ ଯୋଜନା ଏବଂ କଲ୍ୟାଣମୂଳକ କାର୍ଯ୍ୟକ୍ରମରେ ବ୍ୟବହୃତ ତଥ୍ୟର ସଠିକତା ଏବଂ ବିଶ୍ୱସନୀୟତାରେ ଉନ୍ନତି ଆଣିବ। ଏହାସହିତ ନିରବଚ୍ଛିନ୍ନ ତଥ୍ୟ ଆନ୍ତଃ କାର୍ଯ୍ୟକାରିତାକୁ ସକ୍ଷମ କରିବ ଏବଂ ସ୍ୱଚ୍ଛ, ବିଶ୍ୱସନୀୟ ଏବଂ ତଥ୍ୟ ପରିଚାଳିତ ଶାସନ ବ୍ୟବସ୍ଥାରେ ଓଡ଼ିଶାକୁ ଏକ ଜାତୀୟ ନେତୃତ୍ୱ ପ୍ରଦାନ କରିବ ବୋଲି ଗର୍ଗ କହିଛନ୍ତି।

# ସିଏମ୍ ଟ୍ରଫି କବାଡ଼ି ଆୟୋଜନ ନେଇ ବିବାଦ

## ଜାତୀୟ ଓ ଅନ୍ତର୍ଜାତୀୟ ଖେଳାଳିଙ୍କୁ ଅଣଦେଖା ଅଭିଯୋଗ

ରାଉରକେଲା, ୨୨।୪(ସଙ୍ଗୀତା ଜେନା)



କବାଡି କଲେଜରେ ଆୟୋଜନ କରାଯାଇଛି।

ଓଡ଼ିଶା ମହାକୁମ୍ଭ ସିଏମ୍ ଟ୍ରଫି ଅନ୍ତର୍ଗତ ପ୍ରଥମ କରି ଜିଲାରେ ଆନ୍ତଃକ୍ଲବ ଓ ଆନ୍ତଃଜିଲା କବାଡି ଚାମ୍ପିୟନଶିପ୍ ବୁଧବାରଠାରୁ ଉଦ୍‌ଘାଟିତ ହୋଇଛି। ଏହାକୁ ନେଇ ବିବାଦ ମୁଣ୍ଡ ଟେକିଛି। ଏହାର ଆୟୋଜନ ଷ୍ଟାଡ଼ିୟମ୍‌ରେ ନ ହୋଇ ଛେଣ୍ଡସ୍ଥିତ ହୃଷିକେଶ କଲେଜରେ କରାଯାଉଛି। ସେଠାରୁ ଖେଳାଳିମାନେ ଯା'ଆସ କରିବାକୁ ହଇରାଣର ସମ୍ମୁଖୀନ ହେଉଛନ୍ତି। ଉକ୍ତ କଲେଜରେ କବାଡି ଆୟୋଜନ ଉପଯୁକ୍ତ ତରିକାରେ ହୋଇ ନ ଥିବା ଅଭିଯୋଗ ହୋଇଛି। ଏହି କବାଡି ଚାମ୍ପିୟନଶିପ୍‌କୁ ତରବରିଆ ଭାବେ ଅନଭିଜ୍ଞ ଆୟୋଜକମାନେ ପ୍ରସ୍ତୁତ କରୁଛନ୍ତି। ରାଜ୍ୟ ପାଇଁ ଗୌରବ ଆଣିଥିବା କେତେଜଣ ଖେଳାଳି ବୁଧବାର ଅପରାହ୍ନ ୧ଟାରେ ଜିଲା କ୍ରୀଡ଼ା ଅଧିକାରୀଙ୍କୁ ଅଭିଯୋଗ ସମ୍ବଳିତ ଏକ ପତ୍ର ଲେଖିଛନ୍ତି। ଯାହାର ନକଲ ସୁନ୍ଦରଗଡ଼ ଜିଲାପାଳ, ରାଉରକେଲା ଏଡିଏମ୍, ଡିଡିଏସ୍‌ଓ, ଓଡ଼ିଶା କବାଡି ଆସୋସିଏଶନ୍ ତଥା ଜିଲା କ୍ରୀଡ଼ା ସଂଘ ସମ୍ପାଦକଙ୍କୁ ପ୍ରେରଣ କରାଯାଇଛି। ପୂର୍ବତନ ଆରଏସ୍‌ପି କୋଚ ପ୍ରେମାନନ୍ଦ ଶତପଥୀ, ଏକେଏଫ୍‌ଆଇ ଅଫିସିଆଲ୍ ବିକ୍ରମ ପ୍ରଧାନ, ଦୀପକ ଗଡ଼ନାୟକ, ବିରଞ୍ଚି ବେଉରା, ଶୁକ୍ରୁ ତନ୍ତୀଙ୍କ ପ୍ରଦତ୍ତ ଅଭିଯୋଗ ଅନୁଯାୟୀ, ମଙ୍ଗଳବାର ରାଷ୍ଟ୍ରପତି ଜିଲାରେ କ୍ରୀଡ଼ାକୁ ମଜଭୁତ କରିବା ପାଇଁ ଉନ୍ନତମାନ ଷ୍ଟାଡିୟମ୍‌ର ପ୍ରଶଂସା କରିଥିଲେ। ହେଲେ ଏହାକୁ ଅମାନ୍ୟ କରି ଖେଳାଳିମାନଙ୍କ ସୁବିଧାକୁ ଅଣଦେଖା କରି ସିଏମ୍ ଟ୍ରଫିକୁ କେବଳ ଔପଚାରିକତାରେ ସୀମିତ ରଖିବାକୁ ପ୍ରୟାସ କରାଯାଇଛି। ଜିଲାରେ କବାଡି ପାଇଁ ଜାତୀୟ, ଅନ୍ତର୍ଜାତୀୟସ୍ତରରେ ଗୌରବ ଆଣିଥିବା ତଥା ଏନ୍‌ଆଇଏସ୍ କୋଚମାନଙ୍କୁ ଏଥିରୁ ବାଦ୍ ରଖାଯାଇଛି। ଆୟୋଜକ ଦଳରେ ଅନଭିଜ୍ଞ ତଥା କବାଡିରେ ସମ୍ପୃକ୍ତ ନ ଥିବା ବ୍ୟକ୍ତିବିଶେଷଙ୍କୁ ରଖାଯାଇଛି। ବୁଧବାର ଓ ଗୁରୁବାର ୨ ଦିନ ବ୍ୟାପୀ କବାଡି ଚାମ୍ପିୟନଶିପ କଲେଜରେ ଆୟୋଜନ କରାଯାଇଛି। ସିଏମ୍ ଟ୍ରଫିର ଅନ୍ୟ କ୍ରୀଡ଼ା ଯଥା ଫୁଟବଲକୁ ବିର୍ସାଛକ ସ୍ଥିତ ବିର୍ସାମୁଣ୍ଡା ଆଥଲେଟିକ୍ସରେ କରାଯାଇଥିଲେ ମଧ୍ୟ କବାଡି ଆୟୋଜନ ସଂକୀର୍ଣ୍ଣ ତଥା ଅଣସମତଳ ବିଶିଷ୍ଟ ଭୂମିରେ କରାଯାଉଛି। ଯାହାଦ୍ୱାରା ଖେଳାଳିମାନେ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ରହିଛି। ଯେଉଁମାନେ ଆମେଚର କବାଡି ଫେଡେରେସନ୍ ଅଫ୍ ଇଣ୍ଡିଆ(ଏକେଏଫ୍‌ଆଇ)ର ମାନ୍ୟତା ପ୍ରାପ୍ତ ଅଫିସିଆଲ୍ ନୁହନ୍ତି, ସେମାନଙ୍କୁ ଏଥିରେ ସମ୍ପୃକ୍ତ କରାଯାଇଛି। ସେହିପରି ଲିଗ୍ ଏବଂ ନକ୍ ଆଉଟ୍ ଟୁର୍ନାମେଣ୍ଟକୁ ୨ ଦିନ ମଧ୍ୟରେ ଫାଇନାଲ ସହ ସମାପ୍ତ କରାଯାଉଛି। ସିଏମ୍ ଟ୍ରଫି, ଯାହାର ଉଦ୍ଦେଶ୍ୟ ଖେଳ ପ୍ରତିଭାଙ୍କୁ ଖେଳପଡ଼ିଆରୁ ବାଛିଆଣିବା ରହିଛି, ତାହା ପୂରଣ ହେବା ଅସମ୍ଭବ ମନେ ହେଉଛି। କାରଣ କବାଡି ଖେଳ ଦ୍ୱାରା ଖେଳାଳୀଙ୍କୁ ପର୍ଯ୍ୟନ୍ତ ସମୟ ପ୍ରଦର୍ଶନ ସହ ବିଶ୍ରାମ ମଧ୍ୟ ଜରୁରୀ ହୋଇଥାଏ। ଗୋଟିଏ ଦିନରେ ଲିଗ୍ ଏବଂ ଫାଇନାଲ କରାଯାଇଛି। ଏଥିରେ ସିଲେକ୍ଟରମାନଙ୍କର କୌଣସି ପତ୍ତା ନାହିଁ। ସେହିପରି ମହିଳା ଖେଳାଳି ଥିବା ହେତୁ ଏଥିରେ 'ସେକ୍ସୁଆଲ ହାରାସମେଣ୍ଟ କମିଟି'ର ସଦସ୍ୟଙ୍କୁ ରଖିବା ନିୟମ ରହିଛି। ହେଲେ ଏଥିରେ ଉକ୍ତ କମିଟିର କୌଣସି ସଦସ୍ୟଙ୍କୁ ଉପସ୍ଥିତି ନାହିଁ। ଉକ୍ତ ମ୍ୟାଚ ପାଇଁ ପ୍ରସ୍ତୁତି ବୈଠକରେ ପୂର୍ବରୁ ଆୟୋଜନ ହୋଇନାହିଁ। ଯାହାକୁ ଚାମ୍ପିୟନଶିପ୍ ସୁପରିଚାଳନା ନେଇ ସଂଶୟ ଦେଖାଯାଇଛି। ରାଉରକେଲାରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ରହିଛି। ରେଷ୍ଟରୁମ୍ ଓ ଚେଞ୍ଜିଂ ରୁମ୍ ବ୍ୟବସ୍ଥା ନାହିଁ ବୋଲି ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିଥିବା ଖେଳାଳିମାନେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ସୁନ୍ଦରଗଡ଼ ଜିଲା କ୍ରୀଡ଼ା କବାଡି ସମ୍ପାଦକ ପ୍ରଶାନ୍ତ ପଟେଲଙ୍କୁ ପଚରାଯିବାରୁ ସେ କହିଲେ, କ୍ରୀଡ଼ା ବିଭାଗ ପକ୍ଷରେ ଖେଳାଳିମାନଙ୍କୁ ଜୋତା ପ୍ରଦାନ କରାଯାଇ ନ ଥିବା ଯୋଗୁ ଷ୍ଟାଡିୟମ୍‌ରେ ଆୟୋଜନ କରାଯାଇ ପାରି ନ ଥିଲା। କଲେଜରେ ମ୍ୟାଟରେ ନିଜ ଜୋତା ପିନ୍ଧି ଖେଳାଳିମାନେ ପ୍ରଦର୍ଶନ କରିଥିଲେ। ଜିଲା ପକ୍ଷରୁ ଖେଳାଳିଙ୍କୁ ଜର୍ସି ଓ ଜୋତାର ମାପଚୁପ ମଗାଯାଇଥିଲା। ହେଲେ ଜୋତା ମିଳି ନ ଥିଲା। ୨ଦିନ ମଧ୍ୟରେ ଖେଳ ସମାପ୍ତ କରିବାକୁ ନିର୍ଦ୍ଦେଶ ରହିଛି। ଆମ୍ବୁଲାନ୍ସ ପାଇଁ ଆମେ ସିଏମ୍‌ଓଙ୍କୁ ଚିଠିଲେଖି ମାଗିନାହୁଁ। ସେକ୍ସୁଆଲ ହାରସମେଣ୍ଟ ସଦସ୍ୟ ମଧ୍ୟ ଏଠାରେ ଉପସ୍ଥିତ ନାହାନ୍ତି। ସିଲେକ୍ଟର ବାବଦରେ ଯାହାକୁ ଡକାଯାଇଥିଲା, କେବଳ ଜଣେ ଏଥିରେ ଯୋଗଦେଇଥିଲେ। ଉକ୍ତ ଚାମ୍ପିୟନଶିପରେ ୧୦ ଜଣ ଅଫିସିଆଲ୍‌ଙ୍କ ମଧ୍ୟରୁ ୭ ଏକେଏଫ୍‌ଆଇ ଓ ୩ ଓଡ଼ିଶା କବାଡି ସଂଘ(ଓକା) ମାନ୍ୟତାପ୍ରାପ୍ତ। ଆଜି ହୋଇଥିବା ଖେଳରେ ଏପର୍ଯ୍ୟନ୍ତ ଖେଳାଳିମାନଙ୍କ ମଧ୍ୟରେ ସୌଭାଗ୍ୟବଶତଃ କେହି ଅସୁସ୍ଥ ହୋଇନାହାନ୍ତି ବୋଲି ସମ୍ପାଦକ ପଟେଲ କହିଥିଲେ। ସୂଚନାଯୋଗ୍ୟ, ସମ୍ପାଦକ ପଟେଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଚାମ୍ପିୟନଶିପ୍ ହେଉଛି।

## କାଳଜୟୀ କଥାଶିଳ୍ପୀ ଗୋପୀନାଥ ମହାନ୍ତିଙ୍କ ଜୟନ୍ତୀ

ରାଉରକେଲା,୨୨।୪(ବିପ୍ଲବ ରଞ୍ଜନ ଦାଶ): ଦୀପିକା ଇସ୍ପାତ ଶିକ୍ଷା ସଦନ, ଓଡ଼ିଆ ଭାଷା ବିକାଶ ମଞ୍ଚର ମିଳିତ ଆନୁକୂଲ୍ୟରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଚିତ୍ରା ଲେଙ୍କାଙ୍କ ସଭାପତିତ୍ୱ ଶିକ୍ଷୟିତ୍ରୀ ମୋନାଲିସା ଗୌଡଙ୍କ ସଂଯୋଜନାରେ ମଙ୍ଗଳବାର ସନ୍ଧ୍ୟାରେ କାଳଜୟୀ କଥାଶିଳ୍ପୀ ଗୋପୀନାଥ ମହାନ୍ତିଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଜୟନ୍ତୀ ସଭାରେ ଓଡ଼ିଆ ଭାଷା ବିକାଶ ମଞ୍ଚର ସମ୍ପାଦକ ଆର୍ତ୍ତତ୍ରାଣ ମହାପାତ୍ର, ଭକ୍ତିପୁତ ଶ୍ରଦ୍ଧାଞ୍ଜଳୀ ଜଣାଇ କହିଲେ,ପଦ୍ମଭୂଷଣ ଗୋପୀନାଥ ମହାନ୍ତି ଆଧୁନିକ ଓଡ଼ିଆ ଉପନ୍ୟାସର ଯୁଗ ସ୍ରଷ୍ଟା। ସେ ଆଦିବାସୀଙ୍କ ଜୀବନକୁ ଗଭୀର ଭାବେ ଅଧ୍ୟୟନ କରିଥିଲେ। ସେମାନଙ୍କ ଭାଷା ଓ ସଂସ୍କୃତି ଶିକ୍ଷାରୁ ଜନ୍ମ ନେଲା ପରଜା, ଅମୃତରସନ୍ତାନ, ଦାଦି ବୁଢା ଭଳି କାଳଜୟୀ ଉପନ୍ୟାସ । ସେ ତାଙ୍କ ଗଳ୍ପ ମାଧମରେ ବ୍ୟକ୍ତି କେନ୍ଦ୍ରୀକ ବିଚାର ଓ ସମାଜବାଦୀ ବିଚାର ମାଧମରେ ସମନ୍ୱୟ ଆଣିଥିଲେ ବୋଲି କହିଥିଲେ। ବିଦ୍ୟାଳୟର ଛାତ୍ରୀ, ସୁନିଧି ବାଗ,ସୁଚିସ୍ମିତା ସତପଥୀ, ଦୀପାଞ୍ଜଳୀ ସାହାରେ ଗୋପୀନାଥଙ୍କ ଜୀବନ ଦର୍ଶନ ଉପରେ କ୍ଷୁଦ୍ର ନିବନ୍ଧ ପାଠକରି ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ସଭାରେ ସହଯୋଗ କରିଥିଲେ ସଂଦୀପ ପାଢୀ, ପ୍ରିୟଙ୍କା ମହାରଣା, ପ୍ରଭାତୀ ଦାଣ୍ଡିଆ, ସରୋଜିନୀ ନାୟକ, ନିଳିମା ମହାପାତ୍ର। ଶେଷରେ ସହ ପ୍ରଧାନଶିକ୍ଷୟିତ୍ରୀ ଧନ୍ୟବାଦ ଦେଇଥିଲେ।


**NOTIFIED AREA COUNCIL, DIGAPAHANDI**
**GANJAM, ODISHA, PIN-761012**
Ph:06814-295053, E-mail:dgp_nac@yahoo.com
Letter No. 1515/DIGNAC Date:18.04.26
No.13001/265/2627 **E-Procurement Notice**

| 01 | BID IDENTIFICATION NO. | TENDER ID | PROJECT NAME | ESTIMATED COST (Without GST) |
|---|---|---|---|---|
| 02 | DIGNAC-09/2025-26 | 2026_ORULB_127591_2 | Renovation and Beautification of Bada Bandha, Digapahandi NAC, Ganjam District, Odisha | 3,29,48,350.00 |
| 03 | Procurement Officer- Publisher/ Officer Inviting the Tender/ Bids (OIT) | | Executive Officer, NAC Digapahandi | |
| 04 | NOS. OF WORKS | | 01 Nos. | |
| 05 | Date & Time of availability of BID in the portal | | From 11.00 hours of dtd.20.04.2026 to 17.30 hours of dtd.02.05.2026 | |
| 06 | Last date/time for receipt of bids in the portal (Submission of Technical Bids & Financial Bids) through online | | 17.30 Hours of 02.05.2026 | |
| 07 | PRE BID MEETING | | 11.30 AM Hrs of 27.04.2026 | |
| 08 | Last date /Time for receipt of Physical Documents through Speed Post/ Regd. Post N.B: However, submission of physical documents is not mandatory, it is only for Official purpose. The office will only accept the tender papers received through online | | 17.30 Hours of 04.05.2026 | |
| 09 | Date & Time of Opening of the Bids | | Technical Bid- 11.00 AM hours of Dtd.05.05.2026 Financial Bid to be intimated in the conference hall of NAC, Digapahandi (if any holiday, then the tender will open in next working day) | |

N.B.: Further more details can be seen in the DTCN available in the e-Procurement portal i.e. **https://tendersodisha.gov.in.**

OIPR-13001/13117/1/26-27/0004

Sd./- Executive Officer,
NAC, Digapahandi, Ganjam


## ବିଶିଷ୍ଟ ଶ୍ରମିକ ନେତା ସତ୍ୟପ୍ରିୟ ମହାନ୍ତିଙ୍କୁ ଶ୍ରଦ୍ଧାଞ୍ଜଳି

ରାଉରକେଲା, ୨୨।୪(ସଙ୍ଗୀତା ଜେନା)

ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ସୁନ୍ଦରଗଡ ଜିଲା କମିଟିର ବରିଷ୍ଠ ସଦସ୍ୟ ତଥା ରାଉରକେଲା ୱାର୍କର୍ସ ୟୁନିୟନର କାର୍ଯ୍ୟକାରୀ ସଭାପତି, ଏଆଇୟୁଟିୟୁସିର ସୁନ୍ଦରଗଡ ଜିଲା ସଭାପତି ସତ୍ୟପ୍ରିୟ ମହାନ୍ତିଙ୍କର ଗତ ୨୦ ତାରିଖରେ ଦୁର୍ଘଟଣାଜନିତ ମୃତ୍ୟୁ ହୋଇଥିଲା। ଏସ୍‌ୟୁସିଆଇ(କମ୍ୟୁନିଷ୍ଟ), ଏଆଇୟୁଟିୟୁସିର କର୍ମୀ ସମର୍ଥକ, ସାମାଜିକ ସାଂସ୍କୃତିକ ଅନୁଷ୍ଠାନର କର୍ମକର୍ତ୍ତା ବିଭିନ୍ନ ଟ୍ରେଡ ୟୁନିୟନର ନେତୃବୃନ୍ଦ ଏବଂ ଇସ୍ପାତ କାରଖାନା କର୍ତ୍ତୃପକ୍ଷଙ୍କ ପ୍ରତିନିଧି ଦଳୀୟ କାର୍ଯ୍ୟାଳୟ 'ୱାର୍କର୍ସ ଆଣ୍ଡ ପିଜାଣ୍ଟସ ହାଉସ'ଠାରେ ସମବେତ ହୋଇ ସତ୍ୟପ୍ରିୟ ମହାନ୍ତିଙ୍କୁ ଶେଷ ବିଦାୟ ଜଣାଇଥିଲେ। ଏଇ ଉପଲକ୍ଷେ ବୁଧବାର ଆୟୋଜିତ ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ ଓଡିଶା ରାଜ୍ୟ କମିଟି ସମ୍ପାଦକ ତଥା ଏଆଇୟୁଟିୟୁସିର ସର୍ବଭାରତୀୟ ସାଧାରଣ ସମ୍ପାଦକ ଶଙ୍କର ଦାଶଗୁପ୍ତ, ଏସୟୁସିଆଇ(କ) ଓଡିଶା ରାଜ୍ୟ କମିଟିର ବରିଷ୍ଟ ସଦସ୍ୟ ବିଷ୍ଣୁ ଦାସ, ଅଲ ଇଣ୍ଡିଆ ମହିଳା ସାଂସ୍କୃତିକ ସଙ୍ଗଠନର ସର୍ବଭାରତୀୟ ସାଧାରଣ ସମ୍ପାଦିକା ଛବି ମହାନ୍ତି, ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ସୁନ୍ଦରଗଡ ଜିଲା ସମ୍ପାଦକ ଅଜିତ ନାୟକ, ବରିଷ୍ଟ ସଦସ୍ୟ ଶ୍ରୀନିବାସ ସେଠୀ ପ୍ରମୁଖ ସତ୍ୟପ୍ରିୟ ମହାନ୍ତିଙ୍କ ମରଶରୀରରେ ମାଲ୍ୟାର୍ପଣ କରିଥିଲେ। ଇସ୍ପାତ କାରଖାନା କର୍ତ୍ତୃପକ୍ଷ ତରଫରୁ ଏସ୍.କେ ସେନାପତି, ମନୋଜ ପ୍ରଧାନ, ସିପିଆଇ ତରଫରୁ ସୁନ୍ଦରଗଡ ଜିଲା ସମ୍ପାଦକ ପ୍ରଦୋଷ ମହାନ୍ତି, ସିପିଆଇଏମ୍ ନେତା ଶ୍ରୀମନ୍ତ ବେହେରା, ରାଜକିଶୋର ପ୍ରଧାନ,ରାଉରକେଲା ମଜଦୁର ସଂଘ ତରଫରୁ ସଭାପତି ଶଶଧର ନାୟକ,ରାଉରକେଲା ଶ୍ରମିକ ସଂଘ ତରଫରୁ ଉପ ସଭାପତି ନିହାର ଦାସ, ସିଆଇଟିୟୁ ତରଫରୁ ଜିଲା ସମ୍ପାଦକ ବିମାନ ମାଇତି,ଷ୍ଟିଲ ଏମ୍ପ୍ଲୋଇଜ ଟ୍ରେଡ ୟୁନିୟନ ତରଫରୁ ସାଧାରଣ ସମ୍ପାଦକ ବସନ୍ତ ନାୟକ,ଏଆଇଟିୟୁସି ତରଫରୁ ସାଧାରଣ ସମ୍ପାଦକ ରମେଶ ସେଠୀ, ବାର ଆସୋସିଏସନ ତରଫରୁ ସଭାପତି ସଦାନନ୍ଦ ସାହୁ ମାଲ୍ୟାର୍ପଣ କରିଥିଲେ।

## ଆର୍‌ଏସ୍‌ପିର ଅନନ୍ୟ ସିଏସ୍‌ଆର୍ ଯୋଜନା



ସ୍କୁଲ ପିଲାଙ୍କୁ କ୍ଷୀରବୋତଲ ବଣ୍ଟନ କରାଯାଉଛି।

ରାଉରକେଲା,୨୨।୪(ବିପ୍ଲବ ରଞ୍ଜନ ଦାଶ)

### ସ୍କୁଲ ପିଲାଙ୍କୁ କ୍ଷୀରବୋତଲ ବଣ୍ଟନ

ଆର୍‌ଏସ୍‌ପି ଓ ଜାତୀୟ ଦୁଗ୍ଧ ବିକାଶ ବୋର୍ଡ (ଏନଡିଡିବି ), ପୁଷ୍ଟିସାର ନିମନ୍ତେ ଆନନ୍ଦ, ଗୁଜରାଟ ଏବଂ ଜିଲା ପ୍ରଶାସନ ସହିତ ସମ୍ମିଳିତ ହୋଇ ସ୍କୁଲ ପିଲାଙ୍କ ପାଇଁ ଏକ ପ୍ରମୁଖ ସିଏସ୍‌ଆର ଯୋଜନା 'କ୍ଷୀର ଉପହାର' କାର୍ଯ୍ୟକ୍ରମରେ ଅଗ୍ରଣୀ ଭାଗୀଦାର ରହିଛି। ଏହି ଯୋଜନା ଅଧୀନରେ ସରକାରୀ ପ୍ରାଥମିକ ବିଦ୍ୟାଳୟ, କୋଇଲା ଗେଟ ଏବଂ ଡୁମେର୍ତା ୟୁପି ସ୍କୁଲରେ ୨୦୦ ମିଲି ଫର୍ଟିଫାଇଡ ସ୍ୱାଦଯୁକ୍ତ କ୍ଷୀର ବୋତଲ ବଣ୍ଟନ କରାଯାଇଥିଲା। ଏ ଅବସରରେ ଡିଜିଏମ୍ (ସିଏସ୍‌ଆର) ଆରଏସ ବାରା, କ୍ଷୀର ବୋତଲ ବଣ୍ଟନ କରି ଗଚ୍ଛିତ କ୍ଷୀର ବୋତଲର ଉପଲବ୍ଧି ତଦାରଖ ମଧ କରିଥିଲେ। ଉକ୍ତ ବିଭାଗର ସେକ୍ସନ ଅଫିସର ଜାହିଦ ଅଖତାର, ବଣ୍ଟନ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ।

ଉଲ୍ଲେଖଯୋଗ୍ୟ, ଓଡ଼ିଶା ମିଲ୍କ ଫେଡେରେସନ (ଓମଫେଡ଼ ଦ୍ୱାରା ଯୋଗାଇ ଦିଆଯାଇଥିବା କ୍ଷୀର ଏନଡିଡିବି ଫର୍ ନ୍ୟୁଟ୍ରିସନ ଦ୍ୱାରା ଉକ୍ତ କାର୍ଯ୍ୟକ୍ରମରେ ସାମିଲ କରାଯାଇଛି। ଗତ ମାର୍ଚ୍ଚ ୩୦ରେ ସ୍ୱାକ୍ଷରିତ ହୋଇଥିବା ନବୀକରଣ ଏମ୍‌ଓୟୁ ଅଧୀନରେ, କୁଆଁରମୁଣ୍ଡା ଏବଂ ବିସ୍ରା ବ୍ଲକର ୩୭ଟି ସ୍କୁଲର ପ୍ରାୟ ୧୭୫୮ ଛାତ୍ରୀଛାତ୍ର ଏହି ଯୋଜନାରୁ ଉପକୃତ ହେବେ। ଏହି ପଦକ୍ଷେପ ଅଧୀନରେ, ସ୍କୁଲ ପରିସରରେ ସମସ୍ତ କାର୍ଯ୍ୟ ଦିବସରେ ପ୍ରତ୍ୟେକ ପିଲାଙ୍କୁ ସ୍ୱାଦଯୁକ୍ତ କ୍ଷୀର ଦିଆଯିବ। ଏହା ସରକାରୀ ସ୍କୁଲରେ ପଢୁଥିବା ପିଲାମାନଙ୍କ ମଧ୍ୟରେ କୁପୋଷଣର ସ୍ତର ହ୍ରାସ କରିବା ପାଇଁ ଲକ୍ଷ୍ୟ ରଖିଛି। ଉଲ୍ଲେଖନୀୟ, ଏହା ଆର୍‌ଏସପିର ସିଏସଆର ବିଭାଗ, ଏନଡିଡିବି ଏବଂ ଜିଲା ପ୍ରଶାସନ ମଧ୍ୟରେ ଏକ ତ୍ରିପାକ୍ଷିକ ବୁଝାମଣାପତ୍ରର ଅଂଶବିଶେଷ।


**OFFICE OF THE MUNICIPAL COUNCIL UMERKOTE**
NABARANGPUR (ODISHA), PIN-764073
E-mail- nac_umerkote@rediffmail.com
**"e" PROCUREMENT NOTICE**
**Bid Identification No.01/UKT-MUN/2026-27**

**No.13001/264/2627:** Bid Documents consisting of Service Work, Estimated Cost, Cost of Tender Paper, EMD and Time of Completion and the set of term and condition of contract and other necessary documents can be seen www.tenderorissa.gov.in.
INVITATION TO TENDER AND INSTRUCTIONS CONTAINING TERMS AND CONDITIONS GOVERNING CONTRACT FOR CLEANING, SANITATION AND WASTE DISPOSAL SERVICES AT UMERKOTE MUNICIPALITY (Ward No.1 to 14).

| | |
|---|---|
| Name of the Service | Cleaning of drain, Sweeping of Street & Main Road, Garbage lifting, Bush Cutting, Sanitation and Waste Disposal Service at Umerkote Municipality Ward No. 1 to 14 |
| EMD @1% | Rs.2,54,585.16 |
| Agency | As per eligible criteria mentioned in DTCN. |
| Period of Contract | 01 (One) Year |
| Cost of Tender Document | Rs.10,000/- (Non-Refundable) |
| Download of Tender Document | Date 20.04.2026 to Dt.27.04.2026 upto 5.00 P.M. |
| Last date of receipt through online | Online: Date 27.04.2026 upto 5.00 P.M. |
| Date of Tender to be opened | Date 28.04.2026 at 11.00 A.M. |
| Date of Financial bid to be Opened | Date 29.04.2026 at 11.00 A.M. |
| Place of Opening of Tender | Municipality Office Umerkote |
| Officer Invited the Tender | Executive Officer, Umerkote Municipality |

The details of this tender also available at website www.nabarangpur.nic.in and www.tenderodisha.gov.in.
NOTE: 1. The Executive Officer, Municipal Council, Umerkote may at his/her discretion, extend this date by a fortnight and such extension shall be binding on tenderers.
OIPR-13001/13180/1/26-27/0001


## ଉତ୍କଳର ସଂସ୍କୃତି ସମୃଦ୍ଧିରେ ଅକ୍ଷୟ ତୃତୀୟା ଶୀର୍ଷକ ଆଲୋଚନାଚକ୍ର

ରାଉରକେଲା,୨୨।୪(ବିପ୍ଲବ ରଞ୍ଜନ ଦାଶ)

ରାଉରକେଲା କଲେଜ ଓ ଅଖିଳ ଭାରତୀୟ ସାହିତ୍ୟ ପରିଷଦର ମାଧବ ନଗର ଶାଖାର ମିଳିତ ଆନୁକୂଲ୍ୟରେ ମାସିକ ସାରସ୍ୱତ ସମାବେଶ ରାଉରକେଲା କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ନିରୁପମା ପତିଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଉରକେଲା କଲେଜର ଅଧ୍ୟକ୍ଷ ଡ଼ ରବୀନ୍ଦ୍ର କୁମାର ଜେନା, ବିଷୟ ବିଶେଷଜ୍ଞ ଭାବେ ପ୍ରାଧ୍ୟାପକ ଡ ଅଶ୍ୱିନୀ କୁମାର ରାୟ ଯୋଗଦେଇ ଉତ୍କଳ ସଂସ୍କୃତି ଓ ସମୃଦ୍ଧିରେ ଅକ୍ଷୟ ତୃତୀୟା ଶୀର୍ଷକ ଉପରେ ବକ୍ତବ୍ୟ ରଖିଥିଲେ। ମୁଖ୍ୟ ଅତିଥି ଡ ଜେନା ଓ ବିଷୟ ବିଶେଷଜ୍ଞ ଡ. ରାୟ ସେମାନଙ୍କ ବକ୍ତବ୍ୟରେ ଅକ୍ଷୟ ତୃତୀୟାର ମାହାତ୍ମ୍ୟ, ଓଡ଼ିଆ ଜାତିର ପ୍ରାଣ, କୃଷିଭିତ୍ତିକ ପର୍ବ, ରଥ ଅନୁକୂଳ, ସ୍ନାନ ପୂର୍ଣ୍ଣିମା, ଶ୍ରୀଜଗନ୍ନାଥ କୈନ୍ଦ୍ରିକ ପ୍ରାଣ ମୂର୍ଚ୍ଛନା, ଐତିହ୍ୟ, ପରମ୍ପରାକୁ ମିଶ୍ରିତ କରି ଅକ୍ଷୟ ତୃତୀୟା କିପରି ଆମ ଜୀବନର ପଥକୁ ପ୍ରଭାବିତ କରିଛି, ତା ଉପରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ମାଧବ ନଗର ସଭାପତି ବ୍ରଜେନ୍ଦ୍ର ଦାଶ ପ୍ରାକ କଥନ ରଖିଥିଲା ବେଳେ ଅଧ୍ୟାପିକା ଅଳକା ମହାନ୍ତି ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଗାଳ୍ପିକ ଅଜୟ ମହାନ୍ତି ଗଳ୍ପ ପାଠ କରିଥିଲେ। ସେହିପରି କବିତା ଆବୃତ୍ତି ପର୍ବରେ କବି ତ୍ରିଲୋଚନ ସ୍ୱାଇଁ ସଭାପତିତ୍ୱ, କବି ଅମୀୟ କୁମାର ମହାନ୍ତି ଓ ଅଧ୍ୟାପିକା କ୍ଷୀରେଶ୍ୱରୀ କିଶାନଙ୍କ ସଂଯୋଜନାରେ ବହୁ କବି ସ୍ୱରଚିତ କବିତା ପାଠ କରିଥିଲେ। ଶେଷରେ ଅଧ୍ୟାପିକା ଧରିତ୍ରୀ ପାଇକରାୟ ଧନ୍ୟବାଦ ଅର୍ପଣ କରିଥିଲେ।



ଉତ୍କଳ ସଂସ୍କୃତି ଓ ସମୃଦ୍ଧିରେ ଅକ୍ଷୟ ତୃତୀୟା ଶୀର୍ଷକ ଆଲୋଚନାଚକ୍ରରେ ବକ୍ତା, ଅତିଥି।


**DIRECTORATE OF AGRICULTURE & FOOD PRODUCTION, ODISHA**
**CANCELLATION NOTICE**
**"SELECTION OF AGENCY FOR OPERATIONALIZATION OF IDENTIFIED STATIC SOIL TESTING LABORATORIES" UNDER ADMINISTRATIVE CONTROL OF DIRECTOR OF AGRICULTURE & FOOD PRODUCTION (ODISHA)**

No. 1001/20/2627: RFP No. 33719 Dated 23.09.2025: The Director of Agriculture & Food Production, Odisha, Bhubaneswar of Department of Agriculture & Farmers Empowerment, Odisha has decided to cancel the RfP No. 33719 Dtd.23.09.2025 for "Selection of Agency for Operationalization of identified Static Soil Testing Laboratories" under the Administrative Control of Director of Agriculture and Food Production (Odisha) which was published in the official website such as **www.agrisnetodisha.ori.nic.in, agri.odisha.gov.in & tendersodisha.gov.in.**

Sd./- Director of Agriculture & Food Production, Odisha

OIPR-1001/1102/1/26-27/0002


# ଆର୍‌ଏସ୍‌ପିରେ ଜାତୀୟ ଅଗ୍ନିସେବା ସପ୍ତାହ

ରାଉରକେଲା,୨୨।୪(ବିପ୍ଲବ ରଞ୍ଜନ ଦାଶ)



ଅଗ୍ନି ସେବା ସପ୍ତାହ ପାଳନ ଅବସରରେ ପୁରସ୍କାର ବିତରଣ ସମାରୋହରେ ଆର୍‌ଏସ୍‌ପି ଅଧିକାରୀ, କର୍ମଚାରୀ।

ଆର୍‌ଏସପିରେ ଜାତୀୟ ଅଗ୍ନି ସେବା ସପ୍ତାହ ପାଳନ ଅବସରରେ ଏକ ପୁରସ୍କାର ବିତରଣ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଗୋପବନ୍ଧୁ ଅଡିଟୋରିୟମରେ ଆୟୋଜିତ ଏହାର ଉଦ୍‌ଯାପନୀ ସମାରୋହରେ ଖଣି ଉନ୍ନୟନ, ସିଏଲଏମ୍‌ଓର ନିର୍ବାହୀ ନିର୍ଦ୍ଦେଶକ ବି.କେ ଗିରି, ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ମାଇନ୍ସ, ଓଜିଓଏମ, ସିଏଲଏମଓର ନିର୍ବାହୀ ନିର୍ଦ୍ଦେଶକ ଏମ.ପି ସିଂହ, ସେବା ବିଭାଗର ସି.ଜିଏମ୍, ଇନଚାର୍ଜ ଏବଂ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକଙ୍କ କାର୍ଯ୍ୟଭାର ବହନ କରୁଥିବା ଏସି ସରକାର, ଚିକିତ୍ସା ଏବଂ ସ୍ୱାସ୍ଥ୍ୟସେବା ବିଭାଗର ସିଏମଓ ଇନଚାର୍ଜ ଡ. ଜୟନ୍ତ ଆଚାର୍ଯ୍ୟଙ୍କ ସମେତ ସୁରକ୍ଷା ଏବଂ ଅଗ୍ନିଶମ ସେବା ବିଭାଗର ସିଜିଏମ ହୀରାଲାଲ ମହାପାତ୍ର ମଞ୍ଚାସୀନ ଥିଲେ। ଏହିକ୍ରମରେ କାରଖାନାର ବହୁ ସିଜିଏମ, ବିଭାଗୀୟ ମୁଖ୍ୟ, ବହୁ ବରିଷ୍ଠ ଅଧିକାରୀ ତଥା କର୍ମଚାରୀ, ଛାତ୍ର ଏବଂ ସେମାନଙ୍କ ଅଭିଭାବକ ଉପସ୍ଥିତ ଥିଲେ। ସମାବେଶକୁ ସମ୍ବୋଧିତ କରି ଗିରି କହିଥିଲେ,ଅଗ୍ନି ଶକ୍ତି ଏବଂ ପବିତ୍ରତାର ପ୍ରତୀକ। ଯେକୌଣସି ପୂଜା ପ୍ରାୟତଃ ଦୀପ ପ୍ରଜ୍ୱଳନ ସହିତ ଆରମ୍ଭ ହୋଇଥାଏ, ଯାହା ଶୁଭ କାର୍ଯ୍ୟକୁ ସୂଚିତ କରେ। ସେ ଆହୁରି ମଧ କହିଥିଲେ ଯେ 'ରୋକୋ-ଟୋକୋ' ମାଧମରେ ଲୋକମାନଙ୍କୁ ସଚେତନ କରିବା ଏବଂ ନିରାପଦ ଅଭ୍ୟାସଗୁଡ଼ିକ ଅନୁସରଣ କରିବାକୁ ଉତ୍ସାହିତ କରିବା ଏକ ଶକ୍ତିଶାଳୀ ମାଧମ। ସେ ସର୍ବଦା ସତର୍କ ରହିବା ସହିତ ଅଗ୍ନିକାଣ୍ଡକୁ ରୋକିବା ପାଇଁ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଏମ. ପି. ସିଂହ କାର୍ଯ୍ୟକ୍ଷେତ୍ର ଏବଂ ଦୈନନ୍ଦିନ ଜୀବନରେ ଅଗ୍ନି ସୁରକ୍ଷା ମାନଦଣ୍ଡଗୁଡ଼ିକର କଡ଼ା ଅନୁପାଳନର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଅତିଥିମାନେ ଇସ୍ପାତ ସହରାଞ୍ଚଳର ସ୍କୁଲ ପିଲାମାନଙ୍କ ପାଇଁ ସ୍ପଟ ପେଣ୍ଟିଂ ଏବଂ ଫାୟାର ମକ ଡ୍ରିଲ, ଅଗ୍ନିଶମ ସେବା ବିଭାଗ ପାଇଁ ସନ୍ତରଣ, ଆଥଲେଟିକ୍ସ, ଭଲି ବଲ, ଅଗ୍ନି ନିରାପତ୍ତା ଅନଲାଇନ କୁଇଜ, ସ୍ଲୋଗାନ ଏବଂ ହାଉସ କିପିଂ ଭଳି କର୍ମଚାରୀଙ୍କ ପାଇଁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସପ୍ତାହବ୍ୟାପୀ ଏହି ଅଭିଯାନ ସଂଯୋଜନା କରିବାରେ ସାହାଯ୍ୟ କରିଥିବା ବିଚାରକ ଏବଂ ବ୍ୟକ୍ତିମାନଙ୍କୁ ମଧ ସମ୍ମାନିତ କରାଯାଇଥିଲା। ସପ୍ତାହ ପାଳନ ଅବଧିରେ ଆୟୋଜିତ ରକ୍ତଦାନ ଶିବିରରେ ୨୫ ୟୁନିଟ ରକ୍ତଦାନ କରିଥିବା ବିଭାଗର କର୍ମଚାରୀଙ୍କୁ ମଧ ଏ ଅବସରରେ ପ୍ରଶଂସା କରାଯାଇଥିଲା। କାର୍ଯ୍ୟକ୍ରମଟି ଜାତୀୟ ସଙ୍ଗୀତ ଗାନ ସହିତ ଆରମ୍ଭ ହୋଇଥିଲା, ପରେ ସମ୍ମାନିତ ବ୍ୟକ୍ତିମାନେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ।ଏହି କାର୍ଯ୍ୟକ୍ରମରେ ଅଗ୍ନିଶମ ସେବା ଦିବସର ଭିଡିଓ ଏବଂ ସପ୍ତାହବ୍ୟାପୀ ଅଗ୍ନିଶମ ସେବା କାର୍ଯ୍ୟକଳାପ ଉପରେ ଏକ ଭିଡିଓ ପ୍ରଦର୍ଶିତ ହୋଇଥିଲା। ପ୍ରାରମ୍ଭରେ ହୀରାଲାଲ ମହାପାତ୍ର ସମାବେଶକୁ ସ୍ୱାଗତ କରିବା ସହିତ ଅଗ୍ନିଶମ ସେବା ବିଭାଗର କାର୍ଯ୍ୟକଳାପ ଉପରେ ସଂକ୍ଷିପ୍ତ ବିବରଣୀ ଦେଇଥିଲେ। ଅଗ୍ନିଶମ ସେବା ବିଭାଗର ଜିଏମ ପିଏସ ଠାକରେ ଧନ୍ୟବାଦ ଅର୍ପଣ କରିଥିଲେ। ଅଗ୍ନିଶମ ସେବା ବିଭାଗର ଡେପୁଟି ମ୍ୟାନେଜର ସାବାଜ ଆସିଫ ଠାକୋର ପୁରସ୍କାର ବିତରଣ କାର୍ଯ୍ୟକ୍ରମର ସଂଯୋଜନା କରିଥିବା ବେଳେ ଅଗ୍ନିଶମ ସେବା ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ମୋହିତ ସିଂହ ସମାପନୀ ଉତ୍ସବର ସଂଯୋଜନା କରିଥିଲେ।

# ୩ ଗାଁରେ ପାଣି ସଙ୍କଟ

## ଟ୍ରାଏଲ ସରିଛି, କାର୍ଯ୍ୟକ୍ଷମ ହେଉନି ପାନୀୟ ପ୍ରକଳ୍ପ

**ଲୋଇସିଂହା,୨୨।୪(ସୁଶାନ୍ତ ବାରିକ)**

ପାନୀୟ ଜଳ ଯୋଗାଣ ପାଇଁ ସମସ୍ତ ପ୍ରସ୍ତୁତି ସରି ଯାଇଛି । ଏପରି କି ପ୍ରକଳ୍ପରୁ ପାନୀୟ ଜଳ ଯୋଗାଣ ଟ୍ରାଏଲ ମଧ୍ୟ କରାଯାଇଛି। ଏହାସତ୍ତ୍ୱେ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବାଦିବାହାଲ ପଞ୍ଚାୟତ ଅନ୍ତର୍ଗତ ଅଗଲାପାଲି ,ଭାଲିଆମୁଣ୍ଡା ଓ ଭାଲୁପାଲି ଗାଁକୁ ପ୍ରକଳ୍ପରୁ ଜଳ ଯୋଗାଣ କରାଯାଉନାହିଁ। ଦିନକୁ ଦିନ ଖରା ତାତି ବଢି ଚାଲିଥିବା ବେଳେ ଏହି ଗାଁଗୁଡିକରେ ପିଇବା ପାଣି ପାଇଁ ହାହାକାର ପରିସ୍ଥିତି ଦେଖାଦେଇଛି। କାହା ସ୍ୱାର୍ଥରେ ଏହି ପ୍ରକଳ୍ପ ବୋଲି ଲୋକେ କହି ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ପ୍ରକାଶ ଯେ, ବାଦିବାହାଲ ପଞ୍ଚାୟତ ଅଧୀନ ଅଗଲାପାଲି, ଭାଲିଆମୁଣ୍ଡା ଓ ଭାଲୁପାଲିକୁ ଛେଲବାହାଲସ୍ଥିତ ସୁକତେଲ ନଦୀରୁ ପାଇପ ଜଳ ଯୋଗାଣ ପାଇଁ ପ୍ରକ୍ରିୟା ସରି ଯାଇଛି। ଭାଲିଆମୁଣ୍ଡା ସାପ୍ତାହିକ ବଜାରରେ ଓଭରହେଡ ଟାଙ୍କି ନିର୍ମାଣ ସହିତ ଗାଁ ଗାଁରେ ପାଇପ ପୋତା ଏବଂ ଷ୍ଟାଣ୍ଡ ପୋଷ୍ଟ ମଧ୍ୟ ନିର୍ମାଣ କରାଯାଇଛି। ପ୍ରକଳ୍ପରୁ ପାନୀୟ ଜଳ ଯୋଗାଣ ପାଇଁ ୨ ମାସ ତଳେ ଟ୍ରାଏଲ ସରିଯାଇଛି । ପ୍ରକଳ୍ପ କେବେ କାର୍ଯ୍ୟକ୍ଷମ ହେବ ସେ ନେଇ ୩ ଗାଁର ଲୋକେ ଚାତକ ପରି ଅନାଇଛନ୍ତି। ତେବେ ପ୍ରକଳ୍ପ ଚାଲୁ କରିବାରେ ବିଳମ୍ବ କରଯାଉଛି । ୩ ୱାର୍ଡ ବିଶିଷ୍ଟ ଅଗଲାପାଲି ଗାଁର ଜନସଂଖ୍ୟା ୧୬ ଶହ ହେବ । ଗାଁରେ ପାନୀୟ ଜଳ



ଯୋଗାଣ ପାଇଁ ପାଇପ ପୋତା ହେବା ସହ ବସ୍ତିରେ ବିଭିନ୍ନ ସ୍ଥାନରେ ଷ୍ଟାଣ୍ଡ ପୋଷ୍ଟ ମଧ୍ୟ ନିର୍ମାଣ କରାଯାଇଛି । ପ୍ରକଳ୍ପରୁ ଜଳ ଯୋଗାଣ ହେଉ ନ ଥିବାରୁ ଗାଁ ଲୋକେ ନଳକୂପ ଉପରେ ନିର୍ଭର କରିଥନ୍ତି । ଏବେ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ଯୋଗୁ ଭୂତଳ ଜଳ ସ୍ତର କମି ଯାଉଥିବାରୁ ନଳକୂପରୁ ଆବଶ୍ୟକ ପାଣି ବାହାରୁ ନାହିଁ। ଫଳରେ ଗାଁ ଲୋକେ କୂଅ ପାଣି ପିଇବାକୁ ବାଧ୍ୟ ହେଉଥିବା ଗ୍ରାମର ଅଗଲାପାଲି ଗାଁର ପ୍ରଫୁଲ୍ଲ ମହାକୁର, ସୁନୀଲ ସାହୁ ଓ ଅନ୍ୟମାନେ ପ୍ରକାଶ କରିଛନ୍ତି । ପ୍ରକଳ୍ପ କାମ ସରି ଯାଇଛି ,ହେଲେ କ'ଣ ପାଇଁ ପ୍ରକଳ୍ପ ଚାଲୁ କରାଯାଉନାହିଁ ବୋଲି ସେମାନେ ପ୍ରଶ୍ନ କରିଛନ୍ତି । ସେହିପରି ଭାଲିଆମୁଣ୍ଡା, ବଳଦେବପୁର ଓ ଦଳିତ ବସ୍ତିକୁ ନେଇ ୨ ୱାର୍ଡ ବିଶିଷ୍ଟ ଭାଲିଆମୁଣ୍ଡା ଗାଁରେ ମଧ୍ୟ ସମାନ ପରିସ୍ଥିତି ଲାଗି ରହିଛି। ଏହି ଗାଁରେ ପ୍ରାୟ ୧୨ ଶହ ଲୋକ ବସବାସ କରୁଛନ୍ତି। ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇ ନ ଥିବା ବେଳେ ଗାଁରେ ଥିବା ନଳକୂପରୁ ସହଜରେ ପାଣି ବାହାରୁନାହିଁ । ଏହାଛଡା ପାହାଡ ତଳେ ଥିବା ଭାଲୁପାଲି ଗାଁରେ ମଧ୍ୟ ବିଶୁଦ୍ଧ ପାନୀୟ ଜଳ ସ୍ୱପ୍ନ ପାଲଟିଛି । ବସା ଯାଇଥିବା ପାନୀୟ ଜଳ ପ୍ରକଳ୍ପ ସଫଳ ହୋଇ ନ ଥିବା ବେଳେ ଆଉ କେହି ପ୍ରକଳ୍ପ ପଞ୍ଚାୟତକୁ ହସ୍ତାନ୍ତର ହୋଇନାହିଁ ବୋଲି କହୁଛନ୍ତି । ବାଦିବାହାଲ ସରପଞ୍ଚ ପ୍ରଶାନ୍ତ ତ୍ରିପାଠୀଙ୍କ ସହ ଯୋଗାଯୋଗ ସମ୍ଭବ ନ ହେବାରୁ ଏ ନେଇ ପ୍ରତିକ୍ରିୟା ମିଳିପାରିନାହିଁ।

# ଜଙ୍ଗଲରୁ ଝୁଲନ୍ତା ଗଳିତ ମୃତଦେହ ଜବତ

**ସଇଁତଲା,୨୨।୪(ରାଖାଲ ପ୍ରସାଦ ଶତପଥୀ)**

ବଲାଙ୍ଗୀର ଜିଲା ସଇଁତଲା ଥାନା ବଡ଼ମାଳ ଫାଣ୍ଡି ଅନ୍ତର୍ଗତ ବର୍ଣ୍ଣୀ ସଂରକ୍ଷିତ ଜଙ୍ଗଲ ମଧ୍ୟରୁ ବୁଧବାର ପୋଲିସ ଝୁଲନ୍ତା ଅବସ୍ଥାରେ ଏକ ଗଳିତ ମୃତଦେହ ଜବତ କରିଛି। ମୃତକଙ୍କ ପରିଚୟ ମିଳି ପାରିନାହିଁ। ତାଙ୍କୁ ହତ୍ୟା କରାଯାଇଛି କି ସେ ଆତ୍ମହତ୍ୟା କରିଛନ୍ତି ଜଣାପଡିନାହିଁ। ମଳିଥିବା ସୂଚନା ଅନୁଯାୟୀ, ସକାଳେ ଉକ୍ତ ଜଙ୍ଗଲକୁ ନିକଟବର୍ତ୍ତୀ ଅଞ୍ଚଳର କେତେଜଣ ବ୍ୟକ୍ତି ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରିବାକୁ ଯାଇଥିଲେ। ସେମାନେ ଗୋଟିଏ ଗଛରେ ଏକ ମୃତହେଦ ଝୁଲୁଥିବା ଦେଖି ବଡ଼ମାଳ ଫାଣ୍ଡି ଅଧିକାରୀଙ୍କୁ ସୂଚନା ଦେଇଥିଲେ। ଘଟଣାସ୍ଥଳରେ ବଡ଼ମାଳ ଫାଣ୍ଡି ଅଧିକାରୀ ମୁରଲୀଧର ସେଠୀ ପହଞ୍ଚି ସଇଁତଲା ଥାନା ଅଧିକାରୀଙ୍କୁ ଖବର ଦେଇଥିଲେ। ପରେ ସଇଁତଲା ଥାନା ଅଧିକାରୀ ଖଗେଶ୍ୱର ବିଶ୍ୱାଳ, ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଅତିରିକ୍ତ ତହସିଲଦାର ମୋହନ ମୁଣ୍ଡା ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନା ପଠାଇଥିଲେ। ମୃତଦେହ ଜଣେ ଯୁବକଙ୍କର ହୋଇଥିବା ବେଳେ ତାଙ୍କର ବୟସ ୩୦ରୁ ୩୫ ବର୍ଷ ମଧ୍ୟରେ ହେବ ବୋଲି ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡିଛି। ବଲାଙ୍ଗୀର ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଅଧିକ ତଦନ୍ତ ଚଳାଇଛି।

# ସମସ୍ୟା ଘେରରେ ଶହେ ବର୍ଷ ତଳର ବିଦ୍ୟାଳୟ

**ଲାଠୋର,୨୨।୪(ଭୁବନେଶ୍ୱର ବାରିକ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ପଞ୍ଚାୟତ ସଦର ଗ୍ରାମ ଲାଠୋରରେ ଥିବା ୧୧୨ ବର୍ଷର ସର୍ବପୁରାତନ ସରକାରୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବିଭିନ୍ନ ସମସ୍ୟାରେ ଛନ୍ଦି ହୋଇ ରହିଛି। ଏହାସତ୍ତ୍ୱେ ବିଦ୍ୟାଳୟ ଇତିମଧ୍ୟରେ ଅନେକ ଗୌରବ ସାଉଁଟିଛି। ସହସ୍ରାଧିକ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଠନ କରିଛି। ଏଠାରେ ପାଠ ପଢୁଥିବା ଛାତ୍ରୀଛାତ୍ର ଅଞ୍ଚଳର ବିକାଶ ପଥରେ ସହାୟକ ହେବା



ସହ ସୁନାମ ଅର୍ଜନ କରିଛନ୍ତି। ହେଲେ ବିଦ୍ୟାଳୟ ଅବହେଳିତ ଅବସ୍ଥାରେ ପଡି ରହିବା ଚିନ୍ତାର ବିଷୟ ହୋଇଛି।

ସୂଚନା ଅନୁସାରେ, ୧୯୧୪ ଜାନୁୟାରୀ ୧ ତାରିଖରେ ଏହି ବିଦ୍ୟାଳୟ ଗଢ଼ି ଉଠିଥିଲା । ବର୍ତ୍ତମାନ ଶିଶୁ ବାଟିକାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୨୧୬ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି । ୯ ଗୋଟି ଶ୍ରେଣୀ ପାଇଁ କେବଳ ୫ ଗୋଟି ଶ୍ରେଣୀ ଗୃହ ରହିଛି । ଗୋଟିଏ ଲେଖାଏ ଶ୍ରେଣୀ ଗୃହରେ ଦୁଇଟି ଶ୍ରେଣୀର ପିଲାଙ୍କୁ ବସାଇ ପାଠପଢା ଯାଉଛି । ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ ପାଇଁ ୬ ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହ ଜଣେ କଳା ଶିକ୍ଷକ ରହିଛନ୍ତି। ସେଥିମଧ୍ୟରୁ ଜଣେ ଶିକ୍ଷକ ସାଧନ କେନ୍ଦ୍ର ସଂଯୋଜକ ଭାବେ ନିଯୁକ୍ତି ପାଇ ବିଦ୍ୟାଳୟକୁ ଆସୁନାହାନ୍ତି । ୫ ଜଣ ଶିକ୍ଷକରେ ପାଠପଢା ଚାଲିଛି। ବିଦ୍ୟାଳୟରେ ଦୁଇ ଗୋଟି ନଳକୂପ ସହ ଜଳଯୋଗାଣ ପ୍ରକଳ୍ପରୁ ଜଳ ଯୋଗାଣର ବ୍ୟବସ୍ଥା ରହିଛି । ହେଲେ ନଳକୂପରୁ ଆବଶ୍ୟକତା ମୁତାବକ ପାଣି ବାହାରୁ ନ ଥିବା ବେଳେ ଜଳଯୋଗାଣ ପ୍ରକଳ୍ପ ବିଦ୍ୟାଳୟ ସମୟରେ ବନ୍ଦ ରହୁଛି। ଫଳରେ ଛାତ୍ରୀଛାତ୍ର ପାନୀୟ ଜଳ ପାଇଁ ହଇରାଣ ହେଉଛନ୍ତି । ବିଦ୍ୟାଳୟରେ ଏକ ଗଭୀର ନଳକୂପ ଖୋଳିବାକୁ ବିଦ୍ୟାଳୟ ପରିଚାଳନା ସମିତି ଏବଂ ଅଭିଭାବକ ଏକ ରେଜୁଲେଶନ ପାସ୍ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଖପ୍ରାଖୋଲ ବିଡ଼ିଓଙ୍କୁ ଗତ ୨୪ ଫେବୃୟାରୀରେ ଏକ କପି ପ୍ରଦାନ କରିଛନ୍ତି। କିନ୍ତୁ ଅଦ୍ୟାବଧି ବ୍ଲକ ପ୍ରଶାସନ ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରି ନ ଥିବା ଜଣା ପଡ଼ିଛି। ଏହାଛଡା ଛାତ୍ରୀଛାତ୍ର ମଧ୍ୟାହ୍ନ ଭୋଜନ ଖାଇବା ପାଇଁ ଡାଇନିଂ ହଲର ବ୍ୟବସ୍ଥା ନାହିଁ । ଫଳରେ ଛାତ୍ରୀଛାତ୍ର ଖୋଲା ଆକାଶ ତଳେ ତଥା ପ୍ରାର୍ଥନା ମଣ୍ଡପରେ ମଧ୍ୟାହ୍ନ ଭୋଜନ ଖାଉଛନ୍ତି। ଉଭୟ ଛାତ୍ରୀ ଏବଂ ଛାତ୍ରମାନଙ୍କ ପାଇଁ ଦୁଇ ଗୋଟି ଶୌଚାଳୟ ରହିଛି। ଛାତ୍ରୀ ମାନଙ୍କ ଶୌଚାଳୟ ଠିକ ଥିବା ବେଳେ ଛାତ୍ରମାନଙ୍କ ଶୌଚାଳୟ ନଷ୍ଟ ହୋଇ ଯାଇଛି। ଏଥିଯୋଗୁ ଛାତ୍ରମାନେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବ୍ଲକ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ବିଦ୍ୟାଳୟରେ ଲାଗି ରହିଥିବା ବିଭିନ୍ନ ସମସ୍ୟାର ସମାଧାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# 'ଶିକ୍ଷା ଜୀବନକୁ ସମୃଦ୍ଧ କରେ'




ଉତ୍ସବରେ ମୁଖ୍ୟଅତିଥି ବକ୍ତବ୍ୟ ରଖୁଛନ୍ତି ।

## ପ୍ରାଥମିକ ବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଦ୍ୱିତୀୟ ସନ୍ଧ୍ୟା

**ଲୋଇସିଂହା,୨୨।୪(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅନ୍ତର୍ଗତ ପନେସରା ସରକାରୀ ପ୍ରାଥମିକ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବର ମଙ୍ଗଳବାର ଥିଲା ଦ୍ୱିତୀୟ ଦିବସ। ଏହି ଅବସରରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ ଯୋଗଦେଇ କହିଥିଲେ, ଶିକ୍ଷା ଜୀବନକୁ ସମୃଦ୍ଧ କରିଥାଏ। ଯେଉଁ ଅଞ୍ଚଳର ମା' ଓ ଅଭିଭାବକମାନେ ଶିକ୍ଷିତ, ଶିକ୍ଷାର ମହତ୍ତ୍ୱକୁ ବୁଝିଥାନ୍ତି ସେହି ଅଞ୍ଚଳର ବିକାଶ ହୋଇଥାଏ। ପନେସରା ପ୍ରାଥମିକ ବିଦ୍ୟାଳୟର ପାନୀୟ ଜଳ ଓ ଖେଳପଡିଆ ସମସ୍ୟାର ଖୁବଶୀଘ୍ର ସମାଧାନ କରାଯିବ ବୋଲି ମୁଖ୍ୟଅତିଥି ସାହୁ କହିଥିଲେ। ମୁଖ୍ୟବକ୍ତା ଭାବେ ବଲାଙ୍ଗୀର ମହିଳା କଲେଜର ସଂସ୍କୃତ ବିଭାଗ ପ୍ରାଧ୍ୟାପକ ଅଜିତ ପଣ୍ଡା ଯୋଗଦେଇ କହିଥିଲେ, ଶିକ୍ଷା ହେଉଛି ଜୀବନର ଭିତ୍ତି । ଏହି ଭିତ୍ତି ଯେତେ ମଜବୁତ ହେବ ଭବିଷ୍ୟତ ସେତେ ଉଜ୍ୱଳ ହେବ । ଏଣୁ ଛାତ୍ରୀଛାତ୍ରମାନେ ଦୃଢ ସଂକଳ୍ପ ନେଇ ପାଠପଢା ପ୍ରତି ମନୋନିବେଶ କରିବାକୁ ସେ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ପୁରାତନ ଛାତ୍ରୀଛାତ୍ରଙ୍କ ସଫଳତା ବର୍ତ୍ତମାନର ଛାତ୍ରୀଛାତ୍ରଙ୍କ ବଡ ପ୍ରେରଣା ବୋଲି ସେ କହିଥିଲେ । ସମ୍ମାନିତ ଅତିଥି ଭାବେ ସୁବର୍ଣ୍ଣପୁର ଜିଲା ଆରକ୍ଷୀ ଅଧୀକ୍ଷକ ନାରାୟଣ ନାଏକ, ବ୍ଲକ ଅଧ୍ୟକ୍ଷ ଯତୀନ୍ଦ୍ର ପଟେଲ, ବିଇଓ ଶ୍ୟାମ ମେହେର, ପ୍ରଧାନ ଶିକ୍ଷକ ସଞ୍ଜୟ କୁମ୍ଭାର ଯୋଗଦାନ କରିଥିଲେ। ଉତ୍ସବରେ ଅବସରପ୍ରାପ୍ତ ଶିକ୍ଷା ଅଧିକାରୀ ରାଜେନ୍ଦ୍ର ବିଶ୍ୱାଳ ଅଧ୍ୟକ୍ଷତା କରି ଅଭିଭାଷଣ ରଖିଥିଲେ । ଏହି ଅବସରରେ ବିଦ୍ୟାଳୟ ପ୍ରତିଷ୍ଠାତା ବିବେକାନନ୍ଦ ବିଶ୍ୱାଳ ଏବଂ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଥିବା ପୁରାତନ ଛାତ୍ରୀଛାତ୍ରଙ୍କୁ ଜୟନ୍ତୀ କମିଟି ତରଫରୁ ସମ୍ମାନିତ କରାଯାଇଥିଲା। ସଭା ପରେ ବିଦ୍ୟାଳୟର ଛାତ୍ରୀଛାତ୍ର, ପୁରାତନ ଛାତ୍ର ଓ ବିଭିନ୍ନ ଅଞ୍ଚଳରୁ ଆସିଥିବା କଳାକାରମାନେ ନିଜ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ ।

# ମାଉସୀ ମା' ମନ୍ଦିର ପ୍ରତିଷ୍ଠା ପାଇଁ କଳସ ଶୋଭାଯାତ୍ରା



ବୁଢୀବାହାଲ ଗାଁରେ ଶୋଭାଯାତ୍ରା ।

**ଖପ୍ରାଖୋଲ,୨୨।୪(ଅଭୟ ତ୍ରିପାଠୀ)**

ଖପ୍ରାଖୋଲ ବ୍ଲକ ବୁଢୀବାହାଲ ଗାଁର ନବନିର୍ମିତ ମାଉସୀ ମା' ମନ୍ଦିରର ପ୍ରତିଷ୍ଠା ଉତ୍ସବ ଅବସରରେ ବୁଧବାର କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରଥମେ ଶତାଧିକ ମହିଳା ପୁରୁଷ ଏକତ୍ରିତ ହୋଇ ସଙ୍କୀର୍ତ୍ତନ ଦଳ ସହିତ ଗାଁ ପୋଖରୀରୁ ପୂର୍ଣ୍ଣ କଳସ ଆଣି ଶୋଭାଯାତ୍ରାରେ ମାଉସୀ ମା' ମନ୍ଦିର ନିକଟରେ ପହଞ୍ଚି ଥିଲେ। ତିନି ଦିନ ଧରି ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେବାକୁ ଥିବା ବେଳେ ପୂଜା କର୍ତ୍ତା ଭାବେ କହ୍ନେଇ ସଗର ଓ ତାଙ୍କ ସ୍ତ୍ରୀ ଦାୟିତ୍ୱ ତୁଲାଇଥିଲେ । ଉତ୍ସବରେ ଗ୍ରାମ୍ୟ କମିଟି, ଗ୍ରାମବାସୀ ସହଯୋଗ କରୁଛନ୍ତି।

# ଆଲୋକୀକରଣ କାର୍ଯ୍ୟକ୍ରମ ଉଦ୍‌ଘାଟନ

**ବଲାଙ୍ଗୀର,୨୨।୪(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ପୌର ପରିଷଦ ପକ୍ଷରୁ ପ୍ୟାଲେସ ପଛପଟରୁ ରାଜେନ୍ଦ୍ର କଲେଜ ଶିଶୁ ମନ୍ଦିର ରାସ୍ତା ହୋଇ କେନ୍ଦ୍ରୀୟ ବିଦ୍ୟାଳୟ ଓ ବେହେରାପାଲିଠାରୁ ପୁଇଁନ୍ତଲା ଗ୍ରାମ ପର୍ଯ୍ୟନ୍ତ ଆଲୋକୀକରଣ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଛି। ଏହି ପ୍ରକଳ୍ପ ଅନ୍ତର୍ଗତ ରାସ୍ତାକୁ ନୂତନ ଷ୍ଟ୍ରିଟ୍ ଲାଇଟ ବ୍ୟବସ୍ଥା ସହିତ ତ୍ରିରଙ୍ଗା ଆଲୋକରେ ସଜାଯାଇଥିବାରୁ ସମ୍ପୃକ୍ତ ଅଞ୍ଚଳ ଆକର୍ଷଣୀୟ ହୋଇଉଠିଛି। ଉଲ୍ଲେଖଯୋଗ୍ୟ ଯେ, ପୂର୍ବରୁ ଏହି ରାସ୍ତାରେ ଲୁଟପାଟ ଘଟଣା ବୃଦ୍ଧି ପାଇଥିବାରୁ ଜନସାଧାରଣ ଓ ପୋଲିସ ପାଇଁ ବଡ଼ ସମସ୍ୟା ସୃଷ୍ଟି ହୋଇଥିଲା। ନୂତନ ଆଲୋକୀକରଣ ବ୍ୟବସ୍ଥା ପରେ ସେହି ସମସ୍ୟାର ସମାଧାନ ହୋଇଥିବା ଜଣାପଡ଼ିଛି। ଏହି କାର୍ଯ୍ୟକ୍ରମରେ



ବଲାଙ୍ଗୀର ପୌର ପରିଷଦ ପକ୍ଷରୁ ବଲାଙ୍ଗୀର ସହରରେ ଆଲୋକୀକରଣ କରାଯାଇଛି ।

ମୁଖ୍ୟଅତିଥି ଭାବେ ନଗରପାଳ ଲିକା ସାହୁ ଓ ଉପନଗରପାଳ ଗାୟତ୍ରୀ ଭୋଇ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ କାଉନସିଲର ଶତ୍ରୁଘ୍ନ ବାଗ, ଲଲାଟେନ୍ଦୁ ପଟ୍ଟନାୟକ, କିଶୋର କୁମ୍ଭାର, ସରିତା ଦାସ, ଗଙ୍ଗା ଚାନ୍ଦ, ଶମ୍ଭୁ ନାଗ, ନନ୍ଦିନୀ ପୋଡ଼, ହରିଶଙ୍କର ଛତ୍ରିଆଙ୍କ ସହିତ ନିର୍ବାହୀ ଅଧିକାରୀ ଓ ପୌର ପରିଷଦର ଅନେକ କର୍ମଚାରୀ ଉପସ୍ଥିତ ଥିଲେ। ଜନସାଧାରଣ ଏହି ପଦକ୍ଷେପକୁ ସ୍ୱାଗତ କରିଛନ୍ତି।

# 'ଯୁବ ପିଢ଼ିଙ୍କୁ ଠିକ୍ ମୂଲ୍ୟବୋଧ ଦେବାରେ ସ୍କାଉଟ୍ ଓ ଗାଇଡ୍‌ର ଭୂମିକା ଅପରିହାର୍ଯ୍ୟ'

## ସ୍କାଉଟ ମାଷ୍ଟର, ଗାଇଡ୍ କ୍ୟାପଟେନମାନଙ୍କ ବେସିକ ତାଲିମ ଶିବିର ଉଦ୍‌ଯାପିତ

**ବଲାଙ୍ଗୀର,୨୨।୪(ବୀରେନ୍ଦ୍ର କୁମାର ଝାଙ୍କର)**

ସ୍ଥାନୀୟ ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ଗତ ୧୫ ତାରିଖରୁ ୨୧ତାରିଖ ପର୍ଯ୍ୟନ୍ତ ବଲାଙ୍ଗୀର ଜିଲା ଭାରତ ସ୍କାଉଟ୍ ଗାଇଡ୍ ଆନୁକୂଲ୍ୟରେ ଚାଲିଥିବା ସାତ ଦିନିଆ ବେସିକ କୋର୍ସ ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଏହି ଶିବିରରେ ଶିବିରାର୍ଥୀମାନେ ସ୍କାଉଟ ଓ ଗାଇଡ଼ର ମୂଳନୀତି, ଶିଷ୍ଟାଚାର, ନେତୃତ୍ୱ କୌଶଳ, ସାମାଜିକ ସେବା ସମ୍ବନ୍ଧୀୟ ପ୍ରଶିକ୍ଷଣ ଗ୍ରହଣ କରିବା ସହ ବିଭିନ୍ନ ପ୍ରାକ୍ଟିକାଲ କାର୍ଯ୍ୟକ୍ରମ, ଦଳୀୟ କାର୍ଯ୍ୟ, ସହାୟତା ସମ୍ପର୍କରେ ଶିକ୍ଷା ଗ୍ରହଣ କରିଥିଲେ। ବିଶେଷ କରି ପ୍ରବଳ ଗ୍ରୀଷ୍ମ ତାପରୁ ପଥିକମାନଙ୍କ ତୃଷ୍ଣା ନିବାରଣ ପାଇଁ ଦିନ ବେଳା ବିଦ୍ୟାଳୟ ସମ୍ମୁଖରେ ଦହିପାଣି ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିଲା। ପ୍ରତ୍ୟେକ ଦିନ ରାତ୍ରିକାଳୀନ କ୍ୟାମ୍ପ୍ ଫାୟାର କାର୍ଯ୍ୟକ୍ରମରେ ଶିବିରାର୍ଥୀମାନେ ଗୀତ, ନାଚ ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରି ପରିବେଶକୁ ଉତ୍ସବ ମୁଖର କରୁଥିଲେ। ଉଦ୍‌ଯାପନୀ ସଭାରେ



ଶିବିର ଉଦଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥି ।

ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ପ୍ରବୀର କୁମାର ପଣ୍ଡା ସଭାପତିତ୍ୱ କରିଥିଲେ । ସେ ନିଜ ବକ୍ତବ୍ୟରେ ଶିବିରରେ ଅର୍ଜିତ ଜ୍ଞାନ ଓ କୌଶଳକୁ ବିଦ୍ୟାଳୟରେ ପ୍ରୟୋଗ କରି ଛାତ୍ରଛାତ୍ରୀଙ୍କୁ ଉତ୍ତମ ନାଗରିକ ଭାବେ ଗଢି ତୋଳିବାକୁ ପ୍ରେରଣା ଦେଇଥିଲେ। ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ଡ଼. ଶ୍ରୀକର ମିଶ୍ର ଯୋଗଦେଇ ଆଜିର ଯୁବ ପିଢ଼ିକୁ ଠିକ୍ ମୂଲ୍ୟବୋଧ ଦେବାରେ ସ୍କାଉଟ ଓ ଗାଇଡ଼ର ଭୂମିକା ଅପରିହାର୍ଯ୍ୟ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ଗୋପବନ୍ଧୁ ଶତପଥୀ ଯୋଗଦେଇ ନିଜ ବକ୍ତବ୍ୟରେ ସମାଜ ସେବା, ପରିବେଶ ସୁରକ୍ଷା ଓ ଦେଶପ୍ରେମର ମୂଲ୍ୟବୋଧକୁ ଅନୁସରଣ କରି ଆଗକୁ ବଢିବାକୁ ଆହ୍ୱାନ କରିଥିଲେ। ସ୍କାଉଟ ମାଷ୍ଟର ଅଜିତ ମିଶ୍ର ଓ ଗାଇଡ଼ କ୍ୟାପଟେନ ଜିନିମା ନନ୍ଦ ନିଜ କ୍ୟାମ୍ପ ଅନୁଭୂତି କହିଥିଲେ। ସଭାରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ରୀନା କୁମାରୀ ବେହେରା, ସେବାଶ୍ରୀ ଭୋଇ, ବଲାଙ୍ଗୀର ବିଇଓ ନୀଳମଣି ପଟେଲ, ପ୍ରଧାନ ଶିକ୍ଷକ ନରେନ୍ଦ୍ର ନାଥ ମିଶ୍ର ମଞ୍ଚାସୀନ ଥିଲେ। ଜିଲା ସମ୍ପାଦକ ପ୍ରଦୀପ ପାତ୍ର, କୋର୍ସ ଲିଡର ପୀତବାସ ପଟ୍ଟନାୟକ, ପ୍ରିୟଦର୍ଶିନୀ ମହାପାତ୍ର ଙ୍କ ତତ୍ତ୍ୱାବଧାନରେ ଏହି ଶିବିର ପରିଚାଳିତ ହୋଇଥିଲା। କୋର୍ସ ସହଯୋଗୀ ଭାବେ ସୁରଜିତ ସେନ, ନୀଳାଞ୍ଚଳ ଚିଗୁନ, ବସନ୍ତ ମେହେର, ଜୟଶ୍ରୀ ପୋଢ଼, ଦେବାଶିଷ ମେହେର, କସ୍ତୁରୀ ରଥ, ହେମନ୍ତ ପ୍ରଧାନ ସହଯୋଗ କରିଥିଲେ। ତାଲିମ ଶିବିରରେ ୭୦ଜଣ ସ୍କାଉଟ ମାଷ୍ଟର ଓ ୫୫ଜଣ ଗାଇଡ଼ କ୍ୟାପଟେନ୍ ଯୋଗ ଦେଇଥିଲେ। ଶିବିରରେ ଅଂଶଗ୍ରହଣ କରିଥିବା ପ୍ରଶିକ୍ଷାର୍ଥୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ରଞ୍ଜିତ ବେହେରା,ସୁଦର୍ଶନ ନାୟକ, ବ୍ରାହ୍ମଣୀ ଦୀପ, ଚକ୍ରପାଣି ଷଡ଼ଙ୍ଗୀ, ଗୋବିନ୍ଦ ବଗର୍ତି,ସୁଦୀପ୍ତ ଦୀପ,ବୈକୁଣ୍ଠ ଜେନା, ଦନାର୍ଦ୍ଦନ ପାଣ୍ଡେ, ଯୋଗେନ୍ଦ୍ର ପଟେଲ ସହଯୋଗ କରିଥିଲେ।


**NOTIFIED AREA COUNCIL, DIGAPAHANDI
GANJAM, ODISHA, PIN-761012**

Ph:06814-295053, E-mail:dgp_nac@yahoo.com

Letter No. 1515/DIGNAC Date:18.04.26

No.13001/265/2627 **E-Procurement Notice**

| 01 | BID IDENTIFICATION NO. | TENDER ID | PROJECT NAME | ESTIMATED COST (Without GST) |
|---|---|---|---|---|
| 02 | DIGNAC-09/2025-26 | 2026_ORULB_127591_2 | Renovation and Beautification of Bada Bandha, Digapahandi NAC, Ganjam District, Odisha | 3,29,48,350.00 |
| 03 | Procurement Officer- Publisher/ Officer Inviting the Tender/ Bids (OIT) | | Executive Officer, NAC Digapahandi | |
| 04 | NOS. OF WORKS | | 01 Nos. | |
| 05 | Date & Time of availability of BID in the portal | | From 11.00 hours of dtd.20.04.2026 to 17.30 hours of dtd.02.05.2026 | |
| 06 | Last date/time for receipt of bids in the portal (Submission of Technical Bids & Financial Bids) through online | | 17.30 Hours of 02.05.2026 | |
| 07 | PRE BID MEETING | | 11.30 AM Hrs of 27.04.2026 | |
| 08 | Last date /Time for receipt of Physical Documents through Speed Post/ Regd. Post N.B: However, submission of physical documents is not mandatory, it is only for Official purpose. The office will only accept the tender papers received through online | | 17.30 Hours of 04.05.2026 | |
| 09 | Date & Time of Opening of the Bids | | Technical Bid- 11.00 AM hours of Dtd.05.05.2026 Financial Bid to be intimated in the conference hall of NAC, Digapahandi (if any holiday, then the tender will open in next working day) | |

N.B.: Further more details can be seen in the DTCN available in the e-Procurement portal i.e. **https://tendersodisha.gov.in.**

Sd./- Executive Officer, NAC, Digapahandi, Ganjam

OIPR-13001/13117/1/26-27/0004



**OFFICE OF THE MUNICIPAL COUNCIL UMERKOTE**

NABARANGPUR (ODISHA), PIN-764073
E-mail- nac_umerkote@rediffmail.com

**"e" PROCUREMENT NOTICE**

Bid Identification No.01/UKT-MUN/2026-27

**No.13001/264/2627:** Bid Documents consisting of Service Work, Estimated Cost, Cost of Tender Paper, EMD and Time of Completion and the set of term and condition of contract and other necessary documents can be seen www.tenderorissa.gov.in.
INVITATION TO TENDER AND INSTRUCTIONS CONTAINING TERMS AND CONDITIONS GOVERNING CONTRACT FOR CLEANING, SANITATION AND WASTE DISPOSAL SERVICES AT UMERKOTE MUNICIPALITY (Ward No.1 to 14).

| | |
|---|---|
| Name of the Service | Cleaning of drain, Sweeping of Street & Main Road, Garbage lifting, Bush Cutting, Sanitation and Waste Disposal Service at Umerkote Municipality Ward No. 1 to 14 |
| EMD @1% | Rs.2,54,585.16 |
| Agency | As per eligible criteria mentioned in DTCN. |
| Period of Contract | 01 (One) Year |
| Cost of Tender Document | Rs.10,000/- (Non-Refundable) |
| Download of Tender Document | Date 20.04.2026 to Dt.27.04.2026 upto 5.00 P.M. |
| Last date of receipt through online | Online: Date 27.04.2026 upto 5.00 P.M. |
| Date of Tender to be opened | Date 28.04.2026 at 11.00 A.M. |
| Date of Financial bid to be Opened | Date 29.04.2026 at 11.00 A.M. |
| Place of Opening of Tender | Municipality Office Umerkote |
| Officer Invited the Tender | Executive Officer, Umerkote Municipality |

The details of this tender also available at website www.nabarangpur.nic.in and www.tenderodisha.gov.in.
NOTE: 1. The Executive Officer, Municipal Council, Umerkote may at his/her discretion, extend this date by a fortnight and such extension shall be binding on tenderers.

OIPR-13001/13180/1/26-27/0001



**DIRECTORATE OF AGRICULTURE & FOOD PRODUCTION, ODISHA**

**CANCELLATION NOTICE**

**"SELECTION OF AGENCY FOR OPERATIONALIZATION OF IDENTIFIED STATIC SOIL TESTING LABORATORIES" UNDER ADMINISTRATIVE CONTROL OF DIRECTOR OF AGRICULTURE & FOOD PRODUCTION (ODISHA)**

No. 1001/20/2627: RFP No. 33719 Dated 23.09.2025: The Director of Agriculture & Food Production, Odisha, Bhubaneswar of Department of Agriculture & Farmers Empowerment, Odisha has decided to cancel the RfP No. 33719 Dtd.23.09.2025 for "Selection of Agency for Operationalization of identified Static Soil Testing Laboratories" under the Administrative Control of Director of Agriculture and Food Production (Odisha) which was published in the official website such as **www.agrisnetodisha.ori.nic.in, agri.odisha.gov.in & tendersodisha.gov.in.**

Sd./- Director of Agriculture & Food Production, Odisha

OIPR-1001/1102/1/26-27/0002

# ଗ୍ରାମାଞ୍ଚଳରେ ଉନ୍ନୟନ କାମକୁ ଗୁରୁତ୍ୱ

## ଡୁଙ୍ଗୁରିପାଲି ବ୍ଲକ ୧୭ତମ ପଞ୍ଚାୟତ ସମିତି ବୈଠକ

### ବୈଠକ ହଟଗୋଳରେ ସରିଲା

ଡୁଙ୍ଗୁରିପାଲି,୨୧।୪ (ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ସଭାଗୃହଠାରେ ୧୭ତମ ପଞ୍ଚାୟତ ସମିତି ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଗ୍ରାମାଞ୍ଚଳର ଉନ୍ନୟନ କାର୍ଯ୍ୟକୁ ଗୁରୁତ୍ୱ ଦିଆଯାଇଥିଲା। ଏଥିରେ ବ୍ଲକ ଅଧ୍ୟକ୍ଷା ଅହଲ୍ୟା ସାହୁଙ୍କ ସଭାପତିତ୍ୱ କରିଥିଲେ। ବୈଠକରେ ମୁଖ୍ୟଅତିଥି ଭାବେ ସୋନପୁର ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଯୋଗଦେଇଥିଲେ। ସୁବର୍ଣ୍ଣପୁର ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁପାର ଠେଲା, ବ୍ଲକ ଉପାଧ୍ୟକ୍ଷ ମକରଧ୍ୱ ସାହୁ, ଏବିଡିଓ ମହେଶ୍ୱର ପଧାନ, ବ୍ଲକ ଯୋଗାଣ ନିରୀକ୍ଷକ ସୂର୍ଯ୍ୟକାନ୍ତ ପରିଡା, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ଯନ୍ତ୍ରୀ ହିମାଦ୍ରୀ ପଧାନ, ସିଡିପିଓ ମୌସୁମୀ ମାଇଟି , ରାମପୁର ଜୋନ ଜିଲ୍ଲା ପରିଷଦ ସଭ୍ୟ ଗଣେଶ ଚନ୍ଦ୍ର ଭୋଇ, ଡୁଙ୍ଗୁରିପାଲି ଜୋନ ଜିଲ୍ଲା ପରିଷଦ ସଭ୍ୟା ମଞ୍ଜୁଶ୍ରୀ ମାଝୀ, ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଡିଓ ସଞ୍ଜୀବ କୁମାର ସାହୁ ସଭା ପରିଚାଳନା କରି ପ୍ରତି ପଞ୍ଚାୟତରେ ହେଉଥିବା ବିଭିନ୍ନ ଯୋଜନା ଉପସ୍ଥାପନା କରିବା ସହ ସରପଞ୍ଚ ଓ ସମିତି ସଭ୍ୟାସଭ୍ୟଙ୍କୁ ବିଭାଗର ଅଧିକାରୀଙ୍କୁ ସୂଚନା ପ୍ରଦାନ କରିଥିଲେ। ପୂର୍ବ ବୈଠକର କାର୍ଯ୍ୟଖସଡ଼ା ବିବରଣୀ ଜିପିଓ ରଞ୍ଜନ କୁମାର ବେହେରା ପଠନ କରିଥିଲେ। ବ୍ଲକର ପଞ୍ଚାୟତଗୁଡ଼ିକରେ ହେଉଥିବା ଏମ୍‌ଜିଏନ୍‌ଆଇଜିଏସ୍ କାମ ଲୋକେ ଯେପରି ପାଇପାରିବେ ସେ ଦିଗରେ ଧ୍ୟାନ ଦେଇ କାମ୍ ସବୁ ଶୀଘ୍ର ସମ୍ପୂର୍ଣ୍ଣ କରିବା ନେଇ ସମସ୍ତଙ୍କୁ ବିଡିଓ ସାହୁ ଅବଗତ କରାଇଥିଲେ। ଏବିଇଓ ଜଗତ ମଲ୍ଲିକ ସ୍କୁଲମାନଙ୍କରେ ଶିକ୍ଷକ ଅଭାବ, ପାଣି ସମସ୍ୟା, ଚେରୁପାଲି ସରପଞ୍ଚ ଦିଲୀପ କୁମାର ଶତପଥୀ ପଞ୍ଚାୟତରେ ୧।୭।୨୦୨୪ରୁ ଏ ପର୍ଯ୍ୟନ୍ତ ମୃତ୍ୟୁ ହୋଇଥିବା ୧୯ ଜଣଙ୍କ ପରିବାରକୁ ଟଙ୍କା ମିଳି ନ ଥିବା କହିଥିଲେ। ପ୍ରାଣୀ ସମ୍ପଦ ବିଭାଗରେ ମିଳୁଥିବା ମୁଖ୍ୟମନ୍ତ୍ରୀ କାମ ଧେନୁ ଯୋଜନା, କୁକୁର ଫାର୍ମ, ଗୋ ପାଳନ, ମାଇ ବାଛୁରୀ ଯୋଜନା ଉପରେ ବିଭାଗୀୟ ଅଧିକାରୀମାନେ ବୈଠକ ଉପସ୍ଥାପନା କରିଥିଲେ। ବ୍ଲକର ଉନ୍ନୟନ କାମକୁ ନେଇ ଜନପ୍ରତିନିଧିମାନେ ଆଲୋଚନା କରିଥିଲେ। ବେହେରାମାଲ ସରପଞ୍ଚ ନରେଶ ପୂଜାରୀ ପିପିଲିପାଲି ସ୍କୁଲରେ ପାଚେରୀ ନ ଥିବାବେଳେ ବେହେରା ମାଲ ପଞ୍ଚାୟତରେ ଗରିବ ଲୋକଙ୍କୁ ଶୀଘ୍ର ଭତ୍ତା ଯୋଜନାରେ ସାମିଲ କରିବାକୁ ଅଭିଯୋଗ କରିଥିଲେ। ବ୍ଲକର ୨୬ ପଞ୍ଚାୟତରେ ଯେପରି ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନା ପହଞ୍ଚି ପାରିବ ସେ ଦିଗରେ ସମସ୍ତ ଜନପ୍ରତିନିଧି କାମ କରିବାକୁ ଆଲୋଚନା ହୋଇଥିଲା। ବ୍ଲକର ପ୍ରତି ପଞ୍ଚାୟତରେ ହେଉଥିବା ବିଭିନ୍ନ ଯୋଜନାରେ କାମ ତଦାରଖ କରିବାରେ ଯନ୍ତ୍ରୀଙ୍କ ଅବହେଳା ସମ୍ପର୍କରେ ଆଲୋଚନା ହୋଇଥିଲା। ସରପଞ୍ଚ ସଂଘ ସଭାପତି ମନୋଜ କୁମାର ପୁରୋହିତ, ଚିତ୍ତରଞ୍ଜନ ମିଶ୍ର, ସରପଞ୍ଚ ବିଭୁଦତ୍ତ ରାଜହଂସ, ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଆଗାମୀ ଆର୍ଥିକ ବର୍ଷରେ ହେବାକୁଥିବା ପଞ୍ଚାୟତ ଗୁଡ଼ିକରେ ବିଭିନ୍ନ ଉନ୍ନୟନମୂଳକ ଯୋଜନା ମଞ୍ଜୁର କରିବା ନେଇ ଆଲୋଚନା କରାଯାଇଥିଲା। ସିଡିପିଓ ମୌସୁମୀ ମାଇଟି ନିଜ କାର୍ଯ୍ୟାଳୟରେ ପାଣି ଅଭାବ ହେଉଥିବା ସମସ୍ୟା ବୈଠକ ଜଣାଇଥିଲେ ମହାନଦୀରୁ ଡୁଙ୍ଗୁରିପାଲିକୁ ଦୀର୍ଘଦିନ ହେବା ମେଗା ଜଳ ଯୋଗାଣ ପ୍ରକଳ୍ପ ପାନୀୟ ଜଳ ବିଳମ୍ବ ହେଉଥିବା ନେଇ ବ୍ଲକ ଉପାଧ୍ୟକ୍ଷ ମକରଧ୍ୱଜ ସାହୁ ଯନ୍ତ୍ରୀ ହିମାଦ୍ରୀ ପଧାନଙ୍କୁ ପଚାରି ଥିଲେ। ଯନ୍ତ୍ରୀ ପଧାନ ଆସନ୍ତା ଡିସେମ୍ବର ସୁଦ୍ଧା ଡୁଙ୍ଗୁରିପାଲିକୁ ଜଳ ଯୋଗାଣ ହେବା ବୋଲି ଉତ୍ତର ରଖିଥିଲେ। ଦିଗଶିରା ପଞ୍ଚାୟତରେ ବିଭିନ୍ନ ଉନ୍ନୟନ କାମ ସବୁ ଯନ୍ତ୍ରୀ ପ୍ରିୟଦର୍ଶୀ କୁଳଦୀପ ମନଇଚ୍ଛା ଲୋକ ଲଗାଇ କରୁଥିବା ଓ କାମ ପରେ ପ୍ରାପ୍ୟ ମିଳି ନ ଥିବା ସମିତି ସଭ୍ୟା ମମତା ମହାନନ୍ଦ ଅସନ୍ତୋଷ ପ୍ରକାଶ କରିଥିଲେ। ବୈଠକରେ ପାନୀୟ ଜଳ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପାଣି ସମସ୍ୟା, ଡାକ୍ତର ଅଭାବ, ଶିକ୍ଷା, ରାସ୍ତାଘାଟ ନିର୍ମାଣ, ଗମନାଗମନ, ପଶୁ ପାଳନ, ମହିଳା ଓ ଶିଶୁ ବିକାଶ, ଆବାସ ଯୋଜନା, ରାଶନକାର୍ଡ ଉପରେ ଆଲୋଚନା ହୋଇଥିଲା। ଶେଷରେ ଏବିଡିଓ ମହେଶ୍ୱର ପଧାନ ଧନ୍ୟବାଦ ଦେଇଥିଲେ।




ସମିତି ବୈଠକରେ ଉପସ୍ଥିତ ବିଭାଗୀୟ ଅଧିକାରୀ, ଜନପ୍ରତିନିଧି।

# ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ପରଲୋକ

ବୀରମହାରାଜପୁର,୨୨।୪(ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଉଫୁଲା ଗ୍ରାମର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରଘୁନାଥ ଡାଙ୍ଗ(୭୪)ବର୍ଷରେ ଗତ ୧୭ ତାରିଖରେ ପରଲୋକ ହୋଇଯାଇଛି। ସେ କିଛିଦିନ ହେଲା ବୟଷାଧିକ ରୋଗର ପୀଡ଼ିତ ଥିଲେ। ସେ ଅବିବାହିତ ଥିବାବେଳେ ୨୦୧୫ରେ ଚାକିରିରୁ ଅବସରଗ୍ରହଣ କରିଥିଲେ। ତାଙ୍କର ଅନ୍ତିମ ସଂସ୍କାର ପଣ୍ଡାପାଲି ସ୍ୱର୍ଗ ଦ୍ୱାରସ୍ଥଠାରେ ଅନୁଷ୍ଠିତ ହୋଇଥିଲା। ପୁତୁରା ଆସୁତୋଷ ମୁଖାଗ୍ନି ଦେଇଥିଲେ। ଏଥିର ବଡ଼ ଭାଇ ଅବସରପ୍ରାପ୍ତ ଶିକ୍ଷକ ଉପେନ୍ଦ୍ର ଡାଙ୍ଗ,ପୁତୁରା ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ପଞ୍ଚାନନ ଡାଙ୍ଗ, କୋରାପୁଟ ବିଇଡି କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ପ୍ରଦୀପ କୁମାର ଡାଙ୍ଗ, ପାଳିତ ପୁତ୍ର ଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀ ରଞ୍ଜନ ଡାଙ୍ଗ, ଅବସରପ୍ରାପ୍ତ ହାଇସ୍କୁଲ ଶିକ୍ଷକ ପ୍ରଶାନ୍ତ ଡାଙ୍ଗ, ପ୍ରଫୁଲ୍ଲ ଡାଙ୍ଗ, ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହାଙ୍କ ସମେତ ବନ୍ଧୁ ପରିବାର ବର୍ଗ ସାମିଲ ହୋଇଥିଲେ। ତାଙ୍କ ବିୟୋଗରେ ବିଭିନ୍ନ ବ୍ୟକ୍ତି ଓ ଅନୁଷ୍ଠାନ ପକ୍ଷରୁ ଶୋକବ୍ୟକ୍ତ କରାଯାଇଛି।




**NOTIFIED AREA COUNCIL, DIGAPAHANDI**
**GANJAM, ODISHA, PIN-761012**

Ph:06814-295053, E-mail:dgp_nac@yahoo.com

Letter No. 1515/DIGNAC Date:18.04.26

No.13001/265/2627 **E-Procurement Notice**

| 01 | BID IDENTIFICATION NO. | TENDER ID | PROJECT NAME | ESTIMATED COST (Without GST) |
|---|---|---|---|---|
| 02 | DIGNAC-09/2025-26 | 2026_ORULB_127591_2 | Renovation and Beautification of Bada Bandha, Digapahandi NAC, Ganjam District, Odisha | 3,29,48,350.00 |
| 03 | Procurement Officer- Publisher/ Officer Inviting the Tender/ Bids (OIT) | Executive Officer, NAC Digapahandi | | |
| 04 | NOS. OF WORKS | 01 Nos. | | |
| 05 | Date & Time of availability of BID in the portal | From 11.00 hours of dtd.20.04.2026 to 17.30 hours of dtd.02.05.2026 | | |
| 06 | Last date/time for receipt of bids in the portal (Submission of Technical Bids & Financial Bids) through online | 17.30 Hours of 02.05.2026 | | |
| 07 | PRE BID MEETING | 11.30 AM Hrs of 27.04.2026 | | |
| 08 | Last date /Time for receipt of Physical Documents through Speed Post/ Regd. Post N.B: However, submission of physical documents is not mandatory, it is only for Official purpose. The office will only accept the tender papers received through online | 17.30 Hours of 04.05.2026 | | |
| 09 | Date & Time of Opening of the Bids | Technical Bid- 11.00 AM hours of Dtd.05.05.2026 Financial Bid to be intimated in the conference hall of NAC, Digapahandi (if any holiday, then the tender will open in next working day) | | |

N.B.: Further more details can be seen in the DTCN available in the e-Procurement portal i.e. **https://tendersodisha.gov.in.**

Sd./- Executive Officer,
NAC, Digapahandi, Ganjam

OIPR-13001/13117/1/26-27/0004


# ବରିଷ୍ଠ ନାଗରିକ ସଙ୍ଗଠନ କାର୍ଯ୍ୟାଳୟରେ ପୃଥିବୀ ଦିବସ



ବରିଷ୍ଠ ନାଗରିକ ସଙ୍ଗଠନଠାରେ ପୃଥିବୀ ଦିବସ ପାଳନରେ ଅତିଥି ଗଣ।

ବୀରମହାରାଜପୁର,୨୨।୪(ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବରିଷ୍ଠ ନାଗରିକ ସଙ୍ଗଠନ କାର୍ଯ୍ୟାଳୟଠାରେ ବୁଧବାର ପୃଥିବୀ ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଦୟାନିଧି ହୋତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପରିବେଶ ସମ୍ପର୍କିତ ସମସ୍ୟା ଯଥା ଜଳବାୟୁ ପରିବର୍ତ୍ତନ, ଜଙ୍ଗଲ ଧ୍ୱଂସ, ପ୍ଲାଷ୍ଟିକ ପ୍ରଦୂଷଣ ଏବଂ ଜୈବ ବିବିଧତାର କ୍ଷୟ ସମ୍ପର୍କରେ ଜନ ସଚେତନତା ସୃଷ୍ଟି କରିବା ପୃଥିବୀ ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ମୁଖ୍ୟ ଅତିଥି ଭାବେ ଡ. ପ୍ରଫୁଲ୍ଲ ରଥ, ମୁଖ୍ୟବକ୍ତା ପୂର୍ବତନ ସଭାପତି ଭଗବାନ ମିଶ୍ର, ସମ୍ମାନିତ ଅତିଥି ନାରାୟଣ ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ଶ୍ୟାମସୁନ୍ଦର ସେଠୀ ସ୍ୱାଗତ ଭାଷଣ, ବଳରାମ କାଣ୍ଡ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସଂପାଦକ ଡ. ଦ୍ୱିତୀକୃଷ୍ଣ ପଣ୍ଡା ସଂଯୋଜନା କରିଥିଲେ।

# ଜନ୍ମମାଟିରେ ଯବାନ ବ୍ୟାସଦେବଙ୍କୁ ସମ୍ବର୍ଦ୍ଧନା

ସୋନପୁର,୨୨।୪(ମୃତ୍ୟୁଞ୍ଜୟ ଶତପଥୀ)

ଦୀର୍ଘ ୨୦ବର୍ଷ ଧରି ଭାରତୀୟ ସୈନ୍ୟ ବାହିନୀରେ ରହି ଦେଶ ମାତୃକାର ସେବା କରିବା ପରେ ଅବସର ଗ୍ରହଣ କରିଛନ୍ତି। ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ ଗୁମୁରୁଡୋଲା ଗ୍ରାମର ହାବିଲଦାର ବ୍ୟାସଦେବ ପ୍ରସାଦ କର୍ମୀ(୪୩)। ବୀର ଯବାନ ବ୍ୟାସଦେବ ବୁଧବାର ନିଜ ଜନ୍ମମାଟିକୁ ଫେରିବା ସମୟରେ ଜିଲ୍ଲା ପ୍ରଶାସନ, ଅଞ୍ଚଳବାସୀ, ଅବସରପ୍ରାପ୍ତ ସୈନିକ ସଂଘ ଓ ବନ୍ଧୁବାନ୍ଧବଙ୍କ ପକ୍ଷରୁ ତାଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜଣାଯାଇଛି। ବ୍ୟାସଦେବ ନିଜ ଜନ୍ମମାଟିକୁ ପ୍ରଣାମ କରି ଏକ ଖୋଲା ଜିପ୍‌ରେ ଜାତୀୟ ପତାକା ଧରି ଶୋଭାଯାତ୍ରାରେ ଯାଇଥିଲେ। ତାଙ୍କୁ ଏକ ବିଶାଳ ବାଇକ୍ ଶୋଭାଯାତ୍ରାରେ ସୁବର୍ଣ୍ଣପୁର ସହରଠାରୁ ନିଜ ଜନ୍ମମାଟି ମହଦା ପଞ୍ଚାୟତର ଗୁମୁରୁଡୋଲାକୁ ପାଛୋଟି ନିଆଯାଇଥିଲା। ସୁବର୍ଣ୍ଣପୁର ରୟାଲ ପଡିଆଠାରେ ଜିଲ୍ଲାପାଳ ଡ. ନୃପରାଜ ସାହୁ ଯୋଗଦାନ କରି ଯବାନଙ୍କୁ ସମ୍ବର୍ଦ୍ଧନା ଜଣାଇବା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ବ୍ୟାସଦେବ ପ୍ରଥମେ ପାର୍ବତୀପୁର ଶିବ ମନ୍ଦିରରେ ପହଞ୍ଚି ପୂଜାର୍ଚ୍ଚନା କରିଥିଲେ। ସେଠାରୁ ବିଭିନ୍ନ ମନ୍ଦିରକୁ ଯାଇ ଦେବଦେବୀଙ୍କ ଆଶୀର୍ବାଦ ନେଇଥିଲେ। ଗାଁରେ ପହଞ୍ଚି ମା' ବୈଦେହୀ, ବାପା ଶିବରାମ, ୪ ଭଉଣୀ ଓ ୬ ଭାଇଙ୍କୁ ଦେଖି ଭାବ ବିହ୍ୱଳ ହୋଇଥିଲେ। ଏହି ଅବସରରେ ଗାଁ ଛକରେ ଏକ ସ୍ୱାଗତ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା। ଏଥିରେ ଉଲୁଣ୍ଡା ବ୍ଲକ ଅଧ୍ୟକ୍ଷା ଶାନ୍ତିଲତା ମିଶ୍ର, ଯୁବନେତା କୃତ୍ତିବାସ ମିଶ୍ର, ଅବସରପ୍ରାପ୍ତ ସୈନିକ ସଂଘର ସଭାପତି ସଞ୍ଜୟ ଷଡଙ୍ଗୀ, ସମ୍ପାଦକ ପ୍ରଭାତ ପାଣିଗ୍ରାହୀ, ଗ୍ରାମର ବରିଷ୍ଠ ବ୍ୟକ୍ତି ଯୋଗଦାନ କରିଥିଲେ। ଯବାନ ବ୍ୟାସଦେବ ୨୦୦୬ରେ ମିସାଇଲ ରେଜିମେଣ୍ଟ ଆର୍ଟିଲେରିରେ ଯୋଗଦାନ ଓ ହାଇଦ୍ରାବାଦରୁ ଚାକିରି ଜୀବନରୁ ଅବସରଗ୍ରହଣ ସମୟର ଅନୁଭୂତି ଏବଂ ଗାଁ, ଅଞ୍ଚଳଠାରୁ ଦୂରରେ ରହିବାର କଷ୍ଟ ସମ୍ପର୍କରେ ଆଲୋଚନା କରିଥିଲେ। ଭଉଣୀ ଅରୁନ୍ଧତୀ, ଅନୁସୂୟା, ଅନୁପମା, ଅଞ୍ଜନା, ଭାଇ ବଳଦେବ, ବାସୁଦେବ, ବୁଦ୍ଧଦେବ, ପାଣ୍ଡବ ରାମ ଓ ପ୍ରେମ ସାଗରଙ୍କ ସମେତ ସାଙ୍ଗ ସାଥୀ ଓ ପରିଜନ ଉପସ୍ଥିତ ଥିଲେ।



ଯବାନ ବ୍ୟାସଦେବଙ୍କୁ ଶୋଭାଯାତ୍ରାରେ ପାଛୋଟି ନିଆଯାଉଛି।


**OFFICE OF THE MUNICIPAL COUNCIL**
**UMERKOTE**

NABARANGPUR (ODISHA), PIN-764073
E-mail- nac_umerkote@rediffmail.com

**"e" PROCUREMENT NOTICE**

**Bid Identification No.01/UKT-MUN/2026-27**

**No.13001/264/2627:** Bid Documents consisting of Service Work, Estimated Cost, Cost of Tender Paper, EMD and Time of Completion and the set of term and condition of contract and other necessary documents can be seen www.tenderorissa.gov.in.

INVITATION TO TENDER AND INSTRUCTIONS CONTAINING TERMS AND CONDITIONS GOVERNING CONTRACT FOR CLEANING, SANITATION AND WASTE DISPOSAL SERVICES AT UMERKOTE MUNICIPALITY (Ward No.1 to 14).

| | |
|---|---|
| Name of the Service | Cleaning of drain, Sweeping of Street & Main Road, Garbage lifting, Bush Cutting, Sanitation and Waste Disposal Service at Umerkote Municipality Ward No. 1 to 14 |
| EMD @1% | Rs.2,54,585.16 |
| Agency | As per eligible criteria mentioned in DTCN. |
| Period of Contract | 01 (One) Year |
| Cost of Tender Document | Rs.10,000/- (Non-Refundable) |
| Download of Tender Document | Date 20.04.2026 to Dt.27.04.2026 upto 5.00 P.M. |
| Last date of receipt through online | Online: Date 27.04.2026 upto 5.00 P.M. |
| Date of Tender to be opened | Date 28.04.2026 at 11.00 A.M. |
| Date of Financial bid to be Opened | Date 29.04.2026 at 11.00 A.M. |
| Place of Opening of Tender | Municipality Office Umerkote |
| Officer Invited the Tender | Executive Officer, Umerkote Municipality |

The details of this tender also available at website www.nabarangpur.nic.in and www.tenderodisha.gov.in.

NOTE: 1. The Executive Officer, Municipal Council, Umerkote may at his/her discretion, extend this date by a fortnight and such extension shall be binding on tenderers.

OIPR-13001/13180/1/26-27/0001


# ଯୁବପିଢ଼ି ପ୍ରକୃତିକୁ ବୁଝିବାକୁ ଚେଷ୍ଟା କରନ୍ତୁ




କନକ୍ଲେଭରେ ମଞ୍ଚାସୀନ ଅତିଥି, ଆଲୋଚକ ବୃନ୍ଦ।

## ମହାନଦୀ ଧାରା ପକ୍ଷରୁ ଜଳବାୟୁ ପରିବର୍ତ୍ତନ କନକ୍ଲେଭ ୨୦୨୬

ସୋନପୁର,୨୨।୪ (ମୃତ୍ୟୁଞ୍ଜୟ ଶତପଥୀ)

ସାଧାରଣତଃ ଆଦିବାସୀମାନଙ୍କୁ ଅଶିକ୍ଷିତ ବୋଲି କୁହାଯାଏ। କିନ୍ତୁ ଗବେଷଣା କହୁଛି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଜଙ୍ଗଲ, ନଦୀ ଓ ପରିବେଶ ସୁରକ୍ଷିତ ରହିଛି। ଆମର ସହର ସବୁଠୁ ବେଶୀ ପ୍ରଦୂଷିତ ଅଞ୍ଚଳ ଭାବେ ଚିହ୍ନଟ ହେଉଛି ଆମର ପୂର୍ବ ପିଢି ପ୍ରକୃତି ସହ ବଞ୍ଚୁଥିଲେ। ଯୁବପିଢ଼ିଙ୍କୁ ପ୍ରକୃତିକୁ ବୁଝିବାକୁ ଚେଷ୍ଟା କରନ୍ତୁ ବୋଲି ଅତିଥି ଓ ବକ୍ତାମାନେ କହିଥିଲେ। 'ମହାନଦୀ ଧାରା' ଶିକ୍ଷାନୁଷ୍ଠାନ ପକ୍ଷରୁ ଆୟୋଜିତ ଜଳବାୟୁ ପରିବର୍ତ୍ତନ କନକ୍ଲେଭରେ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ. ନୃପରାଜ ସାହୁ ମୁଖ୍ୟ ବିଷୟବସ୍ତୁ ଉପସ୍ଥାପନା କରିଥିଲେ। ସେ କହିଥିଲେ, ମହାନଦୀ ଓଡ଼ିଶାର ଜୀବନ ଧାରା। ନଦୀ ଭିତରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ସ୍ପଷ୍ଟ ଭାବେ ଆଜି ଦେଖାଯାଉଛି। ବିକାଶ ନାଁରେ ଆଦିବାସୀଙ୍କୁ ପ୍ରଥମ ଚୋଟ ବାଜୁଛି। ଯୁବପିଢ଼ି ଆମର ପାରମ୍ପରିକ ଜ୍ଞାନ କୌଶଳରୁ ପ୍ରକୃତିକୁ ସୁରକ୍ଷା ଦେଇପାରିବେ ବୋଲି କହିଥିଲେ। ପ୍ରାରମ୍ଭିକ ଆଲୋଚକ ଭାବେ ପରିବେଶ କର୍ମୀ ଓ ପ୍ରତିଷ୍ଠିତ ସମ୍ପାଦକ ରିଚାର୍ଡ ମହାପାତ୍ର ଜଳବାୟୁ ପରିବର୍ତ୍ତନ ଓ ଏହାର ବିଶ୍ୱସ୍ତରରୁ ତୃଣମୂଳସ୍ତରକୁ ଏହାର ପ୍ରଭାବ ବିଷୟରେ ଆଲୋଚନା କରିଥିଲେ।

ଜଳବାୟୁ ପରିବର୍ତ୍ତନ ଓ ମାନବ ସଭ୍ୟତାର ଭବିଷ୍ୟତ ବିଷୟରେ ଆଲୋଚନା କରି ଆଲୋଚକ ଓଡ଼ିଶାର ଜଳପୁରୁଷ ରଞ୍ଜନ ପଣ୍ଡା କହିଥିଲେ, ଜଳବାୟୁ ପରିବର୍ତ୍ତନ ବିଷୟକୁ ବୁଝିବାକୁ ହେଲେ ପ୍ରଥମେ ପ୍ରକୃତିକୁ ବୁଝିବାକୁ ପଡିବ। ପରିବେଶ ସୁରକ୍ଷା ଦିଗରେ ଆମର ପାରମ୍ପରିକ ଜ୍ଞାନ କୌଶଳ ରହିଛି। ତାକୁ ଯୁବପିଢ଼ି ବୁଝିବାକୁ ହେବ। ଏହି ଅଧିବେଶନକୁ ବୀରେନ୍ଦ୍ର କୁମାର ଝାଙ୍କର ସଞ୍ଚାଳନ କରିଥିଲେ। ଦ୍ୱିତୀୟ ଅଧିବେଶନରେ 'ଯୁବବର୍ଗ, ଶିକ୍ଷା ଓ ଜଳବାୟୁ ଉତ୍ତରଦାୟିତ୍ୱ' ଶୀର୍ଷକ ଆଲୋଚନାଚକ୍ରରେ ଆଲୋଚକ ସମ୍ବଲପୁର ଆଇଆଇଏମର ପ୍ରଫେସର ଡ. ସୁଜିତ କୁମାର ପୃଷେଠ କହିଥିଲେ, ଛାତ୍ରୀଛାତ୍ର ଓ ଯୁବବର୍ଗଙ୍କୁ ପ୍ରକୃତି ବିଷୟରେ ବୁଝାଇବାକୁ ହେଲେ ମହାତ୍ମା ଗାନ୍ଧୀଙ୍କୁ ପଢ଼ିବାକୁ ହେବ। ଏହି ଅଧିବେଶନକୁ ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ପ୍ଲାବନ ମହାପାତ୍ର ପରିଚାଳନା କରିଥିଲେ। ଉଭୟ ଅଧିବେଶନରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହାକୁ ପ୍ରିୟଙ୍କା ନେଗି ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ସୁବର୍ଣ୍ଣପୁର, ବଲାଙ୍ଗୀର ଓ ସମ୍ବଲପୁରର ବହୁ ବୁଦ୍ଧିଜୀବୀ ଓ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର, ଅଧ୍ୟାପିକାଅଧ୍ୟାପକ ଉପସ୍ଥିତ ଥିଲେ। ସଭାରେ ଲୋକ କଳାକାର ଦିଲୀପ ଦୀପ ଓ ଅନ୍ୟ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ଶେଷରେ ଶିକ୍ଷାନୁଷ୍ଠାନର ସହପ୍ରତିଷ୍ଠାତା ଆଭା ପୂଜାହାରୀ ଧନ୍ୟବାଦ ଦେଇଥିଲେ।

# ଶିକ୍ଷାନୁଷ୍ଠାନ ଛୁଟି ୨୫ ପର୍ଯ୍ୟନ୍ତ ବଢ଼ିଲା

## ସୁବର୍ଣ୍ଣପୁରରେ ତାତି ଅସମ୍ଭାଳ

ସୋନପୁର,୨୨।୪(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲ୍ଲାରେ ତାତି ଅସମ୍ଭାଳ। ସକାଳ ୮ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ପ୍ରବଳ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ଗୁଳୁଗୁଳି। ଏପଟେ ଭାରତୀୟ ପାଣିପାଗ ବିଭାଗ ଭୁବନେଶ୍ୱର କେନ୍ଦ୍ର ପକ୍ଷରୁ ହିଟ୍ ୱେଭ୍ ସ୍ଥିତିକୁ ଦେଖି ସୁବର୍ଣ୍ଣପୁର ଜିଲ୍ଲାକୁ ରେଡ ୱାର୍ଣ୍ଣିଂ ଜାରି କରିଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ସୁବର୍ଣ୍ଣପୁର ଜିଲ୍ଲାପାଳ ଡ. ନୃପରାଜ ସାହୁ ଜିଲ୍ଲାର ସମସ୍ତ ଶିକ୍ଷାନୁଷ୍ଠାନର ଛୁଟି ଅବଧିକୁ ବୃଦ୍ଧି କରିଛନ୍ତି। ଗତ ୧୮ତାରିଖରୁ ୨୨ତାରିଖ ପର୍ଯ୍ୟନ୍ତ ପୂର୍ବରୁ ଛୁଟି ଘୋଷଣା ହୋଇଥିଲା। ବୁଧବାର ପୁଣି ଆସନ୍ତା ୨୫ ତାରିଖକୁ କରିଛନ୍ତି। ଅଙ୍ଗନୱାଡି କେନ୍ଦ୍ରଠାରୁ ଆରମ୍ଭ କରି ସ୍କୁଲ, କଲେଜ ଓ ବୈଷୟିକ ଶିକ୍ଷାନୁଷ୍ଠାନଗୁଡିକ ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ଛୁଟି ରହିବ ବୋଲି ଜିଲ୍ଲାପାଳ ଡ. ସାହୁ ନିର୍ଦ୍ଦେଶନାମା ଜାରି କରିଛନ୍ତି। ତେବେ ପରୀକ୍ଷା ଥିଲେ ପୂର୍ବ ନିର୍ଦ୍ଧାରିତ ଅନୁଯାୟୀ ସକାଳୁଆ କରିବା ସହିତ ଆବଶ୍ୟକ ସୁରକ୍ଷା ଓ ପାନୀୟ ଜଳ ବ୍ୟବସ୍ଥା ସହିତ ସମ୍ପନ୍ନ କରିବାକୁ ଶିକ୍ଷାନୁଷ୍ଠାନର ମୁଖ୍ୟଙ୍କୁ ପରାମର୍ଶ ଦିଆଯାଇଛି।

# ୧୬୦ରୁ ଊର୍ଦ୍ଧ୍ୱ ହାଇଟେକ୍ ସର୍ଭେର ଚୂଡ଼ାନ୍ତ ପଟ୍ଟା ବଣ୍ଟନ

ସୋନପୁର,୨୨।୪(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲ୍ଲାବାସୀଙ୍କ ବହୁ ପ୍ରତିକ୍ଷୀତ ହାଇଟେକ ସର୍ଭେର ଚୂଡାନ୍ତ ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମର ବୁଧବାର ଶୁଭାରମ୍ଭ ହୋଇଛି। ପ୍ରଥମଦିନରେ ଜିଲ୍ଲାର ୬ଟି ତହସିଲରେ ୧୬୦ରୁ ଅଧିକ ପଟ୍ଟା ବଣ୍ଟନ କରାଯାଇଛି। ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ବୀରମହାରାଜପୁର ବିଧାୟକ ଇଂ. ରଘୁନାଥ ଜଗଦଲା ଉପସ୍ଥିତ ରହି ବୀରମହାରାଜପୁର ତହସିଲ ଅନ୍ତର୍ଗତ ପିତାମହୁଲଠାରେ ଚୌହାନପୁର ମୌଜାର ହାଇଟେକ ସର୍ଭେର ଚୂଡାନ୍ତ ପଟ୍ଟା ବଣ୍ଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଡ. ନୃପରାଜ ସାହୁ, ବୀରମହାରାଜପୁର ଉପଜିଲ୍ଲାପାଳ ସୁରେନ୍ଦ୍ର ମେହେର, ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ନଳିନୀ ପଣ୍ଡା ଏବଂ ସାମାଜିକ କର୍ମୀ ବେଣୁଧର ଦାଶ ଯୋଗଦେଇଥିଲେ। ବୀରମହାରାଜପୁର ତହସିଲଦାର ସୁଚିସ୍ମିତା ପାଣିଗ୍ରାହୀ ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଚୌହାନପୁର ମୌଜାର ମୋଟ ୨୫ ଜଣ ରୟତଙ୍କୁ ପଟ୍ଟା ପ୍ରଦାନ କରାଯାଇଛି। ସେହିପରି ଉଲୁଣ୍ଡା ତହସିଲର ଘମଡିଆପାଲି ଗ୍ରାମରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀଙ୍କ ଉପସ୍ଥିତ ରହି ୭୯ଟି ପଟ୍ଟା, ଜିଲ୍ଲାର ସୋନପୁର ତହସିଲ ଅନ୍ତର୍ଗତ ସିଆଲଜୁରୀରେ ୩୮ ଜଣ ଗ୍ରାମବାସୀଙ୍କୁ ପଟ୍ଟା ଦିଆଯାଇଥିଲା। ଏହି ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମରେ ସୋନପୁର ଉପଜିଲ୍ଲାପାଳ ଡ଼ ସୌମ୍ୟରୁପା ରଥ, ତହସିଲଦାର ଜି. ରଶ୍ମିରେଖା ଓ ଡେପୁଟି କଲେକ୍ଟର ସିଦ୍ଧାର୍ଥ ଦାସ ଉପସ୍ଥିତ ଥିଲେ। ବିନିକା ଏବଂ ରାମପୁର ତହସିଲରେ ୮ଟି ଲେଖାଏ ପଟ୍ଟା ବଣ୍ଟନ କରାଯାଇଥିବାବେଳେ ତରଭାରେ ୪ ପଟ୍ଟା ବଣ୍ଟନ ହୋଇଛି। ଏହି ଅବସରରେ ଜିଲ୍ଲାପାଳ ଡ. ସାହୁ କହିଥିଲେ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ସହିତ ବୈଠକରେ ହୋଇଥିବା ନିଷ୍ପତ୍ତି ଅନୁସାରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଦଶନ୍ଧି ଧରି ଚାଲିଥିବା ସମସ୍ୟାକୁ ଏହା ଦୂର କରିବ। ସୂଚନାଯୋଗ୍ୟ, ଜିଲ୍ଲାର ୯୮୯ଟି ଗ୍ରାମ ମଧ୍ୟରୁ ୬୦୮ଟି ଗ୍ରାମରେ ସର୍ଭେ ସମାପ୍ତ ହୋଇଥିବା ବେଳେ ଅବଶିଷ୍ଟ ଗ୍ରାମର କାମ ଅତିଶୀଘ୍ର ସାରିବାର ଲକ୍ଷ୍ୟ ରହିଛି। ଯେଉଁ ଗ୍ରାମଗୁଡ଼ିକର ସର୍ଭେ ସରିଛି ସେଠାରେ ପଟ୍ଟା ବଣ୍ଟନ ଏବଂ ରହି ଯାଇଥିବା ଗ୍ରାମର ହାଇଟେକ ସର୍ଭେ କାମ ଏକା ସାଙ୍ଗରେ ଚାଲିବ ବୋଲି ଜିଲ୍ଲାପାଳ ଡ. ସାହୁ ସୂଚନା ଦେଇଛନ୍ତି।



ପିତାମହୁଲଠାରେ ବିଧାୟକ, ଜିଲ୍ଲାପାଳ ପଟ୍ଟା ବଣ୍ଟନ କରୁଛନ୍ତି।


**DIRECTORATE OF AGRICULTURE & FOOD PRODUCTION, ODISHA**

**CANCELLATION NOTICE**

**"SELECTION OF AGENCY FOR OPERATIONALIZATION OF IDENTIFIED STATIC SOIL TESTING LABORATORIES" UNDER ADMINISTRATIVE CONTROL OF DIRECTOR OF AGRICULTURE & FOOD PRODUCTION (ODISHA)**

No. 1001/20/2627: RFP No. 33719 Dated 23.09.2025: The Director of Agriculture & Food Production, Odisha, Bhubaneswar of Department of Agriculture & Farmers Empowerment, Odisha has decided to cancel the RfP No. 33719 Dtd.23.09.2025 for "Selection of Agency for Operationalization of identified Static Soil Testing Laboratories" under the Administrative Control of Director of Agriculture and Food Production (Odisha) which was published in the official website such as **www.agrisnetodisha.ori.nic.in, agri.odisha.gov.in & tendersodisha.gov.in.**

Sd./- Director of Agriculture & Food Production, Odisha

OIPR-1001/1102/1/26-27/0002

# ସଂଘବଦ୍ଧ ଆକ୍ରମଣ ଭାଙ୍ଗିଲା ମହିଳାଙ୍କ ଗୋଡ଼: ୪ ଅଟକ

**ସମ୍ବଲପୁର,୨୨।୪(ପ୍ରମୋଦ ବହିଦାର)**



ସଂଘବଦ୍ଧ ଆକ୍ରମଣରେ ଗୁରୁତର ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି।

**ପିଲାଙ୍କ କଳହରୁ ଗୋଷ୍ଠୀ ସଂଘର୍ଷ**

ସମ୍ବଲପୁର ସଦର ଥାନା ଅନ୍ତର୍ଗତ ରାଉନପୁର ଫଟାମୁଣ୍ଡା ଗ୍ରାମରେ ସାମାନ୍ୟ କଥାକୁ ନେଇ ଗୋଷ୍ଠୀ ସଂଘର୍ଷ ଘଟିଛି। ସୋମବାର ରାତିରେ ଯାତ୍ରା ଦେଖିବାକୁ ଯାଉଥିବା ବେଳେ ଏଠାରେ ଏକ ଚା' ଦୋକାନରେ ସଦର ଥାନା ଅନ୍ତର୍ଗତ ଝାଙ୍କରପାଲିର ସରୋଜ ମହାନନ୍ଦ ଓ ଯୁଯୁପୁରା ଅଞ୍ଚଳର ଆନନ୍ଦ ପାତ୍ରଙ୍କ ମଧ୍ୟରେ କୌଣସି କାରଣକୁ ନେଇ କଥା କଟାକଟିରୁ ବଚସା ହୋଇଥିଲା। ଏହାର ସମାଧାନ ହୋଇଯାଇଥିଲେ ହେଁ ଆନନ୍ଦ ଏହାର ପ୍ରତିଶୋଧ ନେବାକୁ ମଙ୍ଗଳବାର ବିଳମ୍ବିତ ରାତିରେ ପ୍ରାୟ ୪୦ ଜଣ ସହଯୋଗୀଙ୍କ ସହ ମାରଣାସ୍ତ୍ର ଧରି ଝାଙ୍କରପାଲିର ସରୋଜଙ୍କ ଘରକୁ ପଶି ଆକ୍ରମଣ କରିଥିଲେ। ଆକ୍ରମଣକାରୀମାନେ ଠେଙ୍ଗା ଓ ଲୁହା ରଡ଼ରେ ସରୋଜଙ୍କ ପରିବାର ଲୋକଙ୍କୁ ନିର୍ଘୁମ ମାଡ଼ ମାରିବା ସହ ଘରର ଆସବାବପତ୍ର ଓ ୨ଟି ସ୍କୁଟିକୁ ଭାଙ୍ଗି ଚୁରମାର କରିଦେଇଛନ୍ତି। ଏହି ବର୍ବରକାଣ୍ଡରେ ସରୋଜଙ୍କ ଭଉଣୀ ମୁନକି ମହାନନ୍ଦ(୨୫)ଙ୍କ ଗୋଡ଼ ଭାଙ୍ଗିଯାଇ ଗୁରୁତର ଆହତ ହୋଇଥିଲେ। ସେହିପରି ତାଙ୍କ ବଡ଼ ଭାଇ କିଶୋର ମହାନନ୍ଦ ଓ ଛୋଟ ପିଲାମାନେ ମଧ୍ୟ ଗୁରୁତର ଆହତ ହୋଇଛନ୍ତି। ବର୍ତ୍ତମାନ ମୁନକି ଜିଲା ମୁଖ୍ୟ ଚିକିତ୍ସାଳୟ(ଡିଏଚ୍ଏଚ୍)ରେ ଭର୍ତ୍ତି ହୋଇ ଚିକିତ୍ସିତ ହେଉଛନ୍ତି। ଏ ନେଇ ସରୋଜଙ୍କ ଏତଲା କ୍ରମେ ସଦର ଥାନାରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରି ୪ ଜଣ ଅଭିଯୁକ୍ତଙ୍କୁ ଅଟକ ରଖି ପଚରାଉଚରା କରୁଛି।

# ପରିବେଶ ସୁରକ୍ଷା ପାଇଁ ସରୋଜଙ୍କ ପ୍ଲାଷ୍ଟିକ୍ ବୋତଲ ସଂଗ୍ରହ

**କୁଚିଣ୍ଡା,୨୨।୪(ବିରଞ୍ଚି ଦର୍ଶୀ)**

କୁଚିଣ୍ଡା ବ୍ଲକ ଅନ୍ତର୍ଗତ କୁଲେଇଗଡ ପଞ୍ଚାୟତ କୁଡାପଡ଼ା ଗ୍ରାମର ପ୍ରକୃତି ବନ୍ଧୁ ସରୋଜ ମେହେର ପରିବେଶ ସୁରକ୍ଷା ପାଇଁ ପ୍ଲାଷ୍ଟିକ ବୋତଲକୁ ସଂଗ୍ରହ କରୁଛନ୍ତି। ସେ ଚାରା ରୋପଣ, ଫଳ ସୁରକ୍ଷା ପାଇଁ ବଗିଚାରେ କାଚ ବୋତଲ ଝୁଲାଇବା, ଜୀବଜନ୍ତୁଙ୍କ ସୁରକ୍ଷା ପାଇଁ ସବୁବେଳେ କାମ କରି ଆସୁଛନ୍ତି। ଲୋକେ ଥଣ୍ଡା ପିଇବା ପରେ ପ୍ଲାଷ୍ଟିକ ବୋତଲ ଫିଙ୍ଗି ପରିବେଶକୁ ପ୍ରଦୂଷିତ କରୁଛନ୍ତି। ଏହି ପ୍ଲାଷ୍ଟିକ ନଷ୍ଟ ହେବାକୁ ପ୍ରାୟ ୫ବର୍ଷ ଲାଗୁଛି। ପ୍ଲାଷ୍ଟିକ ମଣିଷ ସମାଜ ଓ ଗୋରୁଙ୍କ ପାଇଁ ଘାତକ ସାଜିଛି। ବିଭିନ୍ନ ସମୟରେ ଗୋରୁ ପ୍ଲାଷ୍ଟିକ ଖାଇ ମୃତ୍ୟୁ ମୁଖରେ ପଡୁଥିବାବେଳେ ମଣିଷ ସମାଜ ବିଭିନ୍ନ ରୋଗର ଶିକାର ମଧ୍ୟ ହେଉଛନ୍ତି। ଏସବୁକୁ ଲକ୍ଷ୍ୟ କରି ମେହେର କୁଲେଇଗଡ ପଞ୍ଚାୟତର ବିଭିନ୍ନସ୍ଥାନରେ ପଡ଼ିଥିବା ପ୍ଲାଷ୍ଟିକ ବୋତଲ ଓ ପଲିଥିନ ସଂଗ୍ରହ କରି ପରିବେଶକୁ ସୁସ୍ଥ ରଖିବାକୁ ଚେଷ୍ଟା ଜାରି ରଖିଛନ୍ତି। ପ୍ରତିଦିନ ସେ ବିଭିନ୍ନ ସ୍ଥାନକୁ ଯାଇ ପ୍ଲାଷ୍ଟିକ ସଂଗ୍ରହ କରୁଛନ୍ତି। ଏଥିସହ ପ୍ଲାଷ୍ଟିକ ବ୍ୟବହାର ନ କରିବା ପାଇଁ ଲୋକଙ୍କୁ ସଚେତନତା ବାର୍ତ୍ତା ଦେଉଛନ୍ତି।



ପ୍ଲାଷ୍ଟିକ୍ ବୋତଲ ସଂଗ୍ରହ କରୁଛନ୍ତି ପ୍ରକୃତି ବନ୍ଧୁ ସରୋଜ ମେହେର।

# ହୀରାକୁଦ କ୍ରୀଡ଼ା ସଂଘ, ବ୍ଲୁ ଡାଇମଣ୍ଡ ବିଜୟୀ

**ମୁଖ୍ୟମନ୍ତ୍ରୀ କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ**

**ସମ୍ବଲପୁର,୨୨।୪(ବି.ଶଙ୍କର)**

ସମ୍ବଲପୁର ଜିଲାସ୍ତରୀୟ ଅନ୍ତଃ କ୍ଲବ ୧୪ ବର୍ଷରୁ କମ ମୁଖ୍ୟମନ୍ତ୍ରୀ କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ବୁଧବାର ୨ଟି ମ୍ୟାଚ ହୋଇଥିଲା। ସ୍ଥାନୀୟ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ୍‌ଠାରେ ହୋଇଥିବା ମ୍ୟାଚରେ ହୀରାକୁଦ କ୍ରୀଡାସଂଘ ଏବଂ ବ୍ଲୁ ଡାଇମଣ୍ଡ ବିଜୟୀ ହୋଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନିତ ହୋଇଛନ୍ତି। ଟୁର୍ଣ୍ଣାମେଣ୍ଟରେ ସକାଳ ୮ଟାରେ ବାଳକ ବିଭାଗ ମ୍ୟାଚରେ ହୀରାକୁଦ କ୍ରୀଡ଼ା ସଂଘ ୨–୧ ଗୋଲରେ ଏମ୍‌ସିସି ଫୁଟ୍‌ବଲ କ୍ଲବକୁ ପରାସ୍ତ କରିଥିଲା। ହୀରାକୁଦ ଖେଳାଳି ଦିଲୀପ କୁମାର ମିର୍ଦ୍ଧା ଓ ସୁଧାଂଶୁ ସୁନା ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିବା ବେଳେ ଏମ୍‌ସିସି ଫୁଟ୍‌ବଲ କ୍ଲବର ନିରଜ ଦୀପ ଗୋଟିଏ ଗୋଲ ସ୍କୋର କରିଥିଲେ। ସେହିପରି ଅପରାହ୍ନରେ ଆୟୋଜିତ ଦ୍ୱିତୀୟ ମ୍ୟାଚରେ ବ୍ଲୁ ଡାଇମଣ୍ଡ କ୍ଲବ ୫–୦ ଗୋଲରେ ଅଫତାବ କ୍ଲବକୁ ପରାସ୍ତ କରିଥିଲା। ବ୍ଲୁ ଡାଇମଣ୍ଡ କ୍ଲବ ଖେଳାଳି ଅମନ ବିଶ୍ୱାଳ ୩, ସୟଦ ଶେହଜାଦ ଗୋଟିଏ ଓ ନବୀନ କୁମାର ଦୀପ ଗୋଟିଏ ଗୋଲ ସ୍କୋର କରି ଦଳକୁ ବିଜୟୀ କରାଇଥିଲେ। ରେଫରୀ ପରେଶ ପ୍ରଧାନ, ଭାରତୀ ଓରାମ, ସୁନିତା ଓରାମ, ଅଜୟ ମାଝୀ ଓ ବିଜୟ ଓରାମ ମ୍ୟାଚ ପରିଚାଳନା କରିଥିଲେ। ବରିଷ୍ଠ ଖେଳାଳି ଅକ୍ଷୟ ପ୍ରଧାନ, ସୁରେନ୍ଦ୍ର ନାୟକ, ଭାଜପା ବରିଷ୍ଠ ନେତା ସୂର୍ଯ୍ୟ ପାଣିଗ୍ରାହୀ ଓ ରାମଦାସ ପଣ୍ଡା, ଜିଲା ଓକିଲ ସଂଘର ସମ୍ପାଦକ ପ୍ରବୀଣ କୁମାର ସିଂଦେଓ ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଜିଲା କ୍ରୀଡାସଂଘ ଫୁଟ୍‌ବଲ ସମ୍ପାଦକ ଅବଦୁଲ ଗଫରଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ହୋଇଥିଲା। ୨୪ ତାରିଖରେ ମୁଖ୍ୟମନ୍ତ୍ରୀ କପ ଫୁଟ୍‌ବଲ ପ୍ରତିଯୋଗିତାର ଫାଇନାଲ ମ୍ୟାଚ ହେବ ବୋଲି ଜିଲା କ୍ରୀଡା ସଂଘର ସାଧାରଣ ସମ୍ପାଦକ ସୁନୀଲ କୁମାର ସାହୁ କହିଛନ୍ତି।

# ବୃଦ୍ଧାଙ୍କୁ କଚାଡ଼ି ମାରିଲା ହାତୀ

**ନାକଟିଦେଉଳ, ୨୨।୪ (ବୈକୁଣ୍ଠନାଥ ସାହୁ)**

ସମ୍ବଲପୁର ଜିଲା ନାକଟିଦେଉଳ ବନାଞ୍ଚଳରେ ବୁଧବାର ସକାଳୁ ବୃଦ୍ଧାଙ୍କୁ ଶୁଣ୍ଢରେ ଟେକି କଚାଡି ଗୋଠ ଛଡା ଦନ୍ତା ହାତୀ ମାରି ଦେଇଛି। ସେ ହେଲେ ନାକଟିଦେଉଳ ବନାଞ୍ଚଳ ବାଟଗାଁ ଫରେଷ୍ଟ ସେକ୍ସନ ଅନ୍ତର୍ଗତ ଚଡଚଡି ଫରେଷ୍ଟ ବିଟର ଚଡ଼ଚଡ଼ି ଗ୍ରାମର ଉପାସି ବେହେରା(୭୦)। ସକାଳ ପ୍ରାୟ ସାଢ଼େ ୫ ଟାରେ ଉପାସି ନିଜର ଘର ପାଖ କାଜୁ ବଗିଚା ରାସ୍ତା ଦେଇ କେନ୍ଦୁପତ୍ର ତୋଳିବାକୁ ଯାଉଥିଲେ। କାଜୁ ବଗିଚା ସମ୍ମୁଖରେ ଅଞ୍ଚଳରେ ଦୀର୍ଘଦିନ ହେଲା ଉପଦ୍ରବ କରି ଆସୁଥିବା ହାତୀ ସହ ମୁହାଁମୁହିଁ ହୋଇଥିଲେ। ତେବେ ହାତୀକୁ ଦେଖି ବୃଦ୍ଧା ଜଣଙ୍କ ସେଠାରୁ ଖସି ପଳାଇ ଯିବାକୁ ଉଦ୍ୟମ କରୁଥିବାବେଳେ ହାତୀ ତାଙ୍କୁ ଶୁଣ୍ଢରେ ଟେକି କଚାଡି ଦେବା ସହ ଦଳି ଦେଇଥିଲା। ଫଳରେ ଘଟଣାସ୍ଥଳରେ ଉପାସିଙ୍କ ମୃତ୍ୟୁ ଘଟିଥିଲା। ପରିବାର ଲୋକେ ଏହି ଘଟଣା ଜାଣିବା ପରେ ବନ ବିଭାଗକୁ ଖବର ଦେଇଥିଲେ। ତେବେ ଗ୍ରାମରେ ହାତୀ ଉପଦ୍ରବ ଏବଂ ହାତୀ ଆକ୍ରମଣରେ ମୃତ୍ୟୁ ଘଟଣାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଘଟଣାସ୍ଥଳରେ କିଛି ସମୟ ଧରି ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ଗ୍ରାମରେ ଶୀଘ୍ର ହାତୀ ଆଗମନର ସତର୍କ ସୂଚନା ଯନ୍ତ୍ର ଲଗାଯିବା ସହିତ ହାତୀ ଘଉଡ଼ାଇବା ପାଇଁ ଗ୍ରାମରେ ୨ ବନ ଜଗୁଆଳ, ଗଜସାଥୀଙ୍କୁ ନିୟୋଜିତ କରିବା ପାଇଁ ଗ୍ରାମବାସୀ ଦାବୀ କରି ପାଟିତୁଣ୍ଡ କରିଥିଲେ। ଖବରପାଇ ନାକଟିଦେଉଳର ସହକାରୀ ବନ ସଂରକ୍ଷକ ଅଶ୍ୱିନୀ କୁମାର ବେହେରା, ବାଟଗାଁ ଫରେଷ୍ଟର ମନୋରଞ୍ଜନ ପ୍ରଧାନ ଏବଂ ନାକଟିଦେଉଳ ପୋଲିସ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ। ତେବେ ହାତୀ ଆକ୍ରମଣରେ ମୃତ୍ୟୁ ଜନିତ ସରକାରଙ୍କ ପକ୍ଷରୁ ରହିଥିବା ଅନୁକମ୍ପା ମୂଳକ କ୍ଷତିପୂରଣ ରାଶି ଶୀଘ୍ର ଯୋଗାଇ ଦିଆଯିବା ଦିଗରେ ପଦକ୍ଷେପ ନିଆଯିବ ବୋଲି ବନ ବିଭାଗ ଅଧିକାରୀ ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ରେଢ଼ାଖୋଲ ପଠାଇ ଏ ସମ୍ପର୍କ ରେ ଏକ ମାମଲା ରୁଜୁ କରିଛି।


**NOTIFIED AREA COUNCIL, DIGAPAHANDI**
**GANJAM, ODISHA, PIN-761012**
Ph:06814-295053, E-mail:dgp_nac@yahoo.com

Letter No. 1515/DIGNAC Date:18.04.26

No.13001/265/2627 **E-Procurement Notice**

| 01 | BID IDENTIFICATION NO. | TENDER ID | PROJECT NAME | ESTIMATED COST (Without GST) |
|---|---|---|---|---|
| 02 | DIGNAC-09/2025-26 | 2026_ORULB_127591_2 | Renovation and Beautification of Bada Bandha, Digapahandi NAC, Ganjam District, Odisha | 3,29,48,350.00 |
| 03 | Procurement Officer- Publisher/ Officer Inviting the Tender/ Bids (OIT) | Executive Officer, NAC Digapahandi | | |
| 04 | NOS. OF WORKS | 01 Nos. | | |
| 05 | Date & Time of availability of BID in the portal | From 11.00 hours of dtd.20.04.2026 to 17.30 hours of dtd.02.05.2026 | | |
| 06 | Last date/time for receipt of bids in the portal (Submission of Technical Bids & Financial Bids) through online | 17.30 Hours of 02.05.2026 | | |
| 07 | PRE BID MEETING | 11.30 AM Hrs of 27.04.2026 | | |
| 08 | Last date /Time for receipt of Physical Documents through Speed Post/ Regd. Post<br>N.B: However, submission of physical documents is not mandatory, it is only for Official purpose. The office will only accept the tender papers received through online | 17.30 Hours of 04.05.2026 | | |
| 09 | Date & Time of Opening of the Bids | Technical Bid- 11.00 AM hours of Dtd.05.05.2026 Financial Bid to be intimated in the conference hall of NAC, Digapahandi (if any holiday, then the tender will open in next working day) | | |

N.B.: Further more details can be seen in the DTCN available in the e-Procurement portal i.e. **https://tendersodisha.gov.in.**

**Sd./- Executive Officer,**
**NAC, Digapahandi, Ganjam**

OIPR-13001/13117/1/26-27/0004


# ଭିମ୍‌ସାର ଏସ୍‌ଏନ୍‌ସିୟୁ ପରିସରରେ ଅଗ୍ନିକାଣ୍ଡ

**ଘଟଣାର ତଦନ୍ତ ପାଇଁ ଭିମ୍‌ସାର କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ**

**ସମ୍ବଲପୁର,୨୨।୪(ପ୍ରମୋଦ ବହିଦାର)**

ବୁର୍ଲା ଭିମସାର ସ୍ୱତନ୍ତ୍ର ନବଜାତ ଯତ୍ନ ବିଭାଗ (ଏସ୍‌ଏନ୍‌ସିୟୁ)ରେ ବୁଧବାର ବିଦ୍ୟୁତ୍ ଶର୍ଟ ସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟିଥିଲା। ଏଥିର କେହି ମୃତାହତ ବା ବିଶେଷ କ୍ଷୟକ୍ଷତି ହୋଇ ନ ଥିବା ପ୍ରକାଶ। ବିଭାଗରେ ଲାଗିଥିବା ଏସିରେ ଶର୍ଟସର୍କିଟ୍ ଯୋଗୁ ହଠାତ ନିଆଁ ଲାଗିଯାଇଥିଲା। ଫଳରେ କମ୍ପ୍ରେସର ଏବଂ ନିକଟରେ ଥିବା ଇଲେକ୍ଟ୍ରିକ ବୋର୍ଡ ସମ୍ପୂର୍ଣ୍ଣ ଭାବେ ଜଳିଯାଇ ସମଗ୍ର ଏସ୍‌ଏନ୍‌ସିୟୁଟି ଧୂଆଁମୟ ହୋଇଯାଇଥିଲା। ଯଦ୍ୱାରା ସେଠାରେ କିଛି ସମୟ ପାଇଁ ଆତଙ୍କ ଖେଳି ଯାଇଥିଲା।



ନିଆଁରେ ପୋଡ଼ି ଯାଇଥିବା ଭିମ୍‌ସାର ଏସ୍‌ଏନ୍‌ସିୟୁର ଏସି।

ତେବେ ଘଟଣା ସମୟରେ ଏସ୍‌ଏନ୍‌ସିୟୁରେ ଶିଶୁ ରୋଗୀମାନେ ଉପସ୍ଥିତ ଥିଲେ ମଧ୍ୟ ସୌଭାଗ୍ୟବଶତଃ ନିଆଁ ଅନ୍ୟ କୌଣସି ସ୍ଥାନକୁ ବ୍ୟାପି ନ ଥିଲା। ଖବର ପାଇ ଭିମସାରର ନିଜସ୍ୱ ଅଗ୍ନିଶମ ବାହିନୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଘଟଣା ପରେ ଡାକ୍ତରଖାନା କର୍ତ୍ତୃପକ୍ଷ ବିଭାଗର ବୈଦ୍ୟୁତିକ ବ୍ୟବସ୍ଥାର ଯାଞ୍ଚ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

# ପହଲଗାମ୍ ଶହୀଦ ପର୍ଯ୍ୟଟକଙ୍କୁ ଶ୍ରଦ୍ଧାଞ୍ଜଳି



କଚେରି ଛକ ସ୍ଥିତ ଶହୀଦ ସ୍ତମ୍ଭରେ ସ୍ୱାଭିମାନ ସମ୍ବଲପୁର ପକ୍ଷରୁ ସାମୂହିକ ଦୀପଦାନ ।

**ସମ୍ବଲପୁର,୨୨।୪ (ବି.ଶଙ୍କର)**

କାଶ୍ମୀରର ଅନନ୍ତନାଗ ଜିଲା ଅନ୍ତର୍ଗତ ପହଲଗାମର ନିରୀହ, ନିରସ୍ତ୍ର ୨୬ଜଣ ପର୍ଯ୍ୟଟକଙ୍କୁ ପାକିସ୍ତାନ ପ୍ରାୟୋଜିତ ସନ୍ତ୍ରାସବାଦୀମାନେ ବର୍ବୋରଚିତ ଭାବେ ହତ୍ୟା କରିଥିଲେ। ଘଟଣାର ଏକବର୍ଷ ପୂର୍ତ୍ତି ଅବସରରେ ସ୍ଥାନୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାଭିମାନ ସମ୍ବଲପୁର ପକ୍ଷରୁ ବୁଧବାର ରାତି ୯ଟାରେ ମୃତ ପର୍ଯ୍ୟଟକଙ୍କ ସ୍ମୃତିଚାରଣ କରାଯିବା ସହ ସାମୂହିକ ଦୀପଦାନ ଓ ଶୋକାଞ୍ଜଳି ଅର୍ପଣ କରାଯାଇଛି। ସମ୍ବଲପୁର ସହର ସ୍ଥାନୀୟ କଚେରୀ ଛକସ୍ଥିତ ଶହୀଦ ସ୍ତମ୍ଭରେ ସ୍ୱାଭିମାନ ସମ୍ବଲପୁରର ଶତାଧିକ ମହିଳାପୁରୁଷ ସମବେତ ହୋଇ ସାମୂହିକ ଦୀପଦାନ କରିଥିଲେ । କାର୍ଯ୍ୟକ୍ରମର ପ୍ରାରମ୍ଭରେ ଅନୁଷ୍ଠାନର ଉପଦେଷ୍ଟା ରାଜାରାମ ପାଢ଼ୀ ଘଟଣାର ସ୍ମୃତିଚାରଣ କରିବା ସହ ଅପରେଶନ ସିନ୍ଦୂର ସଂକ୍ରାନ୍ତରେ କହିଥିଲେ। ଅନୁଷ୍ଠାନର ସମ୍ପାଦକ ଶିଶିର ରଞ୍ଜନ ବହିଦାରଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ବରିଷ୍ଠ ଭାଜପା ନେତା ସୂର୍ଯ୍ୟ ପାଣଗ୍ରାହୀ, ସଂଗୀତଜ୍ଞ ତ୍ରିଲୋଚନ ତ୍ରିପାଠୀ, ସାମାଜିକ କର୍ମୀ ମୁକେଶ ଜରିୱାଲ ପ୍ରମୁଖ ଶୋକାଞ୍ଜଳି ଅର୍ପଣ କରିଥିଲେ।


**OFFICE OF THE MUNICIPAL COUNCIL UMERKOTE**
**NABARANGPUR (ODISHA), PIN-764073**
**E-mail- nac_umerkote@rediffmail.com**
**"e" PROCUREMENT NOTICE**
**Bid Identification No.01/UKT-MUN/2026-27**

**No.13001/264/2627:** Bid Documents consisting of Service Work, Estimated Cost, Cost of Tender Paper, EMD and Time of Completion and the set of term and condition of contract and other necessary documents can be seen www.tenderorissa.gov.in.

INVITATION TO TENDER AND INSTRUCTIONS CONTAINING TERMS AND CONDITIONS GOVERNING CONTRACT FOR CLEANING, SANITATION AND WASTE DISPOSAL SERVICES AT UMERKOTE MUNICIPALITY (Ward No.1 to 14).

| | |
|---|---|
| Name of the Service | Cleaning of drain, Sweeping of Street & Main Road, Garbage lifting, Bush Cutting, Sanitation and Waste Disposal Service at Umerkote Municipality Ward No. 1 to 14 |
| EMD @1% | Rs.2,54,585.16 |
| Agency | As per eligible criteria mentioned in DTCN. |
| Period of Contract | 01 (One) Year |
| Cost of Tender Document | Rs.10,000/- (Non-Refundable) |
| Download of Tender Document | Date 20.04.2026 to Dt.27.04.2026 upto 5.00 P.M. |
| Last date of receipt through online | Online: Date 27.04.2026 upto 5.00 P.M. |
| Date of Tender to be opened | Date 28.04.2026 at 11.00 A.M. |
| Date of Financial bid to be Opened | Date 29.04.2026 at 11.00 A.M. |
| Place of Opening of Tender | Municipality Office Umerkote |
| Officer Invited the Tender | Executive Officer, Umerkote Municipality |

The details of this tender also available at website www.nabarangpur.nic.in and www.tenderodisha.gov.in.

NOTE: 1. The Executive Officer, Municipal Council, Umerkote may at his/her discretion, extend this date by a fortnight and such extension shall be binding on tenderers.

**OIPR-13001/13180/1/26-27/0001**


# ବାଳକରେ ପରମାଣପୁର, ବାଳିକାରେ ଟିକିଲିପଡ଼ା

**ଜିଏମ୍‌ୟୁରେ ମୁଖ୍ୟମନ୍ତ୍ରୀ ଟ୍ରଫି ଭଲିବଲ ଟୁର୍ଣ୍ଣାମେଣ୍ଟ**




ଜିଏମୟୁ ଅମୃତ ବିହାର ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିଙ୍କ ସହ କୃତୀ ଖେଳାଳିମାନେ।

**ସମ୍ବଲପୁର,୨୨।୪(ବି.ଶଙ୍କର)**

ସମ୍ବଲପୁର ଜିଲାସ୍ତରୀୟ ଅନ୍ତଃ କ୍ଲବ ୧୪ ବର୍ଷରୁ କମ ମୁଖ୍ୟମନ୍ତ୍ରୀ କପ ଭଲିବଲ ଟୁର୍ଣ୍ଣାମେଣ୍ଟ ବୁଧବାର ଫାଇନାଲ ଖେଳି ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମୟୁ) ଅମୃତ ବିହାର ପରିସରରେ କାର୍ଯ୍ୟକ୍ରମ ହୋଇଥିଲା। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବ୍ୟୋମକେଶ ତ୍ରିପାଠୀ ମୁଖ୍ୟ ଅତିଥି, ବିଶ୍ୱବିଦ୍ୟାଳୟର କୁଳସଚିବ ସନତ କୁମାର ନାୟକ ଏବଂ ଉପକୂଳ ସଚିବ ଡ. ଚନ୍ଦନ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ବାଳିକା ଏବଂ ବଳକା ଦଳ ପାଇଁ ପୃଥକ ପୃଥକ ମ୍ୟାଚ ହୋଇଥିଲା। ବିଜେତା ଏବଂ ମନୋନୀତ ଖେଳାଳିମାନଙ୍କ ସମସ୍ତ ଖର୍ଚ୍ଚ ଓଡ଼ିଶା ସରକାର ବହନ କରିବା ସହ ତାଲିମ ପାଇବେ। ସମ୍ବଲପୁର ଜିଲାର ବିଭିନ୍ନ ବ୍ଲକରୁ ମୋଟ ୮ଟି ଦଳ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ବାଳକ ବର୍ଗରେ ପରମାଣପୁର ବିଜେତା ଏବଂ ରେଙ୍ଗାଲି ବ୍ଲକ ଉପବିଜେତା ହୋଇଛନ୍ତି। ସେହିପରି ବାଳିକା ବର୍ଗରେ ଟିକିଲିପଡ଼ା (ଜମନକିରା) ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଚାମ୍ପିୟନ ଟାଇଟଲ ହାସଲ କରିଥିବା ବେଳେ ସେଣ୍ଟ ଆର୍ନାଲ୍ଡ ସ୍କୁଲ ରନର୍ସ ଅପ ହୋଇଛି। କୁଳପତି ପ୍ରଫେସର ତ୍ରିପାଠୀ ବିଜେତା ଏବଂ ଉପବିଜେତାଙ୍କୁ ଟ୍ରଫି ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଏମୟୁ ପିଜି କାଉନସିଲର ଅଧ୍ୟକ୍ଷ ପ୍ରଫେସର ଜ୍ଞାନ ରଞ୍ଜନ ସ୍ୱାଇଁ ଏବଂ ଜନସମ୍ପର୍କ ଅଧିକାରୀ ଡ.ଅତୁଲ କୁମାର ପ୍ରଧାନ ଉପସ୍ଥିତ ଥିଲେ। ସମ୍ବଲପୁର ଜିଲା କ୍ରୀଡା ସଂଘ ସାଧାରଣ ସମ୍ପାଦକ ସୁନୀଲ ସାହୁ, ଆଥଲେଟିକ ସମ୍ପାଦକ ବିକାଶ ମିଶ୍ର, କୋଷାଧ୍ୟକ୍ଷ ଉମାପତି ତ୍ରିପାଠୀ, କ୍ରୀଡା ଅଧିକାରୀ ଲିଙ୍ଗରାଜ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଅଧୀକ୍ଷକଙ୍କୁ ଘେରାଉ ପରେ ଡିଡିଓ କ୍ଷମତା ହସ୍ତାନ୍ତର

**ଭତ୍ତା ବିଳମ୍ବକୁ ନେଇ ଭିମ୍‌ସାର ଇଣ୍ଟର୍ନ ଡାକ୍ତରଙ୍କ ଅସନ୍ତୋଷ**

**ସମ୍ବଲପୁର,୨୨।୪(ପ୍ରମୋଦ ବହିଦାର)**

ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ଆୟୁର୍ବିଜ୍ଞାନ ଓ ଗବେଷଣା ପ୍ରତିଷ୍ଠାନ (ଭୀମସାର)ରେ ଇଣ୍ଟର୍ନ ଡାକ୍ତର ବା ହାଉସ ସର୍ଜନଙ୍କ ଅଧୀକ୍ଷକଙ୍କୁ ଘେରାଉ ଯୋଗୁ ପୁଣି ଏକ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ପ୍ରାୟ ୧୦୦ ରୁ ୧୫୦ ଜଣ ହାଉସ ସର୍ଜନ ସେମାନଙ୍କ ବକେୟା ଭତ୍ତା (ଷ୍ଟାଇପେଣ୍ଡ) ଏବଂ ଅନ୍ୟ ପ୍ରଶାସନିକ ସମସ୍ୟାକୁ ନେଇ ଭିମ୍‌ସାର ଅଧିକ୍ଷକ ଡା. ସୁନୀଲ ଶର୍ମାଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ଅଧୀକ୍ଷକଙ୍କୁ ତୁରନ୍ତ ଆର୍ଥିକ କାରବାର(ଡିଡିଓ) କ୍ଷମତା ପ୍ରଦାନ କରିବାକୁ ଆନ୍ଦୋଳନକାରୀ ଛାତ୍ର ଦାବି କରିଥିଲେ। ହାଉସ୍ ସର୍ଜନଙ୍କ ଏହି ଜିଦ୍ ଫଳରେ ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଭିମ୍‌ସାର ଅଧିକ୍ଷକ ପ୍ରଫେସର ଡା ସୁନୀଲ କୁମାର ଶର୍ମାଙ୍କୁ ଡିଡିଓ କ୍ଷମତା ପ୍ରୟୋଗ କରିବା ପାଇଁ ଅନୁମତି ପ୍ରଦାନ କରାଯାଇଛି। ଏହି ନିର୍ଦ୍ଦେଶ ପରେ ଆଗାମୀ ୨ ଦିନ ମଧ୍ୟରେ ଇଣ୍ଟର୍ନ ଡାକ୍ତର ବା ହାଉସ୍ ସର୍ଜନଙ୍କୁ ସେମାନଙ୍କର ବକେୟା ଭତ୍ତା ମିଳିଯିବ ବୋଲି ଭୀମସାର କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଅଲୋଚନା ସମୟରେ କର୍ତ୍ତୃପକ୍ଷ ସେମାନଙ୍କୁ ୨ ଦିନ ସମୟ ମାଗିଥିଲେ। ମାତ୍ର କୌଣସି କାରଣରୁ ବୁଧବାର ପୁଣି ସଂଘ ପକ୍ଷରୁ ଅଧୀକ୍ଷକଙ୍କୁ ତାଙ୍କ କାର୍ଯ୍ୟାଳୟରେ ଘେରାଉ କରି ରଖଥିଲେ। ଯେପର୍ଯ୍ୟନ୍ତ ଅଧୀକ୍ଷକଙ୍କୁ ଡିଡିଓ କ୍ଷମତା ହସ୍ତାନ୍ତର ନ ହୋଇଛି ସେପର୍ଯ୍ୟନ୍ତ ଏଠାରୁ ଉଠିବେ ନାହିଁ ବୋଲି ହାଉସ ସର୍ଜନ ସଂଘ ଚେତାବନୀ ଦେଇଥିଲେ। ତେବେ ସ୍ୱାସ୍ଥ୍ୟ ବିଭାଗର ଏହି ତ୍ୱରିତ ନିଷ୍ପତ୍ତି ପରେ ହାଉସ ସର୍ଜନମାନେ ସେମାନଙ୍କର ଆନ୍ଦୋଳନ ପ୍ରତ୍ୟାହାର କରିଛନ୍ତି।


**DIRECTORATE OF AGRICULTURE & FOOD PRODUCTION, ODISHA**

**CANCELLATION NOTICE**

**"SELECTION OF AGENCY FOR OPERATIONALIZATION OF IDENTIFIED STATIC SOIL TESTING LABORATORIES" UNDER ADMINISTRATIVE CONTROL OF DIRECTOR OF AGRICULTURE & FOOD PRODUCTION (ODISHA)**

No. 1001/20/2627: RFP No. 33719 Dated 23.09.2025: The Director of Agriculture & Food Production, Odisha, Bhubaneswar of Department of Agriculture & Farmers Empowerment, Odisha has decided to cancel the RfP No. 33719 Dtd.23.09.2025 for "Selection of Agency for Operationalization of identified Static Soil Testing Laboratories" under the Administrative Control of Director of Agriculture and Food Production (Odisha) which was published in the official website such as **www.agrisnetodisha.ori.nic.in, agri.odisha.gov.in & tendersodisha.gov.in.**

**Sd./- Director of Agriculture & Food Production, Odisha**

OIPR-1001/1102/1/26-27/0002



ସ୍ୱପ୍ତି ଝଙ୍କାର ଦ୍ୱାରା ଆୟୋଜିତ ରାଜ୍ୟସ୍ତରୀୟ ନାଟ୍ୟ ମହୋତ୍ସବର ତୃତୀୟ ସନ୍ଧ୍ୟାରେ ପରିବେଷିତ ନାଟକ 'ଦେବଦାସୀ' ର ଏକ ଦୃଶ୍ୟ।

# ୩ୟ ସନ୍ଧ୍ୟାରେ 'ଦେବଦାସୀ' ମଞ୍ଚସ୍ଥ

**ରାଉରକେଲା, ୨୨।୪(ସଙ୍ଗୀତା ଜେନା)**

ସ୍ୱପ୍ତି ଝଙ୍କାର ଦ୍ୱାରା ଆୟୋଜିତ ରାଜ୍ୟସ୍ତରୀୟ ନାଟ୍ୟ ମହୋତ୍ସବର ତୃତୀୟ ସନ୍ଧ୍ୟା ବୁଧବାରରେ 'ଦେବଦାସୀ' ନାଟକ ମଞ୍ଚସ୍ଥ ହୋଇଯାଇଛି। ସ୍ଥାନୀୟ ସିଭିକ୍ ସେଣ୍ଟରଠାରେ ଢେଙ୍କାନାଳର ଅଲ୍‌ଟରନେଟିଭ ରିଦମ୍ ଥିଏଟର ପକ୍ଷରୁ ପ୍ରସ୍ତୁତ ଏହି ନାଟକକୁ ଦିନେଶ ଦାସ ରଚନା ଓ ନିର୍ଦ୍ଦେଶନା ଦେଇଥିଲେ। ମଞ୍ଚ ସଂଗୀତ ନିର୍ଦ୍ଦେଶନା ଦେଇଥିବା ବେଳେ ବିକାଶ ପ୍ରଧାନ ଆଲୋକସଜ୍ଜା କରିଥିଲେ। ଜଗନ୍ନାଥ ସଂସ୍କୃତି, ପରମ୍ପରା ଓ ମାନବୀୟ ଲୀଳା ଭିତରେ ଅନନ୍ୟ ପରମ୍ପରା ହେଉଛି ଦେବଦାସୀ ପ୍ରଥା। ଜଗତ ଠାକୁରଙ୍କୁ ସ୍ୱାମୀ ରୂପେ ବରଣ କରି ଜୀବନବ୍ୟାପୀ ସୁହାଗ ସିନ୍ଦୂର ନାଇଥାନ୍ତି। ସଙ୍ଗୀତ ପରିବେଷଣ କରି ସ୍ୱର୍ଗୀୟ ଐଶ୍ୱରୀୟ ପ୍ରେମ ଲାଭ କରିଥାନ୍ତି। ତାଙ୍କ ସମର୍ପଣଭାବ ଓ ଆବେଗକୁ ନେଇ କାହାଣୀ ପର୍ଯ୍ୟବସିତ ଥିଲା। ଉତ୍ସବକୁ ବରିଷ୍ଠ ଅଭିନେତା ଆଲୋକ ବୋଷ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଦର୍ଶକ ଭାବେ ବସ୍ତିଆ ମେମୋରିଆଲ ଟ୍ରଷ୍ଟ ସମ୍ପାଦକ ଇଂ. ଗୌତମ ମିଶ୍ର ଯୋଗ ଦେଇଥିଲେ। ବିଶିଷ୍ଟ ଅଭିନେତା ଓ ନିର୍ଦ୍ଦେଶକ ପବିତ୍ର ମହାନ୍ତିଙ୍କୁ ବିଶିଷ୍ଟ ରାଜନୀତିଜ୍ଞ ସୁରେନ୍ଦ୍ର ନାଥ ଦ୍ୱିବେଦୀଙ୍କ ସ୍ମୃତିରେ 'ସୁରେନ୍ଦ୍ର ଦ୍ୱିବେଦୀ ସ୍ମୃତି ନାଟ୍ୟ ସମ୍ମାନ'ରେ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ଅଭିନେତା ତଥା ନାଟ୍ୟ ନିର୍ଦ୍ଦେଶକ ସୁରେନ୍ଦ୍ର କୁମାର ପାଢ଼ୀଙ୍କୁ ସ୍ୱପ୍ତି ନାଟ୍ୟ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ଉପସଭାପତି ତଥା ଶିକ୍ଷାବିତ୍ ଶର୍ମିଷ୍ଠା କବିଶତପଥୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ସ୍ୱପ୍ତିର ଯୁଗ୍ମ ନାଟ୍ୟ ସମ୍ପାଦକ ଗୌତମ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ନିରୁପମା ପତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ରାଜୀବ ପାଣି, ବିଜୟ ପାତ୍ର, ପ୍ରଳୟ ଶତପଥୀ, କଲ୍ୟାଣୀ ଦାସ ପ୍ରମୁଖ ସହଯୋଗ କରିଥିଲେ। ନାଟକର ବିଭିନ୍ନ ଭୂମିକାରେ ମନୋହର, ଦିନେଶ, କାମାକ୍ଷା, ଜୟଦେବ, କାର୍ତ୍ତିକ, ନିରଞ୍ଜନ, ମାନସ, ପ୍ରମୋଦ, ଆଶୁତୋଷ, ବିଶ୍ୱଜିତ, ଜୟଚନ୍ଦ୍ର, ସତ୍ୟଜିତ, ଦେବଯାନୀ, ସୌମ୍ୟା ଅଭିନୟ କରିଥିଲେ। ନାଟ୍ୟ ନିର୍ଦ୍ଦେଶକ ଦିନେଶ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ସ୍ୱପ୍ତି ଝଙ୍କାରର ରାଜ୍ୟସ୍ତରୀୟ ନାଟକ ମହୋତ୍ସବ

# ସ୍ୱାମୀ ବ୍ରହ୍ମାନନ୍ଦ ଥିଲେ ଦେଶପ୍ରେମୀ ସନ୍ନ୍ୟାସୀ

**ରାଉରକେଲା, ୨୧।୪(ବିପ୍ଳବ ରଞ୍ଜନ ଦାଶ)**

କର୍ମଯୋଗୀ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ପବିତ୍ର ଅକ୍ଷୟ ତୃତୀୟାରେ ଜନ୍ମିତ ଅକ୍ଷୟ କୀର୍ତ୍ତିଧାରୀ ଦେଶପ୍ରେମୀ ସନ୍ନ୍ୟାସୀ ଥିଲେ ବୋଲି ବେଦବ୍ୟାସ ସ୍ଥିତ ଗୁରୁକୁଳ ବୈଦିକ ଆଶ୍ରମ ପରିସରରେ ଆୟୋଜିତ ୧୦୯ ତମ ଜୟନ୍ତୀ ପାଳନ ଅବସରରେ ବୈଦିକ ବିଦ୍ୱାନ ଓ ବକ୍ତାମାନେ ମଙ୍ଗଳବାର ମତପ୍ରକାଶ କରିଛନ୍ତି। ଆଶ୍ରମର ଉପସଭାପତି ଅକ୍ଷେଶର ଧରୁଆ ଅଧ୍ୟକ୍ଷତା କରି କହିଲେ ଯେ, ଗୁରୁକୁଳୀୟ ପରମ୍ପରା ଓ ଆଦର୍ଶକୁ ଉଜ୍ଜୀବିତ କରିବା ନିମନ୍ତେ ସ୍ୱାମୀ ବ୍ରହ୍ମାନନ୍ଦ ବହୁ ଘାତପ୍ରତିଘାତ ସହିଥିଲେ। ମୁଖ୍ୟ ଅତିଥି ବିଶିଷ୍ଟ ସାମାଜିକ କର୍ମୀ ତଥା ରାଜ୍ୟସଭା ସଦସ୍ୟ ଦିଲୀପ ରାୟଙ୍କ ପ୍ରତିନିଧି ହରିହର ରାଉତରାୟ ନିଜ ବକ୍ତବ୍ୟରେ କହିଲେ, ସ୍ୱାମୀ ବ୍ରହ୍ମାନନ୍ଦ ଥିଲେ ଆର୍ଯ୍ୟ ଆକାଶର ଦୀପ୍ତିମାନ ଧ୍ରୁବତାରା ଓ ବୈଦିକ ସଂସ୍କୃତିର ବିକାଶ ସହ ଦରିଦ୍ର ଜନଜାତିର ସେବା ପାଇଁ ସେ ଜୀବନ ଉତ୍ସର୍ଗ କରିଥିଲେ। ମୁଖ୍ୟବକ୍ତା ବୈଦିକ ବିଦାନ ହରପାଲ ଶାସ୍ତ୍ରୀ କହିଲେ, ଏକ ସାଧାରଣ ପରିବାରରେ ଜନ୍ମଗ୍ରହଣ କରିଥିବା ସେ ଦିନର ବାଳକ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ନାମରେ ଅସାଧାରଣ ଦିବ୍ୟଦ୍ରଷ୍ଟା ହୋଇ ପାରିଥିଲେ। ସେବା ତ୍ୟାଗ ଓ ମମତାର ମୂର୍ତ୍ତିମନ୍ତ ପ୍ରତୀକ ଭାବେ ସେ ଓଡ଼ିଶାର ଫୁଲବାଣୀ, ସମ୍ବଲପୁର, ବେଦବ୍ୟାସ, ବଲାଙ୍ଗୀର, ରାୟଗଡ଼ା ଆଦି ସ୍ଥାନରେ ଗୁରୁକୁଳ ଆଶ୍ରମ ପ୍ରତିଷ୍ଠା କରି ସଂସ୍କାର ଆଣିଥିଲେ। ସମ୍ମାନିତ ବକ୍ତା ଆଚାର୍ଯ୍ୟ ଯୋଗେନ୍ଦ୍ର ଉପାଧ୍ୟାୟ ସ୍ୱାମୀଜୀଙ୍କ ନୀତି ଆଦର୍ଶ ଓ ଜୀବନ ଦର୍ଶନ ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ବକ୍ତା ସ୍ୱାମୀ ଅଗ୍ନି ବାବା, ସନ୍ତୋଷ କୁମାର ପଣ୍ଡା, ଶ୍ୟାମ ସୁନ୍ଦର ସେଠ, ଶରତ କୁମାର ଦେହୁରୀ, ନକୁଳ ଦେବ ଆଚାର୍ଯ୍ୟ, ବାସୁଦେବ ହୋତା, ସୂର୍ଯ୍ୟମଣି ଦାଶ ପ୍ରମୁଖ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀଙ୍କ ସ୍ୱାଧୀନତା ସଂଗ୍ରାମ, ଆଧ୍ୟାତ୍ମିକ ଉତ୍ତରଣ ଓ ହିନ୍ଦୁଧର୍ମର ସୁରକ୍ଷା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ବରିଷ୍ଠ ଶିକ୍ଷାବିତ ଓ ଶିଶୁସାହିତ୍ୟିକ ପ୍ରଫୁଲ୍ଲ ଚନ୍ଦ୍ର ବାରିକ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ସଭା ଆରମ୍ଭରେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରିବା ସହିତ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀଙ୍କ ଫଟୋ ଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ହରିହର ରାଉତରାୟ, ହରପାଲ ଶାସ୍ତ୍ରୀ ଓ ସନ୍ତୋଷ କୁମାର ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ବରିଷ୍ଠ ଟ୍ରଷ୍ଟି ରାମଚନ୍ଦ୍ର ସାହୁ, ସୁବାସ ଚନ୍ଦ୍ର ସାହୁ, ସମ୍ପାଦକ ଅଶୋକ କୁମାର ଅଗ୍ରୱାଲ ସହଯୋଗ କରିଥିଲେ।

# ମହୁଲ ପୋଚ ଓ ମଦ ନଷ୍ଟ: ଅଭିଯୁକ୍ତ ଫେରାର

**ଲୋଇସିଂହା, ୨୨।୪(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲ୍ଲା ଆଗଲପୁର ପୋଲିସ ମଙ୍ଗଳବାର ଗିନବଚନ ଅଞ୍ଚଳରେ ଚଢ଼ାଉ କରିଛି। ଉଛବାହାଲ ଓ ଗିନବଚନ ଗ୍ରାମ ନିକଟରେ ଥିବା ୧୫ଟି ବେଆଇନ ମଦଭାଟି ଉପରେ ଚଢ଼ାଉ କରାଯାଇ ପ୍ରାୟ ୩୦୦ ଲିଟର ପୋଚ ଓ ୨୦ ଲିଟର ଅପମିଶ୍ରିତ ଦେଶୀମଦକୁ ନଷ୍ଟ କରାଯାଇଛି। ଯାହାର ଆନୁମାନିକ ମୂଲ୍ୟ ୨ ଲକ୍ଷ ଟଙ୍କା ହେବ ବୋଲି ଆଗଲପୁର ଥାନା ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ମଦ ପ୍ରସ୍ତୁତ ସାମଗ୍ରୀ ଡ୍ରମ, ହାଣ୍ଡି ଓ ଅନ୍ୟାନ୍ୟ ଉପକରଣ ଜବତ କରାଯାଇଛି। ତେବେ ଚଢ଼ାଉ ସମ୍ପର୍କରେ ପୂର୍ବରୁ ଆଭାସ ପାଇ ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଫେରାର ହେବାରେ ସକ୍ଷମ ହୋଇ ଯାଇଥିବା ଜଣାଯାଇଛି।

# କଳାଭୂମିର ବାର୍ଷିକ ଉତ୍ସବ



**ରାଉରକେଲା, ୨୨।୪(ବିପ୍ଳବ ରଞ୍ଜନ ଦାଶ)**

ସହରର ଅଗ୍ରଣୀ ନୃତ୍ୟାନୁଷ୍ଠାନ କଳାଭୂମିର ଦ୍ୱିଦିବସୀୟ ବାର୍ଷିକ ଉତ୍ସବ ସ୍ଥାନୀୟ ସିଭିକ ସେଣ୍ଟର୍‌ଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କଳାଭୂମିର ନିର୍ଦ୍ଦେଶିକା ତଥା ଅଧ୍ୟକ୍ଷା ସୁଚିସ୍ମିତା ବିଶ୍ୱାସଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ଅନିଲ ମଲ୍ଲିକ ଓ ସାଉଲିନା ଚୌଧୁରୀଙ୍କ ସଂଯୋଜନାରେ ଆୟୋଜିତ ପ୍ରଥମ ଦିବସରେ ଦିପିକା ମହିଳା ସଂହତିର ଉପସଭାପତି ପ୍ରତିଜ୍ଞା ପଲେଇ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସେ ତାଙ୍କ ବକ୍ତବ୍ୟରେ ନୃତ୍ୟ କଳା ଉଭୟ ଶାରିରୀକ ଓ ମାନସିକ ବିକାଶରେ ସହାୟକ ହୁଏ ବୋଲି ମତ ରଖିଥିଲେ। ଦ୍ୱିତୀୟ ଦିବସରେ ରୋଟାରିଆନ ତଥା ପ୍ରାକ୍ତନ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ଫକୀର ଚରଣ ମହାନ୍ତି ମୁଖ୍ୟ ଅତିଥି, ଆରତୀ ମହାନ୍ତି ଓ ଗୁରୁ ସତ୍ୟନାରାୟଣ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟ ଅତିଥି ମହାନ୍ତି ତାଙ୍କ ବକ୍ତବ୍ୟରେ କହିଲେ, ଭାରତ ନାଟ୍ୟମକୁ ପ୍ରଚାର ପ୍ରସାରରେ କଳାଭୂମିର ଭୂମିକା ପ୍ରଶଂସନୀୟ। ଶାସ୍ତ୍ରୀୟ ନୃତ୍ୟ ଆମ ଭାରତୀୟ ସଂସ୍କୃତିରେ ଅନନ୍ୟ ପ୍ରତୀକ। ଉଭୟ ଦିବସରେ ନିର୍ଦ୍ଦେଶିକା ବିଶ୍ୱାସ ସ୍ୱାଗତ ଭାଷଣ ସହ ଅନୁଷ୍ଠାନର ଆଭିମୁଖ୍ୟ ସମ୍ପର୍କରେ ଓ ସାଧାରଣ ସମ୍ପାଦିକା ଡ.ଦୀପ୍ତି ପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଅନୁଷ୍ଠାନର ପ୍ରାୟ ୬୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଭାରତ ନାଟ୍ୟମ ଓ ଅନ୍ୟାନ୍ୟ ନୃତ୍ୟ ପରିବେଷଣ କରି ଦର୍ଶକଙ୍କ ମନ ଜିଣିବାରେ ସଫଳ ହୋଇଥିଲେ। ପ୍ରଫେସର ଚନ୍ଦନ ବିଶ୍ୱାସ ଓ ଅନୁଷ୍ଠାନର ସମସ୍ତ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଅର୍ଚ୍ଚନା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ଜମି ପରିଚାଳନା କ୍ଷେତ୍ର ଦିବସ ଶିବିର

**ଲୋଇସିଂହା, ୨୨।୪(ସୁଶାନ୍ତ ବାରିକ)**

ଧାନଚାଷ ପରବର୍ତ୍ତୀ ପଡିଆ ଜମି ପରିଚାଳନା ସମ୍ବନ୍ଧୀୟ ଏକ କ୍ଷେତ୍ର ଦିବସ କାର୍ଯ୍ୟକ୍ରମ ଲୋଇସିଂହା ବ୍ଲକର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହୋଇଯାଇଛି। କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ବ୍ଲକର ସୁଜିଆ, କୁଟୁରାପାଲି, ପଣ୍ଡରାଣୀ ଆଦି ଗ୍ରାମରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ହୋଇଯାଇଛି। ଏହି ପ୍ରଶିକ୍ଷଣ ଶିବିରରେ ଅତିରିକ୍ତ ଜିଲ୍ଲା କୃଷି ଅଧିକାରୀ ପ୍ରମୋଦ ବଡ଼ପଣ୍ଡା, ଭାରପ୍ରାପ୍ତ ବ୍ଲକ କୃଷି ଅଧିକାରୀ ରୋହନ କୁମାର ସାହୁ, କୃଷି ପ୍ରଶିକ୍ଷକ ତଥା ସହକାରୀ କୃଷି ଅଧିକାରୀ ପ୍ରମୁଖ ଯୋଗଦେଇ ଧାନ ଅମଳ ପରବର୍ତ୍ତୀ ପଡିଆ ଜମିର ଠିକ୍ ପରିଚାଳନା ପ୍ରୟୋଗାତ୍ମକ ତଥ୍ୟ ଉପରେ ସୂଚନା ପ୍ରଦାନ କରିଥିଲେ।

# ବସ୍ ଚକ ତଳେ ପଡ଼ି ବ୍ୟାଙ୍କ କର୍ମଚାରୀଙ୍କ ମୃତ୍ୟୁ

**ବଲାଙ୍ଗୀର, ୨୨।୪**
**(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ସହର ଭିତରେ ଦୁର୍ଘଟଣାରେ ପୁଣି ଜଣେ ବ୍ୟକ୍ତିଙ୍କ ଜୀବନ ଯାଇଛି। ମଙ୍ଗଳବାର ବିଳମ୍ବିତ ରାତିରେ ସହରର ପାଟଣେଶ୍ୱରୀ ମନ୍ଦିର ସମ୍ମୁଖରେ ଏହି ଦୁର୍ଘଟଣା ଘଟିଛି। ବସ୍ ଚକ ତଳେ ପଡ଼ି ବାଇକ୍‌ରେ ଯାଉଥିବା ଜଣେ ବ୍ୟାଙ୍କ ଅଧିକାରୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ମୃତକ ହେଲେ ରାଜ ଯାଦବ। ଘଟଣାସ୍ଥଳରୁ ବସ୍‌ଟି ଫେରାର ମାରିଛି। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭୀମ ଭୋଇ ମେଡ଼ିକାଲ ପଠାଇଛି। ବାଇକ୍ ଜବତ ହୋଇଛି। ରାଜ ଦ୍ରୁତଗତିରେ ବାଇକ୍‌ରେ ଆସୁଥିବା ବେଳେ କୌଣସି କାରଣରୁ ଭାରସାମ୍ୟ ହରାଇ ବସ୍ ଚକ ତଳେ ପଡି ଯାଇଥିବା ସିସି ଟିଭିରୁ ଜାଣିବାକୁ ମିଳିଛି। ପାଟଣେଶ୍ୱରୀ ମନ୍ଦିର ନିକଟରେ ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ଏହାକୁ ରୋକିବା ପାଇଁ ଯଥାଶୀଘ୍ର ବିହିତ ପଦକ୍ଷେପ ନିଆଯିବାକୁ ସାଧାରଣରେ ଦାବି ହେଉଛି।


## ଦ.ପୂ. ରେଳପଥ – ଟେଣ୍ଡର

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ବରିଷ୍ଠ ମଣ୍ଡଳ ଯନ୍ତ୍ରୀ, ଦକ୍ଷିଣ ପୂର୍ବ ରେଳପଥ, ଗାର୍ଡେନ ରିଚ୍, କୋଲକାତା–୭୦୦୦୪୩ ନିମ୍ନଲିଖିତ କାର୍ଯ୍ୟ ପାଇଁ ସମ୍ପୃକ୍ତ ସାମଗ୍ରୀ ନିମନ୍ତେ ଦର୍ଶାଯାଇଥିବା ତାରିଖର **୧୫.୦୦ ଘଣ୍ଟିକା** ପୂର୍ବରୁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି ଯାହାକୁ **୧୫.୩୦ ଘଣ୍ଟିକାରେ** ଖୋଲାଯିବ। **ଟେଣ୍ଡର ନଂ.: ଟି-ପିୟୁବି-ଜିଆର୍‌ସି-୨୦୨୬-୪୨୭, ତାରିଖ: ୨୦।୦୪।୨୦୨୬ । କାର୍ଯ୍ୟର ନାମ:** ଜିଏମ୍ ବିଲ୍ଡିଂ, ଗାର୍ଡେନ ରିଚ୍, ଦକ୍ଷିଣ ପୂର୍ବ ରେଳପଥ, ଗାର୍ଡେନ ରିଚ୍‌ଠାରେ ଏମ୍ଏବି ମଧ୍ୟରେ ପେନ୍‌ସନ୍ ସେକ୍ସନ, ଡ୍ରଇଂ ଓ ଡିଜାଇନ ସେକ୍ସନ, ଷ୍ଟୋର୍ ସେକ୍ସନ, ପ୍ଲାନିଂ ଓ ବଜେଟ ସେକ୍ସନ, ଏଷ୍ଟିମେଟ୍ ସେକ୍ସନ, ଟ୍ରାକ୍ ମେଶିନ ସେଲ୍, ବ୍ରିଜ୍ ରିଭ୍ୟୁ ସେକ୍ସନ ଏବଂ ଓଏସ୍‌ଜି ସେକ୍ସନ ତଥା ପର୍ସୋନାଲ ବିଭାଗର ବିଭିନ୍ନ ସେକ୍ସନ ମଧ୍ୟରେ ଷ୍ଟୋର୍ ଏ/ସି, ଟ୍ରାଫିକ୍ ଏ/ସିର ଆକୋମୋଡେସନ୍ ସଂକ୍ରାନ୍ତରେ ଜିଏମ୍ ବିଲ୍ଡିଂର ୨ୟ ଏବଂ ୩ୟ ମହଲାରେ ଆକାଉଣ୍ଟସ ସେକ୍ସନର ରିମଡେଲିଂ ଓ ନବୀକରଣ । **ଟେଣ୍ଡର ମୂଲ୍ୟ: ₹୨,୫୭,୪୩,୫୪୭.୪୬ । ଅମାନତ ରାଶି: ₹୫,୧୪,୯୦୦ । ଟେଣ୍ଡର ଦସ୍ତାବିଜ ମୂଲ୍ୟ: ₹୦। ଖୋଲାଯିବା ତାରିଖ: ₹୧୫।୦୫।୨୦୨୬ । କାର୍ଯ୍ୟର ସମାପ୍ତି ଅବଧି: ୧୨ (ବାର) ମାସ ।** ଟେଣ୍ଡର ସମୟସୂଚୀରେ କୌଣସି ପରିବର୍ତ୍ତନ, ଶୁଦ୍ଧିପତ୍ର, ସଂଶୋଧନ, ଯଦି ଥାଏ, କେବଳ ଇ–ଟେଣ୍ଡର ପୋର୍ଟାଲରେ ଉପଲବ୍ଧ ହେବ ଏବଂ ତାହାକୁ ଖବରକାଗଜରେ ପ୍ରକାଶନ କରାଯିବ ନାହିଁ। ଟେଣ୍ଡରଗୁଡ଼ିକର ସମ୍ପୂର୍ଣ୍ଣ ବିବରଣୀ/ ବର୍ଣ୍ଣନା/ ବିନିର୍ଦ୍ଦିଷ୍ଟତା ପାଇଁ ତଥା ଅନ୍‌ଲାଇନ୍‌ରେ ନିଜର ବିଡ୍ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତା ୱେବ୍‌ସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି । ଏହି କାର୍ଯ୍ୟଗୁଡ଼ିକ ପାଇଁ କୌଣସି ପରିସ୍ଥିତିରେ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । **ବି.ଦ୍ର.:** ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡର ନିୟମିତ ଭାବେ **www.ireps.gov.in** ପରିଦର୍ଶନ କରିପାରନ୍ତି। ସହାୟତା ଡେସ୍କ ଯୋଗାଯୋଗ ନଂ.: ୦୩୩–୨୪୫୦୩୭୮୩। **(PR-78)**



## GOVERNMENT OF ODISHA
No. 32001/101/2627
## DEPARTMENT OF WATER RESOURCES
## OFFICE OF THE EXECUTIVE ENGINEER MECHANICAL DIVISION, LAXMIPOSI

Email Address: eemdlaxmiposi@gmail.com

**e-Procurement Notice - Bid Identification No. EE/MDL-02/2026-27**

| | | |
|---|---|---|
| 1. | Name of the Work | Mechanical Gate Works |
| 2. | No. of Works | 03 (Three) |
| 3. | Category of Executors | SSI Units registered under DIC/ NSIC/MSME for Irrigation Shutters/ Hydro Mechanical gates |
| 4. | Bid Identification No. | EE/MDL-02/2026-27 |
| 5. | Estimated Cost | Rs.8,95,816.00 to Rs.9,63,154.00 |
| 6. | Period of Completion | 01 (One) Calendar Month |
| 7. | Date & time of availability of bid documents in the portal | From Dt.27.04.2026 (10.00 A.M.) to Dt.05.05.2026 (5.00 P.M.) |
| 8. | Last date/time for receipt of bid in the portal | Dt.05.05.2026 (upto 5.00 P.M.) |
| 9. | Date and place of opening of online bids | Dt.06.05.2026 (11.00 A.M. onwards in the O/o. the undersigned) |
| 10. | Name of the Officer Inviting bid | Executive Engineer, Mechanical Division, Laxmiposi |

Further details can be seen from the e-procurement portal **https://tendersodisha.gov.in**.

Sd./- Executive Engineer
Mechanical Division, Laxmiposi

OIPR-32001/32552/1/26-27/0002



## GOVERNMENT OF ODISHA
## HIGHER EDUCATION DEPARTMENT

Lokaseva Bhavan, Sachivalaya Marg, Bhubaneswar-751001
Phone : 0674-2392133 I Website : https://dhe.odisha.gov.in
Mail : sec3hed@gmail.com / hedsec.od@od.gov.in

### REQUEST FOR PROPOSAL

**No.11001/12/2627** : Higher Education Department, invites sealed tenders from reputed State PSUs/Central PSUs/Department Undertakings for the following work : The complete set of bidding documents and other details are available at https://dhe.odisha.gov.in.

**Estimate PAC ₹ 380 Cr I EMD ₹ 2,00,000/-**

Last date for submission of bids : 07/05/2026 up to 03:00 P.M.
Opening of technical bids : 08/05/2026 at 3:30 A.M.

| Sr. No. | Name of the Work | Tender No. | Tender Fee |
|---|---|---|---|
| 1 | Construction of college buildings and hostels | GCNE : 02/2026 | ₹ 10,000/- |

Bids must be sent via Speed Post / Courier to :
The Director, Higher Education, O/o Directorate of Higher Education, Heads of Department Building, 5th Floor, Unit-V, Bhubaneswar, Khordha District, Odisha, PIN-751001.

Sd./- Special Secretary to Govt., GCNE

OIPR-11001/11001/1/26-27/0003



## OFFICE OF THE MUNICIPAL COUNCIL, NAYAGARH

No. 940 Date: 17.04.2026

### QUOTATION CALL NOTICE

No. 13001/266/2627: Repair and Annual Maintenance of Existing open Gym & Child Play equipments installed at different locations of Nayagarh Municipality.

1. Executive Officer, Nayagarh Municipality invites quotation call notice from Registered/ISO Certified firms/Suppliers having a manufacturer of open gym equipments.
2. Interested firms/suppliers shall visit the location as specified in the DTCN from 22.04.2026 to 05.05.26 of Nayagarh Municipality area and submit the repair project cost on or before 1.30 P.M. of Dt.08.05.26 by Registered Post/Speed Post/Courier only.
3. The quotation call notice with terms and conditions, which may be obtained from official website **www.tendersorissa.gov.in** and in office of the Municipal Council, Nayagarh on any working days from 22.04.26 to 05.05.26 upto 5.00 P.M. on payment of Rs.600.00 towards cost of bid document in shape of Cash Deposit receipt of Nayagarh Municipality & EMD of Rs.2000.00 in shape of Cash Deposit receipt of Nayagarh Municipality/Bank Draft/Pay Order, drawn on any Nationalized Bank, in favour of Executive Officer, Nayagarh Municipality, payable at Nayagarh.
4. All quotations are to be received in the office of the undersigned during office hour upto 1.30 P.M. on date 08.05.26 by Registered Post/Speed Post/Courier only.
5. The quotations will be opened by the undersigned or authorized official on date 11.05.26 at 11.00 A.M. in the Office of the Executive Officer, Nayagarh Municipality in presence of the quotationers or their authorized representative who wish to remain present at that time. Other terms and conditions can be seen in the DTCN documents.
6. The authority reserves the right to reject any or all the tenders without assigning any reason thereof.

Sd./- Executive Officer
Nayagarh Municipality

OIPR-13001/13134/1/26-27/0003



## NOTICE INVITING TENDER
## OFFICE OF THE MUNICIPAL COUNCIL, NAYAGARH
NAYAGARH (ODISHA), PIN - 752069

No. 13001/278/2627 e-Mail: nacnayagarh@yahoo.co.in
Tender Call Notice No. 950 Dt.17.04.2026

**E-Procurement Notice No. MUNLNGR-13/2025-26**

| | | |
|---|---|---|
| 1 | Name of the work | Supplying, making and installation of Topiary Structures at Balangi Park of Nayagarh Municipality |
| 2 | Financial Bid | Item rate basis to be entered by the Bidder (excluding GST) |
| 3 | Class of Bidder | Registered Agency/Supplier/ Contractor having experience in similar nature of work |
| 4 | Date of Publication | Dt.22.04.2026 |
| 5 | Date and time of availability of document in the portal | From Dt.22.04.2026 at 10.00 A.M. to Dt.05.05.2026 upto 5.00 P.M. |
| 6 | Last date of submission of filled-up bid documents in this office | On or before 1.30 P.M. on Dt.08.05.2026 by Registered Post/ Speed Post/Courier only |
| 7 | Date and time of opening Bid | Dt.11.05.26 at 11.00 A.M. at Municipality Office, Nayagarh |
| 8 | Name and address of the Officer Inviting Bid | Sd./- Executive Officer, Nayagarh Municipality |

Further details can be seen from e-Procurement portal **https://tendersodisha.gov.in**.

OIPR-13001/13134/1/26-27/0009



## ଭାରତୀୟ ଗଣ ଯୋଗାଯୋଗ ସଂସ୍ଥାନ, ଢେଙ୍କାନାଳ
## Indian Institute of Mass Communication, Dhenkanal
(Deemed to be University)

### ଓଡ଼ିଆ ସାମ୍ବାଦିକତାରେ ସ୍ନାତକୋତ୍ତର ଡିପ୍ଲୋମା (୨୦୨୬)
### Post Graduate Diploma in Odia Journalism (2026)

ଭାରତୀୟ ଗଣ ଯୋଗାଯୋଗ ସଂସ୍ଥାନ, ଢେଙ୍କାନାଳ ଓଡ଼ିଆ ସାମ୍ବାଦିକତାରେ ସ୍ନାତକୋତ୍ତର ଡିପ୍ଲୋମା, ଶିକ୍ଷାବର୍ଷ ୨୦୨୬–୨୭ ପାଇଁ ଆବେଦନ ଆମନ୍ତ୍ରଣ କରୁଛି। ଗୁଣାତ୍ମକ ତାଲିମ, ଶିଳ୍ପ ଅଭିଜ୍ଞତା ଏବଂ ଶୈକ୍ଷିକ ଉତ୍କର୍ଷତା ସହିତ ସାମ୍ବାଦିକତାରେ ଆପଣଙ୍କର ଭବିଷ୍ୟତ ଗଢ଼ିବା।

ଏବେ ଆବେଦନ କରନ୍ତୁ:
ଆମର ୱେବ୍‌ସାଇଟ୍ ପରିଦର୍ଶନ କରନ୍ତୁ: **https://iimc.gov.in/files/announcements/Ad-mission-Notice-Odia-Journalism-26-27_0.pdf**
ଅଥବା ସିଧାସଳଖ ଆବେଦନ କରନ୍ତୁ: **https://forms.gle/hxwBs8zXzuQUNmsp9**
କଲ୍ କରନ୍ତୁ: ଶ୍ରୀ ଜିତେନ୍ଦ୍ର ପତି, ଶୈକ୍ଷିକ ସଂଯୋଜକ ଏବଂ ଆଇଟି: ୯୪୩୭୪୪୪୨୦୦

CBC 22103/11/0001/2627



## JHARKHAND URJA SANCHARAN NIGAM LIMITED
(CIN No.:U40108JH2013SGC001704)
Regd. Office: 2nd Floor, JUSNL (SLDC) Building Kusai Colony, Doranda, Ranchi - 834002
(E-mail:cetjusnl@gmail.com)

**e-TENDER NOTICE NIT No. –41/PR/ JUSNL/ 2026-27**

E-tender in two parts i.e. Technical (Part-I) and Financial (Part – II) is invited from reputed, capable, experienced and financially sound firm for the following works : -

| Name of work | Design, Engineering, Supply of Materials/ Equipments, Erection, Testing and commissioning of 132 kV 3ph D/C Transmission line with Panther conductor and OPGW from 132/33 kV Goilkera GSS to 132/2x25 kV Goilkera RTSS along with 2 nos. 132 kV 3ph Line bay at GSS, Goilkera on turnkey basis. |
|---|---|
| Estimated cost (Rs.) | Rs. 9,35,42,061.00 (including GST) |
| Earnest Money Deposit | Rs. 18,70,900.00 (On line mode) |
| Completion Period | 09 (Nine) Months |
| e-Tender fee | Rs. 10,000.00 + 18% (Online mode). |
| Start Date & Time of Download the Tender Documents | 27.04.2026 at 11:00 AM |
| Start Date and time of upload of BID | 27.04.2026 at 11:00 AM |
| End date and time of upload of BID | 18.05.2026 upto 04:00 PM |
| BID Opening date for technical part | 19.05.2026 at 04:00 PM |
| BID Opening date for price part | Will be communicated |
| Procurement Officer and address for communication | General Manager, C&M (NWBP), 2nd Floor, JUSNL (SLDC) Building, Kusai Colony, Doranda, Ranchi – 834002 |

1. e-Tender document and BOQ including terms & conditions, tender specification can be downloaded from website https://jharkhandtenders.gov.in. Any details required in this regard can also be had from the office of the undersigned **(6202162568)** during office hours.
2. The bids will be received through electronic tendering mode only.
3. No claim shall be entertained on account of disruption of internet services being used by bidders. Bidders are advised to upload their bids well in advance to avoid last minute technical snag.

स्वहित एवं राष्ट्रहित में ऊर्जा बचावें। कृपया अपनीशिकयतों को 18003456570(कॉल सेन्टर) पर दर्ज करायें।

Sd/-
General Manager, C&M (NWBP)

PR 378108 (Jharkhand Urja Sancharan Nigam Ltd)26-27*D



## BRAHMAPUR MUNICIPAL CORPORATION, GANJAM
INVITATIONS FOR BIDS (IFB)

Letter No. : 7246/ No.13001/276/2627 Date : 18.04.2026

### Invitation for Bids
**NATIONAL COMPETATIVE BIDDING THROUGH E-PROCUREMENT**
Bid Identification No. BMC (BAM) : 325/2026-27

The Municipal Commssioner, Berhampur, Invites percentage rate bids in ONLINE MODE only, as per annexure "A"

| | | |
|---|---|---|
| 1 | Nature of work | Civil Work |
| 2 | Name of Work | Construction of 2B + G + 3 stored Building of Giri market Complex cum Vending Zone at Ward No.18 |
| 3 | Amount of Tender (in Rupees) | Rs.33,04,69,526.00 |
| 4 | No. of work | 1 (One) |
| 5 | Bid Cost | The bidders shall remit online the cost of bid document for amount through the process as mentioned in the DTCN as per Annexure "A" |
| 6 | E.M.D. | The bidder shall remit online the Earnest Money Deposit/Bid Security at the rate of 1% of the estimated cost put to tender as mentioned under DTCN. Bidders desirous to hire machines or equipments from outside the State or owned but deployed outside the State are required to remit online 2% of the amount put to tender as Bid Security. Exemption from EMD is permissible as per codal provisions of Govt. of Odisha as per Annexure "A" |
| 7 | Class of Contractor | As per the Annexure "A" |
| 8 | Availability of Bid Documents in the website | From 10:00 hrs. of 21.04.2026 to 17:00 hrs. of 15.05.2026 |
| 9 | Date & Time of Opening of Technical Bids | 11:30 hrs. onwards on Dt. 19.05.2026 |
| 10 | Date & Time of opening of Financial bids | Shall be intimated to the responsive Techically qualified bidder after evolution of Technical bids. |
| 11 | Mode of submission of tender | Tender should be sumbitted online in www. tendersorissa.gov.in |
| 12 | The Bidders have to participatre in ONLINE bidding only. Further details can be seen from the website : https://tendersodisha.gov.in. Any addendum / corrigendum / cancellation of tender can also be seen in the said website only. | |

Sd./- Commisioner
Berhampur Municipal Corporation

OIPR-13001/13035/1/26-27/0003

# ଶିବମନ୍ଦିର ପ୍ରତିଷ୍ଠା ଉତ୍ସବ ଆରମ୍ଭ

**ସିନାପାଲି,୨୨।୪ (ମନଫୁଲ ମେହେର):** ନୂଆପଡ଼ା ଜିଲା ସିନାପାଲି ଉଦନ୍ତୀ ନଦୀ କୂଳରେ ନବନିର୍ମିତ ଭବ୍ୟ ଶିବମନ୍ଦିର ପ୍ରତିଷ୍ଠା ଉତ୍ସବ ବୁଧବାରଠାରୁ ଆରମ୍ଭ ହୋଇଛି। ଏହା ୫ଦିନବ୍ୟାପୀ ଅନୁଷ୍ଠିତ ହେବ। ଗୁରୁବାର କଳସ ଶୋଭାଯାତ୍ରା ସହ ଉତ୍ସବର ଶୁଭାରମ୍ଭ ହେବ। ଏହିଅବସରରେ ଘୃତଯଜ୍ଞ, ଜ୍ଞାନଯଜ୍ଞ, ଅନ୍ନଯଜ୍ଞ ସହ ନୂତନ ମନ୍ଦିରର ଗର୍ଭାଧାନ, ରୁଦ୍ରାଭିଷେକ, ଷୋଡଶ ଉପଚାର, ଚଣ୍ଡୀପାଠ, ସୂର୍ଯ୍ୟପୂଜା, ବିଗ୍ରହଙ୍କ ନଗର ପରିକ୍ରମା, ଧ୍ୱଜାରୋହଣ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିସହ ମନ୍ଦିର କମିଟି ତରଫରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ବୈଠକୀ କୀର୍ତ୍ତନରେ ପଶ୍ଚିମ ଓଡିଶା ପ୍ରସିଦ୍ଧ ଗାୟକଗାୟିକା ପ୍ରଦୀପ ସାହୁ, ବିଜ୍ଞସୀ ବାରିକ, ଦେବକୀ ସାହୁ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ସୂଚନାଯୋଗ୍ୟ, ୨୦୧୬ରେ ତତ୍କାଳୀନ ସରପଞ୍ଚ ସତ୍ୟବାନ ମେହେର ଓ ସ୍ଥାନୀୟ କେତେଜଣ ଭଦ୍ର ବ୍ୟକ୍ତିଙ୍କ ଉଦ୍ୟମକ୍ରମେ ସ୍ୱର୍ଗତ ମୋହନ ମେହେରଙ୍କ ସ୍ତ୍ରୀ ଯମୁନା ମେହେର ଦାନ ଦେଇଥିବା ଭୂମିରେ ଲୋକଙ୍କ ସହଯୋଗରେ ନୂତନ ମନ୍ଦିର ନିର୍ମାଣନିମନ୍ତେପ୍ରୟାସଆରମ୍ଭହୋଇଥଲା।





ଶୋଭାଯାତ୍ରାରେ ମଞ୍ଚ କର୍ମକର୍ତ୍ତାଙ୍କ ସହ ଚାଷୀମାନେ।

# ରବି ଧାନ ପଞ୍ଜୀକରଣରୁ ବଞ୍ଚିତ ଚାଷୀଙ୍କ ଆନ୍ଦୋଳନ

**କୋକସରା,୨୨।୪ (ଦୁଷ୍ମନ୍ତ କୁମାର ପାଢ଼ଯୋଷୀ)**

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ଦାବିପତ୍ର

ମେଗା ଉଠାଜଳସେଚନ ପ୍ରକଳ୍ପ ମାଧ୍ୟମରେ ରବି ଧାନ ଚାଷ କରିଥିବା କୋକସରା, ଜୟପାଟଣା ଓ ଧର୍ମଗଡ଼ ବ୍ଲକର ଚାଷୀମାନେ ଧାନ ବିକ୍ରି ପଞ୍ଜୀକରଣରୁ ବଞ୍ଚିତ ହେଉଛନ୍ତି। ଏହାକୁ ନେଇ ଚାଷୀ ସମୂହ ବିଭିନ୍ନ ସମୟରେ ଦାବିପତ୍ର ଦେବା ସତ୍ତ୍ୱେ ମଧ୍ୟ କୌଣସି ସୁଫଳ ମିଳିପାରି ନାହିଁ। ଫଳରେ ବୁଧବାର କୋକସରାଠାରେ ଅଞ୍ଚଳର ଶତାଧିକ ଚାଷୀଙ୍କ ସମେତ ବିରୋଧୀ ଦଳର ନେତା ସରକାର ବିରୋଧରେ ବର୍ଷିଛନ୍ତି। କୃଷକ ସଚେତନ ମଞ୍ଚ କୋକସରା ପକ୍ଷରୁ ଅଞ୍ଚଳର ଶତାଧିକ ଚାଷୀ ଏକତ୍ରିତ ହେବାପରେ ଚାଷୀ ନେତା ଶିବ ପ୍ରସାଦ ପ୍ରଧାନୀଙ୍କ ନେତୃତ୍ୱରେ କୋକସରା ଜଗନ୍ନାଥ ମନ୍ଦିର ନିକଟରୁ ଏକ ଶୋଭାଯାତ୍ରାରେ ବାହାରି ତହସିଲ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲେ। ପରେ ସ୍ଥାନୀୟ ଟେଲିଫୋନ ଏକ୍ସଚେଞ୍ଜ ନିକଟରେ ଏକ ପ୍ରତିବାଦ ସଭା କରାଯାଇଥିଲା। ମଞ୍ଚର ଉପସଭାପତି ମିନକେତନ ପ୍ରଧାନୀ ଏଥିରେ ସଭାପତିତ୍ୱ କରିଥିଲେ। ସଭାରେ ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ ଦିଶାରୀ, ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂଦେଓ ପ୍ରମୁଖ ସାମିଲ ହୋଇଥିଲେ। ଇନ୍ଦ୍ରାବତୀ ବାମ ଓ ଦକ୍ଷିଣ କେନାଲ ଅଞ୍ଚଳର ଧାନ କ୍ରୟ ପାଇଁ ସରକାର ଅନ୍‌ଲାଇନ ପଞ୍ଜୀକରଣ ବ୍ୟବସ୍ଥା କରିଛନ୍ତି। ହେଲେ ମେଗା ଉଠାଜଳସେଚନ ଅଞ୍ଚଳର ଚାଷ ପାଇଁ ଡିପିଆର୍‌ରେ ବ୍ୟବସ୍ଥା ନ ଥିବା ଆଳରେ ଧାନ ବିକ୍ରୟ ବ୍ୟବସ୍ଥାରୁ ଚାଷୀଙ୍କୁ ବଞ୍ଚିତ କରାଯାଇଥିବା ଅଭିଯୋଗ କରିଥିଲେ। ଆଗକୁ ଚାଷୀଙ୍କ ଧାନ ବିକ୍ରି ପଞ୍ଜୀକରଣ କରା ନ ଗଲେ ଜୋରଦାର ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଥିଲେ। କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, ସ୍ଥାନୀୟ ସରପଞ୍ଚ କିଶୋର ଚନ୍ଦ୍ର ପ୍ରଧାନୀ, ଗୋବର୍ଦ୍ଧନ ବାଗ ପ୍ରମୁଖ ସାମିଲ ହୋଇ ସରକାର ଏହାର ବିଚାର କରି ଧାନ ବିକ୍ରି ପାଇଁ ପଞ୍ଜୀକରଣ କରିବାକୁ ଦାବି କରିଥିଲେ। ଏହା ପରେ ଚାଷୀମାନେ ତହସିଲ କାର୍ଯ୍ୟାଳୟରେ ପହଞ୍ଚି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲଦାର ଚୋଡ଼ଗଙ୍ଗ ପ୍ରଧାନଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ପ୍ରକାଶ ଯେ, କୋକସରା, ଜୟପାଟଣା ଓ ଧର୍ମଗଡ଼ ବ୍ଲକ ଅଞ୍ଚଳର ପ୍ରାୟ ୧୫ ହଜାର ଚାଷୀ ୧୮ ହଜାର ୮ ଶହ ୫୫ ହେକ୍ଟର ଜମିରେ ମେଗା ଉଠାଜଳସେଚନ ମାଧ୍ୟମରେ ରବି ଧାନ ଚାଷ କରିଥିବା ସୂଚନା ରହିଛି। ତେବେ ଏହି ସବୁ ଅଞ୍ଚଳରେ ପ୍ରାୟ ୧୩ ଲକ୍ଷ କୁଇଣ୍ଟାଲ ଧାନ ଉତ୍ପାଦନ ହେବା ଆକଳନ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ କୃଷକ ସଚେତନ ମଞ୍ଚର ଉପସଭାପତି ଜୟ ଲାଲ ନାଏକ, ନିଳକଣ୍ଠ ମାଝୀ, ଧନେଶ୍ୱର ପଣ୍ଡା, ସମ୍ପାଦକ ଚିନ୍ତାମଣି ପଟେଲ, ପ୍ରକାଶ ଚୌଧୁରୀ, ନିମାଇଁ ଚରଣ ଧଙ୍ଗ, ପଙ୍କଜ ପୋଡ଼, ହରେକୃଷ୍ଣ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

# ଜନଜାତି ଗୌରବ କରିଡର ସମ୍ପ୍ରସାରଣ ପାଇଁ ଏମ୍‌ପିଙ୍କ ଦାବି

**ଖଡ଼ିଆଳ,୨୨।୪(ସୁଜିତ କୁମାର ପ୍ରଧାନ)**

କଳାହାଣ୍ଡି ଏମ୍‌ପି ମାଳବିକା ଦେବୀ ନିଜ ଲୋକ ସଭା କ୍ଷେତ୍ରର ୭ ଗୋଟି ବିଧାନସଭା ଅଞ୍ଚଳରେ ରେଳପଥ ପ୍ରକଳ୍ପ ପାଇଁ ଲୋକ ସଭାରେ ଦାବି କରିଛନ୍ତି। ସେହିପରି କେନ୍ଦ୍ର ଜନଜାତି ଗୌରବ କରିଡ଼ରକୁ ଭଦ୍ରାଚଳମରୁ ଖଡିଆଳ ଦେଇ ବଲାଙ୍ଗୀର ଏବଂ ଭଦ୍ରାଚଳମରୁ ଖଡିଆଳ ଦେଇ ନୂଆପଡ଼ାକୁ ସମ୍ପ୍ରସାରଣ ପାଇଁ ଦାବି ଉପସ୍ଥାପନ କରିଛନ୍ତି। ଏହି କରିଡର ପୂର୍ବରୁ ୪୧୧ କିଲୋମିଟର ଥିବାବେଳେ ଏହାକୁ ୨୦୫ କି.ମି. ସମ୍ପ୍ରସାରଣ କଲେ ୬୧୬ କି.ମି. ରେଳ ପ୍ରକଳ୍ପ ନିର୍ମାଣ ହେବ। କଳାହାଣ୍ଡି ସାଂସଦ କ୍ଷେତ୍ରର ଖଡିଆଳ ବିଧାନସଭା ଅଞ୍ଚଳରେ ପ୍ରାୟ ରେଳ ପ୍ରକଳ୍ପ ନାହିଁ। ଏହି ରେଳପଥ ନିର୍ମାଣ ହେଲେ ସମସ୍ତ ବିଧାନସଭା କ୍ଷେତ୍ର ରେଳପଥରେ ସଂଯୋଗ ହେବ। ଏମ୍‌ପି ମାଳବିକା ସ୍ୱଳ୍ପ ସମୟ ଅବଧି ମଧ୍ୟରେ କଳାହାଣ୍ଡି ସାଂସଦ କ୍ଷେତ୍ରର ୧୯ ଗୋଟି ରେଳ ପ୍ରକଳ୍ପ ବିଶେଷ କରି ଭଦ୍ରାଚଳମରୁ ଜୁନାଗଡକୁ ୪୧୧ କି.ମି., ଧର୍ମଗଡ଼ରୁ ଖଡିଆଳ ଦେଇ ନୂଆପଡ଼ାକୁ ୧୧୦ କି.ମି. ଏବଂ ଖଡିଆଳଠାରୁ ବଲାଙ୍ଗୀରକୁ ୯୫ କି.ମି. ରେଳପଥ ନିର୍ମାଣ ପାଇଁ ଦାବି ଉପସ୍ଥାପନ କରିଛନ୍ତି। ଏହି ରେଳ ପ୍ରକଳ୍ପ ତିନିଗୋଟି ରାଜ୍ୟ ଓଡ଼ିଶା, ଛତିଶଗଡ଼ ଓ ଆନ୍ଧ୍ରପ୍ରଦେଶକୁ ସିଧାସଳଖ ସଂଯୋଗ କରିବ। ଏହାଦ୍ୱାରା ଅର୍ଥନୈତିକ, ସାମାଜିକ, ବାଣିଜ୍ୟିକ କ୍ଷେତ୍ରରେ ବିକାଶ ହେବ ବୋଲି ଆଶା କରାଯାଉଛି।

# ରେଳମନ୍ତ୍ରୀଙ୍କୁ କଳାହାଣ୍ଡି ଏମ୍‌ପିଙ୍କ ୨୦ଦଫା ଦାବିପତ୍ର


ରେଳମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି ଏମ୍‌ପି ମାଳବିକା ଦେବୀ।

**କେସିଙ୍ଗା,୨୨।୪ (ତୁମେଶ୍ୱର ସାହୁ)**

କଳାହାଣ୍ଡି ଏମ୍‌ପି ମାଳବିକା ଦେବୀ ବୁଧବାର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଦିଲ୍ଲୀସ୍ଥିତ ବାସଭବନରେ ଭେଟି ୨୦ଦଫା ଦାବିପତ୍ର ପ୍ରଦାନ କରିଛନ୍ତି। କେସିଙ୍ଗାରୁ ଭୁବନେଶ୍ୱରକୁ ସିଧାସଳଖ ଟ୍ରେନ୍ ଚଳାଚଳ, ନର୍ଲାରେ ଲୋକୋ ମୋଟିଭ ମରାମତି ଫ୍ୟାକ୍ଟ୍ରି ସ୍ଥାପନ, ନର୍ଲା ରୋଡ୍ ଷ୍ଟେଶନରେ ପୂର୍ବରୁ ରହୁଥିବା ଏକ୍ସପ୍ରେସ୍ ଟ୍ରେନ୍ ରହଣି, ଦେପୁର ରେଳ ଷ୍ଟେଶନରେ ଜୁନାଗଡ଼-ଭୁବନେଶ୍ୱର ଟ୍ରେନ୍ ୨ମିନିଟ୍ ରହଣି ପାଇଁ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ସେହିପରି ଅନ୍ୟ ପ୍ରମୁଖ ଦାବି ମଧ୍ୟରେ ନର୍ଲା ରୋଡ୍‌ରେ ଓଭରବ୍ରିଜ୍ ନିର୍ମାଣ, ଭୁବନେଶ୍ୱରରୁ ରାୟଗଡା-କୋରାପୁଟ ଭାୟା ଟିଟିଲାଗଡ ଦେଇ ଟ୍ରେନ୍ ଚଳାଚଳ, ଭବାନୀପାଟଣାରୁ କେସିଙ୍ଗା ୩୦କି.ମି. ରେଳଲାଇନ ଯଥାଶୀଘ୍ର ନିର୍ମାଣ କରିବା, କେସିଙ୍ଗା ଓ ଭବାନୀପାଟଣାରେ ଥିବା ରାଇସ୍ ମିଲ୍‌କୁ ଟ୍ରେନ୍ ଲାଇନ ସଂଯୋଗ ଆଦି ଅନ୍ୟତମ।

# ଜାତୀୟ ମାନବାଧିକାର କମିଶନଙ୍କ ହସ୍ତକ୍ଷେପ

**ଥୁଆମୂଳ ରାମପୁର, ୨୨।୪ (ଦୁର୍ଗା କୀର୍ତ୍ତି):** କଳାହାଣ୍ଡି ଜିଲା କର୍ଲାପାଟ ଅଭୟାରଣ୍ୟ ସଂଲଗ୍ନ ତେନ୍ତୁଳିପଦର ଗ୍ରାମରେ ଜଣେ ପଟ୍ଟାଧାରୀ ଆଦିବାସୀଙ୍କୁ ବନ ବିଭାଗ କର୍ମଚାରୀଙ୍କ ନିର୍ଯାତନା ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଜାତୀୟ ମାନବାଧିକାର କମିଶନ ଏଥିରେ ହସ୍ତକ୍ଷେପ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଗତ ୧୦ ତାରିଖରେ ତେନ୍ତୁଳିପଦର ଗ୍ରାମର ବୁଦ୍ଧୁ ମାଝୀ, ସୁଶାନ୍ତ ମାଝୀ ଓ ବାଡ଼ି ମାଝୀ ନିଜ ପୈତୃକ ଚାଷ ଜମି ସଫା କରୁଥିବା ବେଳେ କର୍ଲାପାଟ ରେଞ୍ଜର ବନ କର୍ମଚାରୀମାନେ ପହଞ୍ଚିଥିଲେ। ସେମାନେ ଜଙ୍ଗଲରେ ନିଆଁ ଲଗାଇବା ଭଳି ମିଥ୍ୟା ଅଭିଯୋଗ ଆଣି ୩ ଗ୍ରାମବାସୀଙ୍କୁ ପ୍ରାୟ ୪୮ ଘଣ୍ଟା କାଳ ଅଟକ ରଖିଥିଲେ। ଏପରି କି ସେମାନଙ୍କୁ ଲାଠିରେ ମାଡ଼ ମାରିବା ସହ ଜାତିଗତ ଆକ୍ଷେପ କରିଥିବା ପୀଡ଼ିତମାନେ ପ୍ରକାଶ କରିଛନ୍ତି। ପୀଡ଼ିତ ଆଦିବାସୀମାନେ ଜାମିନରେ ମୁକୁଳିବା ପରେ କର୍ଲାପାଟ

## ପଟ୍ଟାଧାରୀ ଆଦିବାସୀଙ୍କୁ ବନ କର୍ମଚାରୀଙ୍କ ନିର୍ଯାତନା ଘଟଣା

ଥାନାର ଦ୍ୱାରସ୍ଥ ହୋଇ ଏତଲା ଦେଇଥିଲେ। ପୋଲିସର ତଦନ୍ତ ଜାରି ରହିଥିବା ବେଳେ ବିଭିନ୍ନ ଗଣମାଧ୍ୟମରେ ଏ ନେଇ ଖବର ପ୍ରକାଶ ପାଇଥିଲା। ମାନବାଧିକାର କର୍ମୀ ଦିଲୀପ କୁମାର ଦାସଙ୍କ ଜରିଆରେ ଏହି ମାମଲା ଜାତୀୟ ମାନବାଧିକାର କମିଶନଙ୍କ ନିକଟରେ ପହଞ୍ଚିଥିଲା। କମିଶନ ଏହି ଘଟଣାକୁ ଗୁରୁତର ସହ ନେଇ ଏକ ମାମଲା (ଡାଇରି ନଂ. ୨୬୬/ଆଇଏନ୍/୨୦୨୬) ରୁଜୁ କରିଛନ୍ତି। ଜଙ୍ଗଲ ଅଧିକାର ଆଇନ ଅନୁସାରେ ପଟ୍ଟା ପାଇଥିବା ସତ୍ତ୍ୱେ ଜଙ୍ଗଲ ବିଭାଗର ଏଭଳି କାର୍ଯ୍ୟାନୁଷ୍ଠାନକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ଏହାସହ ଦୋଷୀ ବନ କର୍ମଚାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି।

# ଉଠାଜଳସେଚନ କାର୍ଯ୍ୟାଳୟ ଘେରିଲେ ଚାଷୀ


ନିର୍ବାହୀ ଯନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ନୂଆପଡ଼ା,୨୨।୪ (ମକାରୁ ବେମାଲ)**

ନୂଆପଡ଼ା ଉଠାଜଳସେଚନ ବିଭାଗ ପକ୍ଷରୁ ଗଭୀର ନଳକୂପ ଖନନ କରାଯାଇ ୫ ବର୍ଷରୁ ଊର୍ଦ୍ଧ୍ୱ ବିତିଯାଇଥିଲେ ମଧ୍ୟ ବିଦ୍ୟୁତ୍ ସଂଯୋଗ ହୋଇନାହିଁ। ଏହାର ପ୍ରତିବାଦରେ ବୁଧବାର ଚାଷୀନେତା ରବି ମଙ୍ଗରାଜଙ୍କ ନେତୃତ୍ୱରେ ନୂଆପଡା, କୋମନା ଓ ବୋଡେନ ବ୍ଲକର ଶତାଧିକ ଚାଷୀ ଶୋଭାଯାତ୍ରାରେ ଯାଇ ଉଠା ଜଳସେଚନ ବିଭାଗ କାର୍ଯ୍ୟାଳୟ ଘେରାଉ କରିଥିଲେ। ପରେ ନିର୍ବାହୀଯନ୍ତ୍ରୀଙ୍କୁ ୭ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ। ସୂଚନା ଅନୁଯାୟୀ, ଜିଲାର ବିଭିନ୍ନ ବ୍ଲକର ଚାଷୀମାନେ ଉଠା ଜଳସେଚନ ବିଭାଗ ଜରିଆରେ ୨୦୨୦-୨୧ରୁ ଗଭୀର ନଳକୂପ ଖନନ କରିଛନ୍ତି। ହେଲେ ଆଜକୁ ୫ ବର୍ଷରୁ ଅଧିକ ବିତିଯାଇଥିଲେ ମଧ୍ୟ ବିଦ୍ୟୁତ୍ ସଂଯୋଗ ହୋଇନାହିଁ। ଏହି ପରିପ୍ରେକ୍ଷୀରେ ଚାଷୀମାନେ ବିଭିନ୍ନ ଦାବି ଉଠାଇ ତୁରନ୍ତ ପୂରଣ ନ ହେଲେ ଆନ୍ଦୋଳନ ଜୋରଦାର କରିବାକୁ ଚେତାବନୀ ଦେଇଛନ୍ତି। ପ୍ରମୁଖ ଦାବି ମଧ୍ୟରେ ସମସ୍ତ ବୋରୱେଲକୁ ତୁରନ୍ତ ବିଦ୍ୟୁତ ସଂଯୋଗ, ଯେଉଁଠାରେ ବିଦ୍ୟୁତୀକରଣ ସମ୍ଭବ ନୁହେଁ ସେଠାରେ ସୌରପମ୍ପ ସ୍ଥାପନ, ଅସମ୍ପୂର୍ଣ୍ଣ ପ୍ରକଳ୍ପକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା, ଅବହେଳା ପାଇଁ ଦାୟୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ, ଚାଷୀଙ୍କ ପାଇଁ ଏକ ସ୍ଥାୟୀ ଜଳସେଚନ ବ୍ୟବସ୍ଥା ସୁନିଶ୍ଚିତ କରିବା ଆଦି ଅନ୍ୟତମ।

# କର୍ମଚାରୀଙ୍କ ପାଇଁ ହେଲ୍‌ମେଟ୍ ବାଧ୍ୟତାମୂଳକ



ବୈଠକରେ ଯୋଗଦେଇଥିବା ଅଧିକାରୀମାନେ।

**ନୂଆପଡ଼ା,୨୨।୪ (ମକାରୁ ବେମାଲ)**

ନୂଆପଡ଼ା ଜିଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ସଡକ ସୁରକ୍ଷା କମିଟିର ମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ବହୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଥିଲା । ବିଶେଷ କରି ସହରର ମଧ୍ୟଭାଗରେ ଥିବା ଏକତା ଛକରେ ସୁଗମ ଟ୍ରାଫିକ ବ୍ୟବସ୍ଥା, ଭେରା ଛକ, ଗାୟତ୍ରୀ ମନ୍ଦିର ଛକ ତଥା ଅନ୍ୟ ସ୍ଥାନରେ ରାଜପଥ ସହ ସଂଯୁକ୍ତ ହେଉଥିବା ରାସ୍ତାରେ ବେଗନିରୋଧକ ସ୍ଥାପନ, ଏକତା ଛକରୁ ରେଲୱେ ଫାଟକ ମଧ୍ୟସ୍ଥ ସ୍ଥାନରେ ଯାତ୍ରୀଙ୍କ ପାଇଁ ସେଡ୍ ନିର୍ମାଣ, ଆବଶ୍ୟକ ସ୍ଥଳେ ରାସ୍ତା ମରାମତି ଆଦି କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ଜିଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ କଡା ନିର୍ଦ୍ଦେଶ ଦେଇଛନ୍ତି। ଜିଲାରେ ସ୍ଥାପନ ହେବାକୁ ଥିବା ୧୦ଟି ହେଲ୍‌ମେଟ ହବ୍ ଆସନ୍ତା ମେ ୬ରେ ଶୁଭାରମ୍ଭ ହେବ । ଏ ସମ୍ବନ୍ଧୀୟ ବିଶେଷ ବିବରଣୀ ମେ ୨୮ରେ ଜଣାପଡିବ । ଏଥିପାଇଁ ନୂଆପଡା ଷ୍ଟେଟ ବ୍ୟାଙ୍କର ମୁଖ୍ୟ ପରିଚାଳକ ୫୦ ହେଲ୍‌ମେଟ ଦାନ କରିଥିବାରୁ ଜିଲାପାଳ ତାଙ୍କୁ ବୈଠକରେ ସମ୍ମାନିତ କରିଥିଲେ। ସେହିପରି ଖରିଆର ରୋଡର ମନୋଜ ଡାଗା ଓ ସଞ୍ଜୁ ସୋନିଙ୍କୁ ଗୁଡ୍ ସାମାରିଟାନ ଭାବରେ ଉପଢୌକନ ଦେଇ ପ୍ରମାଣପତ୍ର ସହ ୨ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ଚେକ୍ ମାଧ୍ୟମରେ ପ୍ରଦାନ କରି ସମ୍ମାନିତ କରିଥିଲେ । ବିନା ହେଲ୍‌ମେଟରେ ଦୁଇଚକିଆ ଗାଡି ମାଲିକଙ୍କୁ ପେଟ୍ରୋଲ ନ ଦେବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତ ସରକାରୀ, ବେସରକାରୀ କାର୍ଯ୍ୟାଳୟର କର୍ମଚାରୀଙ୍କ ପାଇଁ ହେଲ୍‌ମେଟ ବାଧ୍ୟତାମୂଳକ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଏହି ମର୍ମରେ କାର୍ଯ୍ୟାଳୟ ମୁଖ୍ୟମାନେ ପ୍ରତିମାସରେ ଜିଲାପାଳଙ୍କୁ ରିପୋର୍ଟ ଦାଖଲ କରିବେ ବୋଲି କୁହାଯାଇଥିଲା।

# ପୂର୍ବତନ ମନ୍ତ୍ରୀ ଘାସିରାମ ମାଝିଙ୍କ ଶ୍ରାଦ୍ଧ ଦିବସ

**ନୂଆପଡ଼ା,୨୨।୪ (ମକାରୁ ବେମାଲ)**

ନୂଆପଡ଼ା ଜିଲା ଓକିଲ ସଂଘ ସଭାଗୃହଠାରେ ବୁଧବାର ଘାସିରାମ ମାଝି ସ୍ମୃତି ପରିଷଦ ପକ୍ଷରୁ ପୂର୍ବତନ ମନ୍ତ୍ରୀ ଘାସିରାମ ମାଝିଙ୍କ ୨୯ତମ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ତାଙ୍କ ଦାୟାଦ ସରୋଜିନୀ ମାଝିଙ୍କ ତତ୍ତ୍ୱାବଧାନରେ ତଥା ଓକିଲ ସଂଘ ପୂର୍ବତନ ଜିଲା ସଭାପତି ପ୍ରସନ୍ନ କୁମାର ପାଢୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଓକିଲ ସଂଘ ଉପସଭାପତି ପ୍ରକାଶ ଚନ୍ଦ୍ର ସ୍ୱାଇଁ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ହୋମସିଂ ମାଝି, ଉପାଧ୍ୟକ୍ଷା ବେଳମତୀ ମାଝି, ଶ୍ରମିକ ନେତା ଯଦୁମଣି ପାଣିଗ୍ରାହୀ, ବରିଷ୍ଠ ନାଗରିକ ସଂଘ ଜିଲା ସଭାପତି କ୍ଷୀରୋଦ ନିବାସ ପଣ୍ଡା, ବରିଷ୍ଠ ସରକାରୀ ଓକିଲ ମୁରଲିଧର ପଣ୍ଡା, କୁମୁଦ ହୋତା, କାମତା ପ୍ରସାଦ ଚନ୍ଦ୍ରକାର, ରାଜୀବ ଶଗରିଆ ପ୍ରମୁଖ ଅତିଥି ଭାବରେ ଯୋଗଦେଇ ସ୍ୱର୍ଗତ ମାଝିଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧା ସୁମନ ଜଣାଇଥିଲେ। ଅବସର ପ୍ରାପ୍ତ ପ୍ରଶାସନିକ ଅଧିକାରୀ ତଥା କବି ବାସୁଦେବ ସୁନାନୀ ମୁଖ୍ୟବକ୍ତା ଭାବରେ ଯୋଗଦେଇ ସ୍ୱର୍ଗତ ମାଝିଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ସେ ନୂଆପଡ଼ା ଜିଲା ଗଠନର ବିନ୍ଧାଣି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ ବୋଲି କହିଥିଲେ।

# ସମସେରପଦରରେ ପାନୀୟ ଜଳ ସଙ୍କଟ

**ଖଡ଼ିଆଳ,୨୨।୪ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଡୁଆଝର ଗ୍ରାମ ପଞ୍ଚାୟତର ସମସେରପଦର ଗ୍ରାମରେ ପାନୀୟ ଜଳ ସଙ୍କଟ ଦେଖାଦେଇଛି। ଗାଁରେ ପ୍ରାୟ ୨ଶହ ପରିବାରର ୧୫ଶହ ଲୋକ ବାସ କରନ୍ତି। ଗ୍ରାମକୁ ଦେଢ଼ବର୍ଷ ତଳେ ବସୁଧା ଯୋଜନାରେ ପାଇପ୍ ଯୋଗେ ପାନୀୟ ଜଳ ବ୍ୟବସ୍ଥା କରାଯାଇଥିଲା। କିନ୍ତୁ ସବୁଦିନ ପାଣି ମିଳୁ ନ ଥିଲା। ଏବେ ୬ମାସ ହେଲା ପାଇପ୍ ପାଣି ବନ୍ଦ ହୋଇଯାଇଛି। ଫଳରେ ଲୋକେ ପାଣି ମୁନ୍ଦେ ପାଇଁ ନାହିଁ ନ ଥିବା ଅସୁବିଧା ଭୋଗ କରୁଛନ୍ତି। ଗାଁରେ ୩ଟି ନଳକୂପ ଥିବା ବେଳେ ଗୋଟିଏ ନଳକୂପରୁ ପାଣି ବାହାରୁଛି। ତାହା କିନ୍ତୁ ଗ୍ରାମବାସୀଙ୍କ ଆବଶ୍ୟକତା ମେଣ୍ଟାଇପାରୁ ନାହିଁ। ଏବେ ଖରା ମାସ ହୋଇଥିବାରୁ ଭୂତଳ ଜଳସ୍ତର ହ୍ରାସ ପାଉଛି। ଫଳରେ ମହିଳାମାନେ ପାଣି ଗୋଟିଏ ବାଲ୍‌ଟି ପାଇଁ ଦୀର୍ଘ ସମୟ ଅପେକ୍ଷା କରି ରହୁଛନ୍ତି। ଏ ନେଇ ବାରମ୍ବାର ପ୍ରଶାସନିକ ଅଧିକାରୀଙ୍କୁ ଜଣାଇଲେ ମଧ୍ୟ କେହି ଶୁଣୁ ନ ଥିବା ଅଭିଯୋଗ ହେଉଛି। ଶୀଘ୍ର ଏହି ସମସ୍ୟା ଦୂର ନ କଲେ ବ୍ଲକ ଘେରାଉ କରିବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏ ନେଇ ଖଡ଼ିଆଳ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦଙ୍କୁ ପଚାରିବାରୁ ବିଭାଗୀୟ ଯନ୍ତ୍ରୀଙ୍କୁ ଗାଁକୁ ପଠାଇ ଶୀଘ୍ର ପାନୀୟ ଜଳ ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।


ପାଣି ପାଇଁ ନଳକୂଅ ନିକଟରେ ମହିଳାଙ୍କ ଭିଡ଼।

# କ୍ରିକେଟ: ଫାଇନାଲରେ କଲମପୁର ପଞ୍ଚାୟତ

**କଲମପୁର, ୨୨।୪(ଗଣେଶରାମ ବାଗ)**

କଳାହାଣ୍ଡି ଜିଲା କଲମପୁର ବ୍ଲକ ମୀନଗୁର ଖେଳ ପଡିଆଠାରେ କଲମପୁର ପ୍ରେସ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟର ବୁଧବାର ପ୍ରଥମ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ କଲମପୁର ପଞ୍ଚାୟତ ଓ ଶିକ୍ଷକ ଦଳ ମଧ୍ୟରେ ଖେଳ ହୋଇଥିଲା। କଲମପୁର ଦଳ ପ୍ରଥମେ ବ୍ୟାଟିଂକରି ୧୦ଓଭର ବିନିମୟରେ ୧୪୯ ରନ କରିଥିଲା। ଜବାବରେ ଶିକ୍ଷକ ଦଳ ସମସ୍ତ ଉଇକେଟ ହରାଇ ପରାଜୟ ବରଣ କରିଥିଲେ। ଫଳରେ କଲମପୁର ଦଳ ଫାଇନାଲକୁ ପ୍ରବେଶ କରିଛି। ବ୍ଲକ ଉପାଧ୍ୟକ୍ଷ ଚିନ୍ତାମଣି ବେହେରା ମୁଖ୍ୟ ଅତିଥି, ଯୁକ୍ତ ୩ କଲେଜ ଅଧ୍ୟକ୍ଷ ହେମନ୍ତ ବାରିକ ମୁଖ୍ୟବକ୍ତା ଓ କଲମପୁର ପୂର୍ବତନ ସରପଞ୍ଚ ଚତୁର୍ଭୁଜ ପଣ୍ଡା, ଲିଙ୍ଗରାଜ ଧଙ୍ଗଡାମାଝୀ, ସୁଶିଲ ପତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବବ୍ରୁବାହନ ରଣା ଓ ଭବାନୀ ଗହୀର ଖେଳ ପରିଚାଳନା କରିଥିଲେ।


ଖେଳାଳିଙ୍କ ଗହଣରେ ଅତିଥିମାନେ।

# ରବିଧାନ ବିକ୍ରି ନେଇ ଚିନ୍ତାରେ ଚାଷୀ

**ଭବାନୀପାଟଣା, ୨୨।୪ (ଉତ୍ତମ କୁମାର ଦାଶ)**

## ୧୨ ହଜାର ଚାଷୀ ପଞ୍ଜୀକରଣରୁ ବାଦ୍ ପଡିଛନ୍ତି

କଳାହାଣ୍ଡି ଜିଲାରେ ଖରିଫ ମଣ୍ଡି ବେଳେ ଚାଷୀମାନେ ଦହଗଞ୍ଜ ହେବାପରେ ବର୍ତ୍ତମାନ ରବି ଋତୁରେ ପ୍ରାୟ ୧୨ହଜାର ଚାଷୀ ଧାନ ବିକ୍ରି ପାଇଁ ପଞ୍ଜୀକରଣରୁ ବାଦ୍ ପଡି ଚିନ୍ତାରେ ଅଛନ୍ତି। ଏ ନେଇ ତଳୁ ଉପରଯାଏ ସମସ୍ତେ ନୀରବଦ୍ରଷ୍ଟା ସାଜିବା ଘଟଣା ଚାଷୀଙ୍କ ମୁଣ୍ଡରେ ଚଡ଼କ ପଡିବା ସଦୃଶ ହୋଇଛି। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, କଳାହାଣ୍ଡି ଜିଲାର ଇନ୍ଦ୍ରାବତୀ ମେଗା ଲିଫ୍ଟ ଯୋଜନାର ପ୍ରାୟ ୧୨ହଜାର ଚାଷୀ ଏବେ ପଞ୍ଜୀକରଣରୁ ବାଦ ପଡିଛନ୍ତି। ଇନ୍ଦ୍ରାବତୀ ପ୍ରକଳ୍ପ ଯୋଗୁ ରବି ଚାଷ ନିମନ୍ତେ ୫୭ ହଜାର ୫୭୪ ହେକ୍ଟର ଜମିରେ ଜଳସେଚନ ପାଇଁ ଧାର୍ଯ୍ୟ ଥିବାବେଳେ ମେଗା ଲିଫ୍ଟ ମାଧ୍ୟମରେ ୧୮ ହଜାର ୮୫୫ ହେକ୍ଟର ଜମିରେ ଜଳସେଚିତ ହେବା ପାଇଁ ନିଷ୍ପତ୍ତି ହୋଇଛି । ଗତ ୩୧ ତାରିଖରେ ଜିଲାସ୍ତରୀୟ ଧାନ କିଣା କମିଟି ବୈଠକ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମେଗା ଲିଫ୍ଟର ରବି ଜଳସେଚନ ପାଇଁ ୧ ହଜାର ୮୫୫ ହେକ୍ଟର ଜମିରେ ପାଣି ଛଡାଯିବା ପାଇଁ ନିଷ୍ପତ୍ତି ହୋଇଥିଲା। ଏହା ପରେ ଜାନୁଆରୀ ୭ ତାରିଖରୁ ମେଗା ଲିଫ୍ଟ କେନାଲରେ ପାଣି ଛଡାଗଲା। ଖରିଫ ଧାନ ବିକ୍ରି ନିମନ୍ତେ ମାର୍ଚ୍ଚ ୧୦ରୁ ୨୫ ତାରିଖ ପର୍ଯ୍ୟନ୍ତ ପଞ୍ଜୀକରଣ ସମୟ ରହିଥିଲା। କିନ୍ତୁ ମେଗା ଲିଫ୍ଟ ଜଳସେଚିତ ଅଞ୍ଚଳ ପାଇଁ ଚାଷୀମାନେ ପଞ୍ଜୀକରଣରୁ ବାଦ ପଡିଥିଲେ। ଅନ୍‌ଲାଇନରେ ଏହି ମେଗା ଲିଫ୍ଟ ଅଞ୍ଚଳ ପାଇଁ ଅପ୍‌ସନ୍ ନ ଥିବାରୁ ଚାଷୀମାନେ ଚିନ୍ତାରେ ପଡିଥିଲେ। ଏ ନେଇ ଜିଲାପାଳଙ୍କଠୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ ଚାଷୀ ପ୍ରତିନିଧିମାନେ ଫେରାଦ ହୋଇଥିଲେ। ଲାଞ୍ଜିଗଡ ଓ ଧର୍ମଗଡ ବିଧାୟକ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ ମଧ୍ୟ କରିଥିଲେ। କିନ୍ତୁ କୋଣସି ପଦକ୍ଷେପ ନିଆଯାଇ ନ ଥିଲା। ବର୍ତ୍ତମାନ ଚାଷ କରିଥିବା ଏହି ଅଞ୍ଚଳରେ ହାରାହାରି ୧୧.୩୮ ଲକ୍ଷ କୁଇଣ୍ଟାଲ ଧାନ ବିକ୍ରି କରିବା ପାଇଁ ଚାଷୀମାନଙ୍କୁ ଚିନ୍ତାରେ ପକାଇଛି। ଆଗକୁ ଏ ନେଇ କୌଣସି ପଦକ୍ଷେପ ନିଆ ନ ଗଲେ ଚାଷୀମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ତେଣୁ ରାଜ୍ୟ ସରକାର ତୁରନ୍ତ ମେଗା ଲିଫ୍ଟ ଜଳସେଚିତ ଅଞ୍ଚଳର ଚାଷୀମାନଙ୍କ ପାଇଁ ରବି ଧାନ ବିକ୍ରି ନିମନ୍ତେ ଠୋସ ପଦକ୍ଷେପ ନେବା ପାଇଁ ଚାଷୀ ମହଲରେ ଦାବି ହୋଇଛି।

**ବାଟୋଇଙ୍କୁ ଦହି ପଖାଳ ବଣ୍ଟନ**

ଘଣ୍ଟାପଡ଼ା (ପ୍ରଭାତ କୁମାର ସାହୁ): ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ା ଥାନା ପକ୍ଷରୁ ଦହିପଖାଳ ବଣ୍ଟନ କରାଯାଇଛି। ରୌଦ୍ରତାପକୁ ନଜରରେ ରଖି ଘଣ୍ଟାପଡ଼ା ବଜାର ଛକରେ ବାଟୋଇଙ୍କୁ ଦହିପଖାଳ ଦେଇ ଖରାରେ ଜରୁରୀ କାର୍ଯ୍ୟ ନ ଥିଲେ ଘରୁ ନ ବାହାରିବା ପାଇଁ ସଚେତନ କରିଥିଲେ। ଅଂଶୁଘାତକୁ ରୋକିବା ପାଇଁ ଘଣ୍ଟାପଡ଼ା ପୋଲିସ ପକ୍ଷରୁ ଏକ ଛୋଟିଆ ପ୍ରୟାସ ବୋଲି ଥାନାଧିକାରୀ ସୌମ୍ୟରଞ୍ଜନ ପାତ୍ର ପ୍ରକାଶ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଏଏସ୍ଆଇ ଗୋବିନ୍ଦ ମଲିକ, କର୍ମଚାରୀ ସୁଶାନ୍ତ ମଲିକ, ଗିରିଧାରୀ ମାଝୀ ପ୍ରମୁଖ ସହଯୋଗ କରିଥିଲେ।

**ସଂକ୍ଷେପରେ**

## ପୋଲିସ କର୍ମଚାରୀ ସ୍ତରରେ ବଦଳି

**ବରଗଡ଼,୨୨।୪(ପ୍ରେମାନନ୍ଦ ଖମାରୀ):**

ବରଗଡ଼ ଜିଲାରେ କାର୍ଯ୍ୟରତ ପୋଲିସ କର୍ମଚାରୀ ହାବିଲଦାର ଏବଂ କନ୍‌ଷ୍ଟେବଲ ସ୍ତରରେ ବଡ଼ଧରଣର ବଦଳି ହୋଇଛି। ଏଥିରେ ୧୦ଜଣ ପୋଲିସ ହାବିଲଦାର ଏବଂ ୧୨୦ ଜଣ ପୋଲିସ କନ୍‌ଷ୍ଟେବଲଙ୍କ ମଧ୍ୟରେ ଅଦଳବଦଳ ହୋଇଛି। ବରଗଡ଼ ଟାଉନ ଥାନାରେ କାର୍ଯ୍ୟରତ ହାବିଲଦାର ଉର୍କୁଲୁ ଭୋଇଙ୍କୁ ଝାରବନ୍ଧ ଥାନାକୁ ବଦଳି କରାଯାଇଛି। ସେହିପରି ହାବିଲଦାର ଅନିରୁଦ୍ଧ ମିଶ୍ରଙ୍କୁ ବରଗଡ଼ ସଦର ଥାନାରୁ ବରଗଡ଼ ଟାଉନ ଥାନା, ଟଙ୍କଧର ଭୋଇଙ୍କୁ ବରଗଡ଼ ଗ୍ରାମାଞ୍ଚଳ ଥାନାରୁ ଭଟଲି ଥାନା, କୀର୍ତ୍ତି କୁମାର ସୋରେନ୍‌ଙ୍କୁ ଭଟଲିରୁ ଅତାବିରା ଥାନା, ଚତୁର୍ଭୁଜ ବଗର୍ତ୍ତାଙ୍କୁ ଅତାବିରାରୁ ଭେଡେନ ଥାନାକୁ ବଦଳି କରାଯାଇଛି। ଅନୁରୂପ ଭାବେ ଜୟରାମ ଆଚାର୍ଯ୍ୟଙ୍କୁ ଭେଡେନ ଥାନାରୁ ବରଗଡ଼ ସଦର ଥାନା, ପ୍ରକାଶ ଆଚାର୍ଯ୍ୟଙ୍କୁ ପଦ୍ମପୁରରୁ ବରଗଡ଼ ଗ୍ରାମାଞ୍ଚଳ ଥାନା, ମୋତିଲାଲ ନାଏକଙ୍କୁ ଝାରବନ୍ଧରୁ ଗାଇସିଲେଟ ଥାନା, ରାଜକୁମାର ଯୋଷୀଙ୍କୁ ଗାଇସିଲେଟରୁ ଜଗଦଲପୁର ଥାନା ଏବଂ ବିଜୟ କୁମ୍ଭାରଙ୍କୁ ଜଗଦଲପୁରରୁ ପଦ୍ମପୁର ଥାନାକୁ ବଦଳି କରାଯାଇଛି। ସେହିପରି ବଦଳି ହୋଇଥିବା ୧୨୦ଜଣ କନ୍‌ଷ୍ଟେବଲଙ୍କ କ୍ଷେତ୍ରରେ ଜିଲାର ବିଭିନ୍ନ ଥାନାକୁ ଅଦଳବଦଳ କରାଯାଇଥିବା ସୂଚନା ମିଳିଛି।

## କବିଙ୍କ ଜନ୍ମମାଟିରେ ଜୟନ୍ତୀ ସମାରୋହ

**ବରଗଡ଼,୨୨।୪(ପ୍ରେମାନନ୍ଦ ଖମାରୀ):** ବରଗଡ଼ ବ୍ଲକ ଅନ୍ତର୍ଗତ ସରସରା ଗ୍ରାମସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ସୋମବାର କବି ଖଗେଶ୍ୱର ଶେଠଙ୍କ ଜୟନ୍ତୀ ସମାରୋହ ପାଳିତ ହୋଇଯାଇଛି। ସରସରା କବି ସ୍ୱର୍ଗତ ଶେଠଙ୍କ ଜନ୍ମମାଟି ହୋଇଥିବାବେଳେ ସ୍ଥାନୀୟ ଖଗେଶ୍ୱର ସାହିତ୍ୟ ସଂସଦ ଉକ୍ତ କାର୍ଯ୍ୟକ୍ରମ ଆୟୋଜନ କରିଥିଲା। ପ୍ରଧାନଶିକ୍ଷକ ପ୍ରବୋଧ କୁମାର ଦାଶ ଏଥିରେ ସଭାପତିତ୍ୱ କରିଥିଲେ। ସ୍ଥାନୀୟ କଲେଜ ଅଧ୍ୟକ୍ଷ ଗୋପାଳକୃଷ୍ଣ ମିଶ୍ର ଜୟନ୍ତୀ ସମାରୋହରେ ମୁଖ୍ୟବକ୍ତା ଭାବେ ଯୋଗଦେଇ କବିଙ୍କ ସାହିତ୍ୟ ସୃଜନୀ ଓ ଜୀବନୀ ଉପରେ ଆଲୋକପାତ କରିଥିଲେ। ସହକାରୀ ଶିକ୍ଷକ ପ୍ରଦେଶୀ ବାରିକ ସଭା ପରିଚାଳନା କରିଥିଲେ। ବଳରାମ ପ୍ରଧାନ, ଦାମୋଦର ଭୋଇ, ବୈକୁଣ୍ଠ ପ୍ରଧାନ, ସୁବଳ ଭୋଇ ମଧ୍ୟ କବିଙ୍କ ସ୍ମୃତିଚାରଣ କରିଥିଲେ। ସୁଶାନ୍ତ ପଣ୍ଡା, ବିନୋଦ ଭୋଇ, ଅଶୋକ ଭୋଇ, ଜ୍ଞାନବ୍ରତ ଭୋଇ, ସୁଦାମ ସା, ସତ୍ୟପ୍ରକାଶ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଛାତ୍ରୀ ସୌମ୍ୟାଶ୍ରୀ ପଣ୍ଡା କବିଙ୍କ ସମ୍ପର୍କରେ ସ୍ୱରଚିତ କବିତା ପାଠ କରିଥିଲେ। ଏହି ଅବସରରେ କବିଙ୍କ ସମ୍ପର୍କରେ କୁଇଜ୍ ଏବଂ ବକ୍ତୃତା ପ୍ରତିଯୋଗିତା ହୋଇଥିଲା। ଖଗେଶ୍ୱର ସାହିତ୍ୟ ସଂସଦ ତରଫରୁ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଷୋହଳ ପ୍ରହର ନାମଯଜ୍ଞ ଉଦ୍‌ଯାପିତ

**ଝାରବନ୍ଧ,୨୨।୪(ଦେବେନ୍ଦ୍ର ସାହୁ):** ଝାରବନ୍ଧ ବ୍ଲକ ଅନ୍ତର୍ଗତ କୋତନାଠାରେ ତିନିଦିନ ଧରି ଚାଲିଥିବା ଷୋହଳ ପ୍ରହର ନାମଯଜ୍ଞ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଗୌଡ଼ମାଳ, ନୀଳଜି ପତ୍ରା, ଛୁନଛୁଆଁ, ଜମରଲ୍ଲା, କୋତନା ଗ୍ରାମର ସଂକୀର୍ତ୍ତନ ଦଳ ଅଂଶଗ୍ରହଣ କରିଥିଲେ। ଏହି ଯଜ୍ଞରେ କର୍ତ୍ତା ଭାବରେ ଗାଁର ଗୌନ୍ତିଆ ରଜନୀକାନ୍ତ ପ୍ରଧାନ ଓ ତାଙ୍କ ସହଧର୍ମିଣୀ ଇନ୍ଦିରା ପ୍ରଧାନ ଦାୟିତ୍ୱ ତୁଲାଇଥିଲେ। ଯଜ୍ଞ ପୁରୋହିତ ଭାବରେ ପଣ୍ଡିତ ଝସକେତନ ନନ୍ଦ, ସନାତନ ନନ୍ଦ, ଚୂଡ଼ାମଣି ମହାପାତ୍ର ପୂଜା ହୋମଯଜ୍ଞ ସମ୍ପାଦନ କରିଥିଲେ। ସୋମବାର ସ୍ଥାନୀୟ ପୂର୍ଣ୍ଣବନ୍ଧ ପୋଖରୀରୁ ଶହ ଶହ ସଂଖ୍ୟାରେ ମହିଳା ଅଂଶଗ୍ରହଣ କରି ୧୦୮ ପୂର୍ଣ୍ଣକଳସ ଆଣି ଗାଁରେ କଳସ ଶୋଭାଯାତ୍ରା ପରେ ରାଧାକୃଷ୍ଣ ପ୍ରତିମୂର୍ତ୍ତିଠାରେ ସ୍ଥାପନ କରି ଅଖଣ୍ଡ ନାମ ସଂକୀର୍ତ୍ତନ ଆରମ୍ଭ ହୋଇଥିଲା। ବୁଧବାର ଠାକୁରଙ୍କଠାରେ ଛପନ ଭୋଗ ଲଗାଯାଇଥିଲା। ସନ୍ଧ୍ୟାରେ ପୂର୍ଣ୍ଣାହୁତି ପରେ ଦହିହାଣ୍ଡି ଭଙ୍ଗାଯାଇ ଭାବଭକ୍ତିର କାର୍ଯ୍ୟକ୍ରମ ବୈଠକ ଅନୁଷ୍ଠିତ ହୋଇଥିଲା। ପରେ କଳସ ବିସର୍ଜନ କରାଯାଇଥିଲା। ଏହି ଅଖଣ୍ଡ ନାମଯଜ୍ଞକୁ ବିନୋବା ପ୍ରଧାନ, ଦିବ୍ୟ କିଶୋର ପଣ୍ଡା, କମଳାକାନ୍ତ ପ୍ରଧାନ, ଜଗଦୀଶ ବାଙ୍କା, ଦୁବରାଜ ବରିହା, ଗୋବର୍ଦ୍ଧନ ନାଏକ, ରବିଶଙ୍କର ବାରିକ ପ୍ରମୁଖ ଯଜ୍ଞ ପରିଚାଳନା ଦାୟିତ୍ୱ ତୁଲାଇଥିଲେ।

# ତାତି ଥମିନି, ଆଶ୍ରୟ ପାଇଁ ଜାଗା ନାହିଁ

- ଆଶ୍ରୟସ୍ଥଳୀ ଅଭାବ, ଲୋକେ ହଟହଟା
- କାଁ ଭାଁ ଜଳଛତ୍ର, ପାଣି ପିଉଛନ୍ତି କିଣି

**ବରଗଡ଼,୨୨।୪(ପ୍ରେମାନନ୍ଦ ଖମାରୀ)**

ତାପମାତ୍ରା ଥମିବାର ନାଁ ନେଉ ନାହିଁ। ବରଗଡ଼ ଜିଲାରେ ଦିନକୁଦିନ ତାପମାତ୍ରା ବଢ଼ି ଚାଲିଛି। ତାତି ସାଙ୍ଗକୁ ଗୁଳୁଗୁଳି, ଗ୍ରୀଷ୍ମ ପ୍ରବାହ ଜନଜୀବନକୁ ଆହୁରି ଦହଗଞ୍ଜ କରିପକାଉଛି। ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଏହାର ପ୍ରଭାବ ଲାଗି ରହୁଛି। ରାତିରେ ମଧ୍ୟ ଗୁଳୁଗୁଳିରୁ ନିସ୍ତାର ମିଳୁ ନାହିଁ। ବିଭିନ୍ନ ସମୟରେ ବିଦ୍ୟୁତ୍ କାଟ୍ ଆହୁରି ଅସ୍ତବ୍ୟସ୍ତ କରିପକାଉଛି। ଅନ୍ୟପଟେ ଗ୍ରୀଷ୍ମ ମୁକାବିଲା ପାଇଁ ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଇଥିବା କୁହାଯାଉଥିଲେ ସୁଦ୍ଧା ତାହା ଧର୍ମକୁ ଆଖିଠାର ଭଳି ହୋଇଥିବା ପରିଲକ୍ଷିତ ହେଉଛି।

ତାତି ବୃଦ୍ଧି ଯୋଗୁ ଗ୍ରାମାଞ୍ଚଳଠାରୁ ସହରାଞ୍ଚଳ ପର୍ଯ୍ୟନ୍ତ ଲୋକଙ୍କ ଦୁର୍ଦ୍ଦଶା ବଢ଼ି ଚାଲିଛି। ସହରାଞ୍ଚଳରେ ଏହି ସମସ୍ୟା ଅଧିକ ରହିଛି। ତାତି ସମୟରେ ଲୋକେ ପୂର୍ବରୁ ରାସ୍ତାପାର୍ଶ୍ୱ ଦୋକାନ ବାରଣ୍ଡାରେ ଆଶ୍ରୟ ନେଇ କିଛି ସମୟ ବିତାଉଥିଲେ। ମାତ୍ର ଜବରଦଖଲ ଉଚ୍ଛେଦ ଯୋଗୁ ସେଭଳି ଅନେକ ଦୋକାନ ଗୃହକୁ ହଟାଇଦେଇଛି। କେବଳ ସେତିକି ନୁହେଁ, ତାତି ସମୟରେ ଲୋକଙ୍କୁ


ବରଗଡ଼ ବୀରଛକ(ହଳଦୀପାଲି)ରେ ଟାଣଖରାରେ ବସ୍ ଅପେକ୍ଷାରେ ରହିଥିବା ଲୋକେ।

ଛାଇ ଦେଉଥିବା ରାସ୍ତାପାର୍ଶ୍ୱ ସମେତ ବିଭିନ୍ନ ସ୍ଥାନରେ ଦୀର୍ଘଦିନରୁ ରହିଥିବା ଗଛଗୁଡ଼ିକ ମଧ୍ୟ ଆଉ ନାହିଁ। ଫଳରେ ଏବେ ଟାଣଖରାରେ ଆଶ୍ରୟ ନେବା ପାଇଁ ଲୋକଙ୍କୁ ବହୁ ହଟହଟା ହେବାକୁ ପଡୁଛି।

ଫଳରେ ଏବେ ତାତିରୁ ମୁକ୍ତି ପାଇଁ ମୁଣ୍ଡ ଗୁଞ୍ଜିବାକୁ ପଥଚାରୀମାନଙ୍କୁ ବାର ଶୁଣ୍ଢୀପିଣ୍ଡା ହେବାକୁ ପଡୁଛି। ସେହିପରି ରାସ୍ତାଘାଟରେ ରହିଥିବା ଅସ୍ଥାୟୀ ବସ୍‌ଷ୍ଟପ୍, ଅଟୋ ଷ୍ଟାଣ୍ଡଗୁଡ଼ିକରେ ଯାତ୍ରୀମାନଙ୍କୁ ମଧ୍ୟ ଖରାତାତି ସହିତ ବସ୍, ଅଟୋ ଆଦିକୁ ଦୀର୍ଘ ସମୟ ଧରି ଅପେକ୍ଷା କରିବାକୁ ପଡୁଛି। ବରଗଡ଼ ସହର ସମେତ ଜିଲାର ବିଭିନ୍ନ ସ୍ଥାନରେ ଲୋକେ ଏଭଳି ଦୁର୍ଦ୍ଦଶାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି। ମାତ୍ର ଏଭଳି ସ୍ଥାନରେ କେଉଁଠି ମଧ୍ୟ ରାସ୍ତାପାର୍ଶ୍ୱରେ ଗ୍ରୀଷ୍ମ ମୁକାବିଲା ପାଇଁ ଆଶ୍ରୟସ୍ଥଳୀ ଖୋଲାଯାଇଥିବା ଦେଖିବାକୁ ମିଳୁ ନାହିଁ ଏବଂ ପଥଚାରୀଙ୍କଠାରୁ ଆରମ୍ଭ କରି ଯାତ୍ରୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ହଟହଟା ହେବାକୁ ପଡୁଛି।

ସେହିପରି ରାସ୍ତାଘାଟ କିମ୍ବା ଜନବହୁଳ ସ୍ଥାନରେ ପର୍ଯ୍ୟାପ୍ତ ପାନୀୟଜଳ ବ୍ୟବସ୍ଥା ମଧ୍ୟ ରହିଥିବା ଦେଖିବାକୁ ମିଳୁନାହିଁ। କାଁ ଭାଁ କେଉଁଠି ଜଳଛତ୍ର ଖୋଲାଯାଇଥିଲେ ମଧ୍ୟ ତାହା ପର୍ଯ୍ୟାପ୍ତ ନୁହେଁ। ଅନ୍ୟପଟେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ରାସ୍ତାପାର୍ଶ୍ୱରେ ଥଣ୍ଡା ପାନୀୟ, ସରବତ ଆଦି ବଣ୍ଟନ କରାଯାଉଛି। ତେବେ ପର୍ଯ୍ୟାପ୍ତ ଜଳଛତ୍ର ନ ଥିବାରୁ ବାଟେଘାଟେ ଲୋକେ ରାସ୍ତାପାର୍ଶ୍ୱ ଦୋକାନରୁ ପାଣି, ସରବତ କିଣି ପିଉଥିବା ପରିଲକ୍ଷିତ ହେଉଛି। ଏହାସହିତ ଫୁଟ୍‌ପାଥ୍‌ରୁ ତରଭୁଜ କିଣି ଖାଇବା ସହିତ ପଇଡ଼ ପାଣି ପିଉଥିବା ଦେଖିବାକୁ ମିଳୁଛି। ତେବେ ତାତି ଯେଭଳି ବଢ଼ି ଚାଲିଛି, ତୁରନ୍ତ ପଥଚାରୀଙ୍କ ପାଇଁ ଅସ୍ଥାୟୀ ଆଶ୍ରୟସ୍ଥଳୀ ନିର୍ମାଣ ସହିତ ପର୍ଯ୍ୟାପ୍ତ ଜଳଛତ୍ର ଖୋଲା ନଗଲେ ଲୋକଙ୍କ ଏହି ଦୁର୍ଦ୍ଦଶା ଆହୁରି ବଢ଼ିବା ସହିତ ଲୋକେ ଅଂଶୁଘାତର ସମ୍ମୁଖୀନ ହେବାର ମଧ୍ୟ ଆଶଙ୍କା ରହିଛି।

### ୨୫ ଯାଏ ବଢ଼ିଲା ସ୍କୁଲ, କଲେଜ ଛୁଟି

ଗ୍ରୀଷ୍ମ ପ୍ରବାହ ଏବଂ ତାତି ବୃଦ୍ଧିକୁ ଦୃଷ୍ଟିରେ ରଖି ବରଗଡ଼ ଜିଲାରେ ସ୍କୁଲ, କଲେଜ, ବୈଷୟିକ ଶିକ୍ଷାନୁଷ୍ଠାନ ଏବଂ ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକରେ ଛୁଟିକୁ ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ବରଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ (ଆପାତକାଳୀନ ବିଭାଗ) ପତ୍ରସଂଖ୍ୟା– ୬୨୦୪ (ତା.୨୨।୪।୨୦୨୬)ରେ ଏହି ସୂଚନା ଦିଆଯାଇଛି। ତେବେ ପୂର୍ବ ନିର୍ଦ୍ଧାରିତ ବିଭିନ୍ନ ପରୀକ୍ଷାଗୁଡ଼ିକୁ ଏହି ଛୁଟିରୁ ବାଦ୍ ଦିଆଯାଇଛି।

# ମହିଳା ସଂରକ୍ଷଣ ଓ ଡିଲିମିଟେଶନ ବିଲ୍‌କୁ ନେଇ ଭାଜପାର ଅପପ୍ରଚାର, ଷଡ଼ଯନ୍ତ୍ର: କଂଗ୍ରେସ



ଖବରଦାତା ସମ୍ମିଳନୀରେ ଦଳର ସଭାପତି ଓ ଅନ୍ୟମାନେ।

**ବୌଦ୍ଧ, ୨୨।୪(ଅଜିତ କୁମାର ବାରିକ)**

ଦେଶରେ ମହିଳା ସଂରକ୍ଷଣ ଓ ଡିଲିମିଟେସନ ବିଲ୍‌କୁ ନେଇ ବୌଦ୍ଧ ଜିଲା କଂଗ୍ରେସ ପକ୍ଷରୁ ସର୍କିଟହାଉସ ଠାରେ ବୁଧବାର ଜିଲା ସଭାପତି ଅବଦୁଲ କଲିମ ଖାନଙ୍କ ସଭାପତିତ୍ୱରେ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ପୂର୍ବତନ ଜିଲା ସଭାପତି ନବକୁମାର ମିଶ୍ର ଯୋଗଦେଇ ଦେଶରେ ମହିଳା ସଂରକ୍ଷଣ ଓ ଡିଲିମିଟେସନ ବିଲ୍‌କୁ ନେଇ ଭାଜପା ଅପପ୍ରଚାର କରିବା ସହ ଷଡଯନ୍ତ୍ର କରୁଥିବା ନେଇ ଅଭିଯୋଗ କରିଥିଲେ। ମିଶ୍ର ମହିଳା ସଂରକ୍ଷଣ ବିଲ ୨୦୨୩ ମସିହାରୁ ଆଇନରେ କାର୍ଯ୍ୟକାରୀ ହୋଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ଭାଜପା ସରକାର କାର୍ଯ୍ୟକାରୀ କରି ନ ଥିବାବେଳେ ପୁଣି ମହିଳା ସଂରକ୍ଷଣ ବିଲ୍ ଆଣିବା ଭାଜପାର ହାସ୍ୟାସ୍ପଦ କଥା କହିବା ସହ ୨୦୨୩ ମସିହାର ମହିଳା ସଂରକ୍ଷଣ ବିଲ୍‌କୁ ତୁରନ୍ତ କାର୍ଯ୍ୟକାରି କରନ୍ତୁ ବୋଲି କହିଥିଲେ। ମହିଳା ସଂରକ୍ଷଣ ବିଲ୍ ନାମରେ ଡିଲିମିଟେସନ ବିଲ୍‌କୁ ପାରିତ କରିବା ଭାଜପା ସରକାରର ଷଡଯନ୍ତ୍ର ବୋଲି କହିଥିଲେ। ଯାହାହେଉ ବିରୋଧି ଦଳଗୁଡିକ ଭାଜପା ଚକ୍ରାନ୍ତ ଜାଣିବା ପରେ ଏହା କାଟ ଖାଇଲା ବୋଲି କହିଥିଲେ। ସମ୍ମିଳନୀରେ ପିସିସିର ପୂର୍ବତନ ସାଧାରଣ ସମ୍ପାଦକ ପ୍ରକାଶ ମିଶ୍ର ଯୋଗଦେଇ ମହିଳା ସଂରକ୍ଷଣ ଓ ଡିଲିମିଟେସନ ବିଲ୍‌କୁ ନେଇ ଭାଜପା କୁମ୍ଭୀର କାନ୍ଦଣା କରୁଥିବା କହିଥିଲେ। ଏହା ସହ ବର୍ତ୍ତମାନ ୪ଟି ରାଜ୍ୟର ନିର୍ବାଚନ ଚାଲିଥିବାବେଳେ ଏତେ ତରତରରେ କାହିଁକି ବିଲ୍ ନେଇ ପ୍ରଶ୍ନ କରାଯାଉଛି, ଏହା ମହିଳା ଭୋଟରଙ୍କୁ ପ୍ରଲୋଭିତ କରିବାକୁ କରାଯାଉଥିବା ମଧ୍ୟ କହିଥିଲେ। ମହିଳାଙ୍କୁ ଭାଜପା ସରକାର ବଞ୍ଚିତ କରୁଥିବା କହିବା ସହ ଭାଜପା ସରକାର ଗଣତନ୍ତ୍ରକୁ ହତ୍ୟା କରୁଥିବା ନେଇ କହିଥିଲେ। ଭାଜପାର ହୀନ ଚକ୍ରାନ୍ତ ନେଇ ଆଗାମୀ ଦିନରେ ଦଳ ଗାଁରେ ଗାଁରେ ପହଞ୍ଚିବ ସେ ନେଇ କାର୍ଯ୍ୟକରିବାକୁ କହିଥିଲେ। ସମ୍ମିଳନୀରେ ପୂର୍ବତନ ଯୁବ କଂଗ୍ରେସ ସଭାପତି ମହେଶ୍ୱର ପ୍ରଧାନ, ପ୍ରିୟବ୍ରତ ଦେହୁରି ପ୍ରମୁଖ ଉପସ୍ଥିତ ଥିଲେ।

# ଛାତ୍ରୀଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା, ୧୧ ପୁରସ୍କୃତ



ଅତିଥି, ଅଧ୍ୟାପିକା, ଅଧ୍ୟାପକଙ୍କ ଗହଣରେ ଛାତ୍ରୀଛାତ୍ର।

**ବରଗଡ଼,୨୨।୪(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ସ୍ଥିତ ବିକାଶ ହାୟର ଏଜୁକେଶନାଲ ଇନ୍‌ଷ୍ଟିଚ୍ୟୁଶନ୍ସ ଅନ୍ତର୍ଗତ ବିକାଶ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିରେ ବି–ଟେକ୍ ଏବଂ ଇଣ୍ଟିଗ୍ରେଟେଡ୍ ଏମ୍‌ଏସ୍‌ସିର ଶେଷବର୍ଷ ଛାତ୍ରୀଛାତ୍ରଙ୍କ ପାଇଁ ବିଦାୟୀ ସମ୍ବର୍ଦ୍ଧନା ସମାରୋହ ମେମୋରେବିଲିଆ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିକାଶ ହାୟର ଏଜୁକେଶନାଲ ଇନ୍‌ଷ୍ଟିଚ୍ୟୁଶନ୍ସର ଚେୟାରମ୍ୟାନ ଡି. ମୁରଲୀ କ୍ରିଷ୍ଣା ମୁଖ୍ୟ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହିତ କଠିନ ପରିଶ୍ରମ, ନିଷ୍ଠା ଓ କାର୍ଯ୍ୟ କୁଶଳତା ମାଧ୍ୟମରେ ଏକ ସଫଳ ଯନ୍ତ୍ରୀ ଓ ଉଦ୍ୟୋଗୀ ହେବା ପାଇଁ ପରାମର୍ଶ ଦେଇଥିଲେ। ଅନୁଷ୍ଠାନର ଚିଫ୍ ଆଡ୍‌ମିନିଷ୍ଟ୍ରେଟିଭ ଅଫିସର ଇଂ. ଅଜୟ କୁମାର ମହାପାତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ବିକାଶ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିର ଅଧ୍ୟକ୍ଷ ଡ. ପୂର୍ଣ୍ଣେନ୍ଦୁ ମିଶ୍ର ଛାତ୍ରୀଛାତ୍ରମାନଙ୍କର ଦକ୍ଷତା ମାଧ୍ୟମରେ ଉତ୍କର୍ଷ ଓଡ଼ିଶା ଓ ବିକଶିତ ଭାରତ ଗଠନରେ ଯୋଗଦାନ ପାଇଁ ଆହ୍ୱାନ ଦେଇଥିଲେ। ବିକାଶ ପଲିଟେକ୍ନିକ୍‌ର ଅଧ୍ୟକ୍ଷ ଡ. ଦିଲୀପ ଖମାରୀ ସ୍ୱାଗତ ଭାଷଣ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିକାଶ ହାୟର ଏଜୁକେଶନାଲ ଇନ୍‌ଷ୍ଟିଚ୍ୟୁଶନ୍ସର ସିନିୟର ଆଡ୍‌ଭାଇଜର, ସମସ୍ତ ଅଧ୍ୟକ୍ଷା, ଅଧ୍ୟକ୍ଷ, ଡିନ୍ (ଷ୍ଟୁଡେଣ୍ଟ ଆଫେୟାର) ଏବଂ ଉପାଧ୍ୟକ୍ଷ ଉପସ୍ଥିତ ରହି ବିଦାୟୀ ଛାତ୍ରୀଛାତ୍ରଙ୍କ ସଫଳ ଭବିଷ୍ୟତ କାମନା କରିଥିଲେ। ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ତତ୍ତ୍ୱାବଧାନରେ ତୃତୀୟ ବର୍ଷର ଛାତ୍ରୀଛାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଶେଷବର୍ଷର ୧୧ଜଣ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ବର୍ଗରେ ଉତ୍କର୍ଷତା ପାଇଁ ପୁରସ୍କୃତ କରାଯାଇଥିଲା। ଛାତ୍ରୀଛାତ୍ର ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀଙ୍କ ଜୟନ୍ତୀ ସମାରୋହ

**ବରଗଡ଼,୨୨।୪(ପ୍ରେମାନନ୍ଦ ଖମାରୀ):** ପ୍ରସିଦ୍ଧ ଆର୍ଯ୍ୟ ସନ୍ନ୍ୟାସୀ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀଙ୍କ ୧୦୯ତମ ଜୟନ୍ତୀ ସୋମବାର ବରଗଡ଼ରେ ପାଳିତ ହୋଇଯାଇଛି। ଟାଉନ ଆର୍ଯ୍ୟ ସମାଜର ଅଧ୍ୟକ୍ଷ ପଣ୍ଡିତ ଗୋପବନ୍ଧୁ ପୁରୋହିତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ପ୍ରାରମ୍ଭରେ ବୈଦିକ ଯଜ୍ଞ ହୋଇଥିଲା। କାର୍ଯ୍ୟକ୍ରମରେ ସ୍ୱାମିଜୀଙ୍କ ସ୍ମୃତିଚାରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ସ୍ୱାମୀ ବ୍ରହ୍ମାନନ୍ଦ କ୍ଲବର ବରିଷ୍ଠ ସଦସ୍ୟ ସଚ୍ଚିଦାନନ୍ଦ ପଣ୍ଡା, ଶିବାଜୀ ପ୍ରଧାନ, ରବି ଶଙ୍କର ପ୍ରଧାନ, କପିଳେଶ୍ୱର ବାଗ ପ୍ରମୁଖ ଯୋଗ ଦେଇଥିଲେ। ବୈଦିକ ପରମ୍ପରା ଓ ସଂସ୍କୃତ ଭାଷାର ସୁରକ୍ଷା ପାଇଁ ତାଙ୍କର ଅବଦାନ ଅତୁଳନୀୟ ବୋଲି ଉପସ୍ଥିତ ଆର୍ଯ୍ୟ ବିଦ୍ୱାନ୍‌ମାନେ ମତ ପ୍ରକାଶ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବରିଷ୍ଠ ସଦସ୍ୟ ମନୋଜ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ।

# କବି ଖଗେଶ୍ୱର ଶେଠଙ୍କ ଜୟନ୍ତୀ


କବି ଖଗେଶ୍ୱର ଶେଠଙ୍କ ଜୟନ୍ତୀ ସମାରୋହରେ ପୁସ୍ତକ ଲୋକାର୍ପିତ ହେଉଛି।।

**ବରଗଡ଼,୨୨।୪(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ବିଜେପୁର ଖଗେଶ୍ୱର ସାହିତ୍ୟ କଳା ପରିଷଦ ପକ୍ଷରୁ ସୋମବାର ସାହିତ୍ୟପ୍ରାଣ କବି ଖଗେଶ୍ୱର ଶେଠ ଜୟନ୍ତୀ ଉତ୍ସବ ସମାରୋହରେ ପାଳିତ ହୋଇଯାଇଛି। କଟାପାଲି ଲଳିତା ଦେବୀ ମହିଳା ମହାବିଦ୍ୟାଳୟରେ ସଭାପତି ମୋହନ ସିଂ କନ୍ହେଇଙ୍କ ଅଧ୍ୟକ୍ଷତା ତଥା ସମ୍ପାଦକ ରାଜେଶ୍ୱର ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ଜୟନ୍ତୀ ସଭାରେ ପ୍ରାଧ୍ୟାପକ ଡ. ପ୍ରଦୀପ କୁମାର ପ୍ରଧାନ ମୁଖ୍ୟବକ୍ତାଭାବେ ଯୋଗ ଦେଇଥିଲେ। କଲେଜ ଅଧ୍ୟକ୍ଷ ପ୍ରଦୀପ ସାହୁ ଓ ସମ୍ପାଦକ ଭାସ୍କର ସାହୁ, ବରଗଡ଼ ଏମ୍‌ପିଙ୍କ ପ୍ରତିନିଧି ପ୍ରସନ୍ନ ପାଣିଗ୍ରାହୀ ପ୍ରମୁଖ ଅତିଥିଭାବେ ମଞ୍ଚାସୀନ ଥିଲେ। ଏହି ଅବସରରେ କବି ଖଗେଶ୍ୱର ଶେଠଙ୍କର ପଏର୍ଛାସତୀ କାବ୍ୟର ଇଂଲିଶ ଅନୁବାଦ ପୁସ୍ତକ ଲୋକାର୍ପିତ ହୋଇଥିଲା। ଏହାକୁ ସୁଷମା ଦାଶ ଅନୁବାଦ କରିଥିବାବେଳେ ସାହିତ୍ୟିକ ମୋହନ ସାହୁ ସମ୍ପାଦନା କରିଛନ୍ତି। କଣ୍ଠଶିଳ୍ପୀ ସୁଷମା ଭୋଇ କବିଙ୍କ ନିବେଦନ କବିତା ପରିବେଷଣ କରି ସମସ୍ତଙ୍କୁ ବିମୋହିତ କରି ଦେଇଥିଲେ। କ୍ରୀଡ଼ା ଶିକ୍ଷକ ବାଳକୃଷ୍ଣ ପୋଢ ସ୍ୱାଗତ ଭାଷଣ, ସହସମ୍ପାଦକ ମକରଧ୍ୱଜ ସାହୁ ଅତିଥି ପରିଚୟ, କବି ଜଗଜ୍ଜୀବନ ରାମ ତନସନା ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ହୃଷୀକେଶ ପୋଢ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ସହସମ୍ପାଦକ ମକରଧ୍ୱଜ ସାହୁଙ୍କ ସଂଯୋଜନାରେ ଆୟୋଜିତ କବିତା ପାଠ ସମାରୋହରେ ବିମଳ ତନସନା, ତରଣୀସେନ ପଧାନ, ତୁଳସୀରାମ ମେହେର, ମାଲଖୁଲୁ ହରିପାଲ, ହୃଷୀକେଶ ପୋଢ, ପୁତୁ ଭୁଏ, ଧନେଶ୍ୱର ବିଶି, ଯୁଗେଶ୍ୱର ତାଣ୍ଡି ପ୍ରମୁଖ ଯୋଗଦେଇ କବିଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

# ୯ରେ ରାଷ୍ଟ୍ରୀୟ ଲୋକ ଅଦାଲତ

**ବରଗଡ଼,୨୨।୪(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ଆଇନ ସେବା ପ୍ରାଧିକରଣ ତରଫରୁ ଜିଲାର ବରଗଡ଼, ପଦ୍ମପୁର, ସୋହେଲା, ବରପାଲି, ଭେଡେନ, ଅତାବିରା ଏବଂ ବିଜେପୁର ଅଦାଲତ ପରିସରରେ ଆସନ୍ତା ମେ ୯ ତାରିଖରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। ଏହି ଲୋକ ଅଦାଲତକୁ ଜାତୀୟ ଆଇନ ସେବା ପ୍ରାଧିକରଣ, ଦିଲ୍ଲୀ ଏବଂ ରାଜ୍ୟ ଆଇନ ସେବା ପ୍ରାଧିକରଣ, କଟକଙ୍କ ନିର୍ଦ୍ଦେଶାନୁସାରେ ଆୟୋଜନ କରାଯାଉଛି। ଏଥିରେ ଦାଖଲ ହୋଇଥିବା ଓ ପ୍ରି ଲିଟିଗେଶନ ମାମଲାଗୁଡ଼ିକୁ ସମ୍ମତିଭିତ୍ତିକ ଭାବେ ସମାଧାନ କରାଯିବ ବୋଲି ବରଗଡ଼ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଅଦାଲତରେ ପ୍ରାୟ ସମସ୍ତ ପ୍ରକାର ବିଚାରାଧୀନ ମୋକଦ୍ଦମା ଯଥା ଫୌଜଦାରି (ସାଲିସ୍‌ଯୋଗ୍ୟ), ଚେକ୍ ବାଉନ୍ସ, ବ୍ୟାଙ୍କ ଋଣ, ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ, ଶ୍ରମ ବିବାଦ, ଲୋକସେବା ସମ୍ବନ୍ଧୀୟ ମାମଲା, ବୈବାହିକ ବିବାଦ (ଛାଡ଼ପତ୍ର ବ୍ୟତୀତ), ପାରିବାରିକ ବିବାଦ, ଜମି ଅଧିଗ୍ରହଣ, ଚାକିରି ସମ୍ବନ୍ଧୀୟ (ପେନ୍‌ସନ), ରାଜସ୍ୱ ମାମଲା, ମୋଟରଯାନ ଅଧିନିୟମ ମାମଲା ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ମାମଲାର ବିଚାର ହେବ। ଲୋକ ଅଦାଲତରେ ମୋକଦ୍ଦମା କିମ୍ବା ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡ଼ିବ ନାହିଁ। ଲୋକ ଅଦାଲତଙ୍କ ରାୟ ବୈଧ ଓ ଚୂଡ଼ାନ୍ତ ହୋଇଥିବାବେଳେ ଦୀର୍ଘଦିନ ଚାଲୁ ରହିଥିବା ମୋକଦ୍ଦମାର ସହଜ ସମାଧାନ ପାଇଁ ଏବଂ ଆର୍ଥିକ ଖର୍ଚ୍ଚ, ସମୟ ଅପଚୟରୁ ନିସ୍ତାର ପାଇଁ ଏହା ଏକ ସୁଯୋଗ ହୋଇଛି। ଏହି ଦୃଷ୍ଟିରୁ ଉପରୋକ୍ତ ଲୋକ ଅଦାଲତ ସମ୍ପର୍କିତ ସବିଶେଷ ବିବରଣୀ ପାଇଁ ଜିଲା ଆଇନ ସେବା ପ୍ରାଧିକରଣ, ବରଗଡ଼ କିମ୍ବା ତାଲୁକ ଆଇନ ସେବା କାର୍ଯ୍ୟାଳୟ, ପଦ୍ମପୁର, ସୋହେଲା, ବରପାଲି ଏବଂ ଭେଡେନ ସହିତ ଯୋଗାଯୋଗ କରିବାକୁ ଜିଲା ଆଇନ ସେବା ପ୍ରାଧିକରଣ ସଚିବ ଅନୁରୋଧ କରିଛନ୍ତି।

## ପାଠ୍ୟଦାନରେ ସଂସ୍କୃତ ଭାଷାକୁ ବାଧ୍ୟତାମୂଳକ କରାଯାଉ

**ବରଗଡ଼,୨୨।୪(ପ୍ରେମାନନ୍ଦ ଖମାରୀ):** ସଂସ୍କୃତ ଭାଷା ହେଉଛି ଭାରତୀୟ ସଂସ୍କୃତିର ମୂଳାଧାର। ଏହି ଭାଷା ପ୍ରତିଟି ଭାରତୀୟ ଜାଣିବା ଉଚିତ୍ ବୋଲି ବୁଧବାର ବରଗଡ଼ ବ୍ଲକ ଡାଙ୍ଗରେ ସଂସ୍କୃତ ସୁରକ୍ଷା ମଞ୍ଚ ପକ୍ଷରୁ ଅନୁଷ୍ଠିତ ବୈଠକରେ ମତପ୍ରକାଶ ପାଇଛି। ମଞ୍ଚର ଆବାହକ କପିଳେଶ୍ୱର ବାଗଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟ ସଂସ୍କୃତ ଶିକ୍ଷକ ସଂଘର କାର୍ଯ୍ୟକାରୀ ସଭାପତି ପଣ୍ଡିତ ଗୋପବନ୍ଧୁ ପୁରୋହିତ, ବରଗଡ଼ ଜିଲା ସଂସ୍କୃତ ଶିକ୍ଷକ ସଂଘର ସମ୍ପାଦକ ଅଗସ୍ତି ପ୍ରଧାନ, ଉପସଭାପତି ଦୟାସାଗର ସାହୁ, ବରିଷ୍ଠ ସଦସ୍ୟ ବୃନ୍ଦାବନ ଠେଠୁଆର, କିରଣ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ସାମ୍ପ୍ରତିକ ସଂସ୍କୃତ ଭାଷାର ସ୍ଥିତି ସମୀକ୍ଷା କରି କ୍ଷୋଭ ପ୍ରକାଶ କରିଥିଲେ। ଉଚ୍ଚ ବିଦ୍ୟାଳୟ ସ୍ତରରେ ନୈତିକ ମୂଲ୍ୟବୋଧ ବୃଦ୍ଧି ଓ ଛାତ୍ରୀଛାତ୍ରଙ୍କ ମାନସିକ ଚାପମୁକ୍ତ ପାଇଁ ସଂସ୍କୃତ ଭାଷା ନିହାତି ଆବଶ୍ୟକ। କିନ୍ତୁ ହାଇସ୍କୁଲ ସ୍ତରରେ ସମ୍ପ୍ରତି ସଂସ୍କୃତ ଭାଷା ଇଚ୍ଛାଧୀନ ବିଷୟ ଭାବେ ରହିଛି। ସଂସ୍କୃତ ଭାଷା ସୁରକ୍ଷା ବିନା ଭାରତୀୟ ସଂସ୍କୃତି ମଧ୍ୟ ଅସମ୍ପୂର୍ଣ୍ଣ। ଆଗାମୀ ଦିନରେ ହାଇସ୍କୁଲ ଶିକ୍ଷା ବ୍ୟବସ୍ଥାରେ ସଂସ୍କୃତ ଭାଷାକୁ ବାଧ୍ୟତାମୂଳକ ବିଷୟ ଭାବେ ପାଠ୍ୟଦାନ ପାଇଁ ସରକାରୀ ସ୍ତରରେ ପଦକ୍ଷେପ ଗ୍ରହଣ କରାଯିବାକୁ ରାଜ୍ୟ ସରକାରଙ୍କଠାରେ ମଞ୍ଚ ପକ୍ଷରୁ ଦାବି ଉପସ୍ଥାପନ କରାଯିବାକୁ ବୈଠକରେ ନିଷ୍ପତ୍ତି ଗୃହୀତ ହୋଇଥିଲା।


ସଂସ୍କୃତ ଭାଷା ସୁରକ୍ଷା ମଞ୍ଚର ବୈଠକ ।

# ନାଟକକୁ ସାହିତ୍ୟ ସୃଷ୍ଟିଭାବେ ପରିଗଣିତ କରିବା ଦରକାର

**ବରଗଡ଼,୨୨।୪(ପ୍ରେମାନନ୍ଦ ଖମାରୀ)**

କବି ଖଗେଶ୍ୱର ଶେଠ କେବଳ ଓଡ଼ିଆ ଭାଷାରେ ଲେଖିପାରିଥାନ୍ତେ, କିନ୍ତୁ ସେ ନିଜସ୍ୱ ସମ୍ବଲପୁରୀ ଭାଷାକୁ ହିଁ ବେଶୀ ପ୍ରାଧାନ୍ୟ ଦେଇ ବ୍ୟବହାର କରିଥିଲେ ବୋଲି ସୋମବାର ବରଗଡ଼ ଗାନ୍ଧୀ ସ୍ମୃତି ପାଠାଗାର ପକ୍ଷରୁ ଖଗେଶ୍ୱର ଶେଠ ଓ ହେମଚନ୍ଦ୍ର ଆଚାର୍ଯ୍ୟଙ୍କ ମିଳିତ ଜୟନ୍ତୀ ସଭାରେ ବକ୍ତାଭାବେ ଯୋଗଦେଇ ଅଧ୍ୟାପକ ମୋହନ ସାହୁ କହିଛନ୍ତି। ପାଠାଗାରର ସଭାପତି ଅରୁଣ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଜୟନ୍ତୀ ସଭାରେ ସାହୁ କହିଥିଲେ, ଖଗେଶ୍ୱର ଶେଠଙ୍କ ସାହିତ୍ୟ ଉପରେ ଆଜିଯାଏ ବିଶେଷ ଆଲୋଚନା ବା ଗବେଷଣା ହୋଇ ପାରିନାହିଁ, ଯାହା କ୍ଷୋଭର ବିଷୟ। ନିଜସ୍ୱ ଭାଷାକୁ କେତେ ବୋଧଗମ୍ୟ କରାଯାଇପାରେ, ତାହା ଖଗେଶ୍ୱରଙ୍କ ସାହିତ୍ୟ ସୃଷ୍ଟିରେ ପରିଲକ୍ଷିତ। କବି ଖଗେଶ୍ୱର ଶେଠ ଅନୁପ୍ରାସ ଅଳଙ୍କାର ଦେଇ ଲେଖିବାରେ ଦକ୍ଷତା ରଖିଥିଲେ। କବିଙ୍କ ଲେଖାରେ ମହିଳାଙ୍କ ପ୍ରତି ଯଥେଷ୍ଟ



ଜୟନ୍ତୀ ସଭାରେ ମଞ୍ଚାସୀନ ବକ୍ତାମାନେ।

ସମ୍ମାନ ଓ ଗୁରୁତ୍ୱ ପ୍ରଦାନ କରାଯାଇଛି। ସେ ଆହୁରି କହିଥିଲେ, ଖଗେଶ୍ୱର ଶେଠ ଜଣେ ବିଚକ୍ଷଣ ନାଟ୍ୟ ପ୍ରତିଭା ମଧ୍ୟ ଥିଲେ। ଜଣେ ସଫଳ ନାଟ୍ୟକାର ଥିଲେ ସେ। ଓଡ଼ିଶାର ନାଟକ ରଚନା କରିଥିବା ଲେଖକମାନଙ୍କ ନାଟକକୁ ସାହିତ୍ୟ ସୃଷ୍ଟି ଭାବରେ ପରିଗଣିତ କରିବା ଦରକାର। ଫଳରେ ସେହି ସଫଳ ନାଟ୍ୟକାରମାନେ ଜଣେ ଜଣେ ସଫଳ ସାହିତ୍ୟିକ ଭାବରେ ସମାଜରେ ପରିଗଣିତ ହୋଇ ପ୍ରକୃତ ସମ୍ମାନ ପାଇପାରିବେ ବୋଲି ଅଧ୍ୟାପକ ସାହୁ କହିଥିଲେ। ଅନ୍ୟତମ ପ୍ରବକ୍ତା ଅଧ୍ୟାପକ ଡ. ଶ୍ୟାମ ଭୋଇ କୋଶଳ ବାଲ୍ମୀକି ହେମଚନ୍ଦ୍ର ଆଚାର୍ଯ୍ୟଙ୍କ ସୃଷ୍ଟି ବୈଶିଷ୍ଟ ଉପରେ ଆଲୋଚନା କରି କହିଥିଲେ, ହେମଚନ୍ଦ୍ର ଆଚାର୍ଯ୍ୟଙ୍କ ସାହିତ୍ୟକୁ ଆକଳନ କରିବା କଷ୍ଟକର। ତାଙ୍କ ସାହିତ୍ୟର ବିଭିନ୍ନ ଦିଗ ଉପରେ ଯେଭଳି ଗବେଷଣା ହେବା କଥା, ଆଜିଯାଏ ହୋଇନାହିଁ, ଯାହା କି ଅତ୍ୟନ୍ତ ପରିତାପର ବିଷୟ। ରାମରାହା ତାଙ୍କ ଶ୍ରେଷ୍ଠ ସାହିତ୍ୟ କୃତି ଅଟେ। ତାଙ୍କ କବିତା ସାଧାରଣ ଜନତାଙ୍କ ପାଇଁ ସୁତି ମଧୁର ତଥା ବୋଧଗମ୍ୟ ଥିଲା, ଯାହାକୁ ସେ ନିଜେ ଲେଖି ତାକୁ ପରୀକ୍ଷା କରିବା ପାଇଁ ଜନସାଧାରଣଙ୍କ ଆଗରେ ଗାଇ ଶୁଣାଉଥିଲେ। ନିଜର ବ୍ୟକ୍ତିଗତ ଅନୁଭୂତିକୁ କଲମ ମୁନରେ ସ୍ଥାନିତ କରିଥିଲେ କବି ହେମଚନ୍ଦ୍ର। ନିଜ ଗ୍ରାମ୍ୟ ପ୍ରୀତି, ନିଜ ମାଟି ପ୍ରତି ମମତାବୋଧ କବି ହେମଚନ୍ଦ୍ରଙ୍କ ରହିଥିଲା ବୋଲି ସେ କହିଥିଲେ। ପାଠାଗାରର ଉପସଭାପତି ମନୋରଞ୍ଜନ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଅତିଥିମାନେ ମହାତ୍ମା ଗାନ୍ଧୀ, ଦେବୀ ସରସ୍ୱତୀ, ଖଗେଶ୍ୱର ଶେଠ ଓ ହେମଚନ୍ଦ୍ର ଆଚାର୍ଯ୍ୟଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହ ଧୂପ ଦୀପ ପ୍ରଦାନ କରିଥିଲେ। ଅତିଥିମାନଙ୍କୁ ପାଠାଗାର ପକ୍ଷରୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ସ୍ମାରକୀ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଲେଖିକା ଅଧ୍ୟାପିକା ସୁଷମା ଦାଶଙ୍କ ଦ୍ୱାରା କବି ଖଗେଶ୍ୱର ଶେଠଙ୍କ ପଏରଛାସତୀ କାବ୍ୟର ଇଂରାଜୀ ଅନୁବାଦ ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ।

# ବିଷ ବଳୟରେ ସୁନ୍ଦରଗଡ଼ ସହର

**ବଡ଼ଗାଁ, ୨୨।୪(ଅଶୋକ ଷଡ଼ଙ୍ଗୀ)**

**ସୁନ୍ଦରଗଡ଼ ଜିଲାରେ ବେଆଇନ ବିଷାକ୍ତ ପାଉଁଶ ଡମ୍ପିଂ ଚାଲିଛି। ଗାଁ ଗହଳି, ରାସ୍ତା ପାର୍ଶ୍ୱ, ଚାଷ ଜମି, ଜଳଉତ୍ସ ନିକଟରେ କାରଖାନାର ବର୍ଜ୍ୟ ଗଦା କରାଯାଉଛି। ଫଳରେ ବାୟୁ, ଜଳ ଓ ମୃତ୍ତିକା ନଷ୍ଟ ହେଉଛି। ଜୀବଜଗତ ପାଇଁ ଏହା କେତେ କ୍ଷତିକାରକ, ସେଥିପ୍ରତି ଦୃଷ୍ଟି ଦିଆଯାଉ ନ ଥିବାରୁ ଆଗାମୀ ପିଢ଼ି ପାଇଁ ବିଷ ପୋତା ଯାଉଥିବା ଅଭିଯୋଗ ହେଉଛି। ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି।**

- **ବେଆଇନଭାବେ ଗଦାହେଉଛି ବର୍ଜ୍ୟ ପାଉଁଶ**
- **ପ୍ରଶାସନ ଦୃଷ୍ଟିଦେବାକୁ ଦାବି**


ଚାଷଜମି ନିକଟରେ ବର୍ଜ୍ୟ ପାଉଁଶ ଗଦା କରାଯାଇଛି।

"କାରଖାନାର ବର୍ଜ୍ୟକୁ ନିର୍ଦ୍ଦିଷ୍ଟ ସ୍ଥାନରେ ପକାଇବା କଥା। କିନ୍ତୁ ଏହାକୁ ରାସ୍ତାପାର୍ଶ୍ୱ, ନଈନାଳ ପାର୍ଶ୍ୱ, ଚାଷଜମି ଆଦି ବିଭିନ୍ନ ସ୍ଥାନରେ ପକାଇ ପରିବେଶକୁ ପ୍ରଦୂଷିତ କରାଯାଉଛି, ଯାହା ଭବିଷ୍ୟତରେ ଅତ୍ୟନ୍ତ କ୍ଷତିକାରକ ହେବ। ସରକାର ଏ ଦିଗରେ ଦୃଷ୍ଟି ଦେଇ ବର୍ଜ୍ୟ ପାଉଁଶର ସଠିକ୍ ପରିଚାଳନା କରିବା ଆବଶ୍ୟକ। ଆମ ଜିଲାର ସର୍ବାଧିକ ପରିବାର କୃଷି ଉପରେ ନିର୍ଭର କରୁଥିବାରୁ ଏହାକୁ ବନ୍ଦ କରା ନ ଗଲେ ମୃତ୍ତିକା ବିଷାକ୍ତ ଓ କୃଷି ଅନୁପଯୋଗୀ ହେବ ଏବଂ ବାୟୁ ଓ ଜଳ ମଧ୍ୟ ପ୍ରଦୂଷିତ ହେବ।



**ଦିଲୀପ କୁମାର ପୁରୋହିତ,ସଭାପତି, ବରିଷ୍ଠ ନାଗରିକ ସଂଘ,ବଡ଼ଗାଁ**

"ବିଷାକ୍ତ ପାଉଁଶ ଆଣି ରାସ୍ତାପାର୍ଶ୍ୱ, ନଈନାଳ ପାର୍ଶ୍ୱ ଓ ଚାଷଜମିରେ ଡମ୍ପିଂକୁ ପ୍ରଶାସନ, ପୋଲିସ ବନ୍ଦ କରୁନାହାନ୍ତି। ଏମିତି ଡମ୍ପିଂ ଚାଲିଲେ ଆମ ଜିଲା ବର୍ଜ୍ୟ ପାଉଁଶରେ ପୋତି ହେବ। ଏବେଠାରୁ ବାୟୁ ପ୍ରଦୂଷିତ ହେଲାଣି, ଜଳ ଓ ମୃତ୍ତିକା କିଛି ବର୍ଷ ମଧ୍ୟରେ ନଷ୍ଟ ହୋଇଯିବ। ଏହା ବିଭିନ୍ନ ରୋଗବ୍ୟାଧିର କାରଣ ସାଜିବ। ବିଡ଼ମ୍ବନାର ବିଷୟ, ଏଥିପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଲୋକେ ଠିକ୍ ସମୟରେ ଏହାର ଜବାବ ଦେବେ।



**ଅମିୟ କୁମାର ପ୍ରଧାନ ବଡ଼ଗାଁ ଜିଲା ପରିଷଦ ସଭ୍ୟ,**

"ବାହାର ଜିଲାର ପାଉଁଶ ଆଣି ଆମ ଜିଲାରେ ପକାଯାଉଛି। ନଈନାଳ, ରାସ୍ତାପାର୍ଶ୍ୱ, ଚାଷଜମି ଯେଉଁଠି ପାରିଲେ ସେଠି ଗଦା କରୁଛନ୍ତି। ଏଥିଯୋଗୁ ଚାଷଜମି ନଷ୍ଟ ହେଉଛି। ବାୟୁ ଓ ଜଳ ପ୍ରଦୂଷିତ ହେଉଛି। ବର୍ଜ୍ୟ ବସ୍ତୁ ପରିଚାଳନା ନିୟମର ଖୋଲା ଉଲ୍ଲଂଘନ ହେଉଥିଲେ ମଧ୍ୟ ଏଥିପ୍ରତି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଆଗାମୀ ପିଢ଼ି ପାଇଁ ଜହର ପୋତାଯାଉଥିବାରୁ ଏହାର ଜବାବ ଠିକ୍ ସମୟରେ ଦିଆଯିବ।



**ଯୋଗୀନ୍ଦ୍ର କିଷାନ, ବଡ଼ଗାଁ ବ୍ଲକ ସରପଞ୍ଚ ସଂଘ ସଭାପତି,**

"ବେଆଇନ ଭାବେ ଅସାଧୁ ବ୍ୟକ୍ତିଙ୍କ ଦ୍ୱାରା ଦୈନନ୍ଦିନ ରାଜପଥ ପାର୍ଶ୍ୱ, ଗ୍ରାମାଞ୍ଚଳ ରାସ୍ତା, ଚାଷଜମି, ନଦୀନାଳ ପାର୍ଶ୍ୱରେ ଫ୍ଲାଏ ଆଶ୍ ଗଦା କରାଯାଉଛି। ଏଥିଯୋଗୁ ମୃତ୍ତିକା ବିଷାକ୍ତ ହେଉଛି। ବାୟୁ ଓ ଜଳ ମଧ୍ୟ ପ୍ରଦୂଷିତ ହେଉଛି। ଭୂତଳ ଜଳ ବିଷାକ୍ତ ହେଉଛି। ଏହା ଜୀବ ଜଗତକୁ ବିପଦମୁହଁକୁ ଠେଲି ଦେଉଛି। ଏହି ବିଷାକ୍ତ ପାଉଁଶ ଗଦା କରାଯାଉଥିବାରୁ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି କରୁଛି। ଜିଲା ପ୍ରଶାସନ ଏହାକୁ ରୋକ୍ ଲଗାଇବା ଦିଗରେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ ନ କଲେ ଲୋକେ ନାନାଦି ରୋଗବ୍ୟାଧିରେ ଆକ୍ରାନ୍ତ ହେବେ। ସରକାର ଏ ଦିଗରେ ଦୃଷ୍ଟିଦେବା ଆବଶ୍ୟକ।



**କେଶବ କର୍ଷେଲ,ପୂର୍ବତନ ନାଏବ ସରପଞ୍ଚ**

# ସୁନ୍ଦରଗଡ଼ ଜିଲାରେ ୨୭ ଯାଏ ସ୍କୁଲ ଛୁଟି

**ସୁନ୍ଦରଗଡ,୨୨।୪(ଜୟ ନାରାୟଣ ମେଣ୍ଡୁଲି)**

ବର୍ତ୍ତମାନ ପ୍ରଚଣ୍ଡ ରୌଦ୍ରତାପ ଯୋଗୁ ସୁନ୍ଦରଗଡ଼ ଜିଲାରେ ଜନଜୀବନ ଦୁର୍ବିସହ ହୋଇପଡ଼ିଛି। ଦିନର ତାପମାତ୍ରା ଏବେ ୪୧ ଡିଗ୍ରୀ ଡେଇଁଲାଣି। ଗ୍ରୀଷ୍ମପ୍ରବାହକୁ ଆଖିଆଗରେ ରଖି ଜିଲା ପ୍ରଶାସନ ପକ୍ଷରୁ ଜିଲାପାଳ ଡା. ଶୁଭଙ୍କର ମହାପାତ୍ରଙ୍କ ନିର୍ଦ୍ଦେଶକ୍ରମେ ଜିଲା ଶିକ୍ଷା ଅଧିକାରୀ ଡ. ମୁରଲୀଧର ବେହେରା ୨୩ରୁ ୨୭ ତାରିଖ ପର୍ଯ୍ୟନ୍ତ ସମସ୍ତ ସ୍କୁଲକୁ ଛୁଟି ଘୋଷଣା କରିଛନ୍ତି। ଘୋଷଣା ଅନୁଯାୟୀ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ଯାଏଁ ସବୁ ସ୍କୁଲ ଛୁଟି କରାଯାଇଛି।

# ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ରାଜ୍ୟ କୋଷାଧ୍ୟକ୍ଷଙ୍କ ଏକାଦଶାହ ଉପଲକ୍ଷେ ସ୍ମୃତିସଭା


କେନ୍ଦୁପତ୍ର କର୍ମଚାରୀ ସଂଘର ନେତା କ୍ଷେତ୍ରଚନ୍ଦ୍ର ବାରିକଙ୍କ ଶ୍ରାଦ୍ଧ ସଭାରେ ସଂଘ ନେତୃବୃନ୍ଦ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି।

**ସୁନ୍ଦରଗଡ,୨୨।୪(ଜୟ ନାରାୟଣ ମେଣ୍ଡୁଲି)**

ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ରାଜ୍ୟ କୋଷାଧ୍ୟକ୍ଷ ତଥା ରାଉରକେଲା ଡିଭିଜନ ସମ୍ପାଦକ ସ୍ୱର୍ଗତଃ କ୍ଷେତ୍ର ଚନ୍ଦ୍ର ବାରିକଙ୍କ ଏକାଦଶାହ ଉପଲକ୍ଷେ ବୁଧବାର ଏକ ଶ୍ରଦ୍ଧାଞ୍ଜଳି ସଭା ତାଙ୍କ ଜନ୍ମ ସ୍ଥାନ ସୁନ୍ଦରଗଡ ଜିଲା ତୁମୁଲିଆଠାରେ ଅନୁଷ୍ଠିତ ହୋଇଯାଇଛି। ସଭା ପ୍ରାରମ୍ଭରେ ସ୍ୱର୍ଗୀୟ ବାରିକଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏହି ସ୍ମୃତି ସଭାରେ ଓଡ଼ିଶାର ବିଭିନ୍ନ ଡିଭିଜନରୁ ସଂଘର କର୍ମକର୍ତ୍ତାମାନେ ଉପସ୍ଥିତ ରହି ତାଙ୍କ ସ୍ମୃତିଚାରଣ କରିଥିଲେ। ସଂଘ ସଭାପତି ବିଜୟ କୁମାର ମହାନ୍ତି ତାଙ୍କ ବକ୍ତବ୍ୟରେ ସ୍ୱର୍ଗୀୟ କ୍ଷେତ୍ର ଚନ୍ଦ୍ର ବାରିକଙ୍କୁ ଜଣେ ଟାଣୁଆ ସଂଗଠକ ଭାବେ ବର୍ଣ୍ଣନା କରି ତାଙ୍କ ନେତୃତ୍ୱ ରେ ରାଉରକେଲା /ସୁନ୍ଦରଗଡ ଡିଭିଜନରେ ସଂଘ ଏକ ଶକ୍ତିଶାଳୀ ସଂଗଠନରେ ପରିଣତ ହୋଇଥିଲା ବୋଲି ପ୍ରକାଶ କରି ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏଥିରେ ରାଉରକେଲା କେନ୍ଦୁପତ୍ର ଡି.ଏଫ.ଓ ନିବେଦିତା ଦାସ ଯୋଗ ଦେଇ ଶ୍ରଦ୍ଧାଞ୍ଜଳି ଦେଇଥିଲେ।

ସଂଘର ବରିଷ୍ଠ ଉପସଭାପତି ଗୋକୁଳ ମେହେର, ରାଜ୍ୟ ସାଙ୍ଗଠନିକ ସାଧାରଣ ସମ୍ପାଦକ ସଞ୍ଜିତ ମହାନ୍ତି, ରାଜ୍ୟ ସହଯୋଗୀ ସାଧାରଣ ସମ୍ପାଦକ ମହମ୍ମଦ ମୁର୍ତ୍ତୁଜା, ଝାରସୁଗୁଡା ଡିଭିଜନ ସମ୍ପାଦକ ପ୍ରଦୀପ ସାହୁ, ଯୋଗବିହାରୀ ପରିଡା, ରାଉରକେଲା ଡିଭିଜନ ଯୁଗ୍ମ ସମ୍ପାଦକ ଶୋଭାରାମ ପ୍ରଧାନ, ବାଲାମୁକୁନ୍ଦ ମହାକୁଡ଼, ଯୁବ ନେତା ଦେବେନ୍ଦ୍ର ମାଝୀ, ଅନିଲ କୁମାର ବେହେରା, ଦେବଜ୍ୟୋତି ପଟ୍ଟନାୟକ, ଆର୍ଯ୍ୟନ ବେହେରା, ଚିତ୍ରସେନ ନାୟକ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପ୍ରକାଶ ଥାଉକି ସ୍ୱର୍ଗତ ବାରିକଙ୍କ ଏକ ସଡକ ଦୁର୍ଘଟଣାରେ ଅକାଳ ବିୟୋଗ ଘଟିଥିଲା।

# ବୃଦ୍ଧଙ୍କୁ ଛୁରିରେ ଆକ୍ରମଣ

**ବଡ଼ଗାଁ,୨୨।୪(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ମୁଣ୍ଡାଗାଁରେ ବୁଧବାର ଅପରାହ୍ନରେ ଜଣେ ବୃଦ୍ଧଙ୍କୁ ସେହି ଗାଁର ଅନ୍ୟ ଜଣେ ବୃଦ୍ଧ ଛୁରିରେ ଆକ୍ରମଣ କରିଛନ୍ତି। ବୃଦ୍ଧ ଜଣକ ସାମାନ୍ୟ ଆହତ ହୋଇ ବଡ଼ଗାଁ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଘଟଣା ଅନୁଯାୟୀ, ମୁଣ୍ଡାଗାଁର ଦୁବରାଜ ପଟେଲ(୬୭)ଙ୍କୁ କୌଣସି କାରଣରୁ ଜଣେ ବ୍ୟକ୍ତି ଛୁରିରେ ଆକ୍ରମଣ କରିଛନ୍ତି। ଏଥିରେ ଦୁବରାଜ ସାମାନ୍ୟ ଆହତ ହୋଇଛି। ତେବେ ଘଟଣା ସମ୍ପର୍କରେ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ଅଭିଯୋଗ ହୋଇ ନ ଥିବା ସୂଚନା ମିଳିଛି।

# ଅଙ୍ଗନୱାଡି କେନ୍ଦ୍ରରୁ ଚୋରି

**ବାଲିଶଙ୍କରା,୨୨।୪(ହୃଦାନନ୍ଦ ବାରିକ)**

କିଞ୍ଜିରକେଲା ଥାନା ଅନ୍ତର୍ଗତ ଦେଓଭୁବନପୁର ପଞ୍ଚାୟତ ଦେଓଭୁବନପୁର ଗ୍ରାମର ଅଙ୍ଗନୱାଡି କେନ୍ଦ୍ରରୁ ଚୋରି ହୋଇଥିବା ଜଣାପଡିଛି। ସୂଚନା ଅନୁସାରେ, ଗତ ୨୧ ତାରିଖ ବିଳମ୍ବିତ ରାତିରେ ଦେଓଭୁବନପୁର ଅଙ୍ଗନୱାଡି କେନ୍ଦ୍ର ପରିସରରେ ଶିଶୁମାନଙ୍କ ରନ୍ଧାଖାଦ୍ୟ ପାଇଁ ସରକାରଙ୍କ ତରଫରୁ ଦିଆଯାଇଥିବା ୨ଟି ଗ୍ୟାସ୍ ସିଲିଣ୍ଡର ଓ ଅନ୍ୟାନ୍ୟ ଜିନିଷ ଚୋର ଚୋରିକରି ନେଇଯାଇଛନ୍ତି। ବୁଧବାର ସକାଳ ୭ଟାରେ ଅଙ୍ଗନୱାଡି କର୍ମୀ କେନ୍ଦ୍ରରେ ପହଞ୍ଚି ଚୋରି ହୋଇଥିବା ଦେଖି ଗ୍ରାମର ସରପଞ୍ଚ, ୱାର୍ଡମେମ୍ବର, ସମିତି ସଦସ୍ୟ ଓ ଗ୍ରାମବାସୀଙ୍କୁ ଜଣାଇଥିଲେ। ପରେ କିଞ୍ଜିରକେଲା ଥାନାରେ ଚୋରି ହୋଇଥିବା ନେଇ ଲିଖିତ ଅଭିଯୋଗ ହୋଇଥିଲା। ପୋଲିସ ଅଭିଯୋଗ ଆଧାରରେ ତଦନ୍ତ ଚଳାଇଥିବା ଜଣାପଡ଼ିଛି।

# ସରକାରୀ ଉଚ୍ଚ ବିଦ୍ୟାଳୟ ଉନ୍ନୀତ ବିଦ୍ୟାଳୟରେ ରୂପାନ୍ତରିତ


କାର୍ଯ୍ୟକ୍ରମରେ ଉପସ୍ଥିତ ଶିକ୍ଷୟିତ୍ରୀ, ଶିକ୍ଷକ ଓ ଛାତ୍ରୀଛାତ୍ର।

**ରାଜଗାଙ୍ଗପୁର,୨୨।୪(ଅଶୋକ ପାଣି)**

ରାଜଗାଙ୍ଗପୁର ବ୍ଲକ ଅନ୍ତର୍ଗତ ଡେଲୁଆ ପଞ୍ଚାୟତରେ ଥିବା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସରକାରୀ ଉନ୍ନୀତ ବିଦ୍ୟାଳୟରେ ବୁଧବାର ରୂପାନ୍ତରିତ ହୋଇଛି। ଏହି ଅବସରରେ ଏକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ରାଜଗାଙ୍ଗପୁର ବିଧାୟକ ଡକ୍ଟର ସି.ଏସ. ରାଜନ ଏକ୍କାଙ୍କ ଅଦ୍ୟମ ଚେଷ୍ଟା ତଥା ଗୋଷ୍ଠୀ ଶିକ୍ଷା ଅଧିକାରୀ ସରିତା ସରୋନିଆଙ୍କ ବଳିଷ୍ଠ ନେତୃତ୍ୱ ତଥା ସରପଞ୍ଚ ଓ ଗ୍ରାମବାସୀଙ୍କ ଚେଷ୍ଟାରେ ଏହା ସମ୍ଭବ ହୋଇଛି। ଉତ୍ସବରେ ଗ୍ରାମର ମହିଳା ମାନେ ପାରମ୍ପରିକ ନାଚରେ ଅତିଥିଙ୍କୁ ସ୍ୱାଗତ କରିଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅକ୍ଷୟ ବାଘ ଉପସ୍ଥିତ ପିଲାମାନଙ୍କୁ ବାର୍ତ୍ତା ଦେଇଥିଲେ, ଏହି ବିଦ୍ୟାଳୟରୁ ମଧ୍ୟ ବହୁତ ଭଲ ଛାତ୍ରୀଛାତ୍ର ବାହାରି ଡକ୍ଟର, ଇଞ୍ଜିନିୟର, ଓଏସ ଓ ଆଇଏଏସ ହୋଇ ପାରିବେ। ତେଣୁ ସମସ୍ତଙ୍କ ଚେଷ୍ଟା ଦରକାର। ବିଦ୍ୟାଳୟ କିପରି ଠିକଭାବେ ଚାଲିବ ଏବଂ ନବମ ଶ୍ରେଣୀରେ ଥିବା ଛାତ୍ରୀଛାତ୍ର କିପରି ୯୦ ପ୍ରତିଶତ ମାର୍କ ରଖିବେ ସେଥିପାଇ ଚେଷ୍ଟା କରିବା ଉଚିତ ବାଲି କହିଥିଲେ। ବିଧାୟକ ବିଦ୍ୟାଳୟ କେମିତି ତିଆରି ହେବ ଏବଂ କାହା ଦ୍ୱାରା କେଉଁ କାମ କରାଯାଇ ପାରିବ ତା ପ୍ରତି ଧ୍ୟାନ ଦେବା ପାଇଁ ଆଲୋକପାତ କରିଥିଲେ। ସରପଞ୍ଚ ଚମ୍ପେଡି ଟପ୍ପୋ ସବୁ ପ୍ରକାର ସାହାଯ୍ୟ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବିଧାୟକଙ୍କ ପ୍ରତିନିଧି ଅରୁଣ ସାମଲ ମଧ୍ୟ ବକ୍ତବ୍ୟ ରଖିଥିଲେ। ସଭାର ପରିଚାଳନା ବିଦ୍ୟାଳୟର ସହ ଶିକ୍ଷୟିତ୍ରୀ ସୁପ୍ରଭା ମହାନ୍ତି ଏବଂ ଧନ୍ୟବାଦ ଅର୍ପଣ କରିଥିଲେ ଏବିଇଓ ସନ୍ଧ୍ୟାରାଣୀ ମହାପାତ୍ର। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କିଶୋରୀ ସାହୁ ଉତ୍ସବର ସମ୍ପୂର୍ଣ୍ଣ ଦାୟିତ୍ୱ ନେଇଥିଲେ ଓ ତାଙ୍କୁ ସହଯୋଗ କରିଥିଲେ ସନ୍ତୋଷ ଦାସ ତଥା ବିଦ୍ୟାଳୟର ଅନ୍ୟାନ୍ୟ ଶିକ୍ଷୟିତ୍ରୀ। ଶେଷରେ ବିଧାୟକ ପିଲାମାନଙ୍କ ମଧ୍ୟାହ୍ନ ଭୋଜନ ସ୍ଥାନକୁ ଯାଇ ଖାଦ୍ୟର ମାନକୁ ପରୀକ୍ଷଣ କରିଥିଲେ। ପରେ ନବମ ଶ୍ରେଣୀ ଗୃହ ଉଦଘାଟନ କରି ବିଡିଓ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିଥିଲେ।

# ବରଙ୍ଗାକଛାର ପିଏଚ୍‌ସି ଜନ ଆରୋଗ୍ୟ ସମିତି ବୈଠକ

**ବଡ଼ଗାଁ,୨୨।୪(ଅଶୋକ ଷଡଙ୍ଗୀ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ବରଙ୍ଗାକଛାର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର (ପିଏଚସି)ରେ ବୁଧବାର ଜନ ଆରୋଗ୍ୟ ସମିତି ବୈଠକ ଅନୁଷ୍ଠିତ ହୋଇଛି। ଜିଲା ପରିଷଦ ସଭ୍ୟ ଅମୀୟ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକକୁ ବଡ଼ଗାଁ ସ୍ୱାସ୍ଥ୍ୟ ଅଧିକାରୀ ଡା. ସାରଦା ପ୍ରସନ୍ନ ଜେନା ପରିଚାଳନା କରିଥିଲେ। ବୈଠକରେ ଡାକ୍ତରଖାନାର କେତେଜଣ କର୍ମଚାରୀ ଠିକ୍ ସମୟରେ ଡାକ୍ତରଖାନାକୁ ଆସୁ ନ ଥିବା ଅଭିଯୋଗ ଉଠାଇ କମିଟି ସଦସ୍ୟ ଓ ଜନ ପ୍ରତିନିଧି ଅସନ୍ତୋଷ ପ୍ରକାଶ କରିଥିଲେ। ଅବସ୍ଥାପିତ ରହିଥିବା ଡାକ୍ତର କୌଣସି କାରଣରୁ ଛୁଟିରେ ରହିଥିବା ଯୋଗୁ ଅନ୍ୟ ଜଣେ ଡାକ୍ତର ଦେବାକୁ ଜିଲାସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଦାବି କରାଯାଇଛି। ଡାକ୍ତରଖାନା ପରିସରରେ ଥିବା ୧୧କେଭି ବିଦ୍ୟୁତ୍ ତାର ସ୍ଥାନାନ୍ତର ଦାବି ପୂର୍ବ ଭଳି ଏଥର ମଧ୍ୟ ହୋଇଥିଲା। ଏଏନଏମ ଆବଶ୍ୟକ ଓ ପୁରୁଣା କ୍ୱାର୍ଟର ମରାମତି କୁ ନେଇ ଦାବି ଉପସ୍ଥାପନ କରାଯାଇଥିଲା। ବୈଠକରେ ବିପିଏମ ଗୀତାଞ୍ଜଳି ରାଉତରାୟ, ଫାର୍ମାସିଷ୍ଟ ପୁଷ୍ପକ ପ୍ରଧାନ, ଚିତ୍ରସେନ ସାହୁ, କମିଟି ସଦସ୍ୟ ସତ୍ୟବାନ ବିଶି, ପରମାନନ୍ଦ ବାଗଙ୍କ ସହିତ ବିଭାଗୀୟ କର୍ମଚାରୀମାନେ ଯୋଗଦେଇଥିଲେ।

# ଶିଶୁ ହୃଦ୍‌ରୋଗ ପରୀକ୍ଷା ଶିବିର



ଶିବିରରେ ଉପସ୍ଥିତ ଅତିଥିମାନେ।

**ସୁନ୍ଦରଗଡ଼,୨୨।୪(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନା ପରିସରରେ ଥିବା ମା' ଓ ଶିଶୁ ହସ୍ପିଟାଲ କୋଠାରେ ବୁଧବାର ଏକ ଶିଶୁ ହୃଦରୋଗ ସ୍କ୍ରିନିଂ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରଟି ୟୁଏନଆଇଆଇଟି –ଆରଟିଆଇଆଇସିଏସ କୋଲକାତା ପକ୍ଷରୁ ଆୟୋଜିତ ହୋଇଥିଲା। ଏହି ଶିବିରରେ ଅନେକ ଶିଶୁଙ୍କର ହୃଦରୋଗ ସମ୍ବନ୍ଧୀୟ ପରୀକ୍ଷା କରାଯାଇଥିଲା ଏବଂ ନିପୁଣ ଡାକ୍ତରମାନେ ଶିଶୁମାନଙ୍କ ସ୍ୱାସ୍ଥ୍ୟର ସଠିକ ପରୀକ୍ଷା କରି ଆବଶ୍ୟକ ପରାମର୍ଶ ଦେଇଥିଲେ। ଏହା ସହିତ ଯେଉଁ ଶିଶୁମାନଙ୍କ ମଧ୍ୟରେ ହୃଦରୋଗର ସମସ୍ୟା ଚିହ୍ନଟ ହୋଇଛି, ସେମାନଙ୍କୁ ଅଧିକ ଚିକିତ୍ସା ପାଇଁ ପରାମର୍ଶ ମଧ୍ୟ ଦିଆଯାଇଛି। ସ୍ଥାନୀୟ ଲୋକେ ଏହି ଶିବିରକୁ ସ୍ୱାଗତ କରିବା ସହିତ ଏପରି ସ୍ୱାସ୍ଥ୍ୟ ସେବା ପଦକ୍ଷେପକୁ ବହୁତ ଉପକାରୀ ବୋଲି କହିଛନ୍ତି। ଏହି ଶିବିର ମାଧ୍ୟମରେ ଶିଶୁମାନଙ୍କ ମଧ୍ୟରେ ହୃଦରୋଗର ପୂର୍ବ ଚିହ୍ନଟ ହେବା ସହଜ ହୋଇପାରିବ ବୋଲି ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି।

# ନୀଳକଣ୍ଠେଶ୍ୱର ମନ୍ଦିରର ବାର୍ଷିକ ଉତ୍ସବ

**ରାଉରକେଲା,୨୨।୪(ସଙ୍ଗୀତା ଜେନା)**

ନୀଳକଣ୍ଠେଶ୍ୱର ମନ୍ଦିରର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ନୀଳକଣ୍ଠେଶ୍ୱର ସେବା ଟ୍ରଷ୍ଟଆନୁକୂଲରେ ପରିଚାଳିତ ଉକ୍ତ କାର୍ଯ୍ୟକ୍ରମରେ ପୂଜକ ସତ୍ୟବ୍ରତ ଷଡଙ୍ଗୀ, ସତ୍ୟବ୍ରତ ମିଶ୍ର, ରୁଦ୍ରପ୍ରସାଦ ଶତପଥୀ ଏବଂ ଋତୁରାଜ ମିଶ୍ରଙ୍କ ସହଯୋଗରେ ସକାଳ ୯ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଆଧ୍ୟାତ୍ମିକ ପରିବେଶରେ ପୂଜାର୍ଚ୍ଚନା କରାଯାଇଥିଲା। ମଧୁସୂଦନ ମହାପାତ୍ର ଓ କର୍ତ୍ତୀ ନଳୀନୀ ମହାପାତ୍ର ପୂଜା ସମ୍ପାଦନା କରିଥିଲେ। ସୂର୍ଯ୍ୟମଣି ପାଠକ, ରାଜେନ୍ଦ୍ର ନାୟକ ପ୍ରମୁଖ ସହଯୋଗ କରିଥିଲେ।

# ରାସ୍ତା ତିଆରି ବେଳେ ଭାଙ୍ଗିଲା ଗଛ

**ରାଉରକେଲା,୨୨।୪(ସଙ୍ଗୀତା ଜେନା):** ଖିରପାଣି ଥାନା ଅର୍ନ୍ତଗତ ଖିରପାଣି ଗ୍ରାମ ଆରସି ଚର୍ଚ୍ଚନିକଟରେ ମଙ୍ଗଳବାର ଅପରାହ୍ନରେ ରାସ୍ତା ତିଆରି ହେଉଥିବା ବେଳେ ଏକ ବିଶାଳ ଅଶ୍ୱତ୍ଥ ବୃକ୍ଷ ଭାଙ୍ଗିପଡ଼ିଥିଲା। ରାସ୍ତା ତିଆରି କାର୍ଯ୍ୟରେ ନିୟୋଜିତ ୨ଟି ଗାଡି ଉପରେ ଏହା ପଡ଼ିଯାଇଥିଲା। ସୌଭାଗ୍ୟବଶତଃ ଏଥିରେ କେହି କ୍ଷତିଗ୍ରସ୍ତ ହୋଇ ନ ଥିଲେ। ଘଟଣା ସ୍ଥଳରେ ଅଗ୍ନିଶମ ବିଭାଗ ଓ ବିଦ୍ୟୁତ୍ ବିଭାଗ ପହଞ୍ଚି ଡାଳକାଟି ସଫା କରି ଯାତାୟାତ ସ୍ୱାଭାବିକ କରିଥିଲେ।

# ପ୍ରତିଶ୍ରୁତି ପୂରଣକଲେ ବିଧାୟକ

**ସୁନ୍ଦରଗଡ଼,୨୨।୪(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ଼ ବିଧାୟକ ଯୋଗେଶ କୁମାର ସିଂ ମଙ୍ଗଳବାର ଜିଲା କାରାଗାର ପରିଦର୍ଶନ କରିଛନ୍ତି। ଜିଲା କାରାଗାରର ସୁପରିଣ୍ଟେଣ୍ଡେଣ୍ଟ ଜୀବନ ସିଂ ମୁଣ୍ଡା ଓ ଜେଲର୍ ସଞ୍ଜୀବ ଦୀପଙ୍କ ନିମନ୍ତ୍ରଣକୁ ରକ୍ଷାକରି ବିଧାୟକ ସିଂ ପରିଦର୍ଶନରେ ଯାଇଥିଲେ। ପରିଦର୍ଶନ ସମୟରେ ସମସ୍ତ କୋଠରିର ଶୋଚନୀୟ ଅବସ୍ଥା ଦେଖିଥିଲେ ଓ ବର୍ତ୍ତମାନର ପ୍ରଚଣ୍ଡ ଗରମରେ କିପରି ଅନ୍ତେବାସୀମାନେ ରହୁଛନ୍ତି ତାହା ମଧ୍ୟ ଦେଖିଥିଲେ। ଏହିସବୁ ଅବ୍ୟବସ୍ଥା ଦେଖିଲା ପରେ ବିଧାୟକ ୧୫ଟି କୁଲର ଓ ଗୋଟିଏ ସାଉଣ୍ଡ ସିଷ୍ଟମ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ପ୍ରତିଶ୍ରୁତି ମୁତାବକ ବୁଧବାର ୧୫ଟି କୁଲର ଓ ସାଉଣ୍ଡ ସିଷ୍ଟମ କାରାଗାରରେ ପହଞ୍ଚିବା ପରେ ଅନ୍ତେବାସୀମାନେ ଖୁସିବ୍ୟକ୍ତ କରିଛନ୍ତି। ଏଥିପାଇଁ ସୁନ୍ଦରଗଡ଼ ଜିଲା କାରାଗାର ସୁପରିଣ୍ଟେଣ୍ଡେଣ୍ଟ ଜୀବନ ସିଂ ମୁଣ୍ଡା, ଜେଲର୍ ସଞ୍ଜୀବ ଦୀପ, କାରାଗାର କର୍ମଚାରୀଙ୍କ ସମେତ ସମସ୍ତ ଅନ୍ତେବାସୀ ବିଧାୟକ ସିଂଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି। ବିଧାୟକଙ୍କ ଏହି ପରିଦର୍ଶନ ବେଳେ ଧର୍ମପତ୍ନୀ ଶ୍ରଦ୍ଧାଞ୍ଜଳି ସିଂ, ସଦର ଜିଲ୍ଲା ପରିଷଦ ସଦସ୍ୟ(କ) ଅଶ୍ୱିନୀ କୁମାର ନାଏକ, ୱାର୍ଡ ନମ୍ବର ୨ର କାଉନ୍‌ସିଲର ସୁନୀଲ ମହାପାତ୍ର, ରିତେଶ ସିଂ, ଆଇନଜୀବୀ ଅଶୋକ କୁମାର ସ୍ୱାଇଁ ଓ ଜିତେନ୍ଦ୍ର ପଟେଲ ପ୍ରମୁଖ ଉପସ୍ଥିତ ଥିଲେ।


ବିଧାୟକ ଯୋଗେଶ କୁମାର ସିଂ ସୁନ୍ଦରଗଡ଼ ଜିଲା କାରାଗାର ପରିଦର୍ଶନ କରୁଛନ୍ତି।

# ଅଞ୍ଚଳର ବିକାଶ ନେଇ ଆଲୋଚନା

**ବନ୍ଧମୁଣ୍ଡା,୨୨।୪(ସୁବ୍ରତ ଦେ)**

**ବିଶ୍ରାରେ ପଞ୍ଚାୟତ ସମିତିବୈଠକ**

ବିଶ୍ରା ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ବୁଧବାର ପଞ୍ଚାୟତ ସମିତିର ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଅଞ୍ଚଳର ବିକାଶକୁ ନେଇ ବିସ୍ତୃତ ଆଲୋଚନା କରାଯାଇଥିଲା। ବୈଠକର ଅଧ୍ୟକ୍ଷତା ବ୍ଲକ ଅଧ୍ୟକ୍ଷା ଫୁଲମଣି କେରକେଟ୍ଟା କରିଥିଲେ। ଏହି ସମୟରେ ସମିତି ସଦସ୍ୟ ଓ ସରପଞ୍ଚମାନେ ବିଭିନ୍ନ ବିକାଶ ଯୋଜନାର ଚୟନ ଓ କାର୍ଯ୍ୟକରଣରେ ପାରଦର୍ଶିତା ରଖିବା ସହ ସମସ୍ତ ଅଞ୍ଚଳକୁ ସମାନ ଭାବେ ଲାଭ ପହଞ୍ଚାଇବା ଉପରେ ଜୋର୍ ଦେଇଥିଲେ। ବୈଠକରେ ଆଗାମୀ ଆର୍ଥିକ ବର୍ଷ ୨୦୨୬-୨୭ ପାଇଁ ବ୍ଲକ ପଞ୍ଚାୟତ ବିକାଶ ଯୋଜନା ଅଧୀନରେ ଆସିଥିବା ପ୍ରସ୍ତାବଗୁଡ଼ିକୁ ଅନୁମୋଦନ ଦିଆଯାଇଥିଲା। ସେହିପରି ପୂର୍ବତନ ବୈଠକର କାର୍ଯ୍ୟ ବିବରଣୀକୁ ମଧ୍ୟ ସ୍ଥିର କରାଯାଇଥିଲା। ପଞ୍ଚାୟତର ସମିତି ସଦସ୍ୟ ଓ ସରପଞ୍ଚମାନେ ଶିକ୍ଷା, ସ୍ୱାସ୍ଥ୍ୟ, ସାର୍ବଜନୀନ ବିତରଣ ପ୍ରଣାଳୀ, ଶିଶୁ ବିକାଶ, ସମାଜ କଲ୍ୟାଣ, ଆବାସ, କୃଷି ସମ୍ବନ୍ଧୀୟ ଯୋଜନା ଆଦିର ଅଗ୍ରଗତିର ସମୀକ୍ଷାକରି ବହୁ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଦେଇଥିଲେ। ବିଭିନ୍ନ ସମିତିଙ୍କ ପରାମର୍ଶକୁ ମୂଲ୍ୟାୟନ କରି ଅଧିକାରୀମାନେ ଯୋଜନାଗୁଡ଼ିକୁ କାର୍ଯ୍ୟକରୀ କରିବା ପାଇଁ ନିର୍ଦ୍ଦେଶ ଜାରି କରିଥିଲେ। ବୈଠକକୁ ସମ୍ବୋଧନ କରି ରୋହିତ ଜୋସେଫ ତିର୍କୀ କହିଥିଲେ ଯେ, ଜନପ୍ରତିନିଧିମାନଙ୍କ ସହିତ ମିଶି ଅଞ୍ଚଳର ସମସ୍ୟାଗୁଡ଼ିକର ସମାଧାନ ପାଇଁ ନିରନ୍ତର ପ୍ରୟାସ କରୁଛି। ଏହି ଅବସରରେ ବିଡିଓ ଜଗନ୍ନାଥ ହନୁମାନ, କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମଙ୍କ ପ୍ରତିନିଧି ଜୟକରଣ ଖାଲ୍‌ଖୋ, ସୋମନାଥ ରାହା, ସୁଷମା ଓରାମ, ସୁନିତା ମିଞ୍ଜ, ବିଚା ମିଞ୍ଜ, ଅନିତା ତିର୍କୀ, ବେଦନା ଓରାମ, ଅଜିତ ତିର୍କୀ, ରବି ନାରାୟଣ ମାଝି, ପ୍ରତିମା ପାତ୍ରଙ୍କ ସହ ଅନ୍ୟାନ୍ୟ ସରପଞ୍ଚ ଓ ସମିତି ସଦସ୍ୟ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

**ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ପାନୀୟଜଳ ବଣ୍ଟନ**

ରିଆମାଳ (ବଦ୍ରିନାରାୟଣ ଅଗ୍ରୱାଲା): ଦେବଗଡ଼ ଜିଲା ରିଆମାଳ ବ୍ଲକ୍ ସଦର ମହକୁମାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ସ୍ଥାନୀୟ କୃଷି ବିଭାଗ ଅଫିସ ନିକଟ ଛକରେ ଜଳଛତ୍ର ଖୋଲାଯାଇଛି। ପ୍ରଧାନ ଆଚାର୍ଯ୍ୟ ଯୁଧିଷ୍ଠିର ସାହୁଙ୍କ ତତ୍ତ୍ୱାବଧାନରେ ବୁଧବାର ଲୋକମାନଙ୍କୁ ପାନୀୟ ଜଳ ବଣ୍ଟନ କରାଯାଇଛି। ଏଠାରେ ଲେମ୍ବୁ ଓ ଦହି ସରବତ ଏବଂ ସାଦା ପାଣି ବ୍ୟବସ୍ଥା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଗୁରୁମା, ଗୁରୁଜୀ ଓ ଅନ୍ୟମାନେ ସହଯୋଗ କରିଥିଲେ।

# ‘ପରିବେଶ ସୁରକ୍ଷାରେ ଅବହେଳା କଲେ କାର୍ଯ୍ୟାନୁଷ୍ଠାନ’

**ଦିଶା ବୈଠକ**

**ଗରିବଙ୍କ ପାଇଁ ସୁଲଭ ଆବାସ ନିର୍ମାଣକୁ ଗୁରୁତ୍ୱ**

ଝାରସୁଗୁଡ଼ା, ୨୨।୪
(ଆଶିଷ ରଞ୍ଜନ ଦାଶ)



ବୈଠକରେ ଏମ୍‌ପି, ବିଧାୟକଙ୍କ ସମେତ ଅନ୍ୟ ଅଧିକାରୀ।

ଝାରସୁଗୁଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜିଲା ବିକାଶ ସମନ୍ୱୟ ଏବଂ ନିରୀକ୍ଷଣ ସମିତି (ଦିଶା)ର ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲାର ପରିବେଶ ସୁରକ୍ଷା, ଜଳ ସଂରକ୍ଷଣ ଏବଂ ବିଭିନ୍ନ କେନ୍ଦ୍ରୀୟ ଯୋଜନାର ଅଗ୍ରଗତି ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା।

ଜିଲାରେ ବଢ଼ୁଥିବା ବାୟୁ ପ୍ରଦୂଷଣକୁ ନେଇ ଏମ୍‌ପି ପୁରୋହିତ ଚିନ୍ତା ପ୍ରକଟ କରିଛନ୍ତି। ସେ ଶିଳ୍ପ ସଂସ୍ଥାଗୁଡ଼ିକୁ ଚେତାବନୀ ଦେଇ କହିଛନ୍ତି, ପରିବେଶ ସୁରକ୍ଷାରେ ଅବହେଳା କଲେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପ୍ରତ୍ୟକ କମ୍ପାନୀ ସେମାନଙ୍କର ଚାରାରୋପଣ ଲକ୍ଷ୍ୟକୁ କେବଳ କାଗଜପତ୍ରରେ ନୁହେଁ, ବରଂ କ୍ଷେତ୍ରସ୍ତରରେ ପୂରଣ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଉପସ୍ଥିତ ଥିବା ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ଗରିବ ଲୋକଙ୍କ ପାଇଁ ସ୍ଥାୟୀ ବାସଗୃହ ଉପରେ ଗୁରୁତ୍ୱାରୋପ କରିଛନ୍ତି। ଜିଲାରେ ସୁଲଭ ଆବାସ ଯୋଜନା ମାଧ୍ୟମରେ ସ୍ୱଳ୍ପ ମୂଲ୍ୟରେ ଘର ଯୋଗାଇ ଦେବାକୁ ସେ ପ୍ରଶାସନକୁ ପରାମର୍ଶ ଦେଇଛନ୍ତି। ଏଥିସହିତ ଶିଳ୍ପ ସଂସ୍ଥାଗୁଡ଼ିକ ସେମାନଙ୍କ ସିଏସ୍‌ଆର୍ ପାଣ୍ଠିକୁ ଜନକଲ୍ୟାଣକାରୀ କାର୍ଯ୍ୟରେ ତୁରନ୍ତ ବିନିଯୋଗ କରିବାକୁ ସେ କହିଛନ୍ତି। ସୁକନ୍ୟା ଯୋଜନାରେ ସାମିଲ ହେବା ସହ ଝିଅଙ୍କ ସୁରକ୍ଷିତ ଭବିଷ୍ୟତ ପାଇଁ ବିଧାୟକ ଏକ ଅଭିନବ ପ୍ରସ୍ତାବ ରଖିଛନ୍ତି। ହସ୍ପିଟାଲରେ ଶିଶୁକନ୍ୟା ଜନ୍ମ ହେବା ମାତ୍ରେ ତାଙ୍କ ନାମରେ ‘ସୁକନ୍ୟା ସମୃଦ୍ଧି’ ବ୍ୟାଙ୍କ୍ ଆକାଉଣ୍ଟ ଖୋଲିବାକୁ ସେ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ଅପରପକ୍ଷେ ଜିଲାରେ ଥିବା ପୁରାତନ ପୋଖରୀର ପୁନରୁଦ୍ଧାର, ନୂତନ ଜଳାଶୟ ଖନନ, ସିଏସ୍‌ଆର୍ ପାଣ୍ଠି ବ୍ୟୟ ନିୟମାବଳୀକୁ କୋହଳ କରି ବିକାଶମୂଳକ କାର୍ଯ୍ୟ ତ୍ୱରାନ୍ୱିତ କରିବା, ବାୟୁ ପ୍ରଦୂଷଣ ନିୟନ୍ତ୍ରଣ ବ୍ୟବସ୍ଥାକୁ ଅଧିକ ସକ୍ରିୟ କରାଯିବା ଉପରେ ଆଲୋଚନା ହୋଇଥିଲା। ଏହି ବୈଠକରେ ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣ, ଜିଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ନାୟକ, ଜିଲା ପରିଷଦ ସଭାପତି ତୁଳାବତୀ ମିଞ୍ଜଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

## ଉନ୍ନୟନ ପ୍ରକଳ୍ପର ସମୀକ୍ଷା କଲେ ଜିଲାପାଳ


ଜିଲାପାଳ ରଘୁନାଥପାଲିସ୍ଥିତ ପିଏମ୍‌ଶ୍ରୀ ବିଦ୍ୟାଳୟ ପରିଦର୍ଶନ କରୁଛନ୍ତି।

କୋଲାବିରା, ୨୨।୪(ସଞ୍ଜୟ ପୂଜାରୀ)

ଝାରସୁଗୁଡ଼ା ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣ ବୁଧବାର କୋଲାବିରା ବ୍ଲକ୍ ଅଞ୍ଚଳର ପରିଦର୍ଶନ କରି ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ସେ ପ୍ରଥମେ ସମାସିଂହାସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରିବା ସହ ସେଠାରେ ନିର୍ମାଣାଧୀନ ପ୍ରକଳ୍ପଗୁଡ଼ିକର ଅନୁଧ୍ୟାନ କରିଥିଲେ। ବିଶେଷକରି ମନ୍ଦିର ପରିସରରେ ନିର୍ମାଣ ହେଉଥିବା ଭୋଗମଣ୍ଡପ କାର୍ଯ୍ୟ ଶୀଘ୍ର ସମ୍ପୂର୍ଣ୍ଣ କରିବା ପାଇଁ ସେ କୋଲାବିରା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ କହିଛନ୍ତି। ଶ୍ରଦ୍ଧାଳୁଙ୍କ ସୁବିଧାକୁ ଦୃଷ୍ଟିରେ ରଖି ପ୍ରକଳ୍ପର ଗୁଣବତ୍ତା ବଜାୟ ରଖିବାକୁ ସେ ଗୁରୁତ୍ୱାରୋପ କରିଛନ୍ତି। ଏହାପରେ ଜିଲାପାଳ ରଘୁନାଥପାଲିସ୍ଥିତ ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରି ନୂତନ ଭାବେ ନିର୍ମିତ ଅତିରିକ୍ତ ଶ୍ରେଣୀଗୃହ, ପାନୀୟ ଜଳ ବ୍ୟବସ୍ଥା, ଖେଳପଡ଼ିଆ ଏବଂ ପରିସର ମଧ୍ୟରେ ଥିବା ରାସ୍ତାର ସ୍ଥିତି ଯାଞ୍ଚ କରିଥିଲେ। ଏଥିସହ ରୋଷେଇଗୃହ ଓ ଶୌଚାଳୟର ସ୍ୱଚ୍ଛତା ଉପରେ ସେ ବିଶେଷ ଦୃଷ୍ଟି ଦେଇଥିଲେ। ବିଦ୍ୟାଳୟ ପରିବେଶକୁ ସବୁଜ ସୁନ୍ଦର କରିବା ପାଇଁ କରାଯାଇଥିବା ବୃକ୍ଷରୋପଣ କାର୍ଯ୍ୟର ମଧ୍ୟ ସେ ଅନୁଧ୍ୟାନ କରିଥିଲେ। ଚଳିତ ଗ୍ରୀଷ୍ମ ପ୍ରବାହ ସମୟରେ କିଭଳି ପ୍ରତ୍ୟେକ ଗଛ ବଞ୍ଚି ରହିବ ଏବଂ ସେଗୁଡ଼ିକର ଉପଯୁକ୍ତ ରକ୍ଷଣାବେକ୍ଷଣ ହେବ, ସେଥିପ୍ରତି ସତର୍କ ରହିବାକୁ ପ୍ରଧାନ ଶିକ୍ଷକଙ୍କୁ ଜିଲାପାଳ ପରାମର୍ଶ ଦେଇଛନ୍ତି।

## ଗୋହିରା ଜଳ ଭଣ୍ଡାରରେ ବୁଡି ଯୁବକ ମୃତ

ରିଆମାଳ, ୨୨।୪
(ବଦ୍ରି ନାରାୟଣ ଅଗ୍ରୱାଲା)

ଦେବଗଡ଼ ଜିଲା ରିଆମାଳ ଥାନା କଂସର ଫାଣ୍ଡି ଅନ୍ତର୍ଗତ ଗୋହିରା ଜଳ ଭଣ୍ଡାରରେ ବୁଡି ବୁଧବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବରଗଡ଼ ଜିଲା ଭଟ୍‌ଲିଛକ ନିବାସୀ ଗଣନାଥ ରଥ(୪୨)। ସେ ଆମ୍ବଘାଟ ଗ୍ରାମସ୍ଥିତ ଜଣେ ସମ୍ପର୍କୀୟଙ୍କ ବିବାହ ଉତ୍ସବରେ ଯୋଗଦେବାକୁ ଆସିଥିଲେ। ବୁଧବାର ମଧ୍ୟାହ୍ନରେ ଜଳଭଣ୍ଡାରରେ ଗାଧୋଇବାବେଳେ ହଠାତ୍ ପାଣିରେ ବୁଡି ଯାଇଥିଲେ। ଏହାଦେଖି ତାଙ୍କ ସାଙ୍ଗରେ ଆସିଥିବା ଅନ୍ୟ ସମ୍ପର୍କୀୟମାନେ ପାଣିରେ ଖୋଜାଖୋଜି କରିଥିଲେ ମଧ ତାଙ୍କୁ ପାଇ ନ ଥିଲେ। ଖବରପାଇ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଜଳଭଣ୍ଡାରରୁ ଗଣନାଥଙ୍କ ମୃତଦେହ ଉଦ୍ଧାର କରିଥିଲେ। ସେହିପରି କଂସର ଫାଣ୍ଡି ପୋଲିସ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଚଳାଇଛି। ତେବେ ଗଣନାଥଙ୍କ ପରିବାର ସଦସ୍ୟ ପହଞ୍ଚିବା ପରେ ଗୁରୁବାର ମୃତଦେହ ବ୍ୟବଚ୍ଛେଦ କରାଯାଇ ତାଙ୍କୁ ହସ୍ତାନ୍ତର କରାଯିବ ବୋଲି ରିଆମାଳ ଥାନାଧିକାରୀ ବିନୟ କେରକେଟ୍ଟା କହିଛନ୍ତି।

## ଜନ୍ମରୁ ୬ ବର୍ଷ ମଧ୍ୟରେ ଶିଶୁଙ୍କ ବିକାଶକୁ ସର୍ବାଧିକ ଗୁରୁତ୍ୱ

ଦେବଗଡ଼, ୨୨।୪
(ଶଶାଙ୍କ ଶେଖର ଝାଙ୍କର)

**ଜିଲାସ୍ତରୀୟ ଅଷ୍ଟମ ପୋଷଣ ପକ୍ଷ ପାଳିତ**


ଖାଦ୍ୟ ପ୍ରଦର୍ଶନୀକୁ ଅତିଥି ବୁଲି ଦେଖୁଛନ୍ତି।

ଦେବଗଡ଼ ଜିଲା ପ୍ରଶାସନ ଓ ଜିଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ଅତିରିକ୍ତ ଜିଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ଅଷ୍ଟମ ପୋଷଣ ପକ୍ଷ ବୁଧବାର ପାଳିତ ହୋଇଯାଇଛି। ଜିଲା ସମାଜ ମଙ୍ଗଳ ଅଧିକାରିଣୀ ସୁରଟୀ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ସମ୍ମାନିତ ଅତିଥି ଭାବେ ଜିଲା ମଙ୍ଗଳ ଅଧିକାରୀ ଶିଶିର କୁମାର ପୁହାଣ, ଡେପୁଟି କଲେକ୍ଟର ମୁକେଶ କୁମାର ଭୋଇ, ବାରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ବାବୁ ସିଂ, ଶିଶିର କୁମାର ଷଡ଼ଙ୍ଗୀ ଯୋଗଦେଇ ପୋଷଣ ପକ୍ଷ ପାଳନର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଏଥିସହ ଜନ୍ମରୁ ୬ ବର୍ଷ ମଧ୍ୟରେ ଶିଶୁଙ୍କ ବିକାଶ ପାଇଁ ସର୍ବାଧିକ ଗୁରୁତ୍ୱ ଦେବାକୁ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଶିଶୁଙ୍କୁ ପୁଷ୍ଟିକର ତଥା ପୋଷଣ ଯୁକ୍ତ ଖାଦ୍ୟ ଯୋଗାଇ ଦେବା ସହିତ ଏକ ସୁସ୍ଥ ଜୀବନ ଗଠନ ଉପରେ ଆଲୋଚନା କରାଯାଇଥିଲା। ଏଥିସହ ଶିଶୁଙ୍କ ବିକାଶ ପାଇଁ କାର୍ଯ୍ୟ କରିବା, ମା’ ଓ ଶିଶୁଙ୍କ ପୋଷଣ, ମସ୍ତିଷ୍କର ବିକାଶ ପାଇଁ ପ୍ରାରମ୍ଭିକ ପ୍ରୋତ୍ସାହନ, ପ୍ରାରମ୍ଭିକ ବୟସରେ ଖେଳ ଆଧାରିତ ଶିକ୍ଷା, ଶିଶୁଙ୍କ ସ୍କ୍ରିନ୍ ଟାଇମ୍ କମ୍ କରିବାରେ ମାତାପିତା ଓ ଗୋଷ୍ଠୀ ସମୁଦାୟଙ୍କ ଭୂମିକା, ଅଙ୍ଗନୱାଡ଼ି କେନ୍ଦ୍ରର ସଶକ୍ତୀକରଣ ନିମନ୍ତେ ସାମୁହିକ ସମର୍ଥନ ଯୋଜନାକୁ ଲୋକାଭିମୁଖି କରିବା ଏବଂ ଶିଶୁଙ୍କୁ କିଭଳି ସୁସ୍ଥ ଜୀବନଶୈଳୀ ଦିଆଯାଇପାରିବ ସେ ନେଇ ଆଲୋଚନା ହୋଇଥିଲା। ଏହି ଅବସରରେ ବିଭିନ୍ନ ପୁଷ୍ଟିକର ଖାଦ୍ୟ ପ୍ରଦର୍ଶନୀ କରାଯାଇଥିଲା। ଏଥିରେ ପ୍ରୋଗ୍ରାମ ଅଧିକାରୀ ପଙ୍କଜିନୀ ସାହୁ, ବାରକୋଟ ସିଡିପିଓ ଲିଲି ପ୍ରଧାନ, ରିଆମାଳ ସିଡିପିଓ ତାରାକାନ୍ତି ମହାନନ୍ଦିଆ, ତିଲେଇବଣି ସିଡିପିଓ ବନ୍ଦିତା ରାଉତରାୟ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାରଙ୍କ ସମେତ ସୁପରଭାଇଜର ଓ ସମାଜ ମଙ୍ଗଳ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ। ପୋଷଣ ଜିଲା ସଂଯୋଜକ ମନୋଜ ଆଚାର୍ଯ୍ୟ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

## ବିଶ୍ୱ ପୃଥିବୀ ଦିବସ ପାଳିତ

ଝାରସୁଗୁଡ଼ା, ୨୨।୪
(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ାସ୍ଥିତ ଡିଏଭି ପବ୍ଲିକ୍ ସ୍କୁଲ ପରିସରରେ ବିଶ୍ୱ ପୃଥିବୀ ଦିବସ ବୁଧବାର ପାଳିତ ହୋଇଯାଇଛି। ଚଳିତବର୍ଷର ବିଷୟବସ୍ତୁ ‘ଆମର ଶକ୍ତି, ଆମର ଗ୍ରହ’କୁ ଆଧାରକରି ପରିବେଶ ସୁରକ୍ଷା ଓ ପ୍ରାକୃତିକ ସମ୍ପଦର ସଂରକ୍ଷଣ ପାଇଁ ଶପଥ ଗ୍ରହଣ କରାଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ଦେବତା ସ୍ୱାଗତ ଭାଷଣ ଦେଇ ପ୍ରକୃତି ଓ ମାନବ ସମାଜର ନିବିଡ଼ ସମ୍ପର୍କ ବିଷୟରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ ଯୋଗଦେଇ ପରିବେଶ ସୁରକ୍ଷା ପାଇଁ ସ୍ଲୋଗାନ ଦେବା ସହ ବୃକ୍ଷରୋପଣକୁ ପ୍ରୋତ୍ସାହିତ କରିବାକୁ ସଙ୍କଳ୍ପ କରିଥିଲେ। ଶିକ୍ଷକ ପଞ୍ଚାନନ ପଟେଲ, ନୀଳିମା ପଟେଲ, ନିକ୍ଷିତା ଗର୍ଡ଼ିଆ, ମନିଷା ଚାନ୍ଦ, ସୁନନ୍ଦା ପ୍ରହରାଜ, ଡ. ବେଦୁଲା ମଞ୍ଜୁଶ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଦୁର୍ଘଟଣାରେ ୨ ବାଇକ୍ ଆରୋହୀ ମୃତ

ଝାରସୁଗୁଡ଼ା, ୨୨।୪
(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ସଦର ଥାନା ଅନ୍ତର୍ଗତ ପ୍ରସନ୍ନ ପଣ୍ଡା ଛକରେ ବୁଧବାର ରାତିରେ ଦୁର୍ଘଟଣାରେ ୨ ବାଇକ୍‌ଆରୋହୀଙ୍କ ମୃତ୍ୟୁ ଘଟିଛି। ଏଥିରେ ଅନ୍ୟ ଜଣେ ଗୁରୁତର ହେଉଥିବାବେଳେ ତାଙ୍କ ପରିଚୟ ମିଳିପାରିନାହିଁ। ମୃତକ ହେଲେ ଝାରସୁଗୁଡ଼ା ଜିଲା କୋଲାବିରା ଥାନା ଅଧୀନ ପରମାଣପୁର ଗ୍ରାମର ନରେଶ କିଷାନ(୨୩) ଓ ଦୟାନିଧି ସାଗର(୩୬)। ସୂଚନା ଅନୁଯାୟୀ, ରାତି ପ୍ରାୟ ସାଢେ ୮ଟାରେ ଏକ ଟ୍ରେଲର ଝାରସୁଗୁଡ଼ା ପଟୁ ସୁନ୍ଦରଗଡ଼ ଅଭିମୁଖେ ଯାଉଥିଲା। ଏହି ସମୟରେ ଏକ ବାଇକ୍‌ରେ ନରେଶ, ଦୟାନିଧି ଓ ଅନ୍ୟ ଜଣେ ଯୁବକ ଯାଉଥିଲେ। ହେଲେ ସେମାନେ ଉକ୍ତ ଟ୍ରେଲରକୁ ଓଭରଟେକ୍ କରୁଥିବାବେଳେ ବାଇକ୍ ହ୍ୟାଣ୍ଡଲ ଉକ୍ତ ଟ୍ରେଲରରେ ବାଜିଯିବାରୁ ସେମାନେ ଭାରସାମ୍ୟ ହରାଇ ତଳେ ପଡିଯାଇଥିଲେ। ଟ୍ରେଲର ଚକ ନରେଶ ଓ ଦୟାନିଧିଙ୍କ ଉପରେ ଚଢ଼ିଯିବାରୁ ଘଟଣାସ୍ଥଳରେ ସେମାନଙ୍କ ମୃତ୍ୟୁ ଘଟିଥିଲା। ଅପରପକ୍ଷେ ଅନ୍ୟ ଜଣଙ୍କୁ ଗୁରୁତର ଅବସ୍ଥାରେ ଝାରସୁଗୁଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଉକ୍ତ ଟ୍ରେଲରକୁ ଜବତ କରିଛି। ଏଥିସହ ଦୁଇ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଝାରସୁଗୁଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଗୁରୁବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ଥାନାଧିକାରିଣୀ ସ୍ୱପ୍ନାରାଣୀ ଗୋଛାୟତ କହିଛନ୍ତି।

## ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ସମୀକ୍ଷା ପାଇଁ ତାଲିମ ଶିବିର

ରିଆମାଳ, ୨୨।୪
(ବଦ୍ରି ନାରାୟଣ ଅଗ୍ରୱାଲା)

ଦେବଗଡ଼ ଜିଲା ରିଆମାଳ ବ୍ଲକ୍ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍)ର ସାମାଜିକ ସମୀକ୍ଷା ପାଇଁ ତାଲିମ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ରିଆମାଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆଦିତ୍ୟ ପଣ୍ଡା ଯୋଗଦେଇଥିଲେ। ରିଆମାଳ ବ୍ଲକ୍ ସାମାଜିକ ସମୀକ୍ଷକ ହିମାଂଶୁ ଶେଖର ଦାଶ ସଭା ସଂଯୋଜନା କରିବା ସହ ୨୬ଟି ପଞ୍ଚାୟତର ଗ୍ରାମ୍ୟ ସମ୍ବଳ ବ୍ୟକ୍ତିଙ୍କୁ ତାଲିମ ଦେଇଥିଲେ। ୧।୧୦।୨୦୨୫ଠାରୁ ୩୧।୩।୨୦୨୬ ମଧ୍ୟରେ ହୋଇଥିବା ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ପ୍ରକଳ୍ପଗୁଡିକର ପୁଙ୍ଖାନୁପୁଙ୍ଖ ଭାବେ କିପରି ସମୀକ୍ଷା କରାଯିବ ସେ ବାବଦରେ ତାଲିମ ଦିଆଯାଇଥିଲା ।

## ସୋଲାର ଲାଇଟ୍ ଲଗାରେ ଦୁର୍ନୀତି ଅଭିଯୋଗ

**ଭିଜିଲାନ୍ସ ତଦନ୍ତ ଦାବି**

ଝାରସୁଗୁଡ଼ା, ୨୨।୪
(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା କୋଲାବିରା ବ୍ଲକ୍‌ରେ ସୋଲାର ଷ୍ଟ୍ରିଟ୍‌ଲାଇଟ୍ ଲଗାଇବା ନାମରେ ପ୍ରାୟ ୧ କୋଟି ୯୦ ଲକ୍ଷ ୯୦ ହଜାର ୫ ଶହ ଟଙ୍କାର ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ତେବେ ଏହି ଘଟଣାର ଭିଜିଲାନ୍ସ ତଦନ୍ତ ପାଇଁ ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ନିକଟରେ ସୋଡାମାଳ ପଞ୍ଚାୟତର ପୂର୍ବତନ ସରପଞ୍ଚ ବଳରାମ ପାଣ୍ଡେ ଦାବି କରିଛନ୍ତି।

ଅଭିଯୋଗ ଅନୁଯାୟୀ, ୨୦୨୨ ମସିହାରେ କେନ୍ଦ୍ର ସରକାରଙ୍କ ରୁର୍ବାନ ଯୋଜନା ଅଧୀନରେ କୋଲାବିରା ବ୍ଲକ୍ ଅଧୀନ ସୋଡାମାଳ, ସମାସିଂହା, କୁଲିହାମାଲ, ପୋଖରାସାହ୍ଲେ, ଝିର୍ଲାପାଲି ଓ କୋଲାବିରାର ବିଭିନ୍ନ ଛକରେ ସୋଲାର ଷ୍ଟ୍ରିଟ୍ ଲାଇଟ୍ ଲଗାଯାଇଥିଲା। ଏହି କାର୍ଯ୍ୟ ପାଇଁ ଏକ ଠିକା ସଂସ୍ଥାକୁ ଦାୟିତ୍ୱ ଦିଆଯାଇଥିଲା। ତେବେ ଏହି ସମଗ୍ର ପ୍ରକ୍ରିୟାରେ ଟେଣ୍ଡର ଫିକ୍ସିଂ ହୋଇଥିବା ପାଣ୍ଡେ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଲୋକଙ୍କ ନଜରରୁ ବଞ୍ଚିବା ପାଇଁ ଜିଲାରେ ପ୍ରସାରିତ ହେଉ ନ ଥିବା ଏକ ଅଖ୍ୟାତ ଖବରକାଗଜରେ ଟେଣ୍ଡର ପ୍ରକାଶ କରାଯାଇଥିଲା। କୌଣସି ସରକାରୀ ନୋଟିସ୍ ବୋର୍ଡରେ ଏହାର ସୂଚନା ଦିଆଯାଇ ନ ଥିଲା। ଗୋଟିଏ ଲାଇଟ୍ ଖୁମ୍ବ ପାଇଁ ୩୨ ହଜାର ଟଙ୍କାର ବ୍ୟୟ ଅଟକଳ ଥିବାବେଳେ ପ୍ରକୃତରେ ମାତ୍ର ୧୪ ହଜାର ଟଙ୍କାର ନିମ୍ନମାନର ସାମଗ୍ରୀ ବ୍ୟବହାର କରାଯାଇଛି। ନାମୀଦାମୀ କମ୍ପାନୀ ନାମରେ ନକଲି ଲାଇଟ୍ ଓ ଦୁର୍ବଳ ଖୁଣ୍ଟ ଲଗାଯାଇଛି। ବ୍ଲକ୍‌ର ଜେଇ ଓ ଏଇ ବିଲ କରିବାକୁ ମନା କରିବା ସତ୍ତ୍ୱେ ଡିଆରଡିଏ ଜରିଆରେ କୌଶଳକ୍ରମେ ଠିକାସଂସ୍ଥାକୁ ସମ୍ପୂର୍ଣ୍ଣ ଅର୍ଥ ପ୍ରଦାନ କରାଯାଇଛି। ୧ ବର୍ଷ ମଧ୍ୟରେ ୯୦% ଲାଇଟ୍ ଅଚଳ ହୋଇଯାଇଛି ଏବଂ ଅନେକ ଖୁଣ୍ଟ ଭାଙ୍ଗି ପଡ଼ିଛି। ମାତ୍ର ୭୦% କାମ କରି ସମ୍ପୂର୍ଣ୍ଣ ବିଲ୍ ଉଠାଇ ନିଆଯାଇଛି। ପୂର୍ବରୁ ଏନେଇ ବାରମ୍ବାର ଅଭିଯୋଗ କରାଯାଇଥିଲେ ମଧ କୌଣସି ସୁଫଳ ମିଳିପାରିନାହିଁ। ତୁରନ୍ତ ଏହି କାର୍ଯ୍ୟର ଭିଜିଲାନ୍ସ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲାପାଳଙ୍କ ନିକଟରେ ପାଣ୍ଡେ ଦାବି କରିଛନ୍ତି। ଝାରସୁଗୁଡା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଘଟଣା ର ତଦନ୍ତ କରାଯିବ ବୋଲି ମତ ପ୍ରକାଶ କରିଛନ୍ତି।

## କ୍ଲଷ୍ଟରସ୍ତରୀୟ ଅବସରକାଳୀନ ସମ୍ବର୍ଦ୍ଧନା ସଭା

ରିଆମାଳ, ୨୨।୪
(ବଦ୍ରିନାରାୟଣ ଅଗ୍ରୱାଲା)

ଦେବଗଡ଼ ଜିଲା ରିଆମାଳ ବ୍ଲକ୍ ବୁଢ଼ାପାଳ ଉଚ୍ଚପ୍ରାଥମିକବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ଅବସରକାଳୀନ ସମ୍ବର୍ଦ୍ଧନା ସଭା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ତିଲେଇପଶି ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶର୍ଙ୍କର୍ଷଣ ପ୍ରଧାନ ଓ ବୁଢ଼ାପାଳ ଉଚ୍ଚପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ସବିତା ପ୍ରଧାନଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ପ୍ରିୟମ୍ବଦା ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ କ୍ଲଷ୍ଟର ସଂଯୋଜକ ଉତ୍ତମ କୁମାର ପ୍ରଧାନ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଯଦୁମଣି ପ୍ରଧାନ ଯୋଗଦେଇଥିଲେ। ଶିକ୍ଷୟିତ୍ରୀ ବାସନ୍ତୀ ସାହୁ ଅତିଥି ପରିଚୟ ପ୍ରଦାନ ଓ ଶିକ୍ଷକ ଧରଣୀଧର ନାଏକ ସଭା ସଂଯୋଜନା କରିଥିଲେ। ଶିକ୍ଷୟିତ୍ରୀ ନମିତା ଦ୍ୱିବେଦୀ ସଙ୍ଗୀତ ଗାନ କରିଥିଲେ।

## ସିଏମ୍ ଟ୍ରଫି ଫୁଟ୍‌ବଲ: ଏମ୍‌ଜେଓ୍ୱାଇସି ବିଜୟୀ


କାର୍ଯ୍ୟକ୍ରମରେ ଖେଳାଳିଙ୍କ ଗହଣରେ ଅତିଥି ଓ ରେଫରି।

ଝାରସୁଗୁଡ଼ା, ୨୨।୪(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ାଠାରେ ଚାଲିଥିବା ସିଏମ୍ ଟ୍ରଫି ଫୁଟ୍‌ବଲ୍ ଟୁର୍ନାମେଣ୍ଟର ବୁଧବାର ୨୦ତମ ମ୍ୟାଚ୍ ବେହେରାପାଟ ଏମ୍‌ଜେଓ୍ୱାଇସି ଏବଂ ବ୍ରଜରାଜନଗର ଶ୍ରୀ ତ୍ରିନାଥ ଏକାଡେମୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଏମ୍‌ଜେଓ୍ୱାଇସି ଟିମ୍ ୪-୦ ଗୋଲ୍‌ରେ ବିଜୟୀ ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଆନନ୍ଦିନୀ ପାଢ଼ୀ ଓ ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ରତ୍ନାକର ସାଇ, ଶରତ କିଷାନ, ଅରୁଣ ପ୍ରଧାନ ଏବଂ ସଞ୍ଜୟ ଦାସ ଖେଳ ପରିଚାଳନା କରିଥିଲେ।

## ରାଉରକେଲା ଯାତ୍ରାକଲା ଜୁନିୟର ବାଳିକା ହକି ଟିମ୍


ରାଉରକେଲା ଅଭିମୁଖେ ବାହାରିଥିବା ଖେଳାଳି।

ଝାରସୁଗୁଡ଼ା, ୨୨।୪
(ଆଶିଷ ରଞ୍ଜନ ଦାଶ)

**ଆନ୍ତଃ ଜିଲା ହକି ପ୍ରତିଯୋଗିତା**

ଓଡ଼ିଶା ହକି ଆସୋସିଏଶନ ଆନୁକୂଲ୍ୟରେ ଆନ୍ତଃଜିଲା ହକି ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ଭାଗ ନେବା ପାଇଁ ଝାରସୁଗୁଡ଼ା ଜିଲା ଜୁନିୟର ବାଳିକା ହକି ଟିମ୍‌ର ୧୫ ଜଣ ଖେଳାଳି ବୁଧବାର ସକାଳ ୯ଟାରେ ଟ୍ରେନ୍‌ଯୋଗେ ରାଉରକେଲା ଯାତ୍ରା କରିଛନ୍ତି। ଗୁରୁବାର ସକାଳେ ଏହି ଟିମ୍ ନିଜର ପ୍ରଥମ ମ୍ୟାଚ୍ ଖେଳିବ। ରାଜେଶ୍ୱରୀ ନାୟକ ଏହି ଜୁନିୟର ହକି ଦଳର ନେତୃତ୍ୱ ନେଉଛନ୍ତି। ଟିମ୍‌ର ମ୍ୟାନେଜର ଭାବରେ ସକୁନ୍ଦ ନାଏକ ଏବଂ କୋଚ୍ ଭାବରେ ମଧୁମିତା ଖାଲଖୋ ଟିମ୍ ସହିତ ଯାତ୍ରା କରିଛନ୍ତି। ସକାଳେ ଝାରସୁଗୁଡ଼ା ରେଳ ଷ୍ଟେଶନରେ ଓଡ଼ିଶା ହକି ଆସୋସିଏଶନର ଉପସଭାପତି ଜୀବନ ମହାନ୍ତି ଏବଂ କ୍ଲେମେଣ୍ଟ ରୋନାଲ୍ଡ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଜିଲାପାଳ ତଥା ଜିଲା ହକି ଆସୋସିଏଶନ ସଭାପତି କୁଣାଲ ମୋତିରାମ ଚୌହାଣ, ଜିଲା କ୍ରୀଡ଼ା ଅଧିକାରୀ ଅମ୍ରିତ ଆଚାର୍ଯ୍ୟ, ସମ୍ପାଦକ ତଥା ଏଡିଏମ୍ ବ୍ରଜବନ୍ଧୁ ଭୋଇ, ସଦସ୍ୟ ପ୍ରଜ୍ୱଳ ପଟେଲ ପ୍ରମୁଖ ଟିମ୍‌ର ସଫଳତା କାମନା କରି ଶୁଭକାମନା ଜଣାଇଛନ୍ତି।

## ୫ ଦିନ ବିତିଲା, ଅଧ୍ୟକ୍ଷଙ୍କୁ ଗିରଫ କରୁନି ପୋଲିସ

ଦେବଗଡ଼, ୨୨।୪
(ଶଶାଙ୍କ ଶେଖର ଝାଙ୍କର)

**ଯୌନ ନିର୍ଯାତନା ଘଟଣା**

ଦେବଗଡ଼ ଜିଲା ବାରକୋଟ ଥାନା ଅଞ୍ଚଳର ଏକ ସରକାରୀ ଆଇଟିଆଇ ଅଧ୍ୟକ୍ଷ ରତିକାନ୍ତ ପରିଡ଼ା ଜଣେ ନାବାଳିକା ଛାତ୍ରୀଙ୍କୁ ଯୌନ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଛି। ଥାନାରେ ଅଭିଯୋଗ ହେବାର ୫ ଦିନ ବିତିଯାଇଥିଲେ ମଧ୍ୟ ଅଧ୍ୟକ୍ଷ ପରିଡ଼ାଙ୍କୁ ପୋଲିସ ଗିରଫ କରିବାରେ ବିଫଳ ହୋଇଛି। ଅପରପକ୍ଷେ ହାଇକୋର୍ଟରୁ ଆଗୁଆ ଜାମିନ ଆବେଦନ ପାଇଁ ପରିଡ଼ାଙ୍କୁ ପୋଲିସ ସୁଯୋଗ ଦେଇଥିବା ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ଏହାକୁ ନେଇ ପୋଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ଦାବି ହେଉଛି।

ସୂଚନା ଅନୁଯାୟୀ, ଗତବର୍ଷ ସ୍ଥାନୀୟ ଏକ ଶିଶୁଗୃହର କେତେଜଣ ଅନ୍ତେବାସୀ ଏହି ବୈଷୟିକ ଶିକ୍ଷାନୁଷ୍ଠାନରେ ପଢ଼ିବା ପାଇଁ ନାମ ଲେଖାଇଥିଲେ। ସେମାନେ ବାରକୋଟସ୍ଥିତ ସରକାରୀ ଆଇଟିଆଇର ହଷ୍ଟେଲରେ ରୁହନ୍ତି ଓ ଛୁଟି ହେଲେ ପୁଣି ଶିଶୁଗୃହକୁ ଫେରନ୍ତି। କାରଣ ଶିଶୁଗୃହର ପରିଚାଳକ ସେମାନଙ୍କ ସ୍ଥାନୀୟ ଅଭିଭାବକ ଭାବେ ଦାୟିତ୍ୱରେ ଅଛନ୍ତି। ଛୁଟି ସରିଲା ପରେ ପିଲାମାନେ ପୁଣି ଆଇଟିଆଇ ହଷ୍ଟେଲକୁ ଫେରିଯାଆନ୍ତି । ଏହି କ୍ରମରେ ଏବେ ଛୁଟିରେ ଶିଶୁଗୃହକୁ ଫେରିଥିବା ଜଣେ ନାବାଳିକାଙ୍କ ପାଖରେ ଦାମୀ ଉପହାର, ଟଙ୍କା ଓ ମୋବାଇଲ ଥିବା ଦେଖିବାକୁ ମିଳିଥିଲା। ଏ ସମ୍ପର୍କରେ ଶିଶୁଗୃହର ଶିଶୁ ମଙ୍ଗଳ ଅଧିକାରିଣୀ ଜାଣିବା ପରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ରଙ୍କ ଦୃଷ୍ଟିକୁ ଆଣିଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଶିଶୁଗୃହର କାଉନ୍‌ସିଲର ସମ୍ପୃକ୍ତା ଛାତ୍ରୀଙ୍କୁ ଘଟଣା ବିଷୟରେ ପଚାରି ବୁଝିଥିଲେ। ପରେ ଏ ସମ୍ପର୍କିତ ରିପୋର୍ଟ ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କୁ ପ୍ରଦାନ କରିଥିଲେ। ସମ୍ପୃକ୍ତା ଛାତ୍ରୀଙ୍କୁ ଯୌନ ନିର୍ଯାତନା ଦିଆଯାଇଥିବା ଜଣାପଡିଛି।

ଅଭିଯୋଗ ଅନୁଯାୟୀ, ଅନ୍ୟ ଛାତ୍ରୀଛାତ୍ର ଶ୍ରେଣୀଗୃହରେ ପାଠ ପଢୁଥିବାବେଳେ ହଷ୍ଟେଲ ୱାର୍ଡେନ ସମ୍ପୃକ୍ତା ଛାତ୍ରୀଙ୍କୁ ଅଧ୍ୟକ୍ଷ ପରିଡ଼ାଙ୍କ ରୁମ୍‌କୁ ଖାଇବା ନେଇ ପରଷିବା ପାଇଁ ବାଧ୍ୟ କରନ୍ତି । ଏପରି କି ଅଧ୍ୟକ୍ଷଙ୍କ ନିର୍ଦ୍ଦେଶକ୍ରମେ ତାଙ୍କ ରୁମ୍‌ରେ ପୋଛା ମାରିବା, ଫୁଲ ତୋଳି ଆଣି ଦେବା, ହାତଗୋଡ଼ ଘଷିବା ଇତ୍ୟାଦି କାମ ପାଇଁ ମଧ୍ୟ କୁହନ୍ତି । ଅପରପକ୍ଷେ ଅଧ୍ୟକ୍ଷ ଶାରୀରିକ ସମ୍ପର୍କ ରଖିବାକୁ ସମ୍ପୃକ୍ତା ଛାତ୍ରୀଙ୍କୁ ବାଧ୍ୟ କରନ୍ତି । ପ୍ରାୟ ୧ ମାସ ଧରି ଅଧ୍ୟକ୍ଷ ଶାରୀରିକ ସମ୍ପର୍କ ରଖିବା ସହ ନିର୍ଯାତନା ଦେଇଥିବା ଛାତ୍ରୀ ଜଣଙ୍କ ଶୁକ୍ରବାର ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ. ୧୬୧/୨୬) ରୁଜୁ କରିଥିଲା। ହେଲେ ପୋଲିସ ଏପର୍ଯ୍ୟନ୍ତ ଅଭିଯୁକ୍ତଙ୍କୁ ଗିରଫ କରିପାରିନାହିଁ। ଏ ସମ୍ପର୍କରେ ବାରକୋଟ ଆଇଆଇସି ସୁଶାନ୍ତ ବଡ଼ାଇ କହିଛନ୍ତି, ଅଧ୍ୟକ୍ଷ ପରିଡ଼ା ଫେରାର ଅଛନ୍ତି। ଖୁବ୍‌ଶୀଘ୍ର ତାଙ୍କୁ ଗିରଫ କରାଯିବ।

## ଗୀତା ଗୋପୀନାଥଙ୍କ ସତର୍କବାଣୀ

# ‘ଫ୍ୟୁଏଲ୍, ଫୁଡ୍, ଫର୍ଟିଲାଇଜର’କୁ ନେଇ ବଢ଼ିପାରେ ସମସ୍ୟା

ନୂଆଦିଲ୍ଲୀ, ୨୨।୪

ପଶ୍ଚିମ ଏସିଆ ଯୁଦ୍ଧ ପ୍ରଭାବରେ ଏବେ ବିଭିନ୍ନ କ୍ଷେତ୍ରରେ ଅନିଶ୍ଚିତତା ବଢ଼ି ଚାଲି ଥିଲାବେଳେ ଇନ୍ଧନ ଯୋଗାଣ ଶୃଙ୍ଖଳ ବ୍ୟାହତ ହେବାକୁ ନେଇ ବୈଶ୍ୱିକ ଅର୍ଥନୀତିର ଗତି ଦୁର୍ବଳ ହେବାରେ ଲାଗିଛି। ଏହାକୁ ନେଇ ଜାତିସଂଘ ସମେତ ଅନ୍ତର୍ଜାତୀୟ ସ୍ତରର ବହୁ ଆର୍ଥିକ ସଂସ୍ଥା ଗଭୀର ଚିନ୍ତାବ୍ୟକ୍ତ କରିଛନ୍ତି। ତେବେ ଇନ୍ଧନ ଯୋଗାଣ କ୍ଷେତ୍ର ବ୍ୟାହତ ହେବା ଦ୍ୱାରା ଭାରତ ଭଳି ଏକ ବିଶାଳ ଜନସଂଖ୍ୟା ବିଶିଷ୍ଟ ରାଷ୍ଟ୍ର ପାଇଁ ଆଗକୁ ଅନେକ ସମସ୍ୟା ସୃଷ୍ଟିହେବାକୁ ଯାଉଛି ବୋଲି ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି(ଆଇଏମ୍ଏଫ୍)ର ପୂର୍ବତନ ଉପ ପରିଚାଳନା ନିର୍ଦ୍ଦେଶକ ତଥା ହାର୍ଭାର୍ଡ ୟୁନିଭର୍ସିଟି ପ୍ରଫେସର ଗୀତା ଗୋପୀନାଥ ସତର୍କ କରାଇ ଦେଇଛନ୍ତି। ପଶ୍ଚିମ ଏସିଆ ଯୁଦ୍ଧ ସ୍ଥିତି ଭାରତୀୟ ପରିବାରଙ୍କ ଲାଗି ଫ୍ୟୁଏଲ(ଇନ୍ଧନ), ଫୁଡ୍(ଖାଦ୍ୟ) ଏବଂ ଫର୍ଟିଲାଇଜର(ସାର) ଭଳି ମୁଖ୍ୟତଃ ୩ଟି ଜିନିଷ ଘୋର ସମସ୍ୟା ସୃଷ୍ଟି କରିବ। ଯଦି ଇରାନ୍ ଏବଂ ଆମେରିକା ମଧ୍ୟରେ



ଚାଲିଥିବା ବିବାଦର ସମାଧାନ ଶୀଘ୍ର ହୁଏ ଏବଂ ପଶ୍ଚିମ ଏସିଆ ସ୍ଥିତି ସ୍ୱାଭାବିକ ହୁଏ ତେବେ ଉପରୋକ୍ତ ୩ଟି ବିଷୟକୁ ନେଇ ଭାରତୀୟଙ୍କ ଉପରେ କମ୍ ପ୍ରଭାବ ପଡ଼ିବ। କିନ୍ତୁ ଦୀର୍ଘ ଦିନ ଧରି ଯୁଦ୍ଧ ଲାଗି ରହିଲେ ପ୍ରତ୍ୟେକ ଭାରତୀୟ ପରିବାର ସବୁ ଦିଗରୁ ସମସ୍ୟା ବଢିବ ବୋଲି ସେ କହିଛନ୍ତି। ଏକ ଭାରତୀୟ ଗଣମାଧ୍ୟମକୁ ସାକ୍ଷାତ୍କାର ଦେଇ ଗୀତା କହିଛନ୍ତି, ପଶ୍ଚିମ ଏସିଆ ଯୁଦ୍ଧ ପ୍ରଭାବରେ ଏବେ ଇନ୍ଧନକୁ ନେଇ ବୈଶ୍ୱିକ ସ୍ତରରେ ଯେଭଳି ସ୍ଥିତି ଉପୁଜିଛି ତାହା ସତୁରି ଦଶକ ସ୍ଥିତିକୁ ବଳିଯାଇଛି। ୧୯୭୩ ଏବଂ ୧୯୭୯ରେ ୟୋମ୍ କିପୁର ଯୁଦ୍ଧକୁ ନେଇ ପାଶ୍ଚାତ୍ୟ ରାଷ୍ଟ୍ରସମୂହ ଇସ୍ରାଏଲକୁ ସମର୍ଥନ କରିବାରୁ ସମସ୍ତ ଆରବୀୟ ତୈଳ ଉତ୍ପାଦନକାରୀ ରାଷ୍ଟ୍ର(ଓପେକ୍) ତୈଳ ଓ ଗ୍ୟାସ୍ ଯୋଗାଣକୁ ନେଇ ଯେଉଁ ନିଷ୍ପତ୍ତି ନେଇଥିଲେ ତଦ୍ୱାରା ବୈଶ୍ୱିକ ସ୍ତରରେ ଘୋର ସଙ୍କଟ ସୃଷ୍ଟି ହୋଇଥିଲା। ଅନ୍ତର୍ଜାତୀୟ ବଜାରରେ ଉଭୟ ସାମଗ୍ରୀର ଘୋର ଅଭାବ ସହିତ ମୂଲ୍ୟବୃଦ୍ଧି ବୈଶ୍ୱିକ ଅର୍ଥନୀତି ମେରୁଦଣ୍ଡକୁ ଦୋହଲାଇ ଦେଇଥିଲା। ଏହାଦ୍ୱାରା ବିଭିନ୍ନ ଦେଶରେ ମୁଦ୍ରାସ୍ଫୀତି ଅହେତୁକ ଭାବେ ବୃଦ୍ଧି ପାଇଥିଲା। କିନ୍ତୁ ସାମ୍ପ୍ରତିକ ସ୍ଥିତି ଏହାଠାରୁ ବି ଗମ୍ଭୀର ହେବାକୁ ଯାଉଛି ବୋଲି ଗୀତା କହିଛନ୍ତି। ଯୁଦ୍ଧ ସପ୍ତାହେ କିମ୍ବା ୨ ସପ୍ତାହ ମଧ୍ୟରେ ବନ୍ଦ ନ ହେଲେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ମୂଲ୍ୟ ୧୦୦ ଡଲାର ଟପିବ। ଏହାଦ୍ୱାରା ବୈଶ୍ୱିକ ଅଭିବୃଦ୍ଧି ଧାରା ମାତ୍ରାଧିକ ପ୍ରଭାବିତ ହେବା ସହ ଅଭିବୃଦ୍ଧି ହାର ୨.୫ ପ୍ରତିଶତକୁ ଖସି ଆସିବ। ଏଭଳି ସ୍ଥିତିରେ ଭାରତୀୟ ଅର୍ଥନୀତି ମଧ୍ୟ ମାତ୍ରାଧିକ ପ୍ରଭାବିତ ହେବ। ଭାରତ ନିଜର ଆବଶ୍ୟକତା ପାଇଁ ୮୦ ପ୍ରତିଶତରୁ ଅଧିକ ତୈଳ ବିଦେଶରୁ ଆମଦାନୀ କରିଥାଏ। କିନ୍ତୁ ତୈଳ ଦର ବୃଦ୍ଧି ହେଲେ ଏହାର ଚାପ ସରକାରଙ୍କ ଉପରେ ପଡ଼ିବ ଏବଂ ସରକାର ତୈଳ ଓ ଗ୍ୟାସ୍ କ୍ଷେତ୍ରରେ ଦେଉଥିବା ସବ୍‌ସିଡି ବନ୍ଦ କରିବାକୁ ବାଧ ହେବେ। ଏହାଦ୍ୱାରା ତୈଳ ଓ ଗ୍ୟାସ୍ ଦର ବୃଦ୍ଧି ହେଲେ ପ୍ରତ୍ୟେକ ଭାରତୀୟ ପରିବାରଙ୍କ ପାଇଁ ସବୁ ଦିଗରୁ ସମସ୍ୟା ବଢ଼ିବ। ସେହିପରି ସାର ଉତ୍ପାଦନ କ୍ଷେତ୍ର ପ୍ରଭାବିତ ହେବା ଦ୍ୱାରା ଚାଷୀଙ୍କ ପାଇଁ ମଧ୍ୟ ସମସ୍ୟା ବଢ଼ିବ। ଅନ୍ୟପକ୍ଷରେ ଆମଦାନୀ ମୂଲ୍ୟ ବୃଦ୍ଧି ହେଲେ ସରକାରଙ୍କ ଚଳନ୍ତି ଖାତା ଓ ବାଲାନ୍ସ ଅଫ୍ ପେମେଣ୍ଟ ଉପରେ ଚାପ ସୃଷ୍ଟି ହେବ। ଫଳରେ ଭାରତର ଅଭିବୃଦ୍ଧି ଧାରା ବ୍ୟାହତ ହେବ ବୋଲି ଗୀତା କହିଛନ୍ତି। ଏହି କ୍ରମରେ ଅଭିବୃଦ୍ଧି ହାର ୬.୫ ପ୍ରତିଶତରୁ କମ୍ ରହିପାରେ ବୋଲି ସେ ଆକଳନ କରିଛନ୍ତି।

# ମୁଦ୍ରାସ୍ଫୀତି ମୁକାବିଲା କରିବାକୁ ଆର୍‌ବିଆଇର ଚିନ୍ତା



ସଞ୍ଜୟ ମାଲହୋତ୍ରା

ନୂଆଦିଲ୍ଲୀ, ୨୨।୪

ଚଳିତ ମାସ ପ୍ରଥମ ଭାଗରେ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)ର ମୁଦ୍ରାନୀତି କମିଟି ବୈଠକର ନିଷ୍ପତ୍ତି ବୁଧବାର ପ୍ରକାଶ କରାଯାଇଛି। ପ୍ରତି ୨ମାସରେ ଦେଶର ମୁଦ୍ରାନୀତି ସମୀକ୍ଷା କରିବାକୁ ଗଠିତ ଏହି କମିଟିର ସମସ୍ତ ସଦସ୍ୟ ସୁଧହାର ଅପରିବର୍ତ୍ତିତ ରଖିବା ଲାଗି ସହମତ ହୋଇଥିଲେ ବୋଲି କୁହାଯାଇଛି। ବିଶେଷକରି ମଧ୍ୟପ୍ରାଚ୍ୟ ସ୍ଥିତିକୁ ନେଇ ମୁଦ୍ରାସ୍ଫୀତି ଏବଂ ଅର୍ଥନୈତିକ ବ୍ୟବସ୍ଥାର ବିଭିନ୍ନ ଦିଗରେ ସମତୁଲତା ରକ୍ଷାକରିବା ଲାଗି ସୁଧହାରରେ କୌଣସି ପରିବର୍ତ୍ତନ କରିବାକୁ ଏମ୍‌ପିସି କମିଟିରେ ନିଷ୍ପତ୍ତି ହୋଇଥିଲା ଏବଂ ସମସ୍ତ ସଦସ୍ୟ ଏହାକୁ ସମର୍ଥନ କରିଥିଲେ ବୋଲି ଆର୍‌ବିଆଇ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା କହିଛନ୍ତି। ସେ କହିଛନ୍ତି, ଇରାନ୍-ଆମେରିକା ଯୁଦ୍ଧ ପରେ ବୈଶ୍ୱିକ ସ୍ତରରେ ଯେଭଳି ପରିବର୍ତ୍ତନ ଘଟିଛି ତଦ୍ୱାରା ଆମଦାନୀ-ରପ୍ତାନି, ଯୋଗାଣ ଶୃଙ୍ଖଳ, ମୁଦ୍ରାସ୍ଫୀତି, ପୁଞ୍ଜିବଜାର ଆଦି କ୍ଷେତ୍ରକୁ ଦୃଷ୍ଟିଦେବାକୁ ହେବ। ସୁଧହାର ପରିବର୍ତ୍ତନ ଏହିସବୁ କ୍ଷେତ୍ରକୁ ପ୍ରଭାବିତ କରିଥାଆନ୍ତା। କିନ୍ତୁ ସ୍ଥିତିରେ ପରିବର୍ତ୍ତନ ନ ହେଲା ଯାଏ ଆମକୁ ବିଭିନ୍ନ କ୍ଷେତ୍ରରେ ସମତୁଲତା ରକ୍ଷା କରିବାକୁ ପଡ଼ିବ ବୋଲି ସେ କହିଛନ୍ତି।



ବିଏସ୍‌ଇ ସେନ୍‌ସେକ୍ସ
୭୮,୫୧୬ (-୭୫୬)



୧ ଡଲାର = ୯୩.୭୮ ଟଙ୍କା



ବ୍ରେଣ୍ଟ କ୍ରୁଡ୍ ଅଏଲ୍
(ପ୍ରତି ବ୍ୟାରେଲ୍)
୧୦୧.୫୦ ଡଲାର

# କିମ୍‌ସରେ ବିରଳ ଅସ୍ତ୍ରୋପଚାର

ଭୁବନେଶ୍ୱର,୨୨।୪(ଅନୁରାଧା ମହାରଣା)

ଭୁବନେଶ୍ୱରସ୍ଥିତ କିମ୍‌ସ୍ ହସ୍ପିଟାଲରେ ଜଣେ ରୋଗୀଙ୍କଠାରେ ବିରଳ ଅସ୍ତ୍ରୋପଚାର କରାଯାଇଛି । ବଙ୍କା ହୋଇଯାଇଥିବା ମେରୁଦଣ୍ଡକୁ ସିଧା କରାଯାଇଛି। କଟକ ଜିଲା ତ୍ରିଶୂଳିଆ ଅଞ୍ଚଳର ସୁଜିତ ନାୟକ ପୂର୍ବରୁ ଆଙ୍କିଲୋଜିଂ ସ୍ପଣ୍ଡିଲାଇଟିସ୍ ନାମକ ଜଟିଳ ରୋଗରେ ପୀଡ଼ିତ ଥିଲେ। ପରେ ଏକ ଦୁର୍ଘଟଣାରେ ତାଙ୍କର ବେକ ଓ ପିଠି ହାଡ଼ ମଧ୍ୟରେ ଗୁରୁତର ଆଘାତ ଲାଗିଥିଲା। ଫଳରେ ତାଙ୍କ ମୁଣ୍ଡ ସବୁବେଳେ ନଇଁଲା ଭଳି ଅବସ୍ଥାରେ ରହୁଥିଲା। ସେ ଉପରକୁ ଚାହିଁ ପାରୁ ନ ଥିଲେ, ଠିକ୍ ଭାବେ ଖାଇ ପାରୁ ନ ଥିଲେ, ଶୋଇବା ମଧ୍ୟ କଷ୍ଟକର ହୋଇପଡ଼ିଥିଲା। ଆର୍ଥିକ ଅସୁବିଧା କାରଣରୁ ରାଜ୍ୟ ବାହାରେ ଚିକିତ୍ସା ସମ୍ଭବ ହୋଇ ନ ଥିଲା। ପରେ ବନ୍ଧୁମାନଙ୍କ ପରାମର୍ଶରେ ସେ କିମ୍‌ସ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ହସ୍ପିଟାଲର ବରିଷ୍ଠ ସ୍ପାଇନ୍ ସର୍ଜନ ଡା. ଜିତେନ୍ଦ୍ର କୁମାର ରାଉତ ଏହାକୁ ପରୀକ୍ଷା ନିରୀକ୍ଷା କରିବା ପରେ ଅସ୍ତ୍ରୋପଚାର କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ଡା. ରାଉତଙ୍କ ନେତୃତ୍ୱରେ ଏକ ବିଶେଷଜ୍ଞ ଡାକ୍ତରୀ ଦଳ ଦୀର୍ଘ ୮ ଘଣ୍ଟା ଧରି ପରିଶ୍ରମକରି ଅସ୍ତ୍ରୋପଚାରକୁ ସଫଳ କରିଥିଲେ। ଅସ୍ତ୍ରୋପଚାର ପରେ ସୁଜିତ ଏବେ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି। ସେ ସିଧା ହୋଇ ବସିପାରୁଛନ୍ତି, ମୁଣ୍ଡ ଉଠାଇ ସବୁଦିଗ ଦେଖିପାରୁଛନ୍ତି ଏବଂ ଠିକ୍ ଭାବେ ଖାଇପାରୁଛନ୍ତି । ଏହି ଅସ୍ତ୍ରୋପଚାର ପାଇଁ ସୁଜିତ କିମ୍‌ସର ଡାକ୍ତର ଓ କର୍ମଚାରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏକ ଅତ୍ୟନ୍ତ ଜଟିଳ ମେରୁଦଣ୍ଡ ଅସ୍ତ୍ରୋପଚାର ଥିଲେ ମଧ୍ୟ କିମ୍‌ସ ଉପଲବ୍ଧ ଅତ୍ୟାଧୁନିକ ଯନ୍ତ୍ରପାତି, ଚିକିତ୍ସା ପଦ୍ଧତି ଓ ଡାକ୍ତରୀଦଳର ଟିମ୍‌ୱାର୍କ ଯୋଗୁ ଅସ୍ତ୍ରୋପଚାର ସଫଳ ହୋଇପାରିଥିଲା ବୋଲି ଡା. ରାଉତ ପ୍ରକାଶ କରିଛନ୍ତି। ଏହି ସଫଳତାରେ କିଟ୍, କିସ୍ ଓ କିମ୍‌ସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଉକ୍ତ ରୋଗୀଙ୍କ ଆରୋଗ୍ୟ କାମନା କରିବା ସହ ଏହି ଅସ୍ତ୍ରୋପଚାରରେ ସମ୍ପୃକ୍ତ ଡାକ୍ତରୀ ଦଳକୁ ଧନ୍ୟବାଦ ଜଣାଇଛନ୍ତି।

# ରାଧାଗୋବିନ୍ଦ ରାୟ ଗ୍ରାଣ୍ଡସନ ଜୁଏଲର୍ସରେ ଅକ୍ଷୟ ତୃତୀୟା ଅଫର



କଟକ,୨୨।୪(କାର୍ତ୍ତିକ ସାହୁ)

କଟକ ନିମଚଉଡ଼ିସ୍ଥିତ ରାଧାଗୋବିନ୍ଦ ରାୟ ଗ୍ରାଣ୍ଡସନ ଜୁଏଲର୍ସରେ ଅକ୍ଷୟ ତୃତୀୟା ଉପଲକ୍ଷେ ୧ ସପ୍ତାହ ବ୍ୟାପୀ ଗ୍ରାହକଙ୍କ ପାଇଁ ଆକର୍ଷଣୀୟ ଅଫର ବ୍ୟବସ୍ଥା କରାଯାଇଛି। ଗ୍ରାହକମାନେ ଗ୍ରାମ୍ ପ୍ରତି ଫ୍ଲାଟ୍ ୮.୯୯% ଗଢ଼ା ମଜୁରିରେ ସମସ୍ତ ଏଚ୍‌ଆଇଡି-୯୧୬ ବିଆଇଏସ୍ ହଲ୍‌ମାର୍କ ଗହଣା ପାଇପାରିବେ। ଗ୍ରାହକମାନେ ଶୋ’ରୁମ୍‌ରୁ ଗହଣା କିଣିଲେ ସମ୍ପୂର୍ଣ୍ଣ ଟ୍ରାନ୍ସପରେନ୍ସି, କମ୍ପ୍ଲିମେଣ୍ଟାରି ଇନ୍ସ୍ୟୁରାନ୍ସ, ସୁନା ବଦଳରେ ଜିରୋ ଡିଡକ୍ସନ, ଗ୍ୟାରେଣ୍ଟେଡ୍ ବାଏ ବ୍ୟାକ୍, ୧୦୦% ଏଚ୍‌ଆଇଡି ମାର୍କଯୁକ୍ତ ଗହଣା ସହ ସାର୍ଟିଫାଏଡ୍ ଡାଇମଣ୍ଡ ଆଦି ପାଇପାରିବେ। କ୍ୟୁବନ ଚେନ୍ ଓ ବ୍ରେସ୍‌ଲେଟ୍, ଚୋକୋ, ଇଣ୍ଡୋଚୋକୋ, ଭୋଲେକ୍ସ, ଲୋଟସ ତଥା ହାତ ତିଆରି ଚେନ୍ ସହ କେରଳୀ, ତୁର୍କିସ, ଆଣ୍ଟିକ ଲାପା ଡିଜାଇନ୍‌ର ନେକ୍‌ଲେସ୍ ଆଦି ଉପଲବ୍ଧ ହେଉଛି। ଆଧୁନିକ ଟ୍ରେଣ୍ଡକୁ ଲକ୍ଷ୍ୟକରି ଆକର୍ଷଣୀୟ ଡିଜାଇନ ସହ ଉତ୍ତମ ଗ୍ରାହକସେବା ଯୋଗାଇଦେବା ଆମର ଲକ୍ଷ୍ୟ ବୋଲି ଶୋ’ରୁମ୍ ପକ୍ଷରୁ ଶୁଭାଶିଷ ରାୟ ପ୍ରକାଶ କରିଛନ୍ତି। ଗ୍ରାହକମାନେ ଏହି ସ୍ୱତନ୍ତ୍ର ଅଫର ଲାଭ ଉଠାଇବା ପାଇଁ ଶୋ’ରୁମ୍ ସ୍ୱତ୍ୱାଧିକାରୀ ସୌରଭ ରାୟ ପ୍ରକାଶ କରିଛନ୍ତି।

# ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ଭୁବନେଶ୍ୱର କ୍ଷେତ୍ରର ନୂତନ ମୁଖ୍ୟ

ଭୁବନେଶ୍ୱର,୨୨।୪

ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ଭୁବନେଶ୍ୱର କ୍ଷେତ୍ରର ନୂତନ କ୍ଷେତ୍ରୀୟ ମୁଖ୍ୟ ଭାବେ ରାକେଶ କୁମାର ସିଂ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ସେ ଏହା ପୂର୍ବରୁ ସେ ବ୍ୟାଙ୍କର ଗୋରଖପୁର କ୍ଷେତ୍ରୀୟ କାର୍ଯ୍ୟାଳୟରେ କ୍ଷେତ୍ରୀୟ ମୁଖ୍ୟ ଭାବେ କାର୍ଯ୍ୟ କରୁଥିଲେ। ଶ୍ରୀ ସିଂ ୧୯୯୫ ମସିହାରେ ଛତିଶଗଡରେ ଜଣେ କର୍ମଚାରୀ ଭାବେ ନିଜର ବ୍ୟାଙ୍କିଙ୍ଗ୍ କ୍ୟାରିୟର ଆରମ୍ଭ କରିଥିଲେ। ସେ ମଧ୍ୟପ୍ରଦେଶ, ତେଲେଙ୍ଗାନା, ମହାରାଷ୍ଟ୍ର ଏବଂ ଉତ୍ତର ପ୍ରଦେଶ ଆଦି ରାଜ୍ୟର ବିଭିନ୍ନ ସ୍ଥାନରେ ଉଚ୍ଚ ପଦ ପଦବୀରେ କାର୍ଯ୍ୟ କରି ୩୧ ବର୍ଷରୁ ଅଧିକ ଅଭିଜ୍ଞତା ହାସଲ କରିଛନ୍ତି। ଭୁବନେଶ୍ୱର କ୍ଷେତ୍ରରେ କ୍ଷେତ୍ରୀୟ ମୁଖ୍ୟ ଭାବେ ସେ ଏମ୍ଏସ୍ଏମ୍ଇ, ରିଟେଲ୍ ବ୍ୟାଙ୍କିଙ୍ଗ୍ ଏବଂ କୃଷି କ୍ଷେତ୍ରକୁ ପ୍ରାଥମିକତା ଦେଇ କାର୍ଯ୍ୟ କରିବେ ବୋଲି କହିଛନ୍ତି। ଗ୍ରାହକ ସନ୍ତୁଷ୍ଟି ତାଙ୍କର ସର୍ବୋଚ୍ଚ ପ୍ରାଥମିକତା ରହିବା ସହିତ ରାଜ୍ୟରେ ସେଣ୍ଟ୍ରାଲ ବ୍ୟାଙ୍କର ଉପସ୍ଥିତିକୁ ଆହୁରି ସୁଦୃଢ଼ କରିବାକୁ ଗୁରୁତ୍ୱ ଦେବେ ବୋଲି କହିଛନ୍ତି।



ରାକେଶ କୁମାର ସିଂ

# ଟାଇପ୍ ୧ ମଧୁମେହ ଉପରେ ପତଞ୍ଜଳିର ଗବେଷଣା

ଭୁବନେଶ୍ୱର,୨୨।୪(ଅନୁରାଧା ମହାରଣା)

ମଧୁମେହ ଚିକିତ୍ସା ଉପରେ ପତଞ୍ଜଳି ବୈଜ୍ଞାନିକମାନଙ୍କ ଦ୍ୱାରା କରାଯାଇଥିବା ଗବେଷଣା ଏକ ବିପ୍ଳବ ସୃଷ୍ଟି କରିଛି ଯାହା ଟାଇପ୍ ୧ ମଧୁମେହ ଚିକିତ୍ସାର ଦୀର୍ଘକାଳୀନ ମୁଖ୍ୟ ଆଧାର ଇନ୍‌ସୁଲିନ୍ ଚିକିତ୍ସା ପ୍ରତି ବିଶ୍ୱସ୍ତରୀୟ ମନୋଭାବରେ ପରିବର୍ତ୍ତନ କରିବ ବୋଲି ଆଶା କରାଯାଉଛି। ଅନ୍ତର୍ଜାତୀୟ ଗବେଷଣା ପ୍ରତିଷ୍ଠାନ ଫ୍ରଣ୍ଟିୟର୍ସ ଇନ୍ କ୍ଲିନିକାଲ୍ ଡାଇବେଟିସ୍ ଆଣ୍ଡ ହେଲ୍‌ଥକେୟାର ରିସର୍ଚ୍ଚ ପ୍ରମାଣିତ କରିଛି ଯେ ମଧୁମେହ କେବଳ ଇନ୍‌ସୁଲିନ୍ ଦ୍ୱାରା ନୁହେଁ, ବରଂ ସାମଗ୍ରିକ ଚିକିତ୍ସା ଦ୍ୱାରା ମଧ୍ୟ ଦୂର କରାଯାଇପାରିବ। ଏହି ଅବସରରେ ପତଞ୍ଜଳି ଯୋଗପୀଠର ସାଧାରଣ ସମ୍ପାଦକ ଆଚାର୍ଯ୍ୟ ବାଲକ୍ରିଷ୍ଣା କହିଛନ୍ତି, ଯୋଗ, ପ୍ରାଣାୟାମ, ଧ୍ୟାନ, ସନ୍ତୁଳିତ ଖାଦ୍ୟ, ଜୀବନଶୈଳୀ ପରିବର୍ତ୍ତନ ଏବଂ ପାରମ୍ପରିକ ଚିକିତ୍ସା ଅଭ୍ୟାସ ଆବଶ୍ୟକ ହେବ। ଏହି ଗବେଷଣା ଚଳିତ ଏପ୍ରିଲରେ ପ୍ରକାଶିତ ହୋଇଥିଲା।



ଗବେଷଣା ପ୍ରାୟ ୬୧୨ଟି ଗବେଷଣା ପତ୍ର ବିଶ୍ଳେଷଣ କରିଥିଲା। ଆଚାର୍ଯ୍ୟ ବାଲକ୍ରିଷ୍ଣାଙ୍କ ନେତୃତ୍ୱରେ ଏହି ଗବେଷଣା କରାଯାଇଥିବାବେଳେ ଉତ୍ତରାଖଣ୍ଡର ହରିଦ୍ୱାରର ପତଞ୍ଜଳି ଗବେଷଣା ଫାଉଣ୍ଡେଶନର ପତଞ୍ଜଳି ହର୍ବାଲ ଗବେଷଣା ବିଭାଗରୁ ବୈଜ୍ଞାନିକ ଜୟା ଉପରେତି, ମୁସ୍କାନ ଚୌହାନ, ମୟୂର ଚୌହାନ, ପ୍ରଶାନ୍ତ କଟିଆର, ଅନୁରାଗ ଦାବାସ ଏବଂ ବେଦ ପ୍ରିୟା ଆର୍ଯ୍ୟଙ୍କର ଏହି ଗବେଷଣାରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି।

# ଜେଇଇ-ମେନ୍ ୨୦୨୬ : ଆଲେନ୍‌ର ସଫଳତା

ଭୁବନେଶ୍ୱର,୨୨।୪(ଅନୁରାଧା ମହାରଣା)

ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି ଜେଇଇ-ମେନ୍ ୨୦୨୬ ଅଲ୍ ଇଣ୍ଡିଆ ର୍ୟାଙ୍କ୍ ଏବଂ ସେସନ୍ ୨ୟ ଫଳାଫଳ ପ୍ରକାଶ କରିଛି। ଏଥିରେ ଆଲେନ୍ କ୍ୟାରିୟର ଇନ୍‌ଷ୍ଟିଚ୍ୟୁଟ୍ ସଫଳତା ହାସଲ କରିଛି। ଆଲେନ୍ କ୍ୟାରିଅର୍ ଇନ୍‌ଷ୍ଟିଚ୍ୟୁଟ୍ ସିଇଓ ନୀତିନ୍ କୁକ୍ରେଜା କହିଛନ୍ତ, ଆଲେନ୍ କ୍ଲାସ୍‌ରୁମ୍ ଛାତ୍ର କବୀର ଛିଲ୍ଲର ଅଲ୍ ଇଣ୍ଡିଆ ରାଙ୍କ୍ ୧ ହାସଲ କରିଛନ୍ତି। ଏହା ବ୍ୟତୀତ ଆଲେନ୍ କ୍ଲାସ୍‌ରୁମ୍ ଛାତ୍ରଙ୍କ ମଧ୍ୟରୁ ୪ ଜଣ ଶ୍ରେଷ୍ଠ ୧୦ ଏଆଇଆର୍‌ରେ ରାଙ୍କ୍ ହାସଲ କରିଛନ୍ତି। ସେମାନଙ୍କ ମଧ୍ୟରେ ଅର୍ଣ୍ଣବ ଗୌତମ ୫ମ ର୍ୟାଙ୍କ୍, ଶୁଭମ୍ କୁମାର ୬ଷ୍ଠ ଏବଂ ଋଷି ପ୍ରେମନାଥ ୮ମ ର୍ୟାଙ୍କ୍ ହାସଲ କରିଛନ୍ତି। ଶୀର୍ଷ ୨୦ରେ ୯ ଜଣ ଛାତ୍ର ଆଲେନ୍ କ୍ଲାସ୍‌ରୁମ୍‌ରୁ ଏବଂ ଶ୍ରେଷ୍ଠ ୧୦୦ ରେ ୪୨ ଜଣ ଛାତ୍ର ଆଲେନ୍‌ରୁ ଅଛନ୍ତି। ଏହା ସହ ରାଜ୍ୟ ଟପ୍ପର ୨୧ ଜଣ ଆଲେନ୍‌ରୁ ଅଛନ୍ତି।




# ୟୁବିଆଇ ରାୟଗଡ଼ା କ୍ଷେତ୍ରର ନୂତନ ମୁଖ୍ୟ

ରାୟଗଡା,୨୨।୪

ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ, ରାୟଗଡା କ୍ଷେତ୍ରର ନୂତନ କ୍ଷେତ୍ରୀୟ ମୁଖ୍ୟ ଭାବେ ଜିତେନ୍ଦ୍ର କୁମାର ସାମଲ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହି କ୍ଷେତ୍ର ଅଧିନରେ କୋରାପୁଟ, ନବରଙ୍ଗପୁର, ମାଲକାନଗିରି,ରାୟଗଡା, ଗଜପତି, କଳାହାଣ୍ଡି ଏବଂ ବଲାଙ୍ଗୀର ଆଦି ୭ଟି ଜିଲ୍ଲା ରହିଛି। ଶ୍ରୀ ସାମଲ ଏହାପୂର୍ବରୁ ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟରେ ଉପ କ୍ଷେତ୍ରୀୟ ମୁଖ୍ୟରୂପେ କାର୍ଯ୍ୟରତ ଥିଲେ। ସେ ୨୦୦୮ମସିହାରେ ପ୍ରୋବେସନାରୀ ଅଫିସର ଭାବେ ବ୍ୟାଙ୍କିଙ୍ଗ କ୍ଷେତ୍ରରେ ନିଜର କ୍ୟାରିୟର ଆରମ୍ଭ କରିଥିଲେ। ଏହାଛଡ଼ା ସେ ମହାରାଷ୍ଟ୍ର, ରାଜସ୍ଥାନ, ପଶ୍ଚିମବଙ୍ଗ, ଗୁଜୁରାଟ, ଦିଲ୍ଲୀ ଏବଂ ଓଡିଶା ଆଦି ବିଭିନ୍ନ ସ୍ଥାନରେ ଦୀର୍ଘ ୧୮ ବର୍ଷରୁ ଅଧିକ କାର୍ଯ୍ୟକରି ଅଭିଜ୍ଞତା ହାସଲ କରିଛନ୍ତି। ଏବେ କ୍ଷେତ୍ରୀୟ ମୁଖ୍ୟ ଭାବେ ସେ ରିଟେଲ୍, କୃଷି, ଏମ୍ଏସ୍ଏମ୍ଇ, କାସା, ଆର୍‌ଟିଡି, ସାମାଜିକ ବିକାଶ ଯୋଜନା ଏବଂ ମହିଳା ସଶକ୍ତିକରଣ ଯୋଜନାଗୁଡିକ ଉପରେ ବିଶେଷ ଗୁରୁତ୍ୱ ଦେବେ ବୋଲି କହିଛନ୍ତି।



ଜିତେନ୍ଦ୍ର କୁମାର ସାମଲ

# ମୂଲ୍ୟ ସହାୟକ ଯୋଜନାରେ ଡାଲି, ତୈଳବୀଜ କ୍ରୟକୁ ଅନୁମୋଦନ

ଭୁବନେଶ୍ୱର,୨୨।୪(ସୁଚିସ୍ମିତା ସାହୁ)

କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂ ଚୌହାନ ଏବଂ କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ମଧ୍ୟରେ ବୁଧବାର ଆଭାସୀ ମାଧ୍ୟମରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ କେନ୍ଦ୍ର ସରକାର ରବି ୨୦୨୫-୨୬ ପାଇଁ ମୂଲ୍ୟ ସହାୟକ ଯୋଜନା ଅଧୀନରେ ଡାଲି ଏବଂ ତୈଳବୀଜ କ୍ରୟକୁ ଅନୁମୋଦନ କରିଛନ୍ତି। ଅନୁମୋଦନ ପାଇଁ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କୁ ଅନୁଷ୍ଠାନିକ ଭାବେ ଅନୁରୋଧ କରିଥିଲେ। ଅନୁମୋଦିତ ଫସଲ ମଧ୍ୟରେ ମୁଗ ଏବଂ ବିରି ଭଳି ଡାଲି ଜାତୀୟ ଫସଲ ଏବଂ ସୂର୍ଯ୍ୟମୁଖୀ, ଚିନାବାଦାମ ଓ ସୋରିଷ ଆଦି ତୈଳବୀଜ ଫସଲ ଅନ୍ତର୍ଭୁକ୍ତ ରହିଛି। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ସିଂଦେଓ କହିଛନ୍ତି, ପଶ୍ଚିମ ଓଡ଼ିଶା ବିଶେଷ କରି କଳାହାଣ୍ଡି ଜିଲାରେ ସୂର୍ଯ୍ୟମୁଖୀ ଉତ୍ପାଦନକୁ ସୁଦୃଢ଼ କରିବା ଏବଂ କୃଷକମାନଙ୍କୁ ଉତ୍ତମ ମୂଲ୍ୟ ସହାୟତା ସୁନିଶ୍ଚିତ କରିବା ପାଇଁ ସୂର୍ଯ୍ୟମୁଖୀର ଉତ୍ପାଦନ ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯିବ। ରାଜ୍ୟ ସରକାର କୃଷକଙ୍କ ଉତ୍ପାଦଗୁଡ଼ିକୁ ସ୍ୱଚ୍ଛତାର ସହ ସମୟୋଚିତ କ୍ରୟ ସୁନିଶ୍ଚିତ କରିବା ପାଇଁ ରବି ୨୦୨୫-୨୬ରେ ଏହି ଯୋଜନା ଅଧୀନରେ କ୍ରୟ କାର୍ଯ୍ୟର ତଦାରଖ କରିବେ, ଯାହାଦ୍ୱାରା କୃଷକମାନଙ୍କୁ ଉତ୍ପାଦିତ ଫସଲର ଉଚିତ୍ ମୂଲ୍ୟ ପ୍ରଦାନ କରାଯାଇପାରିବ। ବୈଠକରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ କମିଶନର ସଚିନ ରାମଚନ୍ଦ୍ର ଯାଦବ, ଉଦ୍ୟାନ କୃଷି ନିର୍ଦ୍ଦେଶକ କାଲୁଙ୍ଗେ ଗୋରଖ ୱାମନ୍, କୃଷି ବିଭାଗର ବରିଷ୍ଠ ଅଧିକାରୀବୃନ୍ଦ ପ୍ରମୁଖ ଯୋଗ ଦେଇଥିଲେ।

# ଭିମ୍ ପେମେଣ୍ଟସ ଆପ୍‌ରେ ସିବିଲ୍ ସ୍କୋର

ଭୁବନେଶ୍ୱର,୨୨।୪(ଅନୁରାଧା ମହାରଣା)

ଭାରତର ଅଗ୍ରଣୀ କ୍ରେଡିଟ୍ ସୂଚନା କମ୍ପାନୀ ଟ୍ରାନ୍ସ ୟୁନିୟନ ସିବିଲ ବୁଧବାର ଏନ୍‌ପିସିଆଇ ଭିମ୍ ସର୍ଭିସେସ୍ ଲିମିଟେଡ୍ (ଏନ୍‌ବିସିଏଲ୍) ପକ୍ଷରୁ ଭାରତର ସ୍ୱଦେଶୀ ପେମେଣ୍ଟ ଆପ୍ ‘ଭିମ୍ ପେମେଣ୍ଟସ ଆପ୍‌ରେ ଗ୍ରାହକ ସିବିଲ୍ ସ୍କୋର୍ ଓ କ୍ରେଡିଟ୍ ଇନ୍‌ଫର୍ମେସନ ରିପୋର୍ଟ (ସିଆଇଆର୍) ଉପଲବ୍ଧ ହୋଇଥିବା ଘୋଷଣା କରାଯାଇଛି। ଏହି ସଂଯୋଗୀକରଣ ଭିମ୍ ଆପ୍ ବ୍ୟବହାରକାରୀଙ୍କୁ ସୁରକ୍ଷିତ ଭାବରେ ସେମାନଙ୍କ ସିବିଲ୍ ସ୍କୋର୍ ଓ ପ୍ରମୁଖ କ୍ରେଡିଟ୍ ସୂଚନାକୁ ସିଧାସଳଖ ଆପ୍ ମଧ୍ୟରେ ଦେଖିବା ଓ ଟ୍ରାକ୍ କରିବାକୁ ସକ୍ଷମ କରିବ। ଏହି ସଂଯୋଗୀକରଣ ଏକ ଗ୍ରାହକ ସମ୍ମତି ଆଧାରିତ ମଡେଲ ଅନୁସରଣ କରୁଛି ଯେଉଁଠାରେ ବ୍ୟବହାରକାରୀଙ୍କ ଅନୁମୋଦନ ପରେ ହିଁ କ୍ରେଡିଟ୍ ସୂଚନା ବ୍ୟବହାର କରାଯାଇଥାଏ। ଟ୍ରାନ୍ସ ୟୁନିୟନ ସିବିଲ୍ ଓ ଏନବିଏସଏଲ ହେଉଛନ୍ତି ଦୁଇଟି ପ୍ରମୁଖ ଅନୁଷ୍ଠାନ ଯାହା ଭାରତର ଆର୍ଥିକ ଓ ଡିଜିଟାଲ ପେମେଣ୍ଟ ବ୍ୟବସ୍ଥା ପାଇଁ ଗୁରୁତ୍ୱପୂର୍ଣ୍ଣ। ଭିମ୍ ଆପ୍‌ରେ ସିବିଲ୍ ସ୍କୋରକୁ ସାମିଲ କରାଯିବା ଦ୍ୱାରା ଦୈନନ୍ଦିନ ଆର୍ଥିକ କାର୍ଯ୍ୟକଳାପ ସହ କ୍ରେଡିଟ୍ ସଚେତନତା ଯୋଡ଼ିହୋଇପାରିଛି।

# ୩୦୦ କୋଟି ବ୍ୟୟରେ ରୂପାନ୍ତର ହେବ ବ୍ରହ୍ମପୁର ରେଳ ଷ୍ଟେଶନ

ଭୁବନେଶ୍ୱର,୨୨।୪(ଅନୁରାଧା ମହାରଣା)

ଦକ୍ଷିଣ ଓଡ଼ିଶାର ସବୁଠାରୁ ବ୍ୟସ୍ତବହୁଳ ରେଳ ହବ୍ ଭାବେ ପରିଚିତ ବ୍ରହ୍ମପୁର ରେଳ ଷ୍ଟେଶନ, ଯେଉଁଠାରେ ପ୍ରତିଦିନ ୧୬୨ରୁ ଅଧିକ ଟ୍ରେନ୍ ଚଳାଚଳ କରେ ଏବଂ ୨୫,୦୦୦ରୁ ଅଧିକ ଯାତ୍ରୀ ଯାତାୟାତ କରନ୍ତି, ତାହାର ଏକ ବୈପ୍ଳବିକ ପରିବର୍ତ୍ତନ ହେବାକୁ ଯାଉଛି। ପୂର୍ବତଟ ରେଳପଥ ପକ୍ଷରୁ ୩୦୦ କୋଟି ଟଙ୍କାର ଏକ ବହୁମୁଖୀ ପୁନର୍ବିକାଶ ଯୋଜନାକୁ ଅନୁମୋଦନ କରାଯାଇଛି। ଷ୍ଟେଶନର କ୍ଷମତା ବୃଦ୍ଧି ଏହି ପୁନର୍ବିକାଶର ମୁଖ୍ୟ ଲକ୍ଷ୍ୟ। ଷ୍ଟେଶନରେ ୩ଟି ଅତିରିକ୍ତ ରେଳଲାଇନ ଏବଂ ୪ଟି ନୂଆ ପ୍ଲାଟ୍‌ଫର୍ମ ନିର୍ମାଣ କରାଯିବ, ଯାହାଦ୍ୱାରା ଅଧିକ ସଂଖ୍ୟକ ଟ୍ରେନ୍ ଚଳାଚଳ ସହଜ ହୋଇପାରିବ। ଏହାସହ ଦ୍ୱିତୀୟ ପ୍ରବେଶ ପାର୍ଶ୍ୱରେ ଏକ ନୂତନ ଷ୍ଟେଶନ ବିଲ୍ଡିଂ ଏବଂ ୟାର୍ଡର ଆଧୁନିକୀକରଣ କରାଯିବ। ସେବା ଭବନ ଏବଂ ରେଳ କ୍ୱାର୍ଟର୍ସଗୁଡ଼ିକୁ ସ୍ଥାନାନ୍ତର କରାଯାଇ ଯାତ୍ରୀମାନଙ୍କ ପାଇଁ ଅଧିକ ଖୋଲା ସ୍ଥାନର ବ୍ୟବସ୍ଥା କରାଯାଉଛି। ଏହି ଯୋଜନାରେ ଯାତ୍ରୀମାନଙ୍କ ଯାତାୟାତ ପାଇଁ ଏକ ସମନ୍ୱିତ ବ୍ୟବସ୍ଥା ପ୍ରସ୍ତୁତ କରାଯାଇଛି, ଯାହା ଷ୍ଟେଶନର ଉଭୟ ପାର୍ଶ୍ୱ ଏବଂ ସମସ୍ତ ପ୍ଲାଟ୍‌ଫର୍ମକୁ ସହଜରେ ଯୋଡ଼ିବ। ପାରମ୍ପରିକ ବ୍ୟବସ୍ଥା ବଦଳରେ ଏକ ଏଲିଭେଟେଡ୍ ଷ୍ଟ୍ରକ୍ଚର ନିର୍ମାଣ କରାଯିବ। ଏହାସହ ବର୍ତ୍ତମାନର ଫୁଟ୍ ଓଭରବ୍ରିଜ୍‌ର ସମ୍ପ୍ରସାରଣ କରାଯାଇ ଯାତ୍ରୀମାନଙ୍କ ଗମନାଗମନକୁ ଅଧିକ ସୁଗମ କରାଯିବ । ବ୍ରହ୍ମପୁର ଷ୍ଟେଶନକୁ ପୂର୍ବତଟ ରେଳପଥର ଅନ୍ୟତମ ‘ସୁଗମ୍ୟ’ ଷ୍ଟେଶନ ଭାବେ ଗଢ଼ି ତୋଳାଯିବ। ଏଥିପାଇଁ ପର୍ଯ୍ୟାପ୍ତ ସଂଖ୍ୟକ ଲିଫ୍ଟ ଏବଂ ଏସ୍କାଲେଟର ସ୍ଥାପନ କରାଯିବ। ଦିବ୍ୟାଙ୍ଗ ଅନୁକୂଳ ଭିତ୍ତିଭୂମି, ଟ୍ୟାକ୍ଟାଇଲ୍ ପାଥ୍‌ୱେ ବ୍ୟବସ୍ଥା କରାଯିବ। ଷ୍ଟେଶନରେ ଭିଡ଼ ହ୍ରାସ କରିବା ପାଇଁ ଉଭୟ ପାର୍ଶ୍ୱରେ ବିକଶିତ ସର୍କୁଲେଟିଂ ଏରିଆ ନିର୍ମାଣ କରାଯାଉଛି। ମୁଖ୍ୟ ପ୍ରବେଶ ପାର୍ଶ୍ୱରେ ରାସ୍ତା ପ୍ରଶସ୍ତୀକରଣ, ଫୁଟ୍‌ପାଥ୍, ଡ୍ରେନେଜ୍ ଏବଂ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଶେଷ ହୋଇଛି। ଦ୍ୱିତୀୟ ପ୍ରବେଶ ପାର୍ଶ୍ୱର ବିକାଶ କାର୍ଯ୍ୟ ଜାରି ରହିଛି, ଯାହା ସହରବାସୀଙ୍କ ପାଇଁ ଏକ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ବିକଳ୍ପ ପ୍ରବେଶ ପଥ ପ୍ରଦାନ କରିବ। ପ୍ଲାଟ୍‌ଫର୍ମଗୁଡ଼ିକର ଚଟାଣ ଏବଂ ସେଡ୍‌ର ନବୀକରଣ ସହ ବର୍ଷା ଓ ଖରା ସମୟରେ ଯାତ୍ରୀଙ୍କ ସୁରକ୍ଷା ପାଇଁ କଭର ସେଡ୍‌ର ସମ୍ପ୍ରସାରଣ କରାଯାଉଛି। ସୁରକ୍ଷା ଓ ସୁବିଧା ପାଇଁ ଏଠାରେ ଅତ୍ୟାଧୁନିକ ବ୍ୟବସ୍ଥା ରହିବ ଯେପରିକି ସିସିଟିଭି ନିରୀକ୍ଷଣ , ପ୍ରବେଶ ନିୟନ୍ତ୍ରଣ ବ୍ୟବସ୍ଥା ଏବଂ ବ୍ୟାଗେଜ୍ ସ୍କାନର, ଉନ୍ନତ ଯାତ୍ରୀ ସୂଚନା ପ୍ରଣାଳୀ ଏବଂ ସିଗ୍‌ନାଲିଂ ବ୍ୟବସ୍ଥା ସହିତ ଓଡ଼ିଆ, ହିନ୍ଦୀ ଏବଂ ଇଂରାଜୀ ଭାଷାରେ ବହୁଭାଷୀ ସୂଚନା ଫଳକ ରହିବ।

# ଖାଦ୍ୟ ସାମଗ୍ରୀ ମୂଲ୍ୟ ବୃଦ୍ଧି ସହ ବଢ଼ିପାରେ ମୁଦ୍ରାସ୍ଫୀତି

ନୂଆଦିଲ୍ଲୀ, ୨୨।୪

ଗୋଟିଏ ପଟେ ପଶ୍ଚିମ ଏସିଆ ଯୁଦ୍ଧ ପ୍ରଭାବ ଭାରତୀୟ ଅର୍ଥନୀତିକୁ ବିଭିନ୍ନ ଦିଗରୁ ପ୍ରଭାବିତ କରିବାର ଆଶଙ୍କା ବଢ଼ାଇଛି। ଯୁଦ୍ଧ ବିବାଦ ଯଥାଶୀଘ୍ର ସମାଧାନ ନ ହେଲେ ତୈଳ, ଗ୍ୟାସ୍ ଏବଂ ସାର ମୂଲ୍ୟ ବୃଦ୍ଧି ଘଟି ସାଧାରଣ ଜୀବନଧାରଣକୁ ପ୍ରଭାବିତ କରିପାରେ ବୋଲି ଅର୍ଥନୈତିକ ବିଶେଷଜ୍ଞମାନେ ଏବେଠାରୁ ଆକଳନ କରିବା ଆରମ୍ଭ କଲେଣି। ଅନ୍ୟପକ୍ଷରେ ଚଳିତବର୍ଷ ସ୍ୱାଭାବିକଠାରୁ କମ୍ ବର୍ଷା ହେବା ନେଇ ଭାରତୀୟ ପାଣିପାଗ ବିଭାଗ(ଆଇଏମ୍‌ଡି) ଯେଉଁ ଆକଳନ କରିଛି ତାହା ମଧ୍ୟ ଭାରତୀୟ ଅର୍ଥନୀତି ପାଇଁ ପ୍ରତିକୂଳ ସ୍ଥିତି ଉତ୍ପନ୍ନ କରିବ ବୋଲି ମଧ୍ୟ ଆଶଙ୍କା ବଢ଼ିଛି। ଆଇଏମ୍‌ଡି ସୂଚନା ଅନୁସାରେ ଏ ବର୍ଷ ଏଲ୍-ନିନୋ( କେନ୍ଦ୍ର ଓ ପୂର୍ବ ପ୍ରଶାନ୍ତ ମହାସାଗର କ୍ଷେତ୍ରରେ ଅନୁଭୂତ ପ୍ରାକୃତିକ ଜଳବାୟୁ ପରିବର୍ତ୍ତନ) ପ୍ରଭାବରେ ମୌସୁମୀ ପ୍ରଭାବିତ ହେବା ଦ୍ୱାରା ଭାରତରେ ଦୀର୍ଘସୂତ୍ରରେ ହାରାହାରି ଭାବେ(ଲଙ୍ଗ୍ ପିରିୟଡ୍ ରେଞ୍ଜ) ୯୨ ପ୍ରତିଶତ ବର୍ଷା ହେବ। କିନ୍ତୁ କମ୍ ବର୍ଷା ଭାରତରେ ଗ୍ରାମୀଣ ଅର୍ଥନୀତି ପାଇଁ ପ୍ରତିକୂଳ ସ୍ଥିତି ସୃଷ୍ଟି କରିବ। ମୌସୁମୀ ଭାରତ ଭଳି ଏକ କୃଷି ପ୍ରାଧାନ୍ୟ ଦେଶର ଅର୍ଥନୈତିକ ମାନଦଣ୍ଡ। ଭାରତରେ ବର୍ଷକୁ ଯେତେ ପରିମାଣର ବର୍ଷା ହୁଏ ତାହାର ଦୁଇ ତୃତୀୟାଂଶ ମୌସୁମୀ ଯୋଗୁ ହୋଇଥାଏ। ଏହାଦ୍ୱାରା ଗ୍ରାମୀଣ ଭାରତର ୫୦ ପ୍ରତିଶତରୁ ଅଧିକ ଲୋକ ପରୋକ୍ଷ ଏବଂ ପ୍ରତ୍ୟକ୍ଷ କର୍ମସଂସ୍ଥାନ ପାଇଥାଆନ୍ତି। ମୌସୁମୀ ବର୍ଷା ଉପରେ ମୁଖ୍ୟତଃ ଖରିଫ ଫସଲ ଭାବେ ଧାନ, ବାଦାମ, ସୋୟାବିନ୍, ତୁଳା ଭଳି ଅନେକ ଫସଲ ନିର୍ଭର କରିଥାଏ। କିନ୍ତୁ ଅଗଷ୍ଟ ଏବଂ ସେପ୍ଟେମ୍ବର ୨ ମାସ ଧରି ବର୍ଷା କମ୍ ହେଲେ ଖରିଫ୍ ଉତ୍ପାଦନ ବାଧାପ୍ରାପ୍ତ ହେବ। ଫଳରେ ଦେଶର ହାରାହାରି ଶସ୍ୟ ଉତ୍ପାଦନ ହ୍ରାସ ପାଇବା ସହ ଖାଦ୍ୟପଦାର୍ଥ ମୂଲ୍ୟ ବଢ଼ିବାର ଆଶଙ୍କା ବଢାଇବ। ଗ୍ରାମାଞ୍ଚଳରେ ଲୋକମାନେ କାମଧନ୍ଦା ପାଇବାରେ ମଧ୍ୟ ପ୍ରତିବନ୍ଧକ ସୃଷ୍ଟି ହେବା ସହ ସେମାନଙ୍କ ଆୟ ମଧ୍ୟ କମିବ। ଏହାଦ୍ୱାରା ଜାତୀୟ ଅର୍ଥନୀତି ଅନେକ ଦିଗରୁ ପ୍ରଭାବିତ ହୋଇପାରେ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି।



## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଲିପିନା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଆର୍‌ଟିଓ ଚାଲାଣ ନାଁରେ ଠକେଇ, ୪ ଗିରଫ

- ଜାମତାରା ଗ୍ୟାଙ୍ଗର ସଦସ୍ୟ ମୁଖ୍ୟ କାର୍ପଟଦାର
- ମୋବାଇଲକୁ ଆସୁଥିଲା ଏପିକେ ଫାଇଲ୍ ସହ ଲିଙ୍କ୍
- ଲିଙ୍କ୍ କ୍ଲିକ୍ କଲେ ଖାଲି ହେଉଥିଲା ଆକାଉଣ୍ଟ


ମୁକେଶ ତୁରୀ


ମହମ୍ମଦ ଆବାସ


ମହମ୍ମଦ ଆମିର


ମହମ୍ମଦ ସଲ୍‌ମାନ

ଭୁବନେଶ୍ୱର, ୨୨।୪ (ପ୍ରସନଜିତ୍ ସାହୁ)

ଆର୍‌ଟିଓ ଚାଲାଣ ନାଁରେ ଠକେଇ କରୁଥିବା ଜାମତାରା ଗ୍ୟାଙ୍ଗକୁ ସାଇବର ପୋଲିସ ଗିରଫ କରିଛି। ସ୍ପେଶାଲ ଅପରେଶନ ଜରିଆରେ ରାଜ୍ୟ ବାହାରର ସାଇବର ଅପରାଧୀଙ୍କୁ ଗିରଫ କରିଛି। ୬ମାସର ଅପରେସନ ପରେ ହାଇଦ୍ରାବାଦରୁ ଗ୍ୟାଙ୍ଗର ମୁଖ୍ୟ କାର୍ପଟଦାର ମୁକେଶ ତୁରୀ ଏବଂ ତାଙ୍କ ୩ ସହଯୋଗୀଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ମହମ୍ମଦ ଆବାସ, ମହମ୍ମଦ ସଲ୍‌ମାନ ଏବଂ ମହମ୍ମଦ ଆମିର ତେଲେଙ୍ଗନାର ହୋଇଥିବାବେଳେ ଓ ମୁକେଶ ତୁରୀ ଝାଡ଼ଖଣ୍ଡର ବୋଲି ପୋଲିସ ସୂଚନା ଦେଇଛି। ଝାଡଖଣ୍ଡରୁ ଅପରେଟ ହେଉଥିବା ୫ ଜଣିଆ ଜାମତାରା ଗ୍ୟାଙ୍ଗକୁ ମୁକେଶ ତୁରୀ, କିଙ୍ଗ୍ ଖାନ୍, ରେହାନ ଖାନ୍, ଶୁଭମ୍ ଓ ରାଜ କୁମାର ଚଳାଇଥାନ୍ତି। ସେମାନେ ଏପିକେ ଫାଇଲ ମାଧ୍ୟମରେ ଦେଶର ବିଭିନ୍ନ ସ୍ଥାନରେ ସାଇବର ଠକେଇ କରୁଥିବାବେଳେ ଅଭିଯୁକ୍ତ ମୁକେଶ ବିଭିନ୍ନ ରାଜ୍ୟ ବୁଲି ଏଜେଣ୍ଟଙ୍କ ମଧ୍ୟରେ ସମ୍ପର୍କ ରଖିବା ସହିତ ମ୍ୟୁଲ ଆକାଉଣ୍ଟ ଚଳାଉଥିଲା।

ସୂଚନାଯୋଗ୍ୟ, ଭୁବନେଶ୍ୱର ରସୁଲଗଡ଼ର ବ୍ୟବସାୟୀ ଯଶୋବନ୍ତ ଜେନାଙ୍କୁ ୨୦୨୫ ସେପ୍ଟେମ୍ବର ୧୨ ତାରିଖରେ ହ୍ୱାଟ୍‌ସ ଆପ୍ ମାଧ୍ୟମରେ ଏକ ଲିଙ୍କ୍ ଆସିଥିଲା। ଯେଉଁଥିରେ ଆର୍‌ଟିଓ ଫାଇନ୍ କଟିବା ନେଇ କିଛି ସୂଚନା ରହିଥିଲା। ଏହାକୁ ଦେଖି ସେ ଲିଙ୍କ୍‌ରେ କ୍ଲିକ୍ କରିବା ମାତ୍ରେ ତାଙ୍କ ମୋବାଇଲ ୧୨ ଓ ୧୩ ତାରିଖରେ ସମ୍ପୂର୍ଣ୍ଣ ଭାବରେ ହ୍ୟାକ୍ ହୋଇ ରହିଥିଲା। ୧୪ ତାରିଖରେ ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୭ଲକ୍ଷ ଟଙ୍କା କଟିବା ନେଇ ମେସେଜ ଆସିଥିଲା। ପରେ ସେ ବ୍ୟାଙ୍କରେ ବୁଝିବା ପରେ ଏହି ଟଙ୍କା ସାଇବର ଠକେଇରେ ହରେଇଥିବା ଜାଣିଥିଲେ। ଏନେଇ ସେ ସାଇବର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (ନଂ.୧୭୧/୨୦୨୫) ରୁଜୁ କରି ଛାନ୍‌ଭିନ ଆରମ୍ଭ କରିଥିଲା। ପୋଲିସ ପକ୍ଷରୁ ସ୍ୱତନ୍ତ୍ର ଟିମ୍ ଗଠନ ହୋଇ ତଦନ୍ତ ଆରମ୍ଭ ହୋଇଥିଲା। ୬ମାସର ଅପରେଶନ ପରେ ହାଇଦ୍ରାବାଦରୁ ମୁଖ୍ୟ କାର୍ପଟଦାର ମୁକେଶ ଏବଂ ସହଯୋଗୀ ୩ ସଦସ୍ୟଙ୍କ ସାଇବର ପୋଲିସ ଗତ ୧୯ତାରିଖରେ ଗିରଫ କରିଛି। ହାଇଦ୍ରାବାଦରେ ୩ ଅଭିଯୁକ୍ତ ମହମ୍ମଦ ଆବାସ, ମହମ୍ମଦ ସଲ୍‌ମାନ ଓ ମହମ୍ମଦ ଆମିର୍ ମ୍ୟୁଲ ଆକାଉଣ୍ଟ ତିଆରି କରି ମୁକେଶ ତୁରୀଙ୍କୁ ପଠାଉଥିଲେ। ମୁକେଶ ଏହି ୩ ଅଭିଯୁକ୍ତଙ୍କ ଜରିଆରେ ଲକ୍ଷ ଲକ୍ଷ ଟଙ୍କା ଠକେଇ କରୁଥିଲେ। ପୋଲିସ ସେମାନଙ୍କ ନିକଟରୁ ୫ ମୋବାଇଲ ଫୋନ୍, ୧୧ ଡେବିଟ୍ କାର୍ଡ ଓ କିଛି ଫ୍ଲାଇଟ ଟିକେଟ ଜବତ କରିଛି। ତେବେ ଏମାନେ ବନ୍ଧା ହେବା ପରେ, ନୂଆ ଠକେଇର ଗୁମର ଖୋଲୁଥିବା ପୋଲିସ କହିଛି।

## ସାନଭାଇ ଟାଙ୍ଗିଆ ଚୋଟରେ ବଡ଼ ମୃତ

ମୁନିଗୁଡା, ୨୨।୪ (ନନ୍ଦ କିଶୋର ପଟ୍ଟନାୟକ)

ପାରିବାରିକ କଳହକୁ ନେଇ ସାନଭାଇ ଟାଙ୍ଗିଆ ଚୋଟରେ ବଡ଼ ଭାଇଙ୍କ ମୃତ୍ୟୁ ଘଟିଛି। ରାୟଗଡ଼ା ଜିଲା ମୁନିଗୁଡା ଥାନା ମୁନିଖୋଲ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଗୋରଠା ଗ୍ରାମରେ ବୁଧବାର ଏଭଳି ଅଭାବନୀୟ ଘଟଣା ଘଟିଛି। ମୃତକ ହେଲେ ଗୋରଠା ଗ୍ରାମର ଗୁଲଟା ଜାକାସିକା।

ସୂଚନା ଅନୁଯାୟୀ, ମୁନିଗୁଡା ଥାନା ଅନ୍ତର୍ଗତ ନିୟମଗିରି ପର୍ବତ ଅଞ୍ଚଳର ଗୋରଠା ଗ୍ରାମରେ ୨ ଭାଇ ଗୁଲଟା ଜାକାସିକା ଏବଂ ଆଦୁ ଜାକାସିକା ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ହଠାତ୍ ସାନଭାଇ ଆଦୁ ଉତ୍କ୍ଷିପ୍ତ ହୋଇ ନିକଟରେ ପଡ଼ିଥିବା ଏକ ଟାଙ୍ଗିଆରେ ବଡଭାଇ ଗୁଲଟାଙ୍କୁ ଆକ୍ରମଣ କରିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ହତ୍ୟାକାଣ୍ଡ ପରେ ସାନଭାଇ ଆଦୁ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ଜଣାପଡ଼ିଛି। ଖବରପାଇ ଏସ୍‌ଡିପିଓ ସନ୍ତୋଷିନୀ ଓରାମ, ମୁନିଗୁଡା ଥାନା ଅଧିକାରୀ କେଶବ ଷଡ଼ଙ୍ଗୀ, ଏସ୍ଆଇ ମନୋରଞ୍ଜନ ବିଶ୍ୱାଳ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ମୁନିଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛନ୍ତି।

## କାରାଗାର ପାଚେରି ଡେଇଁ କଏଦୀ ଫେରାର

ଭବାନୀପାଟଣା, ୨୨।୪
(ଉତ୍ତମ କୁମାର ଦାଶ)


ଅଭିଯୁକ୍ତ ଜଗନ୍ନାଥ ଶବର

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଜିଲା କାରାଗାରରୁ ଜଣେ ବିଚାରାଧୀନ କଏଦୀ ପାଚେରି ଡେଇଁ ଫେରାର ହୋଇଯାଇଛନ୍ତି। ସେ ହେଲେ ଭବାନୀପାଟଣା ସଦର ଥାନା ଠେମେରା ଗ୍ରାମର ଜଗନ୍ନାଥ ଶବର। ମଙ୍ଗଳବାର ବିଳମ୍ବିତ ରାତିରେ ଏହି ଘଟଣା ଘଟିଥିବା ସୂଚନା ମିଳିଛି। ପୃଥକ୍ ଚୋରି ମାମଲାରେ ଗତ ୨ମାସ ତଳେ ଭବାନୀପାଟଣା ସଦର ଥାନା ପୋଲିସ ଜଗନ୍ନାଥଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତେବେ ଜାମିନ ମଞ୍ଜୁର ନ ହେବାରୁ ସେ ବିଚାରାଧୀନ କଏଦୀ ଭାବେ ଜେଲରେ ରହିଥିଲେ। ଫେରାର ନେଇ ଜେଲ ଅଧୀକ୍ଷକ ସରୋଜ କୁମାର ବିଶ୍ୱାଳ ଭବାନୀପାଟଣା ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା (ନଂ.୧୫୪/୨୬) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିବା ଆଇଆଇସି ପ୍ରଦ୍ୟୁମ୍ନ ମହାପାତ୍ର ସୂଚନା ଦେଇଛନ୍ତି। ପ୍ରକାଶଥାଉ କି, ୨୦୨୪ ଏପ୍ରିଲ ୬ ତାରିଖରେ ଏହି ଜେଲରୁ ୨ଜଣ ବିଚାରାଧୀନ କଏଦୀ ଫେରାର ହୋଇଯାଇଥିଲେ। ତେବେ ଘଟଣାର ପୁନରାବୃତ୍ତି ଘଟିଥିବାରୁ ଜେଲ ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ଲାଞ୍ଚ ନେଇ ସେକ୍ସନ ଅଫିସର ଗିରଫ

ଝାରସୁଗୁଡ଼ା, ୨୨।୪ (ଆଶିଷ ରଞ୍ଜନ ଦାଶ)

ଲାଞ୍ଚ ନେବା ଅଭିଯୋଗରେ ଝାରସୁଗୁଡ଼ା ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟର ସେକ୍ସନ ଅଫିସରଙ୍କୁ ବୁଧବାର ଭିଜିଲାନ୍ସ ଗିରଫ କରିଛି। ସେ ହେଲେ ଝାରସୁଗୁଡ଼ା ଟାଉନ୍ ଅଧୀନ ବଡ଼େଇମୁଣ୍ଡା ଅଞ୍ଚଳର ଅନିତ୍ କୁମାର ଗୁରୁ। ସୂଚନା ଅନୁଯାୟୀ, ୨୦୨୬-୨୭ ଶିକ୍ଷାବର୍ଷ ପାଇଁ ଜିଏନ୍‌ଏମ୍ ଛାତ୍ରୀମାନଙ୍କୁ ସରକାରୀ ହସ୍ପିଟାଲରେ ଟ୍ରେନିଂ ଅନୁମତି ପ୍ରଦାନ ନିମନ୍ତେ ଜିଲାର ନର୍ସିଂ ସ୍କୁଲଗୁଡ଼ିକରୁ ଆସୁଥିବା ଆବେଦନକୁ ପ୍ରୋସେସିଂ କରିବାକୁ ଅନିତ୍ ବାରମ୍ବାର ଲାଞ୍ଚ ଦାବି କରିଆସୁଥିବା ଅଭିଯୋଗ ହୋଇଥିଲା। ଏହି କ୍ରମରେ ବ୍ରଜରାଜନଗର ଜିଏନ୍‌ଏମ୍ ସେଣ୍ଟର ନର୍ସିଂ ଶିକ୍ଷକ ବିନୋଦ ବିହାରୀ ରୋହିଦାସ ଛାତ୍ରୀଙ୍କ ଟ୍ରେନିଂ ପାଇଁ ଅନୁରୋଧ କରିବାରୁ ଅନିତ୍ ଏବାବଦକୁ ୨,୫୦୦ ଟଙ୍କା ଦାବି କରିଥିଲେ। ଏନେଇ ବିନୋଦ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ବୁଧବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟରେ ବିନୋଦଙ୍କଠାରୁ ଅନିତ୍ ଲାଞ୍ଚ ଟଙ୍କା ଗ୍ରହଣ କରୁଥିଲେ। ଏହି ସମୟରେ ଝାରସୁଗୁଡ଼ା ଭିଜିଲାନ୍ସ ଡିଏସ୍‌ପି କଳାବତୀ ବାଗ୍ ଓ ସୁନ୍ଦରଗଡ଼ ଭିଜିଲାନ୍ସ ଡିଏସ୍‌ପି ଦୈତାରୀ ଘଡେଇଙ୍କ ନେତୃତ୍ୱରେ ଭିଜିଲାନ୍ସ ଟିମ୍ ଚଢ଼ାଉକରି ଲାଞ୍ଚ ଟଙ୍କା ଜବତ କରିବା ସହ ଅନିତ୍‌ଙ୍କୁ ଗିରଫ କରିଥିଲା। ଏହି ଘଟଣା ପରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ସନ୍ଦେହରେ ଭିଜିଲାନ୍ସ ଟିମ୍ ଅନିତ୍‌ଙ୍କ ବଡ଼େଇମୁଣ୍ଡାସ୍ଥିତ ନିଜ ଘର ଓ ଅନ୍ୟ ଏକ ସ୍ଥାନରେ ଏକକାଳୀନ ଚଢ଼ାଉ କରିଛି। ଏନେଇ ରାଉରକେଲା ଭିଜିଲାନ୍ସ ଥାନାରେ ଏକ ମାମଲା(ନଂ.୨/୨୬) ରୁଜୁ ହୋଇଛି। ଝାରସୁଗୁଡ଼ା ଭିଜିଲାନ୍ସ ଡିଏସ୍‌ପି ବାଗ୍ କହିଛନ୍ତି, ତଦନ୍ତ ଜାରି ରହିଛି। ଆଗକୁ ସବିଶେଷ ତଥ୍ୟ ବିଷୟରେ ସୂଚନା ଦିଆଯିବ।

## ବରଯାତ୍ରୀଙ୍କୁ ଗୁଳିମାଡ଼, ୨ ଆହତ

- ଅଭିଯୁକ୍ତ ଯୁବକକୁ ନିସ୍ତୁକ ପିଟିଲେ ବରଯାତ୍ରୀ
- ଗୁଳି ଚଳାଯାଇଥିବା ବନ୍ଧୁକ ସରକାରୀ ସ୍ୱୀକୃତିପ୍ରାପ୍ତ

ବୌଦ୍ଧ, ୨୨।୪ (ଅଜିତ କୁମାର ବାରିକ)/
ଆଠମଲ୍ଲିକ (ଉଦୀପ୍ତ ପୁରୋହିତ)


ଗୁଳିମାଡ଼ରେ ଆହତ ୨ଯୁବକ ବୌଦ୍ଧ ମେଡ଼ିକାଲରେ ଚିକିତ୍ସା ହେଉଛନ୍ତି।

ବୌଦ୍ଧ ଜିଲା ଆମ୍ବଝରି ପଞ୍ଚାୟତ ବଏଲବେଡ଼ା ଗ୍ରାମରୁ ଅନୁଗୋଳ ଜିଲା ଆଠମଲ୍ଲିକ ଥାନା ବେଲପୁଞ୍ଜି ଗ୍ରାମକୁ ମଙ୍ଗଳବାର ରାତିରେ ଆସିଥିବା ବରଯାତ୍ରୀଙ୍କ ଉପରେ ଗୁଳିମାଡ଼ ହୋଇଛି। ଏଥିରେ ୨ ବରଯାତ୍ରୀ ଆହତ ହୋଇଛନ୍ତି। ସେମାନେ ହେଲେ କିରାସିରା ଗ୍ରାମର ଶିବ ଭୋଇ ଓ ଦମଣ୍ଡା ଗ୍ରାମର ରାକେଶ କହଁର। ଗୁଳିମାଡ଼ର କାରଣ ସ୍ପଷ୍ଟ ହୋଇ ନ ଥିବାବେଳେ ଏକ କାର୍‌ରେ ଆସି ଗୁଳି ଚଳାଇଥିବା ବୌଦ୍ଧ ସହର ଖଲିଆବଗିଚାର ଅରୁଣ ସ୍ୱାଇଁଙ୍କୁ ବରଯାତ୍ରୀମାନେ ନିସ୍ତୁକ ମାଡ଼ ମାରିଛନ୍ତି। ଆହତ ୨ ବରଯାତ୍ରୀଙ୍କୁ ବୌଦ୍ଧ ମେଡିକାଲ ଓ ଆହତ ଅଭିଯୁକ୍ତଙ୍କୁ ଆଠମଲ୍ଲିକ ମେଡିକାଲରେ ଭର୍ତ୍ତି କରାଯାଇଛି। ଏ ସଂକ୍ରାନ୍ତରେ ଆଠମଲ୍ଲିକ ଥାନାରେ ନଂ. ୧୩୬/୨୬ରେ ଏକ ମାମଲା ରୁଜୁ ହୋଇଥିବା ବେଳେ ବ୍ୟବହୃତ ବନ୍ଧୁକ ସରକାରୀ ସ୍ୱୀକୃତିପ୍ରାପ୍ତ ବୋଲି ଆଇଆଇସି ସନ୍ତୋଷ କୁମାର ସେଠୀ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ବରଯାତ୍ରୀମାନେ ଶୋଭାଯାତ୍ରାରେ ଯାଉଥିବାବେଳେ ହଠାତ ଏକ କାର୍‌ରେ କେତେଜଣ ଯୁବକ ଆସି ବରଯାତ୍ରୀଙ୍କ ସହିତ କୌଣସି କାରଣରୁ ଗଣ୍ଡଗୋଳ କରିଥିଲେ। ବରଯାତ୍ରୀ ଶିବ ସମ୍ପୃକ୍ତ ଯୁବକମାନଙ୍କୁ ବାରଣ କରିବାରୁ କାର୍‌ରେ ଥିବା ଅଭିଯୁକ୍ତ ଅରୁଣ ବନ୍ଧୁକରୁ ଗୁଳିମାଡ଼ କରିଥିଲେ। ଏଥିରେ ଶିବଙ୍କ ପାପୁଲି ଓ ନିକଟରେ ଥିବା ରାକେଶଙ୍କ ଡାହାଣ ଗୋଡ଼ରେ ଗୁଳି ବାଜିଥିଲା। ତୁରନ୍ତ ଉଭୟଙ୍କୁ ନିକଟସ୍ଥ ମାଧପୁର ମେଡିକାଲ ଓ ପରେ ଆଠମଲ୍ଲିକ ମେଡିକାଲକୁ ନିଆଯାଇଥିଲା। ବୁଧବାର ଉଭୟଙ୍କୁ ବୌଦ୍ଧ ମେଡିକାଲରେ ଭର୍ତ୍ତି କରାଯାଇଛି। ତେବେ ଗୁଳିମାଡ଼ କରିଥିବା ଅରୁଣଙ୍କୁ ବରଯାତ୍ରୀମାନେ ନିସ୍ତୁକ ମାଡ଼ ମାରିବା ସହ ଗଛରେ ବାନ୍ଧି ଦେଇଥିଲେ। ତାଙ୍କ ଅବସ୍ଥା ଗୁରୁତର ଥିବାରୁ ଆଠମଲିକ ମେଡିକାଲରେ ଭର୍ତ୍ତି କରାଯାଇଛି। ଆହତ ରାକେଶଙ୍କ ଅଭିଯୋଗ ଆଧାରରେ ମାମଲାର ତଦନ୍ତ ଜାରି ରହିଛି।

## ଜମିବାଡ଼ି ବିବାଦକୁ କେନ୍ଦ୍ରକରି ବୃଦ୍ଧ ବାପାଙ୍କୁ ହତ୍ୟା

### ହତ୍ୟାକାରୀ ପୁଅ ଗିରଫ

ନିମାପଡ଼ା, ୨୨।୪ (ବିଚିତ୍ରାନନ୍ଦ ସାହୁ)


ବିଜୟକୃଷ୍ଣ ସ୍ୱାଇଁ

ନିମାପଡ଼ା ଥାନା ଅନ୍ତର୍ଗତ ଏକମୋକଣା ଗ୍ରାମରେ ମଙ୍ଗଳବାର ବିଳମ୍ବିତ ରାତିରେ ଜମିବାଡ଼ି ବିବାଦ ଓ ଭାଗବଣ୍ଟା ଘଟଣାକୁ ନେଇ ଏକ ବୀଭତ୍ସ ହତ୍ୟାକାଣ୍ଡ ଘଟିଛି। ଏହି ବିବାଦକୁ କେନ୍ଦ୍ରକରି ବୃଦ୍ଧ ବାପା ବିମ୍ବାଧର ସ୍ୱାଇଁ (୮୦)ଙ୍କୁ ତାଙ୍କ ବଡ଼ପୁଅ ବିଜୟକୃଷ୍ଣ (୩୮) ଅତି ନିର୍ମମ ଭାବେ ହତ୍ୟା କରିଛନ୍ତି। ସୂଚନାଯୋଗ୍ୟ, ଘରେ ବାପା ଓ ପୁଅଙ୍କ ମଧ୍ୟରେ ଜମିବାଡ଼ିକୁ ନେଇ ଯୁକ୍ତିତର୍କ ହେବାରୁ ବିଜୟକୃଷ୍ଣ ରାଗିଯାଇ ବାପାଙ୍କ ତଣ୍ଟିଚିପି କାଠରେ ବାରମ୍ବାର ପିଟିବାରୁ ତାଙ୍କ ମୁଣ୍ଡ ଓ କାନମୁଣ୍ଡା ଫାଟିଯାଇ ପ୍ରବଳ ରକ୍ତସ୍ରାବ ହୋଇଥିଲା। ପରେ ସେ ତଳେପଡ଼ି ସଂଜ୍ଞାହୀନ ହୋଇପଡ଼ିଥିଲେ। ବୃଦ୍ଧ ବାପାଙ୍କୁ ଗୁରୁତର ଅବସ୍ଥାରେ ପରିବାରବର୍ଗ ଓ ପଡ଼ୋଶୀ ନିମାପଡ଼ା ମେଡିକାଲ୍‌ରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ବୃଦ୍ଧ ବିମ୍ବାଧର ସ୍ୱାଇଁଙ୍କୁ ମୃତ ଘୋଷଣା କରିଥିଲେ। ଏ ସମ୍ପର୍କରେ ମୃତ ବିମ୍ବାଧରଙ୍କ ମଝିଆପୁଅ ବିଦ୍ୟୁତ୍ ଭୂଷଣ ଥାନାରେ ଅଭିଯୋଗ କରିଛନ୍ତି। ଖବରପାଇ ପୋଲିସ ମେଡିକାଲ୍‌ରେ ପହଞ୍ଚି ମୃତଦେହ ଜବତକରି ବୁଧବାର ବ୍ୟବଚ୍ଛେଦ ପାଇଁ ଚାରିଛକ ମେଡିକାଲ ପଠାଇଛି। ପୋଲିସ ଏ ସମ୍ପର୍କରେ ଅତି ସଙ୍ଗିନ ଦଫାରେ କେସ୍ ନଂ.୧୦୯/୨୬ରେ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି। ପୁରୀରୁ ସାଇଣ୍ଟିଫିକ୍ ଟିମ୍ ଆସି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ଏହି ସଙ୍ଗିନ ମାମଲାରେ ହତ୍ୟାକାରୀ ପୁଅ ବିଜୟକୃଷ୍ଣଙ୍କୁ ପୋଲିସ ଗିରଫକରି କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଯାଇଥିବା ଜଣାପଡିଛି। ଜଣେ ପିତୃହନ୍ତା ପୁଅର ଏଭଳି ଅମାନୁଷିକ କାଣ୍ଡକୁ ବିଭିନ୍ନ ମହଲରେ ତୀବ୍ର ନିନ୍ଦା କରାଯାଇଛି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ବେଶ୍ ଆଲୋଡ଼ନ ସୃଷ୍ଟି କରିଛି।




ଧ-୧୭୬


## ନାରୀ ଦେଶର...

୩ୟ ପୃଷ୍ଠାରୁ...

ହୋଇପାରି ନ ଥିଲା ବୋଲି ଭାଜପା ଅଭିଯୋଗ କରୁଛି। ଏଥିଲାଗି ଭାଜପା ପକ୍ଷରୁ ବିରୋଧୀଙ୍କୁ ଦୋଷ ଦିଆଯାଉଛି। ବିରୋଧୀ ଦଳଗୁଡ଼ିକୁ ଦୋଷ ଦେଇ ଭାଜପା ପକ୍ଷରୁ ଗୁରୁବାର ପ୍ରଦର୍ଶନୀ ପଡ଼ିଆଠାରୁ ମହିଳା ଜନ ଆକ୍ରୋଶ ପଦଯାତ୍ରା କରାଯାଇଥିଲା। ଶାସକ ଦଳର ବହୁ ନେତା ଶତାଧିକ ମହିଳାଙ୍କୁ ସାଙ୍ଗରେ ଧରି ଲୋୟର ପିଏମ୍‌ଜି ପର୍ଯ୍ୟନ୍ତ ଏହି ଜନ ଆକ୍ରୋଶ ପଦଯାତ୍ରା କରିଛନ୍ତି। ଏହି ଯାତ୍ରାରେ ସମାଜରୁ ଆସିଥିବା ପ୍ରତ୍ୟେକ ବର୍ଗର ମହିଳା କଳାପଟି ପିନ୍ଧି ଶୋଭାଯାତ୍ରାରେ ସାମିଲ ହୋଇଛନ୍ତି। ଏହି ଅବସରରେ ପଥପ୍ରାନ୍ତ ସଭା ଅନୁଷ୍ଠିତ ହେବା ସହ ବିରୋଧୀ ନେତାଙ୍କ କୁଶପୁତଳିକା ଦାହ କରାଯାଇଛି।

ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି, ନାରୀମାନଙ୍କ ପାଇଁ ସଂସଦରେ ଗତ ୧୭ ତାରିଖରେ ଯେଉଁ ଆଲୋଚନା ହୋଇଥିଲା, ତାହା ଦେଶର ଇତିହାସ ବଦଳିଆନ୍ତା। କଂଗ୍ରେସ ସମେତ ସମସ୍ତ ବିରୋଧୀ ଦଳ ଏହି ବିଲ୍‌କୁ ଅନୁମୋଦନ କରିବାକୁ ଦେଲେ ନାହିଁ, ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲା। ରାହୁଲ ଗାନ୍ଧୀ ଏବଂ ଅନ୍ୟ ଦଳଗୁଡ଼ିକ ଯେଉଁ ଉତ୍ସବ ପାଳନ କଲେ, ତାକୁ ଯେତେ ନିନ୍ଦାକଲେ କମ୍ ହେବ ଏବଂ ଦେଶବାସୀ କେବେହେଲେ କ୍ଷମା ଦେବେ ନାହିଁ। ବିରୋଧୀ ଦଳଙ୍କ ମହିଳା ବିରୋଧୀ ଅଭିମୁଖ୍ୟ ବିରୋଧରେ ରାଜ୍ୟସ୍ତରୀୟ ପଦଯାତ୍ରା ହୋଇଛି। ଆଗାମୀ ଦିନରେ ଏହାକୁ ଜିଲା, ମଣ୍ଡଳ ଓ ବୁଥ୍‌ସ୍ତର ପର୍ଯ୍ୟନ୍ତ ନିଆଯିବ। ମହିଳାମାନଙ୍କୁ ସାମ୍ବିଧାନିକ ସମ୍ମାନଦେବା ପାଇଁ ଶେଷ ପର୍ଯ୍ୟନ୍ତ ଲଢ଼େଇ ଜାରି ରହିବ। ବିରୋଧୀମାନେ ବିଲ୍‌କୁ ପୁଣି ସମର୍ଥନ କରିବାକୁ ବାଧହେବେ ବୋଲି ସେ କହିଛନ୍ତି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି, ନାରୀଶକ୍ତି ରାଷ୍ଟ୍ରଶକ୍ତି। ମହିଳାମାନଙ୍କୁ ସଶକ୍ତ କରିବା ପାଇଁ ପ୍ରଧାନମନ୍ତ୍ରୀ ଅନେକ ପ୍ରଚେଷ୍ଟା କରୁଛନ୍ତି। ଭାଜପା ସଦାସର୍ବଦା ନାରୀମାନଙ୍କ ସମ୍ମାନ ପାଇଁ ଲଢ଼େଇ କରିଛି। ରାଜନୀତି କ୍ଷେତ୍ରରେ ମହିଳାମାନଙ୍କ ଭାଗୀଦାରିତାକୁ ନାରୀଶକ୍ତି ବନ୍ଦନ ଅଧିନିୟମ ଦୃଢ଼ୀଭୂତ କରିବ। କଂଗ୍ରେସ ଓ ବିଜେଡି ଉଭୟ ମହିଳା ବିରୋଧୀ ବୋଲି ପ୍ରଭାତୀ କହିଛନ୍ତି।

ଏହି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ରବି ନାରାୟଣ ନାଏକ, ନିତ୍ୟାନନ୍ଦ ଗଣ୍ଡ, ଗୋକୁଳାନନ୍ଦ ମଲିକ, ଏମ୍‌ପି ପ୍ରତାପ ଷଡ଼ଙ୍ଗୀ, ଅନିତା ଶୁଭଦର୍ଶିନୀ ପଟ୍ଟନାୟକ, ରାଜ୍ୟ ସାଧାରଣ ସମ୍ପାଦିକା ପୂର୍ଣ୍ଣିମା ନାୟକ, ରାଜ୍ୟ ସମ୍ପାଦିକା ପିଙ୍କି ପ୍ରଧାନଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ନେତୃବୃନ୍ଦ ଉପସ୍ଥିତ ଥିଲେ। ପରିଶେଷରେ ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ଐଶ୍ୱର୍ଯ୍ୟା ବିଶ୍ୱାଳ ଧନ୍ୟବାଦ ଜ୍ଞାପନ କରିଥିଲେ।

## ୪ ଜନଗଣନାକାରୀଙ୍କୁ...

କରିଥିବା ଅଭିଯୋଗ ହୋଇଛି। ଏଥିସହ ମହିଳା କର୍ମଚାରୀଙ୍କ ସ୍କୁଟି ଭାଙ୍ଗି ଚୂରମାର କରିଛନ୍ତି। ଆକ୍ରମଣରେ ୪ଜଣ ଜନଗଣନା ଅଧିକାରୀ ଆହତ ହୋଇଥିବାବେଳେ ସେମାନଙ୍କ ମଧ୍ୟରେ ୨ଜଣ ମହିଳା ଅଛନ୍ତି। ଆହତ ଅଧିକାରୀମାନେ ହେଲେ ରଘୁନାଥ ଦୀକ୍ଷିତ, ମଧୁସ୍ମିତା ବେହେରା, ସ୍ୱର୍ଣ୍ଣଲତା ସାହୁ ଓ ସତୀଶ ବୀରେନ ବେହେରା। ଜନଗଣନା ଅଧିକାରୀମାନେ ମହିମାନଗର ସାହିର ନିକୁଞ୍ଜ ରମଣ ଶତପଥୀଙ୍କ ଘରେ ପହଞ୍ଚି ଗେଟ୍ ଠକ୍ ଠକ୍ କରିବା ମାତ୍ରେ ନିକୁଞ୍ଜ ଓ ତାଙ୍କ ୨ ପୁଅ ଭାନୁପ୍ରସାଦ, ଉଦିତ ସ୍ୱପ୍ନ ଆସି ହଠାତ୍ ୨ ପୁରୁଷ ଅଧିକାରୀଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିଲେ। ଏଥିରେ ସର୍କଲ ୨ ଜନଗଣନା ସୁପରଭାଇଜର ମଧୁସ୍ମିତା ବେହେରା ବିରୋଧ କରିବାରୁ ତାଙ୍କୁ ମଧ ଆକ୍ରମଣ କରିଥିଲେ। ଫଳରେ ତାଙ୍କ ମୁହଁରେ ଆଘାତ ଲାଗିଥିଲା। ଅନ୍ୟଜଣେ ଅଧିକାରୀଙ୍କୁ ପଥର ଧରି ମାରିବାକୁ ଗୋଡ଼ାଇବାରୁ ସେ ଦୌଡ଼ି ପଳାଇଥିଲେ। ପରେ ମଧୁସ୍ମିତାଙ୍କ ସ୍କୁଟିକୁ ଭାଙ୍ଗିଦେଇଥିଲେ। ଖବରପାଇ କାମାକ୍ଷାନଗର ଉପଜିଲାପାଳ ଦିନମଣି ନାଏକ, ତହସିଲଦାର ଶୁଭଙ୍କର ମହାନ୍ତି, ଏସ୍‌ଡିପିଓ ରଜନୀକାନ୍ତ ସାମଲ ଓ ଥାନା ଅଧିକାରୀ ଜିତେନ୍ଦ୍ର କୁମାର ମଲ୍ଲିକ, ଏସ୍ଆଇ ପି.ଏସ୍. ଖାନ୍, ଏନ୍‌ଏସି ନିର୍ବାହୀ ଅଧିକାରୀ ପ୍ରଦତ୍ତ ସାହୁ ପ୍ରମୁଖ ପହଞ୍ଚିଥିଲେ। ସେମାନଙ୍କୁ ମଧ ଅସଭ୍ୟ ଭାଷାରେ ଗାଳିଗୁଲଜ କରୁଥିବା ଦେଖିବାକୁ ମିଳିଥିଲା। ତେବେ ରଘୁନାଥ ଦୀକ୍ଷିତଙ୍କ ଅଭିଯୋଗ କ୍ରମେ କାମାକ୍ଷାନଗର ପୋଲିସ ଏକ ମାମଲା(ନଂ. ୨୬୭/୨୬) ରୁଜୁ କରି ଆକ୍ରମଣକାରୀ ନିକୁଞ୍ଜ ରମଣ ଶତପଥୀ ଓ ତାଙ୍କ ୨ ପୁଅଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ସେହିପରି ହିନ୍ଦୋଳ ଉପଖଣ୍ଡ ରାସୋଳ ଥାନା ଅନ୍ତର୍ଗତ ଗିରିଧରପ୍ରସାଦ ଗ୍ରାମରେ ଜନଗଣନା ଅଧିକାରୀ କହି ଜଣେ ଯୁବକ ଜଣେ ମହିଳାଙ୍କଠାରୁ ମଙ୍ଗଳସୂତ୍ର ଓ ମୋବାଇଲ ଛଡ଼ାଇ ନେଇଥିବା ଅଭିଯୋଗ ହୋଇଛି। ଏନେଇ ମହିଳା ଜଣକ ମଙ୍ଗଳବାର ରାସୋଳ ଥାନାରେ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, ଜଣେ ଯୁବକ ଗିରିଧରପ୍ରସାଦ ଗ୍ରାମର ଅପର୍ଣ୍ଣା ବିଶୋଇଙ୍କ ଘରେ ପହଞ୍ଚି ଜନଗଣନା କରିବାକୁ ଆସିଛି ବୋଲି କହି ପରିବାରର ଆଧାର କାର୍ଡ ମାଗିଥିଲେ। ମହିଳା ଜଣଙ୍କ ଘର ଭିତରକୁ କାର୍ଡ ପାଇଁ ଯିବାବେଳେ ଯୁବକ ଜଣଙ୍କ ଘର ଭିତରେ ପଶି ତାଙ୍କ ଛୋଟପିଲାଙ୍କ ବେକରେ ଛୁରି ଲଗାଇ ମହିଳାଙ୍କୁ ଉଲଗ୍ନ ହେବାକୁ କହିଥିଲେ। ମହିଳା ରାଜି ନ ହେବାରୁ ତାଙ୍କଠାରୁ ମଙ୍ଗଳସୂତ୍ର ଓ ମୋବାଇଲ ଫୋନ ଛଡ଼ାଇ ନେଇ ଏକ କଳା ବାଇକରେ ଚମ୍ପଟ ମାରିଥିଲେ। ଅଭିଯୋଗ ପାଇ ରାସୋଳ ପୋଲିସ ତଦନ୍ତ କରୁଥିବା ଥାନା ଅଧିକାରୀ ବିଶ୍ୱରଞ୍ଜନ ମହାନ୍ତି କହିଛନ୍ତି।

ଏ ସମ୍ପର୍କରେ ଢେଙ୍କାନାଳ ଏସ୍‌ପି ଅଭିନବ ସୋନକର କହିଛନ୍ତି, କାମାକ୍ଷାନଗରରେ ପୋଲିସ ସୂଚନା ପାଇ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିଲା। ଜନଗଣନା ଅଧିକାରୀମାନେ ନିଜର ପରିଚୟ ଦେବା ପରେ କୌଣସି କାରଣ ନ ଥାଇ ତାଙ୍କୁ ଆକ୍ରମଣ କରାଯାଇଥିବା ସୂଚନା ମିଳିଛି। ଏହି ଘଟଣାରେ ୩ ଜଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସେହିପରି ରାସୋଳ ଥାନା ଅଂଚଳରେ ମଧ ଏଭଳି ଏକ ଅଭିଯୋଗ ଆସିଥିଲା। ଏହାକୁ ନେଇ ରାସୋଳ ଥାନା ଅଧିକାରୀ ଓ ହିନ୍ଦୋଳ ଏସ୍‌ଡିପିଓ ଘଟଣାର ତଦନ୍ତ କରୁଛନ୍ତି।

## 'ଓଡ଼ିଶା ସିଟି ଗ୍ୟାସ୍...

ଜିଲାସ୍ତରୀୟ ମନିଟରିଂ କମିଟି ଗଠନ କରାଯିବ। ଏହି ନୀତି ଦ୍ୱାରା ରାଜ୍ୟ ସରକାରଙ୍କ ଉପରେ କୌଣସି ଆର୍ଥିକ ବୋଝ ପଡ଼ିବ ନାହିଁ ବରଂ ଏହା ଘରୋଇ ପୁଞ୍ଜିନିବେଶକୁ ଆକୃଷ୍ଟ କରିବା ସହ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ବ୍ୟବସାୟିକ ସହଜତାକୁ ବୃଦ୍ଧି କରିବା ସହ ମାର୍ଚ୍ଚ ୨୦୨୭ ପର୍ଯ୍ୟନ୍ତ ଅନୁମୋଦନ ଶୁଳ୍କ ଉପରେ ରିହାତି ପ୍ରଦାନ କରିବାକୁ ପ୍ରସ୍ତାବରେ ରହିଛି। ଓଡ଼ିଶାର ଶକ୍ତି ସୁରକ୍ଷା, ପରିବେଶ ସୁରକ୍ଷା ଏବଂ ଜନସାଧାରଣଙ୍କ ଜୀବନଶୈଳୀରେ ଉନ୍ନତି ଆଣିବା ଦିଗରେ ଏହା ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି ମୁଖ୍ୟ ସଚିବ କହିଛନ୍ତି।


# Classified Everyday
0674-2580101, 9692975378




REAL ESTATE

SALE

ବାଲିଅନ୍ତାରୁ 5K.M. Pitchu Road side Schedulecaste plot 2100sqft.- 40,00,000/-. 7978947520. D-32

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




All types of physiotherapy and massage. Contact: 9556924059 / 7656969134. D-109

Newly opening full body massage. Best therapist, Good Looking: 7205888795. D-135

All types hair cutting/ massage by smart female, one hour 700/- - Room services available. Contact: 9937833100. D-76308

Newly open Jyoti spa positively health benefits (Expert therapist). 8458067955. D-76960

### AFFIDAVIT

By virtue of an affidavit sworn before Executive Magistrate, Bhubaneswar, dated 20.04.2026, I, Mardela Avinash, Address- Chorda Bypass, Jajpur Road, Jajpur, Odisha, 755019 declare that I have changed my name from Mardela Avinash to M Avinash. Henceforth, my name shall be known as M Avinash for all purpose.
Mardela Avinash
D-175

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

By virtue of an affidavit before Executive Magistrate, Kanika on dated 22.04.2026, I have changed my name from S. K. Barik to Mithyabadi Barik. Henceforth, I shall be known as Mithyabadi Barik for all purposes.
D-174

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।



ଧ-୧୧୩

# ଭାବି ନ ଥିଲେ ତାରା


ତାରା

ତାରା ସୁତାରିଆଙ୍କ ଅଭିନୟ ଜୀବନ ଜଣେ ଶିଶୁ କଳାକାର ଭାବରେ ଆରମ୍ଭ ହୋଇଥିଲା। ଏହାବ୍ୟତୀତ ଛୋଟ ପରଦାରେ ପ୍ରସାରିତ ଏକ ରିୟାଲିଟି ଶୋ' ବିଗ୍ ବଡା ବୁମ୍'ରେ ଜଣେ ଗାୟିକା ଭାବରେ ତାଙ୍କୁ ସୁଯୋଗ ମିଳିଥିଲା। ୨୦୧୯ରେ ଭାଗ୍ୟ ଦେବୀ ତାଙ୍କ ପ୍ରତି ପ୍ରସନ୍ନ ହୋଇଥିଲେ। ଏହି ବର୍ଷ ତାଙ୍କୁ ବଲିଉଡ୍‌ର ବିଶିଷ୍ଟ ପ୍ରଯୋଜକ କରନ ଜୋହର ପ୍ରଥମେ ବ୍ରେକ୍ ଦେଇଥିଲେ। ଫିଲ୍ମଟିର ଟାଇଟଲ ଥିଲା 'ଷ୍ଟୁଡେଣ୍ଟ ଅଫ ଦ ଇୟର ୨'। ଖାସ୍ କଥା ହେଲା ଏହି ସିନେମା ପାଇଁ ତାଙ୍କୁ ଶ୍ରେଷ୍ଠ ନବାଗତା ଭାବରେ ଜୀ ସିନେ ଫିଲ୍ମ ପୁରସ୍କାର ମିଳିଥିଲା। ଏ ବିଷୟରେ ତାରା କହନ୍ତି, ''କରନ୍ ସାର୍ ଯେତେବେଳେ ମୋତେ ଏହି ଅଫରଟି ଦେଲେ ସେତେବେଳେ ତାହାକୁ ମୁଁ ସହଜରେ ବିଶ୍ୱାସ କରିପାରି ନ ଥିଲି। କାରଣ ତାଙ୍କ ଭଳି ଜଣେ ନାମୀ ପ୍ରଯୋଜକଙ୍କ ସିନେମାରୁ ବଲିଉଡ୍‌ରେ ନାୟିକା ସାଜିବାର ସୁଯୋଗ ଭାଗ୍ୟରେ ଥିଲେ ହିଁ ମିଳେ। କେବଳ ସେତିକି ନୁହେଁ, ଏହି ଫିଲ୍ମ ପାଇଁ ମୋତେ ଶ୍ରେଷ୍ଠ ନବାଗତା ଅଭିନେତ୍ରୀ ପୁରସ୍କାର ମିଳିଥିଲା। ଆଉ ତାକୁ ପାଥେୟ କରି ମୁଁ ମୋ ଆକ୍ଟିଂ କ୍ୟାରିୟରକୁ ଆଗେଇ ନେବାରେ ସକ୍ଷମ ହୋଇଥିଲି। ଏକଥା ସତ ଯେ ମୋର ଛୋଟ ଆକ୍ଟିଂ କ୍ୟାରିୟରରେ ଅଳ୍ପ ସିନେମାରେ ଅଭିନୟ କରିବାର ସୁଯୋଗ ମିଳିଛି। ହେଲେ ନିଜ ଉପରେ ଶତ ପ୍ରତିଶତ ଭରସା ରହିଛି। ଆଗକୁ ମୋତେ ଭଲ ଭଲ ବ୍ୟାନରରେ ନିଶ୍ଚୟ ସୁଯୋଗ ମିଳିବ ଏବଂ ମୁଁ ଭିନ୍ନ ଭିନ୍ନ ରୋଲ୍‌ରେ ଦର୍ଶକଙ୍କ ସାମନାକୁ ଆସିବି ବୋଲି ଆଶା ରଖିଛି।'' ତାରାଙ୍କର ଜଣେ ଯାଆଁଳା ଭଉଣୀ ଅଛନ୍ତି ଯାହାଙ୍କର ନାଁ ହେଉଛି ପିୟା। ସେ ମଧ୍ୟ ଜଣେ ଡ୍ୟାନ୍ସର ଏବଂ ମଡେଲ। ଅଭିନୟ କରିବା ପୂର୍ବରୁ ତାରା ହିନ୍ଦୀ ସିନେମା 'ତାରେଁ ଜମିନ ପର' ଏବଂ 'ଗୁଜାରିସ୍' ପାଇଁ ଭଏସ ଦେଇଥିଲେ। ତାରାଙ୍କ ଅଭିନୀତ ସିନେମାଗୁଡିକ ହେଲା–'ମରଜାଓ୍ୱାଁ', 'ତଡପ', 'ହୀରୋପନ୍ତି ୨', 'ଏକ ଭିଲେନ୍ ରିର୍ଟନ୍‌ସ' ଏବଂ 'ଅପୂର୍ବା'। ବର୍ତ୍ତମାନ ସେ ପୋଷ୍ଟ ପ୍ରଡକ୍ସନ କାମ ଚାଲିଥିବା କନ୍ନଡ–ଇଂଲିଶ ସିନେମା 'ଟକ୍ସିକ'ରେ ଅଭିନୟ କରୁଛନ୍ତି।

## 'ବର୍ଡର' ଫ୍ଲପ୍ ହୋଇଥିଲେ...


ଅକ୍ଷୟ

ଜେ.ପି. ଦତ୍ତାଙ୍କ ଦେଶାତ୍ମବୋଧକ ହିନ୍ଦୀ ଚଳଚ୍ଚିତ୍ର 'ବର୍ଡର' ବକ୍ସ ଅଫିସରେ ରେକର୍ଡ ସୃଷ୍ଟି କରିଥିଲା। କେବଳ ସେତିକି ନୁହେଁ, ଏହି ଫିଲ୍ମ ନବାଗତ ଅକ୍ଷୟ ଖାନ୍ନାଙ୍କ କ୍ୟାରିୟର ପାଇଁ ଟର୍ନିଂ ପଏଣ୍ଟ ଆଣିଥିଲା। ସେ ଅଭିନୟ କରିଥିବା ପ୍ରଥମ ଫିଲ୍ମ ଥିଲା 'ହିମାଳୟପୁତ୍ର'। କିନ୍ତୁ ଫିଲ୍ମଟିକୁ ଆଶାନୁରୂପ ସଫଳତା ମିଳି ନ ଥିଲା। ହେଲେ ଠିକ୍ ଏହା ପରେ ଜେ.ପି. ଦତ୍ତାଙ୍କ ଅଫର ତାଙ୍କର ଭାଗ୍ୟ ବଦଳାଇ ଦେଇଥିଲା। ଏ ବିଷୟରେ ଅକ୍ଷୟ କହନ୍ତି, ''ମୋର ପ୍ରଥମ ଫିଲ୍ମକୁ ନେଇ ବହୁତ ଆଶା ଥିଲା, କିନ୍ତୁ ରିଲିଜ ପରେ ତାହା ଭଲ ବିଜନେସ କରି ନ ଥିଲା। 'ବର୍ଡର' ଥିଲା ମୋ ଅଭିନୀତ ଦ୍ୱିତୀୟ ସିନେମା ଆଉ ଏହା ବ୍ଲକ ବଷ୍ଟର ସାବ୍ୟସ୍ତ ହୋଇଥିଲା। ଯଦି ଏହି ଫିଲ୍ମଟି ଫ୍ଲପ୍ ହୋଇଥାଆନ୍ତା ତେବେ ମୋ ଆକ୍ଟିଂ କ୍ୟାରିୟର ଏଭଳି ଆଗକୁ ବଢ଼ି ନ ଥା'ନ୍ତା। ପରବର୍ତ୍ତୀ ସମୟରେ ମୋ ଅଭିନୀତ ଅନେକ ସିନେମାକୁ ଦର୍ଶକ ଗ୍ରହଣ କରିଛନ୍ତି। ଆଉ ସେଥିଲାଗି ଆଜି ପର୍ଯ୍ୟନ୍ତ ମୁଁ ବଲିଉଡ୍‌ରେ ତିଷ୍ଠି ରହିଛି ବୋଲି କହନ୍ତି ବିଗତ ଦିନର ବିଶିଷ୍ଟ ଅଭିନେତା ବିନୋଦ ଖାନ୍ନାଙ୍କ ପୁତ୍ର ଅକ୍ଷୟ।''

## ରିଲିଜ ଅପେକ୍ଷାରେ...

# ମନ୍ତ୍ରମୁଗ୍ଧ


'ମନ୍ତ୍ରମୁଗ୍ଧ' ଫିଲ୍ମର ଏକ ପୋଷ୍ଟର

ଚଳିତ ବର୍ଷ ସିନେମା ରିଲିଜ ତାଲିକାରେ ଆଉ ଏକ ଚିତ୍ର ସାମିଲ ହେବାକୁ ଯାଉଛି। ଏହାର ଟାଇଟଲ ରହିଛି 'ମନ୍ତ୍ରମୁଗ୍ଧ'। ଏହି ବିଗ୍ ବଜେଟ୍ ତଥା ଚର୍ଚ୍ଚିତ ସିନେମାର ନିର୍ଦ୍ଦେଶନା ଦେଇଛନ୍ତି ଜାତୀୟ ଚଳଚ୍ଚିତ୍ର ପୁରସ୍କାରପ୍ରାପ୍ତ ନିର୍ଦ୍ଦେଶକ ଅନୁପମ ପଟ୍ଟନାୟକ। ଫିଲ୍ମଟି ଆସନ୍ତା ମାସ ୧ ତାରିଖରେ ପରଦା ଉପରକୁ ଆସିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଏହାର କାହାଣୀ ଅନୁପମ ଓ ରୋଶନ ବିଶୋଇ ଲେଖିଥିବା ବେଳେ ଚିତ୍ରନାଟ୍ୟ ରଚନା କରିଛନ୍ତି ରୋହିତ ଗେହଲୋଟ ଓ ଅନୁପମ ପଟ୍ଟନାୟକ। ସଂଳାପ ଲେଖିଛନ୍ତି ପ୍ରଣବ ରଥ। ଫିଲ୍ମର ସଙ୍ଗୀତକୁ ସଜେଇଛନ୍ତି ପାଞ୍ଚ ଜଣ ସଙ୍ଗୀତ ନିର୍ଦ୍ଦେଶକ– ଆଶିଷ ପ୍ରଧାନ,ଅନୁରାଗ ପଟ୍ଟନାୟକ, ସଙ୍ଗୀତ ପଟ୍ଟନାୟକ, ଅନୁରାଗ ପଣ୍ଡା ଓ ରୌମ୍ୟ ରାଜ ପ୍ରଧାନ। ଏହି ନୂଆ ସିନେମାର କାଷ୍ଟିଂରେ ଦୀପନ୍ୱିତ ଦାଶମହାପାତ୍ର, ସୂର୍ଯ୍ୟମୟୀ ମହାପାତ୍ର, ଭୂମିକା ଦାଶ, ହର ରଥ, ଚୌଧୁରୀ ଜୟପ୍ରକାଶ ଦାସ, ସନୋଜ କୁମାର, ମନ୍ମୟ ଦେ', ନବାଗତ ସାର୍ଥକ ଭରଦ୍ୱାଜ, ନିଶାନ୍ତ ମଜିଠିଆ, ସୋମା ହୋତା, ଭକ୍ତି ଦାସ , ଟେଲି ଅଭିନେତ୍ରୀ ପିହୁ ମହାପାତ୍ର ଓ ଡିଜିଟାଲ କ୍ରିଏଟର ମିଷ୍ଟର ରାଉତ ରହିଛନ୍ତି। 'ମନ୍ତ୍ରମୁଗ୍ଧ'ର ପ୍ରଚାର ଏବଂ ପ୍ରସାର ଦାୟିତ୍ୱରେ ଅଛନ୍ତି ପ୍ରଣୟ ଜେଠୀ।

## ପରଦାରେ...

# କାଙ୍ଗୁଲା : ଦଣ୍ଡକାଳୀର ନାଚ

ଆମ ରାଜ୍ୟର ପ୍ରାଚୀନ ପରମ୍ପରା ମଧ୍ୟରେ ଦଣ୍ଡନାଚ ଅନ୍ୟତମ। ସେଭଳି ଏକ ବିଷୟବସ୍ତୁକୁ ଆଧାର କରି ନିର୍ମିତ ହୋଇଛି ଓଡ଼ିଆ ସିନେମା 'କାଙ୍ଗୁଲା : ଦଣ୍ଡକାଳୀର ନାଚ'। ଫିଲ୍ମଟି ଚଳିତ ମାସ ୨୪ ତାରିଖରେ ପରଦା ଉପରକୁ ଆସୁଛି। ଖାସ୍ କଥା ହେଲା ଅନ୍ୟତମ ଆଗଧାଡିର ଅଭିନେତା ସମ୍ବିତ ଆଚାର୍ଯ୍ୟ ଏହାର ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି। ତା'ସହ ସେ ହେଉଛି ଏହି ଫିଲ୍ମର ଅନ୍ୟତମ ପ୍ରଯୋଜକ। ପ୍ରଥମ ଥର ପାଇଁ ସେ ପ୍ରଯୋଜନା ପରି ଗୁରୁ ଦାୟିତ୍ୱ ନିର୍ବାହ କରିଛନ୍ତି। ''ଦଣ୍ଡନାଚ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟକୁ ନେଇ ଫିଲ୍ମଟି ନିର୍ମିତ ହୋଇଛି। ଏହାର କାହାଣୀ, ସଂଳାପ, ସଙ୍ଗୀତ ଏବଂ ଦୃଶ୍ୟାୟନ ଏଭଳି କରାଯାଇଛି ଯେ ତାହା ଦର୍ଶକଙ୍କ ମନ ଜିଣିବାରେ ନିଶ୍ଚୟ ସକ୍ଷମ ହେବ । ଆମ ପରିଶ୍ରମର ମୂଲ୍ୟ ନିଶ୍ଚୟ ମିଳିବ ବୋଲି ଦୃଢ଼ୋକ୍ତି ବ୍ୟକ୍ତ କରନ୍ତି ସମ୍ବିତ।'' କାହାଣୀ ଅନୁସାରେ କାଙ୍ଗୁଲା ନାମକ ଏକ ଗାଁ, ଆଉ ସେଠାରେ ମା' କାଙ୍ଗୁଲାଙ୍କୁ ଗ୍ରାମବାସୀ ଦୃଢ଼ ବିଶ୍ୱାସ କରନ୍ତି। ସେଠାକାର ପ୍ରସିଦ୍ଧ ଦଣ୍ଡ ନାଚର ପ୍ରଚାର ପ୍ରସାର ପାଇଁ ସେହି ଗ୍ରାମର ଜଣେ ଯୁବକ ଆଗଭର ହେଉଛି। ଆଉ ଏହି ସମୟରେ ତାଙ୍କ ସହ ଆଉ କେତେ ଜଣ ମଧ୍ୟ ହାତ ମିଳାଉଛନ୍ତି। ତେବେ ଏଭଳି ଏକ ପ୍ରାଚୀନ ଲୋକନୃତ୍ୟକୁ ଯୁବକ ଜଣକ କେତେ ଲୋକାଦୃତ କରାଇପାରୁଛି ତାହା ଏହି ସିନେମାରେ ଦେଖିବାକୁ ମିଳିବ। ଶୁଭେନ୍ଦୁ କୁମାର ମଲ୍ଲ (ଲିଟୁ) ଏବଂ ସମ୍ବିତଙ୍କ ପ୍ରଯୋଜିତ ଏହି ଭିନ୍ନ ଧରଣର ଫିଲ୍ମର ନାୟିକା ସାଜିଛନ୍ତି ସୂର୍ଯ୍ୟମୟୀ ମହାପାତ୍ର। ଅଶ୍ୱିନୀ ତ୍ରିପାଠୀଙ୍କ ନିର୍ଦ୍ଦେଶିତ ଉକ୍ତ ସିନେମାରେ ସମ୍ବିତ ଏବଂ ସୂର୍ଯ୍ୟମୟୀଙ୍କ ବ୍ୟତୀତ ଅଭିଷେକ ଗିରି, ପୁପିନ୍ଦର, ଶ୍ରୀତମ ଦାସ, ପ୍ରଦ୍ୟୁମ୍ନ ଲେଙ୍କା ଏବଂ ୟୁଟ୍ୟୁବର ଚେଣ୍ଟ ପ୍ରମୁଖ ଅଭିନୟ କରୁଛନ୍ତି। ସମ୍ବିତ ଆଚାର୍ଯ୍ୟ ଫିଲ୍ମସ ଏବଂ ସତ୍ୟନାରାୟଣ ପ୍ରଡକ୍ସନ ବ୍ୟାନରରେ ଏହାକୁ ପ୍ରସ୍ତୁତ କରାଯାଇଛି।



'କାଙ୍ଗୁଲା : ଦଣ୍ଡକାଳୀର ନାଚ' ଫିଲ୍ମରେ (ବାମରୁ)ସମ୍ବିତ–ଚେଣ୍ଟ–ସୂର୍ଯ୍ୟମୟୀ

## ମୋନଷ୍ଟର : ଦ ଅଲ୍‌ଟିମେଟ

ଏକ ଭିନ୍ନ ଧରଣର କାହାଣୀକୁ ଆଧାର କରି ପ୍ରସ୍ତୁତ ହୋଇଛି ନୂଆ ଓଡ଼ିଆ ସିନେମା 'ମୋନଷ୍ଟର : ଦ ଅଲ୍‌ଟିମେଟ'। ଖାସ୍ କଥା ହେଲା ଏହି ଫିଲ୍ମର ମୁଖ୍ୟ ଭୂମିକାରେ ଅଭିନୟ କରୁଛନ୍ତି ଆଦିତ୍ୟ। 'ଆଇ ଲଭ୍ ୟୁ–୨'ରୁ ସେ ଓଲିଉଡ୍‌ରେ ଏଣ୍ଟ୍ରି କରିଥିଲେ। ଏହାର ପ୍ରଯୋଜକ ସଞ୍ଜୟ ନାୟକ (ଟୁଟୁ) ତାଙ୍କୁ ପ୍ରଥମେ ବ୍ରେକ୍ ଦେଇଥିଲେ। ଗୋପିନାଥ ମୋସନ ପିକ୍ଚର୍ସ ବ୍ୟାନରରେ ପ୍ରସ୍ତୁତ ଏହି ଫିଲ୍ମରେ ଆକ୍ସନ ଭରି ରହିଛି। ଆଦିତ୍ୟଙ୍କ ଅଭିନୀତ ପ୍ରଥମ ସିନେମାର ନିର୍ଦ୍ଦେଶନା ଦେଇଥିଲେ ବରିଷ୍ଠ ନିର୍ଦ୍ଦେଶକ ସୁଧାଂଶୁ ସାହୁ। ସେ ମଧ୍ୟ ଏହି ଫିଲ୍ମର ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି। ଉକ୍ତ ବିଗ୍ ବଜେଟ୍ ସିନେମାରେ ରୋବୋଟିକ୍ ଆର୍ମ ମେସିନ୍ ବ୍ୟତୀତ ଆହୁରି ଅନେକ ଆଧୁନିକ ଟେକ୍ନୋଲୋଜିର ପ୍ରୟୋଗ କରାଯାଇଛି ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ଏହି ଫିଲ୍ମଟିର ସଫଳାତକୁ ନେଇ ଢ଼େର ଆଶା ବାନ୍ଧିଛନ୍ତି ଆଦିତ୍ୟ। ପ୍ରଥମ ସିନେମାରେ ରୋମାଣ୍ଟିକ ଭୂମିକାରେ ସେ ଦର୍ଶକଙ୍କ ମନ ଜିଣିବାରେ ସକ୍ଷମ ହୋଇଥିଲେ। ଆଉ ଏବେ ନିଜର ଦ୍ୱିତୀୟ ସିନେମା ମଧ୍ୟ ଦର୍ଶକଙ୍କୁ ଶତ ପ୍ରତିଶତ ମନୋରଞ୍ଜନ ଯୋଗାଇବ ବୋଲି ସେ ଆଶା ରଖିଛନ୍ତି। ଏହି ଫିଲ୍ମର ଶୁଟିଂ ଶେଷ ପର୍ଯ୍ୟାୟରେ ପହଞ୍ଚିଛି ଏବଂ କେତୋଟି ଗୀତର ଦୃଶ୍ୟାୟନ ବାକି ରହିଛି ବୋଲି ସୂଚନା ଦେଇଛନ୍ତି ନିର୍ଦ୍ଦେଶକ।


ଆଦିତ୍ୟ

# ମନେ ପକାନ୍ତି ବିଦ୍ୟା

ଅଭିନୟରେ ବିଦ୍ୟା ବାଲାନ କେତେ ଦକ୍ଷ ତାହାର ପ୍ରମାଣ ସେ ଅନେକ ସିନେମାରେ ଦେଇସାରିଛନ୍ତି। ଅନ୍ୟପକ୍ଷରେ ସେ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ହାସଲ କରିବାରେ ମଧ୍ୟ ସକ୍ଷମ ହୋଇଛନ୍ତି। ତେବେ ନିଜ ପ୍ରଥମ ହିନ୍ଦୀ ସିନେମା 'ପରିଣୀତା'ର ଅନୁଭୂତିକୁ ସେ ଏବେ ମଧ୍ୟ ମନେ ପକାନ୍ତି। ୨୦୦୫ରେ ରିଲିଜ ହୋଇଥିବା ଏହି ଫିଲ୍ମରେ ନାୟିକା ସାଜିବା ପାଇଁ ତାଙ୍କୁ ବେଶ୍ କଷ୍ଟ କରିବାକୁ ପଡିଥିଲା। ଏଥିଲାଗି ବିଦ୍ୟା ୪୦ ଥର ସ୍କ୍ରିନ୍ ଟେଷ୍ଟ ଏବଂ ୧୭ ଥର ମେକ୍‌ଅପ୍ ଟେଷ୍ଟ ଦେଇଥିଲେ। ପରିଶେଷରେ ତାଙ୍କର ପରିଶ୍ରମ ସାର୍ଥକ ହୋଇଥିଲା। ଏ ବିଷୟରେ ସେ କହନ୍ତି, ''ମୋ ପ୍ରଥମ ସିନେମା ଲାଗି ମୋତେ ଯେ ଏତେ କଷ୍ଟ କରିବାକୁ ପଡିବ ତାହା କେବେ ମୁଁ କଳ୍ପନା କରି ନ ଥିଲି। ଏଥିଲାଗି ମୁଁ ୪୦ ଥର ସ୍କ୍ରିନ୍ ଟେଷ୍ଟ ଦେଇଥିଲି। କେବଳ ସେତିକି ନୁହେଁ, ୧୭ ଥର ମେକ୍‌ଅପ୍ ଟେଷ୍ଟ ଦେବା ପରେ ମୋତେ ସିଲେକ୍ଟ କରାଯାଇଥିଲା। ଏ ନେଇ ଏହାର ନିର୍ଦ୍ଦେଶକ ପ୍ରଦୀପ ସରକାରଙ୍କୁ ମୁଁ ଯେତେ ଧନ୍ୟବାଦ ଦେବି ତାହା ସେତେ କମ୍ ହେବ। ଯାହାହେଉ ମୋ ପ୍ରଥମ ସିନେମାକୁ ଦର୍ଶକ ଗ୍ରହଣ କରିଥିଲେ। ଫିଲ୍ମଟି ହିଟ୍ ହେବା ପରେ ମୋତେ ଅଫର ପରେ ଅଫର ମିଳିଚାଲିଲା। ହେଲେ ଯେତେବେଳେ ମୁଁ ଅଭିନୟ କରିବାକୁ ସ୍ଥିର କଲି ସେତେବେଳେ ମୋତେ ଗୁଡାଏ ଅଫର ମିଳିଥିଲା। କିନ୍ତୁ କେତେକ କାରଣରୁ ସେଗୁଡିକ ସଫଳ ହୋଇ ନ ଥିଲା। ହେଲେ ସେଥିରେ ମୁଁ ଭାଙ୍ଗି ନ ପଡି ଧୈର୍ଯ୍ୟର ସହ ଅପେକ୍ଷା କରିଥିଲି। ୨୦୦୫ରେ ଭାଗ୍ୟଦେବୀ ମୋ ପ୍ରତି ପ୍ରସନ୍ନ ହେଲେ ଆଉ ମୋ ଅଭିନୀତ 'ପରିଣୀତା' ହିଟ୍ ହେଲା।'' ଏବେ ବିଦ୍ୟାଙ୍କ ଅଭନୀତ ତଥା ରିତେଶ ଦେଶମୁଖଙ୍କ ନିର୍ଦ୍ଦେଶିତ ହିନ୍ଦୀ ସିନେମା 'ରାଜା ଶିବାଜୀ' ଆସନ୍ତା ମାସ ୧ରେ ରିଲିଜ ହେବାକୁ ଯାଉଛି।


ବିଦ୍ୟା

## ଅତୀତରୁ

→ଓଡ଼ିଆ ସିନେମା 'ନବଜନ୍ମ'ର ମୁଖ୍ୟ ପ୍ରଯୋଜନା କରିଥିଲେ ଧୀରେନ୍ଦ୍ର ନାଥ ବିଶ୍ୱାଳ। ନିର୍ଦ୍ଦେଶନା ଦେଇଥିଲେ ସଚିନ ମୁଖାର୍ଜୀ। ଗୀତଗୁଡିକୁ ସ୍ୱରାୟିତ କରିଥିଲେ ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ବାଳକୃଷ୍ଣ ଦାଶ। ଶରତ ପୂଜାରୀ, ଝରଣା ଦାସ, ଅକ୍ଷୟ ମହାନ୍ତି ପ୍ରମୁଖ ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ।

→ରାଜାରାଣୀ ଫିଲ୍ମସ, କଟକ ବ୍ୟାନରରେ ପ୍ରସ୍ତୁତ ହୋଇଥିଲା ଓଡ଼ିଆ ଚଳଚ୍ଚିତ୍ର 'ବନ୍ଧନ'। ସ୍ୱର୍ଣ୍ଣ ପଟ୍ଟନାୟକ ଏହାର ପ୍ରଯୋଜନା କରିଥିବା ବେଳେ ନିର୍ଦ୍ଦେଶନା ଦେଇଥିଲେ ନିତାଇ ପାଲିତ। ପ୍ରଶାନ୍ତ ନନ୍ଦ, ଗୀତାଞ୍ଜଳି, ସାମୁଏଲ ସାହୁ (ବାବି) ପ୍ରମୁଖଙ୍କୁ ଏଥିରେ ଦେଖିବାକୁ ମିଳିଥିଲା।

→ସୁକୁମାର ଗାଙ୍ଗୁଲିଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ଓଡ଼ିଆ ଚିତ୍ର 'ଶ୍ରୀ ଶ୍ରୀ ପତିତପାବନ'ର ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ ଶ୍ୟାମସୁନ୍ଦର। ଲକ୍ଷ୍ମୀପ୍ରିୟା ଏବଂ ଚିତ୍ରମଣି ମଧ୍ୟ ଏହାର ପ୍ରମୁଖ ଭୂମିକାରେ ରହିଥିଲେ।

# ମୌନିଙ୍କୁ ଭଲ ଲାଗେ...

ଟିଭି ସିରିଜ 'ନାଗିନ୍' ଏବଂ ହିନ୍ଦୀ ସିନେମା 'ବ୍ରହ୍ମାସ୍ତ୍ର'ରେ ଅଭିନୟ କରି ଦର୍ଶକଙ୍କ ମନ ଜିଣିବାରେ ସକ୍ଷମ ହୋଇଥିଲେ ସେ। କଥକ ନୃତ୍ୟରେ ନିଜର ଦକ୍ଷତା ମଧ୍ୟ ଦେଖାଇ ସାରିଛନ୍ତି। ଆଉ ଏବେ କେବଳ ଆକ୍ଟିଂ ଉପରେ ଫୋକସ୍ କରୁଛନ୍ତି। ହଁ, ସେ ହେଲେ ମୌନି ରୟ। ଅଭିନୟ ବ୍ୟତୀତ ତାଙ୍କର ଆଉ କିଛି ରୁଚି ରହିଛି। ଅବସର ମିଳିବା ମାତ୍ରେ ସେ ତୂଳୀ ଧରି ଚିତ୍ର ଆଙ୍କିବାକୁ ବସି ପଡନ୍ତି। ଏ ବିଷୟରେ ମୌନି କହନ୍ତି, ''ପିଲାଟି ଦିନରୁ ମୋର ପେଣ୍ଟିଂ ପ୍ରତି ଆଗ୍ରହ ଥିଲା। ବିଶେଷଭାବରେ କଲେଜରେ ପଢ଼ିବା ସମୟରେ ମୋର ଏହି ନିଶା ଦ୍ୱିଗୁଣିତ ହୋଇଯାଇଥିଲା। ଏବେ ମଧ୍ୟ ସମୟ ମିଳିବା ମାତ୍ରେ ମୁଁ ଚିତ୍ର ଆଙ୍କିବାକୁ ବସିପଡେ। ଏଥିରୁ ମୋତେ ବେଶ୍ ଆତ୍ମତୃପ୍ତି ମିଳିଥାଏ।'' ମାସ୍ କମ୍ୟୁନିକେଶରେ ମଧ୍ୟ ସେ ଡିଗ୍ରୀ ହାସଲ କରିଛନ୍ତି। ହେଲେ ସେ ଅଭିନୟ ପ୍ରତି ଢଳିବା ଦିଗରେ କାହାର ଅଧିକ ଅବଦାନ ଅଛି ଜାଣନ୍ତି ? ତାଙ୍କ ମା' ମୁକ୍ତି ରୟଙ୍କର। କାରଣ ସେ ଥିଲେ ଜଣେ ଥିଏଟର ଅଭିନେତ୍ରୀ। ତାଙ୍କ ପରି ତାଙ୍କର ଝିଅ ମଧ୍ୟ ଆକ୍ଟିଂକୁ କ୍ୟାରିୟର କରୁ ବୋଲି ସେ ଚାହୁଁଥିଲେ। ଯାହାହେଉ ଶେଷରେ ନିଜ ମା'ଙ୍କର ଲକ୍ଷ୍ୟ ମଧ୍ୟ ପୂରଣ କରିବାରେ ସକ୍ଷମ ହୋଇଛନ୍ତି ମୌନି।


ମୌନି




ପୁରୀରେ ବୁଧବାର କୋଷ୍ଟାଲ ମାରାଥନର ଲୋଗୋ ଓ ଟ୍ୟାଗ୍ ଲାଇନ୍ ଉନ୍ମୋଚନ ଅବସରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ ଅନ୍ୟ ଅତିଥିବୃନ୍ଦ।



ପୁରୀ ବ୍ଲୁ ଫ୍ଲାଗ ବିଚରେ ଉପସ୍ଥିତ ରାଜ୍ୟର କିମ୍ବଦନ୍ତୀ କ୍ରୀଡ଼ାବିତ୍।

# ‘କୋଷ୍ଟାଲ ମାରାଥନ ଓଡ଼ିଶା ପର୍ଯ୍ୟଟନକୁ ଋଦ୍ଧିମନ୍ତ କରିବ’

**ପୁରୀ,୨୨।୪(ଅଜିତ୍ କୁମାର ମହାନ୍ତି)**

■ ପ୍ରତିଯୋଗିତା ପାଇଁ ୧ କୋଟିର ପୁରସ୍କାର ରାଶି
■ ଲୋଗୋ, ଟ୍ୟାଗ୍ ଲାଇନ୍ ଉନ୍ମୋଚିତ

‘‘କୋଷ୍ଟାଲ ମାରାଥନ୍ ଓଡ଼ିଶା ପର୍ଯ୍ୟଟନକୁ ଅଧିକ ଋଦ୍ଧିମନ୍ତ କରିବ। ଏହି ମାରାଥନ ପୁରୀରେ ଆସନ୍ତା ଡିସେମ୍ବର ୧୩ରେ ଅନୁଷ୍ଠିତ ହେବ। ମାରାଥନ୍ ପାଇଁ ୧ କୋଟି ଟଙ୍କାର ପୁରସ୍କାର ରାଶି ରଖାଯାଇଛି’’ ବୋଲି ବୁଧବାର ଏଠାରେ ଅନୁଷ୍ଠିତ ଲୋଗୋ ଓ ଟ୍ୟାଗ୍ ଉନ୍ମୋଚନ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପ୍ରକାଶ କରିଛନ୍ତି। ଓଡ଼ିଶା ପର୍ଯ୍ୟଟନ ବିଭାଗ ଏବଂ ଓଏମ୍ସି ସହଯୋଗରେ ‘ପୁରୀ କୋଷ୍ଟାଲ ମାରାଥନ୍’ ଅନୁଷ୍ଠିତ ହେବ। ସଚେତନତା ଉଦ୍ଦେଶ୍ୟରେ ପୂର୍ବାହ୍ନରେ ପୁରୀ ବ୍ଲୁ ଫ୍ଲାଗ୍ ବିଚ୍ଠାରୁ ତାଜ୍ ହୋଟେଲ ପର୍ଯ୍ୟନ୍ତ ୬ କିଲୋମିଟର ବିଶିଷ୍ଟ ମାରାଥନ୍ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ଅନ୍ତର୍ଜାତୀୟ ବାଲୁକାଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ବାଲୁକାକଳାରେ ପ୍ରସ୍ତୁତ ଲୋଗୋକୁ ଉଦ୍‌ଘାଟନ କରିଥିଲେ। ପରେ ଉପମୁଖ୍ୟମନ୍ତ୍ରୀ ଓ ଅନ୍ୟ ଅତିଥିମାନେ ପୁରୀ ବ୍ଲୁ ଫ୍ଲାଗ୍ ବିଚ୍ଠାରେ ପତାକା ଦେଖାଇ ମାରାଥନ୍ କ୍ରୀଡ଼ାବିତ୍‌ମାନଙ୍କୁ ଉତ୍ସାହିତ କରିଥିଲେ। ମାରାଥନ୍‌ରେ ଅଂଶଗ୍ରହଣକାରୀମାନେ ପହଞ୍ଚିବା ପରେ ତାଜ୍ ହୋଟେଲ ପରିସରରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ନୂତନ ଟ୍ୟାଗ୍ ଲାଇନ୍ ‘ଥିଙ୍କ୍ ଇଣ୍ଡିଆ, ଥିଙ୍କ୍ ଓଡ଼ିଶା’କୁ ଉନ୍ମୋଚନ କରାଯାଇଥିବା ବେଳେ ଓଡ଼ିଶା ପର୍ଯ୍ୟଟନ ବିଭାଗ ଏବଂ ଓଏମ୍ସି ଦ୍ୱାରା ହେବାକୁଥିବା ଏହି କୋଷ୍ଟାଲ ମାରାଥନ୍‌ରେ ଭାଗନେବା ପାଇଁ ବିଭିନ୍ନ କ୍ରୀଡ଼ାବିତ୍‌ମାନଙ୍କୁ ନିମନ୍ତ୍ରଣ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ନିଜ ବକ୍ତବ୍ୟରେ କହିଥିଲେ ଯେ, ‘‘ପର୍ଯ୍ୟଟନ ଆମ ଜୀବନରେଖା। ପୁରୀକୁ ମହାପ୍ରଭୁଙ୍କ ଦର୍ଶନ ସହ ପର୍ଯ୍ୟଟନ ଲାଗି ଲୋକମାନେ ଆସିଥାନ୍ତି। ତେଣୁ ଆମକୁ ଏପରି ଭାବରେ ପର୍ଯ୍ୟଟନର ବିକାଶ କରିବାକୁ ପଡ଼ିବ, ଯାହା ଅଧିକ ପର୍ଯ୍ୟଟକଙ୍କୁ ଅଧିକ ଦିନ ପର୍ଯ୍ୟନ୍ତ ପୁରୀ ଓ ଓଡ଼ିଶାରେ ରହିବାକୁ ଉତ୍ସାହିତ କରିବ’’। ବିଭିନ୍ନ ସ୍ଥାନରେ ଏହିଭଳି ଡମି ମାରାଥନ୍ ମାଧ୍ୟମରେ ସଚେତନତା ଓ ଆଗ୍ରହ ସୃଷ୍ଟି ପାଇଁ ଉଦ୍ୟମ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସତ୍ୟବାଦୀ ବିଧାୟକ ଓମ୍‌ପ୍ରକାଶ ମିଶ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ରାଜ୍ୟ ପର୍ଯ୍ୟଟନ ସଚିବ ବଲବନ୍ତ ସିଂ ସମସ୍ତଙ୍କୁ ସ୍ୱାଗତ କରିଥିବା ବେଳେ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଏସ୍‌ପି ପ୍ରତୀକ ସିଂ, ଡିଏଫ୍‌ଓ ଧନଜ ରାକୋଶ ମଗର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବରିଷ୍ଠ କ୍ରୀଡ଼ାବିତ୍‌ମାନଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ସେମାନଙ୍କ ମଧ୍ୟରେ ଅର୍ଜୁନ ପୁରସ୍କାରପ୍ରାପ୍ତ ସାଇକ୍ଲିଷ୍ଟ ମିନତି ମହାପାତ୍ର, ଭାରୋତ୍ତୋଳକ କେ. ରବିକୁମାର, ଅଲିମ୍ପିଆନ୍ ଅନୁରାଧା ବିଶ୍ୱାଳ, ପାରାଲିମ୍ପିଆନ୍ ମାର୍କଣ୍ଡ ରେଡ୍ଡୀ, ଭାରତୀୟ ମହିଳା ଫୁଟ୍‌ବଲ ଦଳର ପୂର୍ବତନ ଅଧିନାୟିକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟ, କରାଟେକା ଅନୁପମା ସ୍ୱାଇଁ, ଏଭରେଷ୍ଟ ଆରୋହୀ ଗଣେଶ ଜେନା ପ୍ରମୁଖ ଅନ୍ୟତମ।



ସଚେତନତା ସୃଷ୍ଟି ପାଇଁ ପୁରୀ ବିଚ୍‌ରେ ବୁଧବାର ଅନୁଷ୍ଠିତ ମାରାଥନ। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

# ଦ୍ୱିତୀୟକୁ ଉଠିଲା ରାଜସ୍ଥାନ

**ଲକ୍ଷ୍ନୌ,୨୨।୪**

ରବୀନ୍ଦ୍ର ଜାଡେଜାଙ୍କ ଅଲରାଉଣ୍ଡ ପ୍ରଦର୍ଶନ ଓ ବୋଲରଙ୍କ ଘାତକ ବୋଲିଂ ବଳରେ ରାଜସ୍ଥାନ ରୟାଲ୍ସ ୪୦ ରନରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସକୁ ପରାସ୍ତ କରିଛି। ଏହା ରାଜସ୍ଥାନ ଲାଗି ସପ୍ତମ ମ୍ୟାଚ୍‌ରେ ପଞ୍ଚମ ବିଜୟ। ଏଥିସହିତ ଦଳ ୧୦ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନକୁ ଉଠିଛି। ପ୍ରଥମେ ବ୍ୟାଟିଂ କରିଥିବା ରାଜସ୍ଥାନ କ୍ରମାଗତ ବ୍ୟବଧାନରେ ଉଇକେଟ ହରାଇ ୨୦ ଓଭରରେ ୬ ଉଇକେଟ ହରାଇ ୧୫୯ ରନ କରିଥିଲା। ଜଶସ୍ୱୀ ଜୟସ୍ୱାଲ (୨୨ ରନ, ୪ ଚୌକା), ଅଧିନାୟକ ରିୟାନ ପରାଗ (୨୦), ଶିମରନ ହେଟମାୟର (୨୨) ଓ ଡୋନୋଭାନ ଫରେରା (୨୦)ଙ୍କୁ ଭଲ ଆରମ୍ଭ ମିଳିଥିଲେ ହେଁ ସେମାନେ ତାହାକୁ ବଡ଼ ସ୍କୋରରେ ପରିଣତ କରିପାରି ନ ଥିଲେ। ଶେଷ ଆଡ଼କୁ ରବୀନ୍ଦ୍ର ଜାଡେଜା ୨୯ ବଲରେ ୪୩ (୨ ଚୌକା ଓ ୧ ଛକା) ଓ ଶୁଭମ ଦୁବେ ୧୧ ବଲରେ ୧୯ (୩ ଚୌକା) ରନ କରିଥିଲେ। ଲକ୍ଷ୍ନୌ ପାଇଁ ମହମ୍ମଦ ଶାମି, ପ୍ରିନ୍ସ ଯାଦବ ଓ ମହସିନ ଖାନ ଦୁଇ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ରାଜସ୍ଥାନ ଭଳି ଲକ୍ଷ୍ନୌ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଏକାକୀ ମିଚେଲ ମାର୍ଶ (୪୧ ବଲ, ୫୫ ରନ, ୬ ଚୌକା ଓ ୨ ଛକା) ଅର୍ଦ୍ଧଶତକୀୟ ଇନିଂସ ଖେଳିଥିବା ବେଳେ ଅନ୍ୟ କୌଣସି ବ୍ୟାଟର ତାଙ୍କୁ ଆବଶ୍ୟକୀୟ ସହାୟତା ଯୋଗାଇପାରି ନ ଥିଲେ। ଆୟୁଷ ବଦୋନୀ, ଅଧିନାୟକ ଋଷଭ ପନ୍ତ ଓ ଏଡେନ ମାରକ୍ରାମ ଖାତା ଖୋଲିପାରି ନ ଥିବା ବେଳେ ନିକୋଲାସ ପୁରନ ୨୨, ମୁକୁଲ ଚୌଧାରୀ ୭ ଓ ହିମତ ସିଂ ୧୫ ରନ କରିଥିଲେ। ଫଳରେ ଲକ୍ଷ୍ନୌ ୧୮ ଓଭରରେ ୧୧୯ ରନରେ ଅଲଆଉଟ୍ ହୋଇଯାଇଥିଲା। ବିଜୟୀ ଦଳ ପାଇଁ ଜୋଫ୍ରା ଆର୍ଚ୍ଚର ୩ ଉଇକେଟ ନେଇଥିବା ବେଳେ ବ୍ରିଜେଶ ଶର୍ମା ଓ ନାନ୍ଦ୍ରେ ବର୍ଗର ଦୁଇଟି ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ରାଜସ୍ଥାନ ରୟାଲ୍ସ: ୨୦ ଓଭରରେ ୧୫୯/୬ (ରବୀନ୍ଦ୍ର ଜାଡେଜା–୪୩*, ଶୁଭମ ଦୁବେ–୧୯*, ମହସିନ ଖାନ–୨/୧୭, ପ୍ରିନ୍ସ ଯାଦବ–୨/୨୯, ମହମ୍ମଦ ଶାମି–୨/୩୦)। ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ: ୧୮ ଓଭରରେ ୧୧୯/ଅଲଆଉଟ୍ (ମିଚେଲ ମାର୍ଶ–୫୫, ଜୋଫ୍ରା ଆର୍ଚ୍ଚର–୩/୨୦, ନାନ୍ଦ୍ରେ ବର୍ଗର–୨/୨୭, ବ୍ରିଜେଶ ଶର୍ମା–୨/୧୮)।



ଶଟ୍ ଖେଳିବା ଅବସରରେ ରବୀନ୍ଦ୍ର ଜାଡେଜା।

**ଆଇପିଏଲ୍ କାର୍ଯ୍ୟସୂଚୀ**
(ଆଜିର ମ୍ୟାଚ)
ମୁମ୍ବାଇ
ବନାମ ଚେନ୍ନାଇ
ସ୍ଥାନ: ମୁମ୍ବାଇ
ସମୟ: ସନ୍ଧ୍ୟା ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

# ଆଶୁତୋଷ ଚାମ୍ପିୟନ, ଆକାଶ ରନରଅପ୍




ଅତିଥିଙ୍କ ଗହଣରେ ରନରଅପ୍ ଆକାଶ ମହାପାତ୍ର ଓ ଚାମ୍ପିୟନ ଆଶୁତୋଷ ପାଢ଼ୀ (ବାମରୁ ଦ୍ୱିତୀୟ ଓ ତୃତୀୟ)।

**ଭୁବନେଶ୍ୱର, ୨୨।୪(ତପନ ସ୍ୱାଇଁ)**

ବିଲିୟାର୍ଡ୍ସ ଆଣ୍ଡ ସ୍ନୁକର ଆସୋସିଏଶନ ଅଫ୍ ଓଡ଼ିଶା (ବିଏସ୍ଏଓ) ଆନୁକୂଲ୍ୟରେ ପଟିଆସ୍ଥିତ ୬ ପକେଟ୍ସ କ୍ଲବ୍ ପରିସରରେ ଅଲ୍ ଓଡ଼ିଶା ଓପନ୍ ୧୦ରେଡ୍ ସ୍ନୁକର ଚାମ୍ପିୟନଶିପ୍ ବୁଧବାର ଉଦ୍‌ଯାପିତ ହୋଇଛି। ତୀବ୍ର ସଂଘର୍ଷପୂର୍ଣ୍ଣ ଫାଇନାଲରେ ଆଶୁତୋଷ ପାଢ଼ୀ ୪–୨ (୫୩–୪୧, ୨୪–୩୫, ୫୭–୬, ୫୫–୩୭, ୩୩–୩୪, ୫୬–୧) ଫ୍ରେମ୍‌ରେ ଆକାଶ ମହାପାତ୍ରଙ୍କୁ ହରାଇ ଚାମ୍ପିୟନ ହୋଇଛନ୍ତି। ତେବେ ପ୍ରତିଯୋଗିତାରେ ସର୍ବାଧିକ ୪୪ ବ୍ରେକ୍ ପଏଣ୍ଟ ରେକର୍ଡ ନିଶାନ୍ତ ବିଶ୍ୱାଳଙ୍କ ନାମରେ ରହିଛି। ଚାମ୍ପିୟନ ଆଶୁତୋଷଙ୍କୁ ପଦକ ସହ ୧୫,୦୦୦ ଓ ରନରଅପ୍ ଆକାଶ ମହାପାତ୍ରଙ୍କୁ ୭,୫୦୦ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଛି। ଦୁଇ ସେମିଫାଇନାଲିଷ୍ଟ ରାକେଶ ରୋଶନ ପ୍ରଧାନ ଓ ଚେତନ ଆନନ୍ଦଙ୍କୁ ୫୦୦୦ ଟଙ୍କା ଲେଖାଏ ଏବଂ ସର୍ବାଧିକ ବ୍ରେକ୍ ପଏଣ୍ଟ ପାଇଁ ନିଶାନ୍ତ ବିଶ୍ୱାଳଙ୍କୁ ୨୫୦୦ ଟଙ୍କା ପ୍ରଦାନ କରାଯାଇଛି। ଆୟୋଜକ ଆସୋସିଏଶନ ସମ୍ପାଦକ ସମୀର ଅଲ୍ଲୀ, ଟୁର୍ନାମେଣ୍ଟ ନିର୍ଦ୍ଦେଶକ ଗୋବିନ୍ଦ ଶର୍ମା, ୬ ପକେଟ୍ସ କ୍ଲବ୍ ମାଲିକ ଚେତନ ଆନନ୍ଦ, ଆୟୋଜକ କାର୍ଯ୍ୟନିର୍ବାହୀ ଋତ୍ୱିକ ମହାନ୍ତି ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

# ଭାରତ ଗ୍ରୁପ୍‌ରେ ବାଂଲାଦେଶ, ମାଳଦ୍ୱୀପ

**ସାଫ୍ ମହିଳା ଚାମ୍ପିୟନଶିପ୍**

**ପାକିସ୍ତାନ ଦଳ ପଠାଇବ ନାହିଁ**

**ନୂଆଦିଲ୍ଲୀ,୨୨।୪(ପି.ଟି.)**

ଆସନ୍ତା ମେ’ ୨୫ରୁ ଜୁନ୍ ୬ ତାରିଖ ପର୍ଯ୍ୟନ୍ତ ଗୋଆର ମାର୍ଗାଓଠାରେ ହେବାକୁଥିବା ସାଫ୍ ମହିଳା ଫୁଟ୍‌ବଲ ଚାମ୍ପିୟନଶିପ୍ ଲାଗି ବୁଧବାର ଢାକାସ୍ଥିତ ସାଫ୍ ସେକ୍ରେଟାରିଆଟ୍‌ଠାରେ ଡ୍ର’ ଉଠାଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ମହିଳା ଫୁଟ୍‌ବଲ ଦଳ ବାଂଲାଦେଶ, ମାଳଦ୍ୱୀପ ସହିତ ଗ୍ରୁପ୍–ବି’ରେ ସ୍ଥାନ ପାଇଛି। ସେହିଭଳି ଗ୍ରୁପ୍–ଏ’ରେ ନେପାଳ, ଶ୍ରୀଲଙ୍କା ଓ ଭୁଟାନ୍ ସ୍ଥାନ ପାଇଛନ୍ତି। ଉଭୟ ଗ୍ରୁପ୍‌ର ଟପ୍ ଦୁଇ ଦଳ ସେମିଫାଇନାଲରେ ପ୍ରବେଶ କରିବେ। ତେବେ ଟୁର୍ନାମେଣ୍ଟ ଭାରତରେ ଆୟୋଜିତ ହେଉଥିବାରୁ ପାକିସ୍ତାନ ଦଳ ନ ପଠାଇବାକୁ ନିଷ୍ପତ୍ତି ନେଇଛି।

ଭାରତ ଦ୍ୱିତୀୟଥର ପାଇଁ ସାଫ୍ ମହିଳା ଚାମ୍ପିୟନଶିପ୍ ଆୟୋଜନ କରିବାକୁ ଯାଉଛି। ଏଥିପୂର୍ବରୁ ୨୦୧୬ ସଂସ୍କରଣ ପଶ୍ଚିମବଙ୍ଗର ସିଲିଗୁଡ଼ିରେ ଆୟୋଜିତ ହୋଇଥିଲା, ଯେଉଁଠାରେ ଭାରତ ଚତୁର୍ଥ ଟାଇଟଲ ଜିତିଥିଲା। ଅନ୍ୟପକ୍ଷରେ ଗୋଆ ମଧ୍ୟ ଦ୍ୱିତୀୟଥର ପାଇଁ ସାଫ୍ ଟୁର୍ନାମେଣ୍ଟ ଆୟୋଜନ କରିବାକୁ ଯାଉଛି। ଏଥିପୂର୍ବରୁ ୧୯୯୯ ପୁରୁଷ ଚାମ୍ପିୟନ ଆୟୋଜିତ ହୋଇଥିଲା, ଯେଉଁଥିରେ ବାଂଲାଦେଶକୁ ହରାଇ ଭାରତ ଫାଇନାଲରେ ଚାମ୍ପିୟନ ହୋଇଥିଲା। ଉଲ୍ଲେଖଯୋଗ୍ୟ, ଭାରତ ସାଫ୍ ମହିଳା ଚାମ୍ପିୟନଶିପ୍‌ରେ ରେକର୍ଡ ୫ ଥର(୨୦୧୦, ୨୦୧୨, ୨୦୧୪, ୨୦୧୬ ଓ ୨୦୧୯) ଟାଇଟଲ ଜିତିଛି। ବାଂଲାଦେଶ ଅନ୍ତିମ ଦୁଇ ସଂସ୍କରଣ ୨୦୨୨ ଓ ୨୦୨୪ରେ ଚାମ୍ପିୟନ ହୋଇଥିଲା। ସଦ୍ୟ ପ୍ରକାଶିତ ଫିଫା ମହିଳା ବିଶ୍ୱ ର୍‍ୟାଙ୍କିଙ୍ଗ୍ ଆଧାରରେ ସାଫ୍ ମହିଳା ଚାମ୍ପିୟନଶିପ୍ ଲାଗି ସିଡିଂ କରାଯାଇଛି।

# ସର୍ବଭାରତୀୟ ନୀଳାଚଳ ଟ୍ରଫିରେ ଭାଗନେବେ ୮ ଦଳ

**ପୁରୀ, ୨୨।୪ (ଅଜିତ୍ କୁମାର ମହାନ୍ତି)**




ଟୁର୍ନାମେଣ୍ଟ ସମ୍ପର୍କରେ କର୍ମକର୍ତ୍ତାମାନେ ସୂଚନା ଦେଉଛନ୍ତି।

**୨୬ରୁ ମେ’ ୩ ପର୍ଯ୍ୟନ୍ତ ପୁରୀ ଜଗନ୍ନାଥ ଷ୍ଟାଡିୟମରେ ହେବ ଟୁର୍ନାମେଣ୍ଟ**

ରାଜ୍ୟର ଅନ୍ୟତମ ପ୍ରତିଷ୍ଠିତ ପାୟୋନିୟର କ୍ଲବ୍ ଆନୁକୂଲ୍ୟରେ ପୁରୀର ଜଗନ୍ନାଥ ଷ୍ଟାଡିୟମରେ ଚଳିତ ମାସ ୨୬ ତାରିଖରୁ ଆରମ୍ଭ ହେବାକୁ ଯାଉଛି ସର୍ବଭାରତୀୟ ନୀଳାଚଳ ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟ। ମେ’ ୩ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତା ପାୟୋନିୟର କ୍ଲବ୍‌ର ବିଶିଷ୍ଟ ସଦସ୍ୟ ତଥା ପୁରୀ ଆଥ୍‌ଲେଟିକ୍ ଆସୋସିଏଶନର ପୂର୍ବତନ କ୍ରିକେଟ ସମ୍ପାଦକ ସ୍ୱର୍ଗତ ଜଗଦୀଶ ଚନ୍ଦ୍ର ରାଉତରାୟଙ୍କ ସ୍ମୃତିରେ ଅନୁଷ୍ଠିତ ହେବ। ମ୍ୟାଚ୍‌ଗୁଡ଼ିକ ୪୦ ଓଭରବିଶିଷ୍ଟ ହେବ। ଚାମ୍ପିୟନ ଦଳକୁ ୧,୦୦,୦୦୦ ଏବଂ ରନରଅପ୍ ଦଳକୁ ୭୦,୦୦୦ ଟଙ୍କା ପୁରସ୍କାର ଆକାରରେ ପ୍ରଦାନ କରାଯିବ ବୋଲି ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପାୟୋନିୟର କ୍ଲବ ସଭାପତି ଶକ୍ତି ମିଶ୍ର ପ୍ରକାଶ କରିଛନ୍ତି। ଟୁର୍ନାମେଣ୍ଟ କାର୍ଯ୍ୟସୂଚୀ ଅନୁସାରେ ଏପ୍ରିଲ ୨୬ରେ ପୁରୀର ପାୟୋନିୟର ସହ ଭୁବନେଶ୍ୱର ମୁକ୍ତେଶ୍ୱର କ୍ରିକେଟ କ୍ଲବ ମଧ୍ୟରେ ଉଦ୍‌ଘାଟନୀ ମୁକାବିଲା ତଥା ପ୍ରଥମ କ୍ୱାର୍ଟର ଫାଇନାଲ ଖେଳାଯିବ। ସେହିପରି ଏପ୍ରିଲ ୨୭ରେ କଟକର ୟୁନିୟନ ସ୍ପୋର୍ଟିଂ ଓ ବାଲେଶ୍ୱରର ଆଦର୍ଶ କ୍ରିକେଟ କ୍ଲବ, ୨୯ରେ କୋଲ୍‌କାତାର ଏଲଆରଏସ୍ ବାଂଲା କ୍ରିକେଟ ଏକାଡେମୀ ଓ ଭୁବନେଶ୍ୱରର ପ୍ରଗତି ସ୍ପୋର୍ଟିଂ ଏବଂ ୩୦ରେ ଦିଲ୍ଲୀର ପାଲାମ ବିହାର କ୍ରିକେଟ କ୍ଲବ ଓ ରାଉରକେଲା ୟୁଥ୍ କ୍ରିକେଟ କ୍ଲବ ମଧ୍ୟରେ ଅନ୍ୟ ୩ଟି କ୍ୱାର୍ଟର ଫାଇନାଲ ଅନୁଷ୍ଠିତ ହେବ। ୨୮ରେ ପ୍ରଥମ ଓ ମେ’ ୧ରେ ଦ୍ୱିତୀୟ ସେମିଫାଇନାଲ ଏବଂ ୩ ତାରିଖରେ ଫାଇନାଲ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପାୟୋନିୟର କ୍ଲବ ସମ୍ପାଦକ ସଞ୍ଜୀବ ଦଇତାପତି, ଉପସଭାପତି ମୋହନ ପ୍ରତିହାରୀ ଏବଂ ନୀଳାଚଳ ଟ୍ରଫି ଅଭ୍ୟର୍ଥନା କମିଟି ଚେୟାରମ୍ୟାନ ରାଜେଶ କୁମାର ମିଶ୍ର, ସଭାପତି ମାଧବ ଚନ୍ଦ୍ର ଖୁଣ୍ଟିଆ, ସମ୍ପାଦକ ହରେଶ କୁମାର ମିଶ୍ର, ଯୁଗ୍ମ ସମ୍ପାଦକ ଅଗ୍ନେଶ ରାୟ ପ୍ରମୁଖ ଉପସ୍ଥିତ ଥିଲେ। ପାୟୋନିୟର କ୍ଲବ ସଦସ୍ୟ କୈଳାସ ଜେନା, ରଜନିକାନ୍ତ ପୃଷ୍ଟି, ଦୀପକ ମହାନ୍ତି, ଦେବକାନ୍ତ ରାୟ, ପୁଲକ ମହାନ୍ତି, ସିଦ୍ଧାର୍ଥ ଜେନା, ସୁମନ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

# ଡୋପ୍ ଟେଷ୍ଟରେ ନୱାଜ୍ ପଜିଟିଭ

**କରାଚୀ,୨୨।୪:** ଗତ ଟି୨୦ ବିଶ୍ୱକପ୍ ବେଳେ କରାଯାଇଥିବା ଡୋପ୍ ଟେଷ୍ଟରେ ପାକିସ୍ତାନ ଅଲ୍‌ରାଉଣ୍ଡର ମହମ୍ମଦ ନୱାଜ୍ ପଜିଟିଭ ଚିହ୍ନଟ ହୋଇଛନ୍ତି। ତାଙ୍କ ନମୁନାରେ ନିଷିଦ୍ଧ ରିକ୍ରିଏଶନାଲ ଡ୍ରଗ୍‌ର ଉପସ୍ଥିତି ଠାବ କରାଯାଇଛି। ଏଥିଯୋଗୁ ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି) ପକ୍ଷରୁ ଆନୁଷ୍ଠାନିକ ଭାବେ ତଦନ୍ତ ପ୍ରକ୍ରିୟା ଆରମ୍ଭ କରାଯାଇଛି।

ଇଏସ୍‌ପିଏନ୍‌କ୍ରିକ୍‌ଇନ୍‌ଫୋ ଅନୁଯାୟୀ, ଚଳିତ ବର୍ଷ ବିଶ୍ୱକପ୍ ବେଳେ କରାଯାଇଥିବା ରୁଟିନ୍ ଟେଷ୍ଟିଂରେ ପଜିଟିଭ୍ ଫଳାଫଳ ସାମ୍ନାକୁ ଆସିଛି। ୩୨ ବର୍ଷୀୟ ନୱାଜ୍ ପାକିସ୍ତାନ ପାଇଁ ଶ୍ରୀଲଙ୍କାରେ ସମସ୍ତ ୭ ମ୍ୟାଚ୍ ଖେଳିଥିଲେ, ଯେଉଁଠାରେ ତାଙ୍କ ଦଳ ସୁପର–୮ ପର୍ଯ୍ୟାୟରୁ ବିଦାୟ ନେଇଥିଲା।




Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ Business queries: <advt@dharitri.com>